

ISSN : 2583-5270

# ସାହିତ୍ୟ ଚର୍ଚ୍ଚା

ଏପ୍ରିଲ ୨୦୨୩

ଓଡ଼ିଆ ସାହିତ୍ୟର ନବ ଦିଗନ୍ତ

Vol-2 • Issue-2 • April 2023 • Monthly • Rs.40 • 68 Pages • Bhubaneswar

# ସାହିତ୍ୟ ଚର୍ଚ୍ଚା

## SAHITYA CHARCHA

ଓଡ଼ିଆ ସାହିତ୍ୟର ନବ ଦିଗନ୍ତ

ISSN : 2583-5270, RNI Regd. No. : ODIODI/2022/81590

ଭାଗ-୨ • ସଂଖ୍ୟା-୨ • ଏପ୍ରିଲ ୨୦୨୩ • ମାସିକ • ଟ.୪୦ • ୬୮ ପୃଷ୍ଠା • ଭୁବନେଶ୍ୱର

ମୂଳ ପ୍ରେରଣା ସ୍ରୋତ
**ମହାପ୍ରଭୁ ଶ୍ରୀ ଜଗନ୍ନାଥ**

ସଂପାଦକ
**ନିହାର ରଂଜନ ଶତପଥୀ**

ଉପଦେଷ୍ଟା
**ଡ. ପୂର୍ଣ୍ଣଚନ୍ଦ୍ର ମିଶ୍ର**
**ଦୁର୍ଗା ଚରଣ ଷଡ଼ଙ୍ଗୀ**
**ବଳଦେବ ମହାରଥା**
**ପ୍ରଶାନ୍ତ ଭୂୟାଁ**

ସହ-ସଂପାଦକ
**ଦେବାଶିଷ ମୁଦୁଲି**

ପରିଚାଳନା ନିର୍ବାହୀ
**ଗୋଲଖ ଚନ୍ଦ୍ର ଦାସ**

ଅକ୍ଷର ସଜ୍ଜା
**ଶଚିନ୍ଦ୍ର କୁମାର ରାଉତରାୟ**

ୱେବ୍‌ସାଇଟ୍ ପରିଚାଳକ
**ପ୍ରଭଞ୍ଜନ ବଳିୟାରସିଂ**

ପ୍ରଚ୍ଛଦପଟ ଫଟୋ
**ଧୀରେନ୍ଦ୍ର କର**

ଯୋଗାଯୋଗ
**ସାହିତ୍ୟ ଚର୍ଚ୍ଚା**, ୧୯, ଆର୍ଯ୍ୟ ଭିଲେଜ୍,
ଡୁମୁଡୁମା, ଫେଜ୍-୪,
ଭୁବନେଶ୍ୱର-୭୫୧୦୧୯
ଫୋନ୍ : (୦୬୭୪) ୩୫୫୨୯୪୭
ମୋବାଇଲ : ୯୩୬୮୭୭୨୫୦୬

E-mail: info@sahityacharcha.com
Website: www.sahityacharcha.com

**ମୂଲ୍ୟ : ଟ. ୪୦/-**

# ।। ସୂଚୀ ।।

| | |
|---|---|
| ପାଠକଙ୍କ ମତାମତ | ୦୨ |
| ସମାନ୍ତରାଳ ସାହିତ୍ୟ (ସଂପାଦକୀୟ) | ୦୩ |
| କବିତାର ସ୍ଥାପତ୍ୟରେ ଗାଆଁ (ପ୍ରବନ୍ଧ): ପ୍ରଫୁଲ୍ଲ କୁମାର ସାହୁ | ୦୫ |
| ଅନୁଭବ (ଗଳ୍ପ) : ଅଚ୍ୟୁତାନନ୍ଦ ପତି | ୧୦ |
| ଏ କାଳର ସମ୍ମାନ (ରମ୍ୟରଚନା) : ଡ. ଧର୍ମିଛଡା | ୧୨ |
| କବିତାର କଥା (ପ୍ରବନ୍ଧ) : ବସନ୍ତ କୁମାର ପଣ୍ଡା | ୧୬ |
| ଦାୟିତ୍ୱହୀନ (ଅନୁବାଦ ଗଳ୍ପ) : କନକ ମଂଜରୀ ସାହୁ | ୨୦ |
| 'ମାଦଳାପାଞ୍ଜି'ର ନାମକରଣ ପ୍ରସଙ୍ଗ (ପ୍ରବନ୍ଧ) : ଅମ୍ବରୀଶ ଶତପଥୀ | ୨୨ |
| କଥାକାର ପଦ୍ମଜ ପାଲଙ୍କ ସହ ସାରସ୍ୱତ ଆଳାପ (ସାକ୍ଷାତକାର) | ୨୫ |
| ଦୁଇଟି ଓହଳା ପାଦ (ଗଳ୍ପ) : ବଳରାମ ପୂଜାରୀ | ୨୮ |
| ମହାବିଶୁଦ୍ଧ ମେଳଣ (ବ୍ୟଙ୍ଗ) : ଅଜୟ କୁମାର ମିଶ୍ର | ୩୧ |
| ଓଡ଼ିଆ ଗୋଇନ୍ଦା ଉପନ୍ୟାସର ସ୍ଥିତି (ପ୍ରବନ୍ଧ) : ପ୍ରତୀଚୀ ନନ୍ଦ | ୩୫ |
| ମୋ ପିଲାଦିନ (ଅନୁଭୂତି) : ଆନଂଦ ଚଂଦ୍ର ପହି | ୩୮ |
| ବସ୍ତୁମାନଙ୍କ ବିଦ୍ରୋହ (ଗଳ୍ପ) : ଜାକିର ଖାନ୍ | ୪୩ |
| ଭିନ୍ନଦୃଷ୍ଟିରେ କଳାହାଣ୍ଡିର ଲୋକଗୀତ (ପ୍ରବନ୍ଧ) : ଦୋଳଗୋବିନ୍ଦ ବିଶୀ | ୪୭ |
| ଦୁଇଟି ମିନିଗପ (ଗଳ୍ପ) : ରବିନାରାୟଣ ଦାଶ | ୫୨ |
| 'ସବିତା' କବିତା ସଂକଳନର ସ୍ୱର (ସମାଲୋଚନା) : ସଂଘମିତ୍ରା ବେହେରା | ୫୩ |
| ପ୍ରେମିକାର ସହର (କବିତା) : ପ୍ରିୟଙ୍କା ପ୍ରିୟଦର୍ଶିନୀ ଦାସ | ୫୬ |
| ଜୀବନ ସନ୍ଦେଶ (ଗଳ୍ପ) : ଅଧାପକ ବିଶ୍ୱରଞ୍ଜନ | ୫୭ |
| 'ନିରପେକ୍ଷ' ଶବ୍ଦର ଏକ ବିଶ୍ଳେଷଣ (ପ୍ରବନ୍ଧ) : ଗୋପାଳକୃଷ୍ଣ ଆଚାର୍ଯ୍ୟ | ୫୯ |
| ପାଠରେ ନାହିଁ ଗରିବ ଧନୀ (ଶିଶୁ ଗଳ୍ପ) : କୁଞ୍ଜ ବିହାରୀ ସାହୁ | ୬୪ |
| ମୋ କିଶୋର ଜୀବନ (ପୁସ୍ତକ ସମୀକ୍ଷା) : ନିହାର ଶତପଥୀ | ୬୬ |
| ସାହିତ୍ୟ ସମାଚାର | ୬୭ |
| ନିତ୍ୟାନଧ୍ୟାୟ (ଶେଷ ପୃଷ୍ଠା) : ପ୍ରଶାନ୍ତ ଭୂୟାଁ | ୬୮ |


# ପାଠକଙ୍କ ମତାମତ

'ସାହିତ୍ୟ ଚର୍ଚ୍ଚା' ମୋ ପାଖରେ ମାର୍ଚ୍ଚ ୩ ତାରିଖ ସକାଳେ ପହଞ୍ଚିଲା। ପତ୍ରିକାର ଦୁଇଟି ଲେଖା ମୋତେ ବେଶି ଆକୃଷ୍ଟ କଲା। ପ୍ରଥମଟି ସମ୍ପାଦକୀୟ, 'ସମ୍ବର୍ଦ୍ଧିତ ହେବାକୁ ଦରଖାସ୍ତ'। ଏହି ଧାରା ଏବେ ଆରମ୍ଭ ହେଉଛି। ସମସ୍ତେ ସେଠାକୁ ସେଇ ପଛ ଦରଜା ଦେଇ ପଶୁଛନ୍ତି। ଏଥିରୁ ଆମର ଗତି କୁଆଡ଼େ ବୋଲି ବୁଝିବାକୁ ହେବ। ଦ୍ୱିତୀୟଟି ହେଉଛି ଡ.ରମାକାନ୍ତ ନାୟକଙ୍କ 'ଯୁଗର ପରିବର୍ତ୍ତନରେ ଓଡ଼ିଆ ଶିଶୁ ସାହିତ୍ୟ'। ଏହା ଏକ ଅତ୍ୟନ୍ତ ଯୁଗୋପଯୋଗୀ ପ୍ରବନ୍ଧ। ଓଡ଼ିଶାରେ ଏବେ ଅନ୍ଧ ବିଶ୍ୱାସ ଓ କୁସଂସ୍କାର ଶିଶୁଠାରୁ ବୃଦ୍ଧ ପର୍ଯ୍ୟନ୍ତ ଏବଂ ଶିକ୍ଷିତଙ୍କଠାରୁ ଅଶିକ୍ଷିତଙ୍କ ପର୍ଯ୍ୟନ୍ତ ସମସ୍ତଙ୍କୁ ଆକ୍ରାନ୍ତ କରିଛି। ବିଜ୍ଞାନ ଏବେ ଶୀର୍ଷକୁ ଆସିଲାଣି। ଏ କଥା ଆମେ ସ୍ୱୀକାର କରୁ, କିନ୍ତୁ କାମରେ ଓଲଟା। କେବେ ଏ ସମାଜ ବଦଳିବ? କେବେ ଆମେ ନିଜକୁ ଆଧୁନିକ ବୋଲି କହିବା? କେବଳ ଉନ୍ନତମାନର ସାହିତ୍ୟ ହିଁ ଆମକୁ ସଚେତନ କରାଇବା ସହିତ ଠିକ୍ ରାସ୍ତାରେ ନେଇ ପାରିବ।

**ଭୂପେନ୍ ମହାପାତ୍ର**
bhupenmohapatra@gmail.com

'ସାହିତ୍ୟ ଚର୍ଚ୍ଚା' ମାର୍ଚ୍ଚ ସଂଖ୍ୟାର ଲେଖାଗୁଡିକ ଅତ୍ୟନ୍ତ ଶିକ୍ଷଣୀୟ। ପ୍ରକାଶ ନାୟକଙ୍କ 'ମରିସସ୍ ଗିରମିଟିଆ ସାହିତ୍ୟରେ ଓଡିଆ' ଏକ ନୂଆ ଧରଣର ଆଲୋଚନା। ଜ୍ୟୋତିପ୍ରଭା ମହାନ୍ତି 'ଭ୍ରମଣ ସାହିତ୍ୟରେ ସମାଜ, ସଂସ୍କୃତି ଓ ଶିକ୍ଷା' ରେ ଭ୍ରମଣ ସାହିତ୍ୟ ସମାଜ ଓ ସଂସ୍କୃତିର କିପରି ବିଶ୍ଳେଷଣ କରିଥାଏ, ତା'ର ଆଲୋଚନା କରିଛନ୍ତି।

**ସୁଶ୍ରୀକାନ୍ତ ଖୁଣ୍ଟିଆ**
sushreekantkhuntia@gmail.com




ମତାମତ ପଠାଇବା ପାଇଁ ଇ-ମେଲ୍ ଠିକଣା:
**info@sahityacharcha.com**

ଆପଣଙ୍କର ମାର୍ଚ୍ଚ ସଂଖ୍ୟାର ସମ୍ପାଦକୀୟ ଚିନ୍ତା ଉଦ୍ରେକକାରୀ। ଜଣେ ସତ୍ ସାହିତ୍ୟିକ ନିଜ ସମ୍ବର୍ଦ୍ଧନା ଲାଗି ନିଜେ ଆବେଦନ କରିବା ଲଜ୍ଜାଜନକ କଥା। ଓଡିଶା ସାହିତ୍ୟ ଅକାଦମି ନିଜ ମୂଳ ଲକ୍ଷ୍ୟଠାରୁ ଦୂରେଇ ଯାଇ କେବଳ ପୁରସ୍କାର ବଣ୍ଟନରେ ସବୁ ଶ୍ରମ ଓ ସମୟ ଉପଯୋଗ କରିବା ଉଦ୍‌ବେଗର ବିଷୟ। ଉମାକାନ୍ତ ମିଶ୍ରଙ୍କ 'ଆମ ସାହିତ୍ୟ- ଏକ ପାଠକୀୟ ଦୃଷ୍ଟିଚାରଣ'ରେ ସମଗ୍ର ପ୍ରବନ୍ଧାକାଶରେ ଉଜ୍ଜ୍ୱଳତମ ଜ୍ୟୋତିଷ୍କ କହିବାରେ ଦ୍ୱିରୁକ୍ତି ନାହିଁ। ଲେଖକ-ପାଠକ-ପ୍ରକାଶକର ନିଘନ ସମ୍ପର୍କ ଓ ସାହିତ୍ୟର ସମାଜ ଉପରେ ପ୍ରଭାବ ଓ ପରିବର୍ତ୍ତନର ସୂକ୍ଷ୍ମାତିସୂକ୍ଷ୍ମ ଦିଗ ଉପରେ ଏଭଳି ବିସ୍ତୃତ ଆଲୋଚନା ସମ୍ପ୍ରତି କ୍ୱଚିତ ପଢିବାକୁ ମିଳିଥାଏ। ପାଠକର ଜିଜୀବିଷା ବହୁଗୁଣିତ ହୁଏ। ଏପରି ଉଚ୍ଚାଙ୍ଗ ଆଲୋଚନା ଲାଗି ଉମାକାନ୍ତ ବାବୁଙ୍କୁ କୃତଜ୍ଞତା ଓ ପ୍ରଣାମ। 'ମରିସସ୍ ଗିରମିଟିଆ ସାହିତ୍ୟରେ ଓଡିଆ' ଖୁବ୍ ମରମୀ ଓ ହୃଦ୍ୟ। ଅଜୟ ମହାଲାଙ୍କ ପ୍ରବନ୍ଧ ଉପଭୋଗ୍ୟ। 'ଓଡିଆ ପତ୍ରୋପନ୍ୟାସ: ଏକ ବିହଙ୍ଗାବଲୋକନ' ଚଳିତ ସଂଖ୍ୟାର ଉଜ୍ଜ୍ୱଳ ବିଭବ। ପତ୍ର ଉପନ୍ୟାସ ଆଧାରିତ ପ୍ରବନ୍ଧ ଓଡିଆ ସାହିତ୍ୟରେ ପରିମାଣାତ୍ମକ ଦିଗରୁ ଖୁବ୍ କମ୍। ଅନ୍ୟାନ୍ୟ ବିଭାଗ ସ୍ୱକୀୟ ଗୁଣରେ ଉଦ୍ଭାସିତ।

**ପ୍ରତାପ ନାୟକ**
pratap.kumar.nayak60@gmail.com

'ସାହିତ୍ୟ ଚର୍ଚ୍ଚା'ର ମାର୍ଚ୍ଚ ସଂଖ୍ୟାରେ ପ୍ରକାଶିତ ଗଳ୍ପଗୁଡ଼ିକ ବେଶ୍ ମନକୁ ଛୁଇଁଲା। ଭୂପେନ ମହାପାତ୍ରଙ୍କ 'ଅନ୍ଧାରରେ ଅନିରୁଦ୍ଧ', ଜୟନ୍ତୀ ସାହୁଙ୍କ 'ଫୁଲଦାନୀ' ଓ ବିମଳ କୁମାର ରାଉଳଙ୍କ 'ପୂଜା' ଗଳ୍ପ ବହୁତ ଭଲ ଲାଗିଲା। ବିଶେଷକରି ଆରାଧନା ମିଶ୍ରଙ୍କ 'ଶିଶୁ ଗଳ୍ପ' ମଧ୍ୟ ମନକୁ ଛୁଇଁଲା।

**ଅର୍ଜୁନ ମେହେର**
arjunmeher030@Gmail.com

ସଂପାଦକୀୟ

# ସମାନ୍ତରାଳ ସାହିତ୍ୟ

ଓଡ଼ିଆ ସାହିତ୍ୟରେ ଯେ ଏକ ସମାନ୍ତରାଳ ସାହିତ୍ୟର ସଂସାର ମୁଣ୍ଡ ଟେକିଲାଣି, ଏ ବିଷୟରେ ଆମ ତଥାକଥିତ ମୁଖ୍ୟଧାରାର ସାରସ୍ୱତ ସ୍ରଷ୍ଟାମାନେ ହୁଏତ ଅନଭିଜ୍ଞ; କିମ୍ବା ଏହା ଜଳଜଳ ଦିଶୁଥିଲେ ହେଁ ସେମାନେ ଏହାକୁ ନ ଦେଖିବା ଭଳି ଅଭିନୟ କରୁଛନ୍ତି। ଏହି ସମାନ୍ତରାଳ ରଚନାର ଜଗତଟି ମନେହୁଏ ଯେମିତି ଆମ ସାହିତ୍ୟର ବିଶାଳ ପରିଧି ମଧ୍ୟରେ ଗଢ଼ିଉଠିଥିବା ଅନ୍ୟତମ ପରିଧିଟିଏ। ସେହି ନୂଆ ପରିଧିଟିକୁ କୋଳେଇ ଧରିଛନ୍ତି ଫେସବୁକ୍, ହ୍ୱାଟସଆପ୍, ଇ-ମାଗାଜିନ୍, ଅନଲାଇନ୍ ପ୍ଲାଟଫର୍ମ, ଆପ୍ ଓ ୱେବସାଇଟ୍ ଭଳି ଏ ଯୁଗର ନୂଆ ସାମାଜିକ ଗଣମାଧ୍ୟମମାନେ ଏବଂ ତନ୍ମଧ୍ୟରେ ପରମ ଉତ୍ସାହର ସହିତ ବିଚରଣ କରୁଛନ୍ତି ଆମ କନିଷ୍ଠ ପିଢ଼ିର ଅଗଣିତ ଲେଖକ ଓ ପାଠକଗଣ।




ଏହାକୁ କିଛି ଦଶକ ପୂର୍ବେ ଆମ ଦେଶର ରୂପେଲି ପରଦାର ଜଗତରେ ଜନ୍ମ ନେଇଥିବା ସମାନ୍ତରାଳ ଚଳଚ୍ଚିତ୍ର ବା 'ପାରାଲାଲ୍ ସିନେମା' ସହିତ ତୁଳନା କରାଯାଇପାରେ, ଯଦିଓ ବିପରୀତ ଭାବରେ। ବିଡ଼ମ୍ବନା ହେଲା ଯେ 'ମେନ୍‌ଷ୍ଟ୍ରିମ୍' ବା ମୁଖ୍ୟଧାରାରେ ଥିବା ସିନେମାମାନଙ୍କର ଯେଉଁ ସବୁ ଲକ୍ଷଣ ଥାଏ, ତାହା ଦେଖିବାକୁ ମିଳୁଛି ଏବେକାର ସମାନ୍ତରାଳ ସାହିତ୍ୟ ଭିତରେ; ଯଥା, ବାହ୍ୟ ଚାକଚକ୍ୟ, ତାତ୍କାଳିକ ଲୋକପ୍ରିୟତାର ଲୋଭ, ଆଙ୍ଗିକ ବିଶୃଙ୍ଖଳା, ସାହିତ୍ୟିକ ପରମ୍ପରାଗୁଡ଼ିକ ପ୍ରତି ହତାଦର ଓ ଫର୍ମୁଲା ଆଧାରିତ ଭାବ ସଂଯୋଜନା ଇତ୍ୟାଦି। ଅଥଚ ସାହିତ୍ୟର ମୁଖ୍ୟଧାରାରେ ସାମିଲ୍ ଥିବା ଆମର ରକ୍ଷଣଶୀଳ ରଚନାକାରମାନେ 'ପାରାଲାଲ୍' ସିନେମାକାରମାନଙ୍କ ଭଳି କାଳ-ସିଦ୍ଧ ମୂଲ୍ୟବୋଧ ଓ ସମ୍ବେଦନାମାନଙ୍କ ପ୍ରତି ନିଜର ପ୍ରତିବଦ୍ଧତା ବଜାୟ ରଖିଛନ୍ତି।

ଉପରକୁ ଯେତେ ବିଶୃଙ୍ଖଳ ଓ ଅସଂଯତ ମନେ ହେଉଥିଲେ ହେଁ ସାମାଜିକ ଗଣମାଧ୍ୟମ ଓ ଅନଲାଇନ୍ ପ୍ଲାଟଫର୍ମମାନଙ୍କରେ ଗଢ଼ିଉଠିଥିବା ସାହିତ୍ୟର ଏହି ସମାନ୍ତରାଳ ଦୁନିଆଟିକୁ ଆମେ କିନ୍ତୁ ଅଣଦେଖା କରିପାରିବା ନାହିଁ। ଏହା ଏବେ ଆଉ କୁହୁଳୁଥିବା ଧୂଆଁ ଭାବରେ ରହିନାହିଁ, ବରଂ ହୋଇଛି ଦାବାନଳ ଭଳି ବ୍ୟାପିଚାଲିଥିବା ଏକ ଧାରା, ଯାହା ପ୍ରବଳ ଭାବରେ ଆମ ସାହିତ୍ୟକୁ କବଳିତ କରିଚାଲିଛି।

ଆମକୁ ଲକ୍ଷ୍ୟ କରିବାକୁ ହେବ ଏହି ସମାନ୍ତରାଳ ସାହିତ୍ୟର ଗତି ଓ ପ୍ରକୃତିକୁ। ଅନଲାଇନ୍ ପ୍ଲାଟଫର୍ମମାନଙ୍କରେ ସ୍ଥାନିତ ହେଉଥିବା ଲେଖାଗୁଡ଼ିକ ଉପରେ ଦୃଷ୍ଟି ପକାଇଲେ ଆମେ ଜାଣିପାରିବା, ସେଠାରେ ସାହିତ୍ୟର ଧରାବନ୍ଧା ତତ୍ତ୍ୱ ସବୁ କେମିତି ଓଲଟପାଲଟ ହୋଇଯାଇଛି। ସେଇ ବିଚିତ୍ର ରାଇଜରେ କେଉଁଟି ଶ୍ରେଷ୍ଠ ଗଳ୍ପ ବା କବିତା ତାହା ନିର୍ଣ୍ଣୟ କରିବା ପାଇଁ ଲେଖାଟି କେତେ ସଂଖ୍ୟକ 'ଲାଇକ୍' ସୂଚକ ଇମୋଜି ଚିହ୍ନ ପାଇଛି ତାହା ଗଣନା କରାଯାଏ; କିମ୍ବା କେଉଁ ଲେଖାଟି ସବୁଠାରୁ ଅଧିକ ଲୋକପ୍ରିୟ ତାହା ଜାଣିବା ପାଇଁ ସେଇଟିକୁ କେତେ ସଂଖ୍ୟକ ପାଠକ (ଅର୍ଥାତ୍ 'ୟୁଜର୍') କ୍ଲିକ୍ କରି ଖୋଲିଛନ୍ତି ତାହାର ହିସାବ ରଖାଯାଏ। କହିବା ବାହୁଲ୍ୟ, କୌଣସି ଏକ ଲେଖା ଉପରେ 'ଲାଇକ୍' ଚିହ୍ନମାନ ଅଜାଡ଼ିବା ପୂର୍ବରୁ ସେହି ତଥାକଥିତ ପାଠକମାନଙ୍କ ମଧ୍ୟରୁ ଅନେକେ ଲେଖାଟିକୁ ଥରେ ଭଲକରି ପଢ଼ି ମଧ୍ୟ ନ ଥାନ୍ତି। ସେହିପରି ମୋବାଇଲ୍ ବା ଲାପଟପ୍‌ର ପରଦା ଉପରେ ଜଣେ କେହି ଲେଖାଟିଏ ଥରେ ମାତ୍ର ଖୋଲିଦେଇ ତୁରନ୍ତ ସେଥିରୁ ବାହାରି ଆସିଲେ ବି ତାହା ସେହି ପାଠକଙ୍କ ଦ୍ୱାରା ପଢ଼ିନିଆଗଲା ବୋଲି ଧରାଯାଏ, ଏବଂ ସେହି ଅନୁସାରେ ସମ୍ପୃକ୍ତ ଲେଖକଙ୍କର ଲୋକପ୍ରିୟତା ନିର୍ଦ୍ଧାରିତ ହୁଏ।

ଏମନ୍ତ ଅନେକ ବିସଙ୍ଗତି ଥାଇ ମଧ୍ୟ ସେହିଦିନଟି ବିଶେଷ ଦୂର ନୁହେଁ, ଯେବେ ଏହି ସମାନ୍ତରାଳ ସାହିତ୍ୟ ଆମ ସାହିତ୍ୟରେ ମୁଖ୍ୟଧାରାର ଆସନ ମାଡି ବସିବ।

*ନିହାର ଶତପଥୀ*

## ସାହିତ୍ୟ ବିଚାର

କମଳାକାନ୍ତ ରଥ




*ଚିତ୍ରଟିର ପ୍ରସଙ୍ଗ ପାଇଁ ଚଳିତ ସଂଖ୍ୟାର 'ସମ୍ପାଦକୀୟ' ଦ୍ରଷ୍ଟବ୍ୟ ।*

---

## 'ସାହିତ୍ୟ ଚର୍ଚ୍ଚା'ର ଗ୍ରାହକ ଯୋଜନା

ଆଗ୍ରହୀ ପାଠକମାନେ ବାର୍ଷିକ ଗ୍ରାହକ ଦେୟ ସ୍ୱରୂପ ୧୨ଟି ସଂଖ୍ୟାର ମୂଲ୍ୟ ଟ.୪୮୦/- ମାତ୍ର ପଠାଇ ଏକ ବର୍ଷ ପର୍ଯ୍ୟନ୍ତ ଡାକ ବା କୁରିଅର୍ ଯୋଗେ ଏହି ପତ୍ରିକା ପାଇପାରିବେ। ଏଥିପାଇଁ କୌଣସି ଅତିରିକ୍ତ ଡାକଖର୍ଚ୍ଚ ନିଆଯାଏ ନାହିଁ। ନିମ୍ନରେ ଦିଆଯାଇଥିବା ଆକାଉଣ୍ଟ ନମ୍ବର କିମ୍ବା 'କ୍ୟୁ.ଆର୍. କୋଡ୍'କୁ ଟ.୪୮୦/- ପଠାଇବା ପରେ ଆମର ହ୍ୱାଟ୍ସଆପ୍ ନଂ. 9368772506 କିମ୍ବା ଇ-ମେଲ୍ ଠିକଣା info@sahityacharcha.com ରେ ନିଜର ନାମ, ଡାକଠିକଣା ଓ ମୋବାଇଲ ନମ୍ବର ଜଣାନ୍ତୁ।

*IFS Code* : CNRB0018007
*Account No.* : 120000048648
*Account Name* : Sahitya Charcha

ଏହି ଗ୍ରାହକ ଯୋଜନାର ସୂଚନା ଆମ ୱେବ୍‌ସାଇଟ୍‌ର ନିମ୍ନୋକ୍ତ ଲିଙ୍କ୍‌ରେ ମଧ୍ୟ ଉପଲବ୍ଧ ଅଛି ।
**www.sahityacharcha.com/subscription**

ପାର୍ଶ୍ୱରେ ଦିଆଯାଇଥିବା କ୍ୟୁ.ଆର୍. କୋଡ୍ ଚିତ୍ରକୁ ସ୍କାନ କରି G Pay, PhonePe କିମ୍ବା Paytm ଆଦି ଦ୍ୱାରା ମଧ୍ୟ ଏହି ଦେୟ ପଠାଯାଇପାରେ। ଚେକ୍ କିମ୍ବା ବ୍ୟାଙ୍କ ଡ୍ରାଫ୍ଟ ଯୋଗେ ବାର୍ଷିକ ଗ୍ରାହକଦେୟ ପଠାଇବାକୁ ଥିଲେ ତାହାକୁ Sahitya Charcha ନାମରେ ଲେଖି ଆମର ନିମ୍ନଲିଖିତ ଠିକଣାକୁ ପଠାନ୍ତୁ।

**ସାହିତ୍ୟ ଚର୍ଚ୍ଚା**, ୧୯, ଆର୍ଯ୍ୟ ଭିଲେଜ୍, ଡୁମୁଡୁମା, ଫେଜ୍-୪, ଭୁବନେଶ୍ୱର-୭୫୧୦୧୯
ଫୋନ୍ : (୦୬୭୪) ୩୫୫୨୯୪୭ , ମୋବାଇଲ : ୯୩୬୮୭୭୨୫୦୬

ପ୍ରବନ୍ଧ



# କବିତାର ସ୍ଥାପତ୍ୟରେ ଗାଆଁ

ଡ. ପ୍ରଫୁଲ୍ଲ କୁମାର ସାହୁ

ଓଡିଆ ସାହିତ୍ୟରେ ପଲ୍ଲୀ ଚେତନା ଏକ ବ୍ୟାପକ ପ୍ରସଙ୍ଗ ହୋଇ ଉଭା ହୋଇଛି ଏବଂ ତାର ନୈସର୍ଗିକ ଶୋଭାକୁ ନେଇ ଲେଖାଯାଇଛି ରାଶିରାଶି କବିତା।

ଗାଆଁ ମାଟିର ମାୟା ଅନନ୍ୟ। ସେ ମାଟି ପ୍ରତି ଥାଏ ଏକ ଦୁର୍ବାର ଆକର୍ଷଣ। ବାରମ୍ବାର ଶୁଣିବାକୁ ଇଚ୍ଛା ହୁଏ ନିଜ ଗାଆଁର ନାଁ। ଆଉ ସେ ନାମ ଶୁଣିବା କ୍ଷଣି ମନରେ ଭରିଯାଏ ଏକ ଅନିର୍ବଚନୀୟ ଆନନ୍ଦ। ଆପଣା ଭାବାବେଗକୁ କବିତାରେ ପ୍ରକାଶ କରିବାକୁ ଯାଇ ବ୍ୟାସକବି ଫକୀରମୋହନ ଲେଖିଛନ୍ତି-



'ମୋର କାନକୁ ଶୁଭେ ତାର ନାମ ସୁମଧୁର,
ମୋ କ୍ଷୁଦ୍ର ଗ୍ରାମର ନାମ ମଲ୍ଲିକାଶପୁର।'

ଯେମିତି ପକ୍ଷୀଟିଏ ଜୟଗାନ କରେ ସେହି ମାଟିର, ଯେଉଁ ମାଟିର ପାଣି ପବନରେ ସେ ବଞ୍ôଚେ ଏବଂ ଯାହା ଉପରେ ଠିଆ ହୋଇଥିବା ଗଛର ଫଳ ଖାଇ ପୁଷ୍ଟ ହୋଇଥାଏ ତା କୋମଳ ଶରୀର, କବି ମଧ୍ୟ ସେମିତି ତା' ଗାଁ ମାଟିକୁ ଭଲପାଏ, ଯେଉଁ ମଗ୍ନ ମାଟିରେ ତାର ଜନ୍ମ ଏବଂ ଯାହାର ଛାତିରେ ପାଦଥାପି ବେଗବନ୍ତ ହୋଇଥିଲା ତା ଜୀବନର ଗତି। ସେ ଗାଁ ସାନ ହେଉ କି ବଡ ହେଉ, ଭୂଗୋଳ ପୋଥି ପୃଷ୍ଠାରେ ତାର ନାମ ଥାଉକି ନ ଥାଉ, ତାର ଜୟଗାନ କରି ଗୌରବାନ୍ୱିତ ହୁଏ କବି। କବିର ସେ ଗାଆଁ ମଗ୍ନତାକୁ ଅନୁଭବ କରିହୁଏ କବି ରାଧାମୋହନ ଗଡନାୟକଙ୍କ କବିତାରେ -

'କଲରା ପାଳର ନାମ/ ନାହିଁ କେଉଁ ଅଭିଧାନ/ ମାତର ମୋହର ପ୍ରାଣେ ଜୀବନ୍ତ ଅତ/ ତାହାରି ଭାବର ସ୍ରୋତ/ ହେଉଅଛି ଓତପ୍ରୋତ/ ବେଗବନ୍ତ କରୁଛି ମୋ ଜୀବନର ଗତି/ ମୋର ଗ୍ରାମ କଲଣ୍ଡାପାଳ/ ରାଧାମୋହନ ମୁଁ ଗାଏ ଗୌରବ ତାର।'

ପଲ୍ଲୀ ଗାଁର ସୁନ୍ଦର ଫୁଲ ଓ ଶାଗୁଆ ଲତାର ଚିତ୍ର କବିର କଅଁଳ ଓଠରେ ଫୁଟାଏ ଭାଷା। ତାର ଜହ୍ନରାତିର ମାଦକତା ଫଗୁଣ ପାହାନ୍ତି, ଉଷାର ଆଲୋକ କବି ଜୀବନରେ ଭରିଦିଏ ଥାକଥାକ ସ୍ୱପ୍ନର ସମ୍ଭାର। ସେ ରୂପରଙ୍ଗର ମହକରେ ବିଭୋର ହୋଇ ମାଟିର ଦ୍ରୋଣ ସଚ୍ଚିରାଉତ ରାୟ ଲେଖିଛନ୍ତି-

'ତା'ରି ଫୁଲ ଶାଗୁଆ ଲତା/ କଣ୍ଠେ ମୋର ଦେଲା ଯେ କଥା/ ଆଖିରେ ଦେଲା ଚାହାଣି ନୂଆ/ ଫଗୁଣ ଉଷା ପାହାନ୍ତି/ ଝରଣା ତାର କଲା ଯେ କବି/ ନୟନେ ଦେଲା ରୂପର ଛବି।'

ଶୈଶବକୁ ବୈତରଣୀ କୂଳରେ ଛାଡି ଆସିଥିବା କବି ବିମଳ ଜେନା ସମାନ ଅନୁଭବ ନେଇ ଲେଖନ୍ତି-

'ଫଗୁଣ ଆସିଲେ ପଳାଶ ଫୁଟିଲେ ରକ୍ତରେ ନିଆଁ ଲାଗେ/ କିଶୋରୀ ପ୍ରେମିକା ସେତିକି ବେଳେ ତା ପ୍ରେମର ପାଉଣା ମାଗେ/ ଗାଁ ମୁଣ୍ଡରେ ରଜଦୋଳି ଖେଳ କୁଆଁର ପୂନେଇ ଗୀତ/ କଲମକୁ ଦେଲା କବିତା ଛନ୍ଦ ମୋତେ ମୋ ପରାଣ ମିତ।'

**ସୌହାର୍ଦ୍ଦ୍ୟର ମୂଳପିଣ୍ଡ**

ଶାନ୍ତି ଓ ସୌହାର୍ଦ୍ଦ୍ୟର ମୂଳପିଣ୍ଡ ଗାଁ। ଏକଦା ତା'ର କୋଣେ କୋଣେ ଭରି ରହିଥିଲା ଦାରିଦ୍ର୍ୟ, ଅଶିକ୍ଷା ଓ ଅନ୍ଧବିଶ୍ୱାସ। ମାତ୍ର ତା'ରି ଭିତରେ ଝଲସି ଉଠୁଥିଲା ପ୍ରାଚୁର୍ଯ୍ୟମୟ ଜୀବନର ବାର୍ତ୍ତା। ସଞ୍ଜ ହେଲେ ଭାସିଆସୁଥିଲା 'ନମଇଁ ନୃସିଂହ ଚରଣ, ଅନାଦି ପରମ କାରଣ', ଆଦି ଭାଗବତର ପଦପଂକ୍ତି କିମ୍ବା ଭୀମଭୋଇଙ୍କ ଖଞ୍ଜଣି ଭଜନ। ସକାଳ ବିବାଦ ସଞ୍ଜକୁ ତୁଟୁଥିଲା ଗାଁ ଭାଗବତ ଟୁଙ୍ଗିରେ। କବିପ୍ରାଣକୁ ଆହ୍ଲାଦିତ କରିଥିଲା ସେ ଅନାବିଲ ଜୀବନବୋଧର ନୈସର୍ଗିକ ଦ୍ୟୁତି।

କବି ବିରଜା ବଳଙ୍କ ଭାଷାରେ-

'ସେବେ ତ ଗାଁ ଭିତରେ ଗୋଟେ/ ଶାନ୍ତ ନିର୍ମଳ ପୃଥିବୀ ଥିଲା/ ଯାର ନୁଆଁଣିଆ ଚାଳ/ ନଇଁ ପଡିଥିବା ପ୍ରେମର ଭାରରେ/ ଭାଗବତ ଟୁଙ୍ଗି କି ବୈଠକୀ ଘରେ/ ପ୍ରତି ସଞ୍ଜରେ ରସଘନ ଜୀଇଁ ଉଠୁଥିଲେ ଅତିବଡୀ ଜଗନ୍ନାଥ ଦାସ/ କି ସନ୍ଥକବି ଭୀମଭୋଇ।'

ଏ ଶାନ୍ତିର ଧାମ ଛାଡି ଅନ୍ୟ କୁଆଡେ ରହିବାକୁ ଇଛା କରେନି କବି। ଜୀବିକା ଦାୟରେ ଯେଉଁଠି ରହିଲେ ବି ମନଶ୍ଚକ୍ଷୁରେ ଅହରହ ନାଚୁଥାଏ ତା ଗାଆଁର ମୁହଁ। ସହରର ଚାକଚକ୍ୟକୁ ବଳିଯାଏ ଗାଁର ସବୁଜ ଶ୍ୟାମଳ ଶସ୍ୟକ୍ଷେତ୍ର, ଅନନ୍ତ ଆକାଶ, ପାହାଡ ପର୍ବତ ଓ ଲତାକୁଞ୍ଜର ଆକର୍ଷଣ।

ପ୍ରବାସର ରାଜସୁଖକୁ ଉପେକ୍ଷା କରି କବି କାମନା କରେ ପଲ୍ଲୀର ପଲ୍ଲବମୟ ସ୍ନିଗ୍ଧ ଶୀତଳ ଛାଇ ତଳେ ଟିକେ ଆଶ୍ରା। ଗାଆଁ ମାଟିକୁ ଫେରି ଆସିବାର ସେହି ବ୍ୟାକୁଳତା ବାରିହୋଇପଡେ ପଲ୍ଲୀକବି ନନ୍ଦକିଶୋର ବଳଙ୍କ କବିତାରେ-

**ପ୍ରବାସର ରାଜସୁଖକୁ ଉପେକ୍ଷା କରି କବି କାମନା କରେ ପଲ୍ଲୀର ପଲ୍ଲବମୟ ସ୍ନିଗ୍ଧ ଶୀତଳ ଛାଇ ତଳେ ଟିକେ ଆଶ୍ରା।**

'ଶାନ୍ତିପୂର୍ଣ୍ଣ ଆହେ ପଲ୍ଲୀଗ୍ରାମ, ମଧୁରିମାମୟ ତୋର ନାମ/ ନଗରୀର ରାଜସୁଖ ମୋରପକ୍ଷେ ଘୋର ଦୁଃଖ ଆଗୋ ପ୍ରିୟ ପଲ୍ଲୀ/ ତୋ ପଲ୍ଲବମୟ ଛାୟାତଳେ ଆଶ୍ରିବାକୁ ମୁହିଁ ସଦା ରଙ୍କ।'

ଗାଁ କହିଲେ ସାଧାରଣତଃ ଆଖି ଆଗରେ ନାଚିଯାଏ କିଆଗୋହିରି, ଆମ୍ବତୋଟା ଓ ବିସ୍ତୃତ କ୍ଷେତବାରି ପରିବେଷ୍ଟିତ ଧାଡିଧାଡି ନଡାଛପର ଘର। ସେ ନୁଆଁଣିଆ ଘରର ଚାଳ ଉପରେ ଛନ୍ଦାଛନ୍ଦି ହୋଇ ମାଡିଥାଏ ଲାଉ କଖାରୁର ଡଙ୍କ। କବି ବିନୋଦ ନାୟକଙ୍କ ଭାଷାରେ-

'ପୋଇ ଶାଗ ଆଉ ପାଣି କଖାରୁର ଲଟା,
ମାଡି ମାଡି ଆସି ଛୁଇଁଲାଣି ଘର ମଥା'।

## ବର୍ଷାକାଳୀନ ପ୍ରକୃତି

ବର୍ଷାଦିନେ ସେହି ଚାଳ ଉପରକୁ ଉଠୁଥିବା କୁଣ୍ଡଳାକୃତି ଧୂଆଁ ଓ ପିଢା ତଳକୁ ଖସିପଡୁଥିବା ଟପ୍ ଟପ୍ ବର୍ଷାପାଣିର ସାରେଗାମାରେ ବିମୋହିତ ହୁଏ କବି। ଜହ୍ନିଫୁଲ ହେଉ କି ଜହ୍ନରାତି ହେଉ, ଯୋଗୀ ହାତରେ କେନ୍ଦରାର କୁଁ କୁଁ ଧ୍ୱନି ହେଉ କି ନୂଆବୋହୂଟିର ମିଟିମିଟି ଆଖିର ଭାଷା ଅବା କୁନିକୁନି ପିଲାଙ୍କ ଅଖଲମଖଲ ଖେଳ ହେଉ, ଅକୃତ୍ରିମ ଜାନପାଦିକ ଭାବୋଚ୍ଛ୍ୱାସରେ ସଦା ଚଳଚଞ୍ଚଳ ହୋଇଉଠେ ଗାଆଁ। ତାର ସ୍ନେହସିକ୍ତ ଭାବ ବନ୍ଧନରେ କବି ବାନ୍ଧି ହୋଇରହେ ସାରା ଜୀବନ। ଗାଆଁ ଛାଡି ବିଦେଶ ଗଲାବେଳେ ସେ ଅନୁଭବ କରେ ଏକ ଫୁଲଭର୍ତ୍ତି ବୃକ୍ଷର ବେଦନା। ବିଷାଦଗ୍ରସ୍ତ ପକ୍ଷୀମାନଙ୍କ ନୀରବ କୋଳାହଳ। ସେ ବିଦାୟ ବେଳାର ଦୃଶ୍ୟରେ ବିଷର୍ଣ୍ଣ ହୋଇପଡିଥିବା କବି ଗୌରାଙ୍ଗ ଚନ୍ଦ୍ର ଦାଶଙ୍କ ଲେଖନୀରୁ ଝରିଆସେ-'କାହିଁକି କେଜାଣି ଗାଁ ଛାଡି ଯାଉଛି ବୋଲି/ ପତ୍ରମାନଙ୍କର ଭିଡ ନାହିଁ/ ପକ୍ଷୀମାନଙ୍କର କୋଳାହଳ ନାହିଁ/ ସେମାନେ ଅନ୍ୟତ୍ର ବସା ବାନ୍ଧିଲେଣି କାହିଁ।'

ଗାଁ'କୁ ଯିବାଆସିବା ପାଇଁ ଗାଁ ମଝିରେ ଥାଏ ଉଲଙ୍ଗ ଶିଶୁ ସମ ଶୋଇଥିବା ଗ୍ରାମପଥ। ସେହି ପଥଦେଇ ନବବଧୂ ଗାଁ'କୁ ପ୍ରବେଶ କରେ ଏବଂ ସଂସାର ଲୀଳା ସାରି ତାକୁ ପୁଣି ଶ୍ମଶାନକୁ ଯିବାକୁ ହୁଏ ସେହି ପଥରେ। ପଛରେ ରହିଯାଆନ୍ତି ପୁଅ ଝିଅ ନାତି ନାତୁଣୀ ଓ ଅନ୍ୟମାନେ। ସଂସାରର ଏ ଅଲଂଘ୍ୟ ରୀତି ସହିତ ଯୋଡିହୋଇ ରହିଥିବା ଗ୍ରାମପଥର ବନ୍ଦନା ଗାନ କରି କବି ବିନୋଦ ନାୟକ ଲେଖିଛନ୍ତି-

'ଏ ପଥରେ ଗ୍ରାମେ ପ୍ରବେଶ ହୁଅଇ ବଧୂ
ବିତରି ବୁକୁର ମମତା ମୁଖର ମଧୁ
ପୁଅଝିଅ ନାତି ନାତୁଣୀରେ ରଖି ମଶାଣି ଏପଥେ ଫେରେ
ଆସିବା ଜନର ସାକ୍ଷୀ ଏ ପଥ ଫେରିବା ଜନର ବଂଧୁ।
ବନ୍ଦନା ତୋତେ କରଇରେ ଗ୍ରାମପଥ,
ବାଳକ ବେଳର ହେ ମୋ ପ୍ରିୟ ସାଥୀ ଅୟୁତ ଦଣ୍ଡବତ।'

ଆଧୁନିକ ଓଡିଆ କବି ପ୍ରାୟତଃ ସହରର ବାସିନ୍ଦା। ହେଲେ ସେମାନଙ୍କ ମଧ୍ୟରୁ ଅଧିକାଂଶ ପଲ୍ଲୀ ପରମ୍ପରାର ମହାଶୃଙ୍ଖଳାରେ ଆବଦ୍ଧ। କାରଣ ଜନ୍ମ ସୂତ୍ରରେ ହେଉ କି ପରିବାର ସୂତ୍ରରେ ହେଉ, ସେମାନେ ଗାଁ ସହିତ ସମ୍ବନ୍ଧିତ। ସେମାନଙ୍କ ପାଇଁ ଚଇତର ଚାନ୍ଦିନୀ ରାତିରେ, ବଣମଲ୍ଲୀର ବାସ୍ନାରେ ଓ ଢୋଲ ମାଦଳର ମହୁଆ ମୂର୍ଚ୍ଛନାରେ ବିଭୋର ହେବାର ନାମ ହିଁ ଗାଆଁ। ଜୀବିକା ଦାୟରେ ସେମାନେ ଥାଇପାରନ୍ତି ସହରରେ, ହେଲେ ଯେତେ ଦୂରରେ ଥିଲେ ବି

ପ୍ରାଣକୁ ପୁଲକିତ କରୁଥାଏ ଗାଆଁ ମାଟିର ମହମହ ବାସ୍ନା।

ଆଖି ଆଗରେ ଚିତ୍ର ପରି ନାଚିଯାଏ ଗାଁ'ର ଗାଇଗୋଠ, ନଈପଠା ଓ ଫସଲକଟା ଆଦି ନାନ ପ୍ରକାର ଦୃଶ୍ୟ। ସେ ଚଇତର ବାସନ୍ତି ସଞ୍ଜ ହେଉ କି ସକାଳ ଖୁସିର କଅଁଳ ଖରା ହେଉ, କବିଙ୍କୁ ବିଭୋର କରେ ତାର ସ୍ମୃତିର ସ୍ପର୍ଶ।

## କାବ୍ୟିକ ବିହ୍ୱଳତା

ସେହି କାବ୍ୟିକ ବିହ୍ୱଳତା ନେଇ ଗାଆଁର ଚିତ୍ରଲତାକୁ ଭାରି ଚମତ୍କାର ଢଙ୍ଗରେ ପରଶି ଦିଅନ୍ତି ଗାଁ ମନସ୍କ କବି ଧନଞ୍ଜୟ ସ୍ୱାଇଁ। ପ୍ରବାସରେ ଥାଇ ଗାଆଁକୁ ବାସ୍ନାମୟ କରି ଦିଅନ୍ତି କବିତାର ଯାଦୁକରୀ ଶବ୍ଦ ସୌନ୍ଦର୍ଯ୍ୟରେ। ଗାଁ ମାଟିର ପାର୍ଥିବ ପରିବେଶ ସହିତ ଏକାତ୍ମ ହୋଇ ଗାଇଉଠନ୍ତି-

'ଗାଆଁରେ ବିଞ୍ଚଇ ଚଇତି ସକାଳ/ ଖୁସିର କଅଁଳ ଖରା, ପାତଳ ପବନ ଅଜାଡି ଦିଏ ତା/ ମହୁଆ ଗୀତର ସୁରା, ଗାଆଁ ନଈଧାରେ ଶୀତରେ ଲୋଟଇ/ ସୁନା ସୋରିଷର କ୍ଷେତ, ଯେଉଁ କ୍ଷେତ ମୋର



ଓଠେ ଦେଇଥିଲା/ ବିଭୋର ପଣର ଗୀତ।'

କେତେ ଆପଣାର ସତେ ସେ ଗାଆଁର ଛାଇ। ସୁଯୋଗ ପାଇବା ମାତ୍ରେ କବିଙ୍କୁ ସେ ଟାଣେ ତାର ଅଦୃଶ୍ୟ ହାତରେ। ଚିହିଁକି ଉଠେ କବି। ଫେରି ଚାହେଁ ପଛକୁ। ଜଳଜଳ କରି ଦିଶିଯାଏ ପିଲାବେଳର ସ୍ମୃତି। କବି ଭୁଲିଯାଏ ବୟସ। ଗାଁ ଦାଣ୍ଡରେ ଖେଳେ ସାଙ୍ଗସାଥୀ ମେଳରେ। ବର୍ଷା ପାଣିରେ ଭିଜି କେବେ କାଗଜ ଡଙ୍ଗା ଭସାଏ ତ ଆଉ କେବେ ବିଲରେ ଘାଇବାନ୍ଧେ ଓଦା ସରସର ହୋଇ। ସେ କଥା ମନେ ପକାଇ କବି କମଳାକାନ୍ତ ପଣ୍ଡା ଲେଖନ୍ତି-

'କାହିଁକି ଟାଣୁଛି/ ଆଜି ପରି ବର୍ଷାଦିନ ବିଲର ଘାଇ/ ସୁଅରେ ଡେଉଁଥିବା ଦଣ୍ଡିକିରି, କେରାଣ୍ଡି, ଭାସିଯାଉଥିବା ଗେଣ୍ଡା/ ନଇଁ ଯାଉଥିବା ଧାନଗଛ/କାଦ ସରସର ପେଣ୍ଟ ଜାମା।'

କବି ଯେତେ ଉଚ୍ଚ ପଦବୀରେ ଥାଉନା କାହିଁକି, ହଜାର ବ୍ୟସ୍ତତା ଭିତରେ ବି ସେ ଏଡେଇ ପାରେନି ଗାଆଁ ମାଟିର ଡାକ। ଗାଆଁ କେବଳ ହାତଠାରି ଡାକେ ନାହିଁ, ଦୂରରୁ ଥାଇ ଶୁଣାଏ ମାଟିମନ୍ତ୍ର। କେତେ ପ୍ରଚଣ୍ଡ ସତେ ସେ ମନ୍ତ୍ରର ଶକ୍ତି, ଯାହା ଶୁଣିବା ମାତ୍ରେ ଗାଆଁ କୋଳକୁ ଫେରିବା ପାଇଁ ବ୍ୟାକୁଳ ହୁଏ କବି। ସଫଳତାର ଶୀର୍ଷ ଆରୋହଣ କରିଥିବା ଚିତ୍ରୋତ୍ପଳାର କବି ସୀତାକାନ୍ତ ମହାପାତ୍ରଙ୍କୁ ଗାଆଁ ନଈପଠା ଆକର୍ଷି ନିଏ ଗୋଟେ ଶ୍ୟାମାଙ୍ଗୀ ଯୁବତୀ ପରି। ପ୍ରବାସରେ ଭଳିଭଳି ସୁସ୍ୱାଦୁ ବ୍ୟଞ୍ଜନ ପରଷା ଗଲେ ବି କବି ଖୋଜି ହୁଅନ୍ତି ପଖାଳ କଂସାରୁ ବାହାରୁଥିବା ଆମ୍ବକଷିର ମନମତାଣିଆ ବାସ୍ନା। ମନ ଯାଇ ପହଞ୍ଚିଯାଏ ବଟା ବେସରଦିଆ ଚୁନାମାଛ ରାଇତା ପାଖରେ। ବୋଉ ହାତରନ୍ଧା ତିଅଣର ସୁଆଦକୁ କବି ଝୁରି ହେବା ସହିତ ସେ ଭାବନାକୁ ସଜାନ୍ତି କବିତାର ଚିତ୍ରକଳ୍ପରେ।

'ପବନ ଯାଉଛି ଛୁଇଁ ସରୁ ସରୁ ଦୂବଘାସ/ ବାଟଭାଙ୍ଗି ମୁହଁପୋତି, ବେଣାଫୁଲ, ଘାସ, ଇଟା, ବାଲିର ଛାତିରେ/ପଠାର ପବନ ଗୋଟେ ଭୟାର୍ତ୍ତ କିରାନି ବଦରାଗୀ ଅଫିସର ଟେବୁଲ କତିରେ।'

## ମାନବିକତାର ମହାଶୃଙ୍ଖଳା

ଗୁଣ୍ଡୁଚି ମୂଷାଠାରୁ ଗଉଡିଆ ଯାଏ ସଭିଙ୍କୁ ମାନବିକତାର ମହାଶୃଙ୍ଖଳାରେ ବାନ୍ଧିରଖେ ଗାଆଁ। ସେ ଶୃଙ୍ଖଳାକୁ ଛିଡେଇ ପାରିନାହାନ୍ତି କବି ହୃଷୀକେଶ ମଲ୍ଲିକ। ସେ ଯେଉଁଠି ଥିଲେ ବି ତାଙ୍କ ମନ ଭିତରେ ସାଇତା ସଂପଦ ହୋଇ ରହିଛି ନିଜ ଗାଆଁର ମାଟି, ପାଣି, ପବନ, ବୋଉ ଓ ଧାନକ୍ଷେତର ସୁନେଲି ସ୍ୱପ୍ନ। ଗାଆଁର କଳିକନ୍ଦି ଓ କୋଣ ଅନୁକୋଣକୁ ନିଜ ନଖଦର୍ପଣରେ ରଖିପାରିଛନ୍ତି ବୋଲି ତ ଏତେ ସୁନ୍ଦର ଭାବରେ ବଖାଣି ପାରନ୍ତି ହେମ ଭାଉଜ ଓ ଧାନ ସାଉଁଟା ଝିଅର କଥା। ଆଉ କ୍ଷେତରେ ଉଜୁଡି ଯାଉଥିବା ଆଳୁ, ନାଉ, କଖାରୁ ଓ କାକୁଡିର ଛନକାଛନକା ଢଙ୍କର ଦୂରବସ୍ଥା କଥା ମନେ ପକାଇ ଲେଖିପାରନ୍ତି-

'ସାଆନ୍ତେ ! ଝୁରୁ ଝୁରୁ ମାଟି କଡକୁ ଆଉଜି ପଡିଥିଲା ମୋ ସାବଜା ଆଳୁକୁଞ୍ଜ/ କାକର ଫିରିଫିରି ହୋଇ ଶୋଇଥିଲା ମୋ ସଲରା-ଶେଯ/ କେଳା ପେଡିର ଗୋବିନ୍ଦ ମୂଷା ପରି ହିଡ ଉପରକୁ ଥଣ୍ଟ ଟେକୁଥିଲା ନାଉ, କଖାରୁ ଓ କଣ୍ଟିଆଳି

କାକୁଡିର ଛନକା ଡଙ୍କ।'

ପ୍ରବାସୀ କବି ଦୃଷ୍ଟିରେ ଗାଆଁ ଗୋଟେ ପ୍ରେମିକା ପରି ଲାସ୍ୟମୟୀ ହାସ୍ୟମୟୀ ଚଞ୍ଚଳା। ତାର ଛଇଳ ଚପଳ ନଈ କୂଳରେ ଦିନେ ପ୍ରିୟାର କୁଆଁରୀ ଆଖିର ସ୍ୱପ୍ନମାନଙ୍କୁ ଛାଡି ଆସିଥିଲେ କବି ଗିରିଜା ବଳିୟାର ସିଂହ। ଗାଆଁ ଠାରୁ ଦୂରରେ ରହି କବି ଭିଜୁଛନ୍ତି ଗାଁରେ ଛାଡି ଆସିଥିବା ଜକଜକ ଜହ୍ନରାତିର ଛଳଛଳ ସ୍ମୃତିରେ। ମେଘଭରା ଆକାଶ ପରି ସଜଳ ହୋଇଉଠୁଛି ଆଖି। ଲାଜେଇ ନଈର ତୁଠ ପଥରରେ ମଥା ପିଟୁଥିବା ଅଶ୍ରୁ ଲହରୀରେ ଆକ୍ରାମାକ୍ରା ହୋଇ କବି ଗାଇଉଠନ୍ତି-

'ହେ ଗାଁ ତୁମକୁ ଛାଡି ଆସିଛି ଧାଡିଏ ଦୁଃଖ ପାଖେ
ଆଜି ବି ତମରି କଜଳ ମେଘଟି ଅଙ୍କା ଆକାଶ ଆଖେ
ହେ ନଈ ତୁମକୁ ଛାଡି ଆସିଛି
ମୁଁ ବି ଧାର ଅଶ୍ରୁ ପାଖେ
ଆଜି ବି ତମରି ଲାଜେଇ
ଲହରୀ ତୁଠ ପଥରରେ ଲାଖେ।'

**ଗ୍ରାମ୍ୟ ଜୀବନବୋଧରେ ବିଶ୍ୱାସ ଥିଲା ବଦ୍ଧମୂଳ। ତାହା ସ୍ୱଚ୍ଛଳ ବଞ୍ଚିବାର ନୁହେଁ, ନିଷ୍ପାପ ଜୀବନର।**

**ଖୋଜାପଡିଛି ସଭାବନା**

ଆଧୁନିକ କବି ଗ୍ରାମ୍ୟଜୀବନର ସ୍ମୃତିକୁ ଗଣ୍ଠିଧନ କରି ସାଇତି ରଖିଛି ସତ, ହେଲେ ଆଜି ଆଉ ସେ ଖୋଜିପାଉନି ଗାଁର ଶାନ୍ତି ଓ ସଭାବନା। ସଞ୍ଜ ହେଲେ ଗୋସେଇଁଙ୍କ ସୁଲଳିତ କଣ୍ଠରୁ ଆଉ 'ନମଇଁ ନୃସିଂହ ଚରଣ' ଆଦି ଭାଗବତର ପଦପଂକ୍ତି ଶୁଣିବାକୁ ମିଳୁନି କି ମନକୁ ଆହ୍ଲାଦିତ କରୁନି ପଲ୍ଲୀ ଜୀବନବୋଧର ସେ ନୈସର୍ଗିକ ଦ୍ୟୁତି। ବାବନା ଭୂତଟେ ପରି କବିଙ୍କୁ ଏବେ ବିବ୍ରତ କରୁଛି ଗୋଟେ ବିଖଣ୍ଡିତ ସମୟର ବିବର୍ଣ୍ଣ ଚିତ୍ର। ଗାଆଁରେ ଦଳାଦଳି, ଭିନ୍ନେଭାର ଏବଂ କଳୁଷିତ ପରିବେଶରେ ଅତିଷ୍ଠ ହୋଇ କବି ନିତ୍ୟାନନ୍ଦ ପତି ଲେଖିଛନ୍ତି-

'ଚିରା ପଣତରେ ଦୀପରୁଖା ଲିଭେ/ ଚଉରା ଗଲାଣି ଫାଟି
କଅଁଳିଆ ମନ ସବୁଜ ଦିଶୁନି/ ମୂଳ କେ ଦେଇଛି କାଟି
ଭାଗବତ ଘରେ ଶୁଭୁନାହିଁ ଆଜି/ ଖନିମରା ଗୀତସୁର
ସେନେହ ମମତା ଆକାଶ କଇଁଆ/ ସଭିଏ ସଭିଙ୍କି ପର।'

ସମାନ ଅନୁଭବ ନେଇ ଅତୀତର ସେ ବାସ୍ନାୟିତ ଗାଆଁକୁ ଖୋଜି ବସନ୍ତି କବି ମନୋରଞ୍ଜନ ମହାପାତ୍ର। ତାଙ୍କୁ ବିଚଳିତ କରେ ଗାଆଁର ଅବକ୍ଷୟୀ ରୂପ। ସତରେ ଇଏ କଣ ତାଙ୍କର ସେହି ଗାଆଁ, ଯେଉଁ ଗାଆଁକୁ ସକାଳ ଆସେ ମାଳତୀ, ଚମ୍ପା, ସେବତୀ, ହେନା ଓ ଜୁଇଜାଇ ଫୁଲଙ୍କ ବାସ୍ନାରେ। ଯେଉଁଠି ସଞ୍ଜ ଆସେ ପ୍ରଜାପତିଙ୍କ କଅଁଳ ଡେଣା ଆଉ ମନ୍ଦିରର ଘଣ୍ଟଘଣ୍ଟା ଖୋଳତାଳ ଆଳତି ଶବ୍ଦରେ।

ସେହି ମହକିତ ବେଳର କଥା ମନେ ପକାଇ କବି ଲେଖିଛନ୍ତି- 'ସକାଳ ଆସୁନି/ ଆଉ ତୋ ଲାଗି ଆଗଭଳି ମାଳତୀ ଚମ୍ପା, ସେବତୀ/ ଜୁଇଜାଇ ଫୁଲଙ୍କ ବାସ୍ନାରେ ରଙ୍ଗବେରଙ୍ଗୀ ପ୍ରଜାପତିଙ୍କର/ କଅଁଳ ଡେଣାରେ/ ସନ୍ଧ୍ୟା ବି ଆସୁନି ଆଉ / ନୀଡଫେରା ପକ୍ଷୀଙ୍କର ଡେଣାରେ ଡେଣାରେ କାକଳିରେ/ଜହ୍ନିଫୁଲ ହଳଦୀ ଓଠରେ ଅବା ମନ୍ଦିରର ଘଣ୍ଟଘଣ୍ଟା/ ଖୋଳତାଳ ଆଳତି ଶବ୍ଦରେ।'

ଏବେ ଗାଆଁରୁ ଦାରିଦ୍ର୍ୟ ଓ ଅନ୍ଧବିଶ୍ୱାସ ଦୂର ହୋଇଛି ସତ, ହେଲେ ତା ସହିତ ବିଦାୟ ନେଇଛି ପରସ୍ପର ଭିତରେ ଥିବା ସ୍ନେହ, ଶ୍ରଦ୍ଧା, ଆନ୍ତରିକତା ଓ ଆତିଥେୟତା। ଗାଆଁ ମୁଣ୍ଡ ଦୋକାନରୁ ଖିଲିପାନ ଖାଇବାଠାରୁ ପୋଖରୀରେ ଶୋଭା ନାମ୍ନୀ ମହିଳାଙ୍କ ଗାଧୁଆ ଦୃଶ୍ୟର ସୁବର୍ଣ୍ଣ ସ୍ମୃତିକୁ ନିଜ ଭିତରେ ସାଇତି ରଖିଥିବା ଆମ ସମୟର ବରିଷ୍ଠ କବି ରମାକାନ୍ତ ରଥ କ୍ଷୋଭର ସହିତ ଲେଖନ୍ତି-

-'ଗାଆଁ ଯେଉଁଠି ସରିଛି ସେଠି ଅଛି ଯେଉଁ ମସ୍ତବଡ ବରଗଛ, ତା ତଳେ ବସି ମୁଁ ଦେଖିଲି କିଛି ଦିଶୁନି ମୋ ପିଲା ଦିନ।'

ଗ୍ରାମ୍ୟ ଜୀବନବୋଧରେ ବିଶ୍ୱାସ ଥିଲା ବଦ୍ଧମୂଳ। ତାହା ସ୍ୱଚ୍ଛଳ ବଞ୍ଚିବାର ନୁହେଁ, ନିଷ୍ପାପ ଜୀବନର। ସେ ଅମଳିନ ଜୀବନ ବଞ୍ଚିବା ଆଜି କାହିଁ ?ତେଣୁ ପ୍ରବାସରୁ ଫେରି ନିରାଶ ହୁଅନ୍ତି କବି ଦୁର୍ଗା ଚରଣ ଷଡଙ୍ଗୀ।


'ପ୍ରିୟ ଲାଗୁଥିବା ଗାଆଁକୁ ଯାଏ ଯେବେ/ ନିଜକୁ ଦୋଷୀ ବୋଲି ଭାବେ ମଣିଷ ମାରିଥିବା ଅସ୍ପୃଶ୍ୟ ପରି/ଆଡେଇ ଦିଅନ୍ତି ନିଜର ଗାଆଁ ବାଲାଏ / ଶୂନଶାନ ନୀରବତା ଘେରେ।'

ଗାଆଁରେ ଆଉ ଭାଇଚାରା ଓ ଉତ୍ସର୍ଗୀକୃତ ଭାବନା ତ ଆଉ ନାହିଁ, ବରଂ ଉଦ୍ୟୋଗୀକରଣ ଆଳରେ ବିକାଶର ଗୋଲାପି ଚିତ୍ର ଦେଖେଇ ଗାଆଁକୁ ଏବେ ସମସ୍ତେ ମନଇଚ୍ଛା ଲୁଟିବାରେ ବ୍ୟସ୍ତ। ଗାଆଁ ଆଜି କାହାକୁ କହିବ ଦୁଃଖ ? କିଏ

ଶୁଣିବ ତା ମନତଳର ବେଦନା ? ସେ କେବଳ ଗୁମୁରି ଗୁମୁରି କାନ୍ଦୁଛି ନିଜ ଲୁହକୁ ନିଜ ଆଖିପତା ତଳେ ସାଇତି ରଖି। କବି ଗୋପାଳକୃଷ୍ଣ ରଥଙ୍କ ଭାଷାରେ-

'ଗାଆଁ କାନ୍ଦିପାରେ ନାହିଁ/ ନୁଖୁରା ସୀମନ୍ତ ଦେଖେଇ ପାରେ ନାହିଁ/ଲୁଚାଇପାରେ ନାହିଁ/ ବେହରଣ ନ ଥିବା ଲୋଚାକୋଚା ଦିହ ପୋଡା ଜଙ୍ଗଲରେ/ ଫଗୁଣ ବୁଣିପାରେ ନାହିଁ/ ଛଳଛଳ ଆଖିରେ / ଅଭିଶାପ ଦେଇପାରେ ନାହିଁ ବିଚାରୀ। '

ଗାଁରେ ଆଉ ମାଗୁଣିର ଶଗଡ ଚାଲୁନି କି ଶଙ୍ଖା ବିକିବା ପାଇଁ ଘରଘର ବୁଲୁନି ବୁଢା ଶଙ୍ଖାରୀ। ବିକାଶ ନାଁରେ ଏବେ ଗାଁରେ ଖାଲି ନାରଖାର ଦୃଶ୍ୟ। ସେ ଅବକ୍ଷୟୀ ମୂଲ୍ୟବୋଧର ଚିତ୍ରରେ ବ୍ୟଥିତ ହୋଇ ସଂସ୍କୃତି ପ୍ରବଣ କବି ହୃଦାନନ୍ଦ ପାଣିଗ୍ରାହୀ ଲେଖିଛନ୍ତି- 'ଯେଉଁଠି ସ୍ୱପ୍ନକୁ ଅଣ୍ଟୁ ନଥିଲା ରାତି, ସେଠି ଘୋର ଅବିଶ୍ୱାସ/ ନିଜ ନିସଙ୍ଗତାର ଗଛ ଛାଇରେ ମରଣର ଦିନ ଗଣୁଛି ଅପରାହ୍ନ।' ଆଧୁନୀକିକରଣର ସମୀକରଣ ଛଡେଇ ନେଇଛି ଗାଁର ସବୁଜ ଶୋଭା। ବିଗାଡି ଦେଇଛି ଗାଁ'ର ଶାନ୍ତି, ସୌହାର୍ଦ୍ଦ ଓ ଠିଆ କରେଇ ଦେଇଛି ପରସ୍ପର ଭିତରେ ବିଭେଦର ପାଚେରି।




## ଗାଆଁର ସହରୀ ବେଶ

ହୃଦୟହୀନ ଅର୍ଥ ଅନ୍ୱେଷଣ ପାଇଁ ଗ୍ରାମ ଯେମିତି ସହରାଭିମୁଖୀ ହୁଏ, ସେମିତି ସଂସ୍କୃତିର ସଂଧାନରେ ସହର ବି ହୁଏ ଗ୍ରାମାଭିମୁଖୀ। ସେହି ସଂସ୍କୃତିପ୍ରବଣତା ନେଇ ଗାଆଁ ମାଟିକୁ ଫେରିବାକୁ ଚାହୁଁଛି ଆଧୁନିକ କବି। ମାତ୍ର ପ୍ରବାସ ଫେରନ୍ତା କବିକୁ ନିରାଶ କରେ ଗାଆଁର ସହରୀ ବେଶ। ସେ ଖୋଜେ ସେହି ଚିର ବସନ୍ତମୟୀ ଶ୍ୟାମଳୀ ଗାଆଁକୁ, ଯେଉଁ ଗାଁର ସବୁଜ ଶୋଭାରେ ଅଭିଭୂତ ହୋଇ କବି ଅଶୋକ ମହାନ୍ତି ଲେଖିଥିଲେ- 'ପବନ ଯେଉଁଠି ଫୁଲର କାନରେ ଚୁପି ଚୁପି କଥା କହେ, ଆକାଶ ଯେଉଁଠି ଫୁଲେଇ ନଈର ପଣତରେ ଚୁମା ଦିଏ।'

ବିଦେଶୀ ବେପାରୀଙ୍କ ଭିଡରେ ଗାଆଁ ଏବେ ଶ୍ୱାସରୁଦ୍ଧ। ଶିଳ୍ପାୟନ ଆଳରେ କମ୍ପାନି ଅଧିକାର କଲାଣି ଜଳ ଜମି ଓ ଜଙ୍ଗଲ। ଉଜୁଡି ଗଲାଣି କ୍ଷେତ। କଟା ହେଲାଣି ଜଙ୍ଗଲ। କବି ବ୍ରଜନାଥ ରଥଙ୍କ ଭାଷାରେ-

'ଶ୍ରାବଣର ବର୍ଷାଭିଜା ସବୁଜ ଧାନକ୍ଷେତ/ ଆଜି ଶୂନ୍ୟ ଓ ଧୂସର/ଦିଗ ଦିଗନ୍ତରେ ଶୁଭୁଛି କେବଳ/ ଫଟାମାଟିର ନିଶବ୍ଦ କ୍ରନ୍ଦନ ନିରବ କୋଳାହଳ/ ଧୀରେଧୀରେ ଧିମେଇ ଆସୁଛି ଶ୍ରାନ୍ତ ଜନପଦର ଅଶାନ୍ତ କୋଳାହଳ/ ନଇଁ ଆସୁଛି ସଞ୍ଜ ଟଳିଟଳି ଗୋଟାଏ ରକ୍ତାକ୍ତ ଗରିଲା ଭଳି/ ପଶ୍ଚିମ ପାହାଡ ଖୋଲରୁ।'

ଗାଆଁରେ ଆଉ ଶୁଣିବାକୁ ମିଳୁନି ବେଙ୍ଗୁଲୀ ନାନୀର କେଁ କଟର ଓ ବିଲୁଆ ନନାର ହୁକେ ହୋ ରଡି। ଆଉ ଦେଖିବାକୁ ମିଳୁନି ଶବ ଉପରେ ଶାଗୁଣା ଝାମ୍ପି ପଡିବାର ଦୃଶ୍ୟ। ପାଣିରେ, ପବନରେ, ମାଟିରେ ଓ ଆକାଶରେ ସବୁଆଡେ ଖାଲି ଜହର। ଗ୍ରାମ୍ୟ ପରିବେଶକୁ ଗ୍ରାସ କରିଗଲାଣି ପ୍ରଳୟର ହଳାହଳ। କବି ପିତାମ୍ବର ତରେଇଙ୍କ ଭାଷାରେ-

'ଏଠି ଓଡିଶାର ଗୋଟେ ଗାଆଁ ଥିଲା/ବର୍ଷ କେଇଟା ଯାଇ ଥିବକି ନାହିଁ/ କେଉଁ ଚିହ୍ନର ପ୍ରମାଣ ଥିବ ଯେ / ଜାଣିବ ପର୍ଯ୍ୟଟକ ଚାଳଘର ଝୋଟିଚିତାର କାହ୍ଣୁ/ ଶହେବର୍ଷ ପରେ/ କେମିତି ବଖାଣିବ ମାଷ୍ଟ୍ରେ/ ସମୁଦ୍ର ନିକଟସ୍ଥ ଗୋଟେ ବିଲୁପ୍ତ ଗାଆଁର ଦୃଶ୍ୟ।'

ଗାଆଁର ରୂପ ଏତେ ବଦଳିଗଲା ପରେ ବି କବି ତୁଟେଇ ପାରେନି ଗାଆଁର ଆକର୍ଷଣ। ତା ପାଇଁ ଗାଆଁ ସୌହାର୍ଦ୍ଦ୍ୟର ଏକ ପ୍ରବହମାନ ନଈ, ଯା'କୂଳରେ ଅହରହ ବହୁଥାଏ ଭଲପାଇବାର ମଳୟ ପବନ। ଏବେ ପବନର ଦିଗ ବଦଳିଯାଇଛି ସତ, ହେଲେ କବିକୁ ବି ଜଣାଅଛି ତାର ସ୍ମୃତିକୁ ସାଉଁଟି ବିଭୋର ହେବାର ମନ୍ତ୍ର। ତେଣୁ ଗାଆଁର ଚେହେରା ଯେତେ ବିପର୍ଯ୍ୟସ୍ତ ହେଉନା କାହିଁକି, କବିତାର ସ୍ଥାପତ୍ୟରେ ସାଇତା ଥିଲା ଓ ରହିବ ବି ତାର ମୌଳିକ ରୂପ।

□□

ଲେଖକଙ୍କ ଇ-ମେଲ ଠିକଣା:
pks88a1962@gmail.com



ଗଳ୍ପ

# ଅନୁଭବ

ଅଚ୍ୟୁତାନନ୍ଦ ପତି

ସୁଂଦରୀ ସଂଭାବନା, ସୁଶୋଭିନୀ ସଂଭାବନା, ସନ୍ତୋଷିକା ଅଭିନେତ୍ରୀ ସଂଭାବନା। ସେ ଥିଲା ରୂପର ବାରୁଆଳି। ଆଖିରେ ତା'ର ଲାଖି ରହିଥିଲା ନାଚିଲା ନାଚିଲା ଛଇର ଚାହାଣି। ଓଠରେ ତା'ର ମାଖି ହେଇଥିଲା ଭସା ଭସା ଇସାରାର ହସ। ରୂପକୁ ତା'ର ସମ୍ବଳ କରି ସେ ଅଭାବନୀୟ ଭାବରେ ଅଭିନୟ କରିପାରୁଥିଲା। ସେ ଥିଲା ରୂପସର୍ବସ୍ୱା।

ଆଜି ତା' ମନରେ ଗ୍ଲାନି ଭରି ଯାଇଛି। ତା' ମନ ମ୍ଲାନ ହେଇ ପଡ଼ିଛି। ସେ ଅଭିନୟ କରିବ ଭିନ୍ନ ଧରଣର। ତା'ର ମନ 'ନା, ନା' କରୁଛି। ଦଳର ମାଲିକଙ୍କ 'ହଁ, ହଁ'ର ବାଧ୍ୟତା। ତା'ର ପାଉଣା ପାଇ ସେ ମୁକ୍ତହସ୍ତ। ତାଙ୍କର ଏକା ଜିଦ୍, ସେ ହିଁ ହେବେ ତାଙ୍କ ନୂତନ ନାଟକର ନାୟିକା। ତାକୁ ଅଡୁଆ ଅଡୁଆ ଲାଗୁଥିଲା, ମନ ଚିଡଚିଡ ହେଉଥିଲା।



ତାକୁ ବେଶ ଘରକୁ ନିଆଗଲା। ତାକୁ ସଜ କରାଯାଉଥିଲା। ଏମିତି ରୂପ ନେବା, ତା' ଅଭିନୟର ପ୍ରଥମ ଥର। ଯେଉଁ ପେଲବ ଗାଲରେ ଦର୍ଶକଙ୍କ ଭାବନାର ଅଜସ୍ର ଚୁମ୍ବନ କୁଢ଼େଇ ପଡୁଥିଲା। ସେଠି ଖଞ୍ଜି ଦେଇଗଲା ମୋଟା ମୋଟା ଭାତୁଡି, ଆଉ କିଛି କଟା ଦାଗ। ଯେଉଁ ନଧର ଅଧର ଲୋକଙ୍କୁ ଅଧୀର କରୁଥିଲା, ସେଠି ପୋଛ ଦେଇ କଦାକାର କରାଗଲା। ଆଖି ତଳର ଲଳିତ ନାଲିମାରେ କଳା ଚିହ୍ନ ଛାପି ଦିଆଗଲା। କାନ ମୂଳ, ଆଗ ବାଳରେ ଧଳାର ଗାର ଦେଇ, ତାକୁ ଦରବୁଢ଼ୀ କରାଗଲା। ସେ ଉଠିପଡି ସେଠି ଥିବା ବଡ଼ ଆର୍ଶି ଆଗରେ ଠିଆ ଥିଲା। କି ବିଶ୍ରି ରୂପ। ସେ ଆଖି ବୁଜି ଦେଲା।

ଯେଉଁ ଲାଜୁଆ ଆଖିରେ କଜଳର ଲମ୍ବା ଲାଞ୍ଜି ଟାଣି, ଲୋକଙ୍କୁ ପାଗଳ କରିଛି, ସେଠି ଆଗକୁ କୋହ କାନ୍ଦଣାର ପାଣି ପୂରାଇବ।

ରଙ୍ଗମଞ୍ଚରେ ସଂଭାବନା ନାୟିକା। ଲୋକଙ୍କ ନାହିଁ ନ ଥିବା ଭିଡ଼। ଟିକେଟ ଲାଗି ଠେଲାପେଲା।

ସଂଭାବନାକୁ ହତଭାଗିନୀ, ଦୁଃଖିନୀ ଜନନୀ ହେବାକୁ ହେବ। ଏମିତି ହେବାକୁ ସେ କେବେ କଳ୍ପନା କରି ନ ଥିଲା। ତା' ଜୀବନରେ ଏମିତିକା ବାସ୍ତବତାର ସତ୍ତା ନାହିଁ। ଉର୍ବଶୀର ଶ୍ରୀ ନେଇ ତପୋନିଷ୍ଠ ଦୃଢ଼ଦାମ୍ଭିକ ମହାମୁନିଙ୍କୁ ଗୋଟାଏ ଅପାଙ୍ଗଛଟାରେ ଟଳାଇ ଦେବାର ରୂପ ବିଭବ ତାଠେଇଁ। କେତେ ସମୁନ୍ନତଙ୍କୁ ସେ ନତ କରିଛି। ଆଜି ହେଇଛି, କାଳୀ, କୁରୂପୀ, କାନ୍ଦୁରୀ ଗାଁ ମାଇକିନା।

ହୁଇସିଲ୍ ବାଜିଲା, ସିନ୍ ଉଠିଲା।

ସଂଭାବନା ସପନୀ ବନି ଠିଆ ହେଇଛି। ଗୋଟାଏ ସାତହାତୀ ତନ୍ତୁବୁଣା ମୋଟା ଶାଢ଼ି ତା' ଦେହରେ ଭିଡ଼ା। ନୁଖୁରା, ଜଟାଳିଆ ବାଳର ପଛଆଡ଼େ ଗୋଟେ ଗଣ୍ଠି ପଡ଼ିଛି। ସେଥିରେ କନାଧଡ଼ି ଭିଡ଼ା ହେଇଛି। ମୁଣ୍ଡରେ ପାଛିଏ ଉକୁଣି ରଟ ରଟ କାମୁଡୁଛନ୍ତି। ମଝିରେ ମଝିରେ ମୁଣ୍ଡକୁ ରାମ୍ପି ଚାଲିଛି। ଆଗରେ ଛିଣ୍ଡା ହେଁସ ଉପରେ ଛୁଆଟେ ବସିଛି। କଳା କିଟିକିଟି ଚେହେରା। ଦେହସାରା ଚକଡା ଚକଡା କୁଣ୍ଡିଆ ମାଡିଛି। ଟିପ ପକାଇବାକୁ ଟିକିଏ ବି ଭଲ ଥାନ ନାହିଁ। ଛିଡ଼ା ଶାଢ଼ିରେ ଲେଙ୍ଗିଟିଟେ ମାରିଛି। ଲେଙ୍ଗିଟି ଉପରକୁ ପେଳେହିପେଟ ଓହଳି ଆସିଛି। ସଂଭାବନାର କୋଇ ଉଠିଲା, ସେ ସମାଳି ନେଲା।

ପରଦା ପଡୁଥାଏ, ଉଠୁଥାଏ।

ସଂଭାବନା ଗାଲରେ ହାତ ଦେଇ ବସିଛି। ଭାବନା ତା'

ମନରେ ଚଢ଼ି ଚଢ଼ି ଚାଲିଛି ।

(ତା' ଭାବନାକୁ ଡାକବାଜି ଯନ୍ତ୍ରରେ ନାରୀକଣ୍ଠରେ ବୟାନ କରୁଛି ଜଣେ, ପରଦା ପଛରେ:

*"କୋଡ ଛୁଆଟାକୁ ଛାଡ଼ି, ସୁଆମି ସରଗରେ ରହିଲା । ନଈ, ପୋଖରୀକୁ ଡେଇଁ ଜୀବନ ହାରିଥାନ୍ତା । ବାପଛେଉଣ୍ଡ ମୁହଁକୁ ଚାହିଁ, ପଡିରହିଛି ।")*

ସପନୀ ସୁଉଁ ସୁଉଁ ହେଇ କାନ୍ଦି ଉଠିଲା, ଛୁଆଟା ହେମ୍ବାରଡ଼ି ଛାଡିଲା ।

ପୁଣି ଆଉ ଗୋଟେ ଦୃଶ୍ୟ ।

ଛୁଆଟାକୁ ସାତପରବତ ଜର । ଦେହରେ ଖଇ ଫୁଟୁଛି । ମାଆ ମାଆ ବୋଲି ଛୁଆଟା ବାଉଳୁଚି ହେଉଛି । ତା' ଉପରେ ପଡ଼ିଥିବା ଛିଣ୍ଡା କନ୍ଥାଟାକୁ କାଢ଼ି ଫୋପାଡ଼ି ଦେଉଛି । ସପନୀ କନ୍ଥାଟାକୁ ଘୋଡାଇ ମାଡ଼ିଧରୁଛି । ଲୁହ ଗଡାଇ ଗଡାଇ ମହାପୁରୁଙ୍କୁ ହାତଯୋଡୁଛି । ଆଖିର ଲୁହ ଗଡ଼ି ଗଡ଼ି ଗାଲ ଟପି ଗଲାଣି ।

**ସପନୀ ଲୁହ ଗଡାଇ ଗଡାଇ ମହାପୁରୁଙ୍କୁ ହାତଯୋଡୁଛି । ଆଖିର ଲୁହ ଗଡ଼ି ଗଡ଼ି ଗାଲ ଟପି ଗଲାଣି ।**

ଦେଖଣାହାରୀ ରୁମାଲରେ ଆଖି ପୋଛୁଛନ୍ତି । ଦଳର ମାଲିକ ଗୋଟେ ଇଜିଚେଆରରେ ହଲିହଲି ଲୁହ ଗଡାଉଛନ୍ତି । ପ୍ରମ୍ପଟର୍‌ର ପାଟିବନ୍ଦ । ଅର୍କେଷ୍ଟାରେ କେନ୍ଦରାଟା କାନ୍ଦି କାନ୍ଦି ଚାଲିଛି ।

ପୁଣି ।

ଛୁଆଟା ଏବେ ଜରରୁ ଉଠିଲେ ବି, ନଡ଼ିଆ ପତରରେ ତିଆରି ପେଁକାଳିଟା ଫୁଙ୍କି ଫୁଙ୍କି ଆସିଲା, ମୁହଁରେ ଚପାଚପା ହସ । ସପନୀ ଦେଖୁଛି, ଗୋପର ବାଳୁତ କହ୍ନେଇ ବଇଁଶି ଫୁଙ୍କି ଫୁଙ୍କି ଠିଆ ହେଇଛି । ସପନୀ ହସି ପକାଇଲା । ପେଁକାଳିଟା ଫିଟିଗଲା, ଛୁଆଟା ମୁହଁ କୁସୁଣ୍ଡାଇ ଲଥକିନା ବସିପଡ଼ିଲା, ସପନୀ ପେଁକାଳିଟା ସଜାଡିବାକୁ ଲାଗିଲା, ହେଉନି, ସଂଭାବନାକୁ ବା କେଉଁ ପେଁକାଳି ତିଆରି କରି ଆସେ ! ସେ ଛୁଆଟାକୁ ବୋଧଦେଲା । ଯାହାଠୁଁ ପେକାଳି ତିଆରି କରି ଆଣିଥିଲା, ମୁଁ ତାଠୁଁ ଏବେ ତିଆରି କରି ଆଣିବି । ଛୁଆଟାର ମନ ମାନୁନାହିଁ । ସପନୀ ତାକୁ କୁତୁରାଇଲା । ଛୁଆଟା ହସି ହସି ଗଡ଼ିଗଲା । ସପନୀ ଛୁଆଟା କୋଡକୁ ଆଣି ତା ମୁହଁ, ମୁଣ୍ଡକୁ ଚୋଚମି ଚୋଚମି ଚାଲିଲା । ଛୁଆଟି ଉଠିପଡି ସପନୀର ଗାଲରେ ମୁହଁମାଡିଦେଇ, ଅଳ୍ପ କାମୁଡି ଦେଲା । ସପନୀ ତା ଗାଲକୁ ଅଣ୍ଡାଳିଲା । ତା ନିଜ ଓଠକୁ ଜିଭରେ ଚାଟିଲା, କି ମିଠା ମିଠା ଅନୁଭବ !

ସଂଭାବନାର ସମ୍ଭ୍ରାନ୍ତ ମନ ଘୁଞ୍ଚିଘୁଞ୍ଚି ଯାଉଥିଲା । ସପନୀ ମନରେ ତା' ମନ ମିଶି ଯାଇଥିଲା ।

ନାଟକ ସରିଲା । ଦଳର ମାଲିକ ବାହାବାହା କୁଢ଼ାଇ ପକାଇଲେ । ମୁହଁର ପେଣ୍ଟିଂ ପୋଛି ପାଛି, ଶୀଘ୍ର ସଫାସୁତୁରା ହେବାକୁ କହିଲେ ।

ସଂଭାବନା କିନ୍ତୁ ସେଇ ବେଶ ଛାଡ଼ିଲାନି । ସେମିତି ସପନୀ ରୂପରେ ଘରଆଡ଼େ ମୁହାଁଇଲା । ତା' ପଛେ ପଛେ ସେ ଛୁଆଟା ବି ତା' କାନି ଧରି ଧରି ଚାଲିଥିଲା ।

□□

ଲେଖକଙ୍କ ଇ-ମେଲ ଠିକଣା:
utpalpati@gmail.com

**ସାହିତ୍ୟ ଚର୍ଚ୍ଚା ବର୍ତ୍ତମାନ ମୋବାଇଲ ଆପ୍ ରେ**




Search **Sahitya Charcha**
on Play Store

ଆପଣଙ୍କ ମୋବାଇଲ ଫୋନ୍‌ର 'ପ୍ଲେଷ୍ଟୋର'ରୁ 'ସାହିତ୍ୟ ଚର୍ଚ୍ଚା'ର ଆପ୍ ଡାଉନ୍‌ଲୋଡ୍ କରନ୍ତୁ, ଏଥିରେ ପ୍ରକାଶିତ ରଚନାମାନ ସୁବିଧାରେ ପଢ଼ିବା ପାଇଁ ।


ରମ୍ୟ ରଚନା



# ଏ କାଳର ସମ୍ମାନ

ଡ. ଧର୍ମଛଡା

ସେ ଦିନ ଆମ ଖଟିରେ ଖତୁଆ କହିଲା, ମୁଁ ଆଉ ଶଶୁର ଘରକୁ ଯିବି ନାହିଁ। ଆମେ ସମସ୍ତେ କାହିଁକି ବୋଲି ପ୍ରଶ୍ନ କଲାରୁ ସେ କହିଲା, ମୋତେ ସେଠି ଆଉ ଆଗଭଳି ସମ୍ମାନ ମିଳୁନାହିଁ। ମୁଁ କହିଲି, ଆରେ ଖତୁ, ସଂସ୍କୃତରେ ଅଛି 'ଅତି ପରିଚୟାତ୍ ଆବଜ୍ଞା ଭବତି- ସନ୍ତତ୍ ଗମନାତ୍ ଅନାଦର ଭବତି।' ତା'ଛଡ଼ା ଆମର ଓଡ଼ିଆରେ ଗୋଟେ ଢଗ ଅଛି, 'ବେଙ୍କୁ ନମ୍ବର ସାତ, ଘରଜୋଇଁଆ ନଖାଏ ଭାତ।' ଆହୁରି ବି ଗୋଟେ କଥା ଅଛି 'ଶଶୁର ଘରେ ଜୋଇଁ ଆଉ ଭଉଣୀ ଘରେ ଭାଇ, ଉଭୟେ କୁକୁର ସଦୃଶ।'



ସମ୍ମାନ ଏପରି ଏକ ଶବ୍ଦ ଯାହା ଟଙ୍କା ପଇସା ମାଧମରେ କିଣାଯାଏ ନାହିଁ। ସମ୍ମାନ ପାଇବାକୁ ଯଦି ଇଚ୍ଛା, ତେବେ ତମେ ଅନ୍ୟକୁ ସମ୍ମାନ ଦିଅ, ତୁମକୁ ଅନ୍ୟମାନେ ସମ୍ମାନ ଦେବେ। ଆମ ସଂସ୍କୃତିରେ ଘରେ ବାପା ମାଆ ତଥା ଗୁରୁ ଗୁରୁଜନମାନଙ୍କୁ ସମ୍ମାନ ଦେବା ପାଇଁ ପିଲାମାନଙ୍କୁ ଶିକ୍ଷା ଦିଆଯାଇଥାଏ। ଯେତେବେଳେ ପିଲାଟିଏ ନୂଆ ନୂଆ ବିଦ୍ୟାଳୟରେ ପ୍ରବେଶ କରେ ସେତେବେଳେ ଶିକ୍ଷକ ଶିକ୍ଷୟିତ୍ରୀମାନେ ବର୍ଣ୍ଣବୋଧରେ ଲେଖାଯାଇଥିବା ପଦ ପଢ଼ାଇ ଗୁରୁ ଗୁରୁଜନମାନଙ୍କୁ ସମ୍ମାନ ଦେବାପାଇଁ ଶିକ୍ଷା ଦେଇଥାନ୍ତି। ବର୍ଣ୍ଣବୋଧରେ ଲେଖାଅଛି : 'ଗୁରୁ ବ୍ରାହ୍ମଣ ପିତା ମାତା - ସଭିଏଁ ଆମର ଦେବତା' ଏବଂ 'ସ୍ମରଣ କଲେ ମହେଶ୍ୱର - ଆତ୍ମା ହୋଇବ ଭବୁ ପାର।' ଗୁରୁ ବ୍ରାହ୍ମଣ ପିତା ମାତା ଏବଂ ଈଶ୍ୱରଙ୍କୁ ସମ୍ମାନ ପ୍ରଦାନ କଲେ ଆମର ଆତ୍ମା ଏ ଭବସାଗରରୁ ପାରି ହୋଇଥାଏ ବୋଲି ପିଲାମାନଙ୍କୁ ମୂଳରୁ ଶିକ୍ଷା ପ୍ରଦାନ କରାଯାଇଥାଏ। ଏହି ସଂସ୍କୃତି କେବଳ ଆମ ଦେଶରେ ଦେଖିବାକୁ ମିଳିଥାଏ। ଗୋଟିଏ ସୁସ୍ଥ ସମାଜ ସେତେବେଳେ ହୋଇଥାଏ ଯେତେବେଳେ ଲଘୁଜନମାନେ ଗୁରୁଜନମାନଙ୍କୁ ସମ୍ମାନ ପ୍ରଦାନ କରିବାରେ କୁଣ୍ଠାବୋଧ କରୁ ନ ଥିବେ ଏବଂ ପ୍ରତିବଦଳରେ ଗୁରୁଜନମାନେ ଲଘୁଜନମାନଙ୍କୁ ସ୍ନେହ ଓ ଶ୍ରଦ୍ଧାରେ ଆପ୍ୟାୟିତ କରିଥାନ୍ତି। ଯଦି ଘର, ପରିବାର, ପରିବେଶ ତଥା ପାରିପାର୍ଶ୍ୱିକ ବାତାବରଣ ଭଲ ରୁହେ ତେବେ ତାହା ପିଲାଟିକୁ ଭଲ ମଣିଷ ଭାବରେ ଗଢ଼ି ତୋଳିବାରେ ସହାୟକ ହୋଇଥାଏ, ଅନ୍ୟ ପକ୍ଷରେ ଯଦି ତାହା ବିପରୀତଗାମୀ ହୋଇଥାଏ ତେବେ ତାହା ପିଲାଟିକୁ ଅମଣିଷ ଗଢ଼ି ତୋଳିବାରେ ସହାୟକ ହୋଇଥାଏ।

**ଶିକ୍ଷକଙ୍କୁ ସମ୍ମାନ**

ଖତୁଆ କହିଲା ତୁ ଠିକ୍ କହୁଛୁ, ମୁଁ ମୋର ପାଠପଢ଼ା ସମୟର କଥା କହୁଛି; ଆମ ସମୟରେ ଶିକ୍ଷକ ଶିକ୍ଷୟିତ୍ରୀମାନେ, ଛାତ୍ରଛାତ୍ରୀମାନଙ୍କୁ ପୁତ୍ରଠାରୁ ବଳି ସ୍ନେହ ଶ୍ରଦ୍ଧା କରୁଥିଲେ। ଠିକ ସେହିପରି ଛାତ୍ରଛାତ୍ରୀମାନେ ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କୁ ପିତାମାତାଙ୍କ ଆସନରେ ବସାଇ ସମ୍ମାନ ପ୍ରଦାନ କରୁଥିଲେ। ଛାତ୍ରଛାତ୍ରୀମାନେ ବିଦ୍ୟାଳୟ ପରିସରରେ ତ ସମ୍ମାନ ଦେଉଥିଲେ ତା' ବ୍ୟତୀତ ଅନ୍ୟ ଯେକୌଣସି ସ୍ଥାନରେ ଦେଖିଲେ ଯଥାଯଥ ସମ୍ମାନ ଦେଉଥିଲେ। ରାସ୍ତାରେ ଯଦି ସାର୍ ଆସୁଥିବା ଆମେ ଦେଖୁଥିଲୁ ଖଣ୍ଡେ ଦୂରରୁ ସାଇକେଲରୁ ଓହ୍ଲାଇ ନମସ୍କାର କରିବା ସହିତ ସମ୍ମାନପୂର୍ବକ ତଳକୁ ମୁହଁ ପୋତି ଯାଉଥିଲୁ, ଆଉ ଏବେ ବି ଆମେ ସାର୍ ଆସୁଥିବା ଦେଖିଲେ ମଧ୍ୟ ସମାନ ଢଙ୍ଗରେ ସାଇକେଲ ହେଉ ଅବା ଗାଡ଼ି ଆମେ ଓହ୍ଲାଇ ସାରଙ୍କୁ ନମସ୍କାର କରିବା ସହିତ ସମ୍ମାନ

ପ୍ରଦାନ କରୁଛୁ। ସେହିପରି ସେତେବେଳେ ଶିକ୍ଷକମାନେ ଛାତ୍ରଛାତ୍ରୀମାନଙ୍କୁ ବିଦ୍ୟାଳୟ ବ୍ୟତୀତ ନିଜ ଗୃହକୁ ଡକାଇ ମାଗଣାରେ ପାଠ ପଢ଼ାଇବା ସହ ପେଟର ଭୋକ ବୁଝିପାରି ନିଜ ଘରେ ଖୋଇବା ପେଇବାରେ ପିଲାଙ୍କ ମନ ଜିଣି ଯାଉଥିଲେ। ଯାହାକି ସୁସ୍ଥ ସମାଜର ଲକ୍ଷଣ ଥିଲା।

ସେତେବେଳେ ଶିକ୍ଷକମାନେ ପୁରସ୍କାର ପାଇଁ ଲବି କରୁ ନ ଥିଲେ କି ପୁରସ୍କାର ପାଇବା ପାଇଁ ଲାଳାୟିତ ନ ଥିଲେ। ଯେତେବେଳେ ଛାତ୍ରଛାତ୍ରୀମାନେ କୃତିତ୍ୱ ଅର୍ଜନ କରୁଥିଲେ ସେତେବେଳେ ତାଙ୍କ ଶିକ୍ଷକ ସେଇ ଖୁସିରେ ନିଜକୁ ନିଜେ ପୁରସ୍କୃତ କରୁଥିଲେ। କହିଲୁ ଦେଖି ସେ ସମ୍ମାନ ପାଖରେ ଏବେ କିଣା କିଣାଯାଉଥିବା ପୁରସ୍କାର ଓ ସମ୍ବର୍ଦ୍ଧନା ତୁଚ୍ଛ ନୁହେଁ କି ? ସେବେର ଶିକ୍ଷା ପ୍ରଦାନକାରୀ ମନ୍ଦିର ଏବେ ଶିକ୍ଷା ବେପାରୀମାନଙ୍କ ହାତରେ ପରିଚାଳିତ। ଶିକ୍ଷକ ଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ସମ୍ପର୍କ, ଏବେ କ୍ରେତା ବିକ୍ରେତାର ସମ୍ପର୍କରେ ପରିଣତ ହୋଇଛି। ବିଦ୍ୟାଳୟର କିଛି ବେପାରୀ ଶିକ୍ଷକ ଶିକ୍ଷୟିତ୍ରୀମାନେ ବିଦ୍ୟାଳୟରେ ପାଠ ନ ପଢ଼ାଇ ନିଜ ଘର କିମ୍ବା କୋଚିଂ ସେଣ୍ଟରକୁ ମୋଟାଅଙ୍କ ଟଙ୍କା ବଦଳରେ ଟ୍ୟୁସନ ହେବାପାଇଁ ଚାପ ସହିତ ବାଧ କରୁଛନ୍ତି। ଯେଉଁ ପିଲା ପଇସା ଅଭାବରେ ପଡ଼ି ଶିକ୍ଷକଙ୍କ କଥା ନ ମାନି ଟ୍ୟୁସନ ଯାଉନାହିଁ ତାକୁ ଆକ୍ରୋଶମୂଳକ ଭାବରେ ଉକ୍ତ ଶିକ୍ଷକ ପରୀକ୍ଷାରେ ଫେଲ୍ କରିଦେଉଛନ୍ତି ବୋଲି ସମୟ ସମୟରେ ଅନେକ ଅଭିଯୋଗମାନ ଶୁଣିବାକୁ ମିଳୁଛି। ଫଳସ୍ୱରୂପ ଛାତ୍ରଛାତ୍ରୀମାନଙ୍କ ମନରେ ଶିକ୍ଷକଙ୍କ ପ୍ରତି ସମ୍ମାନ ବଦଳରେ ଘୃଣା ସୃଷ୍ଟି ହେଉଛି।

ମଝିରେ ମଝିରେ ଗଣମାଧ୍ୟମରେ ଦେଖିବାକୁ ମିଳୁଛି କେଉଁଠି ଶିକ୍ଷକ ପ୍ରଶ୍ନପତ୍ର ବିକ୍ରି କରି ଧରାପଡ଼ି ଜେଲ୍ ଯାଉଛନ୍ତି ତ ପୁଣି କେଉଁଠି ପିତା ଆସନରେ ଥିବା ଶିକ୍ଷକ ଛାତ୍ରୀଙ୍କୁ ଯୌନ ନିର୍ଯାତନା ଦେଇ ଧରା ପଡ଼ି ଜେଲ୍ ଯାଉଛନ୍ତି। କହିଲେ ଏଠି ସମ୍ମାନ ଆସିବ କୋଉଠୁ ? ତା'ମାନେ ନୁହେଁ ଯେ ସବୁ ଗୁରୁ ବେପାରୀ କି ଶିକାରୀ। ଏବେ ଅନେକ ଶିକ୍ଷକ ଶିକ୍ଷୟିତ୍ରୀମାନେ ବି ଦେବତା ଆସନରେ ଅଛନ୍ତି। ଅନେକ ସମୟରେ କିଛି ଶିକ୍ଷକ ଶିକ୍ଷୟିତ୍ରୀଙ୍କର ବଦଳି ହୋଇଗଲେ ଛାତ୍ରଛାତ୍ରୀମାନେ କୁଣ୍ଢେଇ କାନ୍ଦିବାର ଦୃଶ୍ୟ ସାମାଜିକ ଗଣମାଧ୍ୟମରେ ଦେଖିବାକୁ ମିଳୁଛି। ସେଠି ସ୍ନେହ ଶ୍ରଦ୍ଧା ଓ ସମ୍ମାନ ଆଜି ବି ଅକ୍ଷୁଣ୍ଣ ହୋଇ ରହିଛି।

**ସମ୍ମାନ ନାଁରେ ଅସମ୍ମାନ**

ଖଟୁଆ ଆହୁରି କହିଲା, ଏବେ ସମ୍ମାନର ନାଁରେ ଅସମ୍ମାନ କରାଯାଉଛି। ଆମ ଦେଶରେ ଜାତିର ପିତା ମହାତ୍ମାଗାନ୍ଧୀଙ୍କୁ କ'ଣ ଠିକ୍ ସମ୍ମାନ ଦିଆଯାଉଛି ? ମୁଁ କହିଲି ହଁ, ଆମ ଦେଶରେ ଅକ୍ଟୋବର ୨ ଦିନ ଗାନ୍ଧୀ ଜୟନ୍ତୀ ପାଳନ କରାଯାଉଛି। ସବୁ ଅଫିସରେ ଗାନ୍ଧୀଙ୍କ ଫଟୋ ଟଙ୍ଗା ହୋଇଛି, ବିଧାନସଭା ଏବଂ ପାର୍ଲିଆମେଣ୍ଟରେ ଗାନ୍ଧିଜୀଙ୍କ ପ୍ରତିମୂର୍ତ୍ତି ରହିବା ସହ ଦେଶରେ ଧର୍ମଘଟ ହେଉ ଅବା ଆନ୍ଦୋଳନ ସବୁଠି ଗାନ୍ଧିଜୀଙ୍କ ଫଟୋ। ଏହା ବ୍ୟତୀତ ଦେଶରେ ହଜାର ହଜାର ଛକ ରହିଛି ଯେଉଁଠି ଗାନ୍ଧିଜୀଙ୍କ ପ୍ରତିମୂର୍ତ୍ତି ରହିବା ସହିତ ଉକ୍ତ ରାସ୍ତାକୁ ଗାନ୍ଧୀ ଛକରେ ପରିଣତ କରାଯାଇଛି। ଭାରତୀୟ ମୁଦ୍ରାରେ ଗାନ୍ଧୀଙ୍କ ଫଟୋ ରହିଛି, ଡାକଟିକେଟରେ ଗାନ୍ଧିଜୀଙ୍କ ଫଟୋ ରହିଛି, ଯା' ପରେ ଯଦି ତୁ କହିବୁ ଗାନ୍ଧିଜୀଙ୍କୁ ସମ୍ମାନ ଦିଆଯାଉନି ବୋଲି ମୁଁ ନାଚାର। ଖଟୁଆ ଠୋ ଠୋ ହୋଇ ହସିଲା, କହିଲା ଯାକୁ ତୁ କହୁଛୁ ସମ୍ମାନ, କିନ୍ତୁ ମୁଁ କହିବି ଯା' ଠାରୁ ବଳି ଅସମ୍ମାନ ଆଉ କିଛି ହୋଇ ନ ପାରେ। ମୁଁ ବୋକାଙ୍କ ପରିକା ଚାହିଁବାରୁ ଖଟୁଆ କହିଲା ଶୁଣ, ଯେଉଁ ଗାନ୍ଧିଜୀଙ୍କୁ ଗୁଳିକରି ହତ୍ୟା କଲେ, ନେତାମାନେ ସେଇ ଗାନ୍ଧିଜୀଙ୍କୁ ନିର୍ବାଚନ ଜିତିବାର ମାଧ୍ୟମ ବୋଲି ବ୍ୟବହାର କରୁଛନ୍ତି। ଗାନ୍ଧିଜୀଙ୍କ ନାଁରେ ବିଭିନ୍ନ ଯୋଜନା କରି ହରିଲୁଟ କରୁଛନ୍ତି।

ଖଟୁଆ ପୁଣି କହିଲା, ଯେଉଁ ଅଫିସରେ ଗାନ୍ଧିଜୀଙ୍କ ଫଟୋ ଟାଙ୍ଗି ଆଦର୍ଶ ବୋଲି ଦାବି କରୁଛନ୍ତି ସେଇ ଅଫିସରେ ଟେବୁଲ ତଳେ ଲାଞ୍ଚ କାରବାର ଚାଲୁଛି, ଅଫିସ କାନ୍ଥରେ ଥିବା ଗାନ୍ଧିଜୀଙ୍କ ଫଟୋ କେବଳ ନୀରବଦ୍ରଷ୍ଟା ସାଜି ତାଙ୍କ ସ୍ୱପ୍ନର ରାମରାଜ୍ୟ କିପରି ଲାଞ୍ଚ ରାଜ୍ୟରେ ପରିଣତ ହୋଇଛି ଜୁଳୁଜୁଳୁ ହୋଇ ଦେଖୁଛନ୍ତି। ମୁଁ ପୂରା ନୀରବ ଥିବା ଦେଖି ପୁଣି କହିଲା, ଯେଉଁ ଗାନ୍ଧିଜୀ ଅହିଂସାକୁ ଜୀବନର ବ୍ରତ କରିଥିଲେ ସେଇ

**ଯେଉଁ ଅଫିସରେ ଗାନ୍ଧିଜୀଙ୍କ ଫଟୋ ଟାଙ୍ଗି ଆଦର୍ଶ ବୋଲି ଦାବି କରୁଛନ୍ତି ସେଇ ଅଫିସରେ ଟେବୁଲ ତଳେ ଲାଞ୍ଚ କାରବାର ଚାଲୁଛି।**

ଗାନ୍ଧିଜୀଙ୍କ ଫଟୋକୁ ଧର୍ମଘଟ ବା ଆନ୍ଦୋଳନ ସମୟରେ ବ୍ୟବହାର କରି ହିଂସାକାଣ୍ଡ ଭିଆଇ ଜାତୀୟ ସମ୍ପତ୍ତି ନଷ୍ଟ କରିବା କ'ଣ ଗାନ୍ଧିଜୀଙ୍କ ପ୍ରତି ସମ୍ମାନ ? ଖାଲି ସେତିକି ନୁହେଁ, ଅନେକ ସମୟରେ ଆନ୍ଦୋଳନକାରୀଙ୍କ ରାସ୍ତା ଅବରୋଧ ଯୋଗୁ ଆମ୍ବୁଲାନ୍ସ ଅଟକି ଯାଉଛି ଏବଂ ଡାକ୍ତରଖାନାରେ ପହଞ୍ଚି ନ ପାରି ବାଟରେ ରୋଗୀର ମୃତ୍ୟୁ ଘଟୁଛି। ଧର୍ମଘଟ ବା ଆନ୍ଦୋଳନ ସରିବା ପରେ ଯେଝା ନେତା ଯେଝା ଘରକୁ ଫେରି ଯାଆନ୍ତି, ଆଉ ସେ ସ୍ଥାନରେ ବିକଳ ଅବସ୍ଥାରେ ପଡ଼ି ରହିଥାଏ ଗାନ୍ଧିଜୀଙ୍କ ଫଟୋ, ଆଉ ସେ ଫଟୋ ଭିତରେ ଗାନ୍ଧିଜୀଙ୍କ ଅସହାୟତା ସ୍ପଷ୍ଟ ବାରିହୋଇ ପଡୁଥାଏ। ନିର୍ବାଚିତ ଜନପ୍ରତିନିଧିମାନଙ୍କୁ ଗାନ୍ଧିଜୀ କ'ଣ କହିଛନ୍ତି ଯେ ବିଧାନସଭା ଓ ପାର୍ଲିଆମେଣ୍ଟର କାର୍ଯ୍ୟ ଦିବସ ନଷ୍ଟ କରି ତମେ ମୋ ପ୍ରତିମୂର୍ତ୍ତି ପାଖରେ ବସି ଜନହିତ କାର୍ଯ୍ୟ ସହିତ ରାଜ୍ୟ ଓ ଦେଶର ପ୍ରଗତିର ବାଧକ ସାଜିବା ପାଇଁ? ଏହା ଗାନ୍ଧିଜୀଙ୍କ ପ୍ରତି ଅସମ୍ମାନ ନୁହେଁ କି ?




## ମୁଦ୍ରାରେ ଗାନ୍ଧିଜୀ

ମୋତେ ଖତୁଆ କହିଲା, ତୁ କହୁଛୁ ଭାରତୀୟ ମୁଦ୍ରାରେ ଗାନ୍ଧିଜୀଙ୍କ ଫଟୋ ରଖି ଆମେ ତାଙ୍କୁ ସମ୍ମାନ ଦେଉଛେ, ମୋ ମତରେ ତାହା ସମ୍ମାନ ନୁହେଁ ଅସମ୍ମାନ। ଖତୁଆ କହିଲା ଶୁଣ, ଯେଉଁ ଭାରତୀୟ ମୁଦ୍ରାରେ ଗାନ୍ଧିଜୀଙ୍କ ଫଟୋ ରହିଛି ସେଇ ମୁଦ୍ରାକୁ ଲାଞ୍ଚ କାରବାରରେ ଲଗାଯାଉଛି ଆଉ ନିର୍ବାଚନ ବୈତରଣୀ ପାରିହେବା ନିମନ୍ତେ ନିର୍ବାଚନ ପୂର୍ବ ଦିନ ସେଇ ମୁଦ୍ରା ଦେଇ ଭୋଟ କିଣାଯାଉଛି। ଯେଉଁ ଲୋକ ସତ୍ୟ, ନ୍ୟାୟ ଓ ଅହିଂସାର ତରବାରି ବଳରେ ସ୍ୱାଧୀନତା ଆଣିଥିଲେ, ଆଜି ତାଙ୍କରି ମୁଣ୍ଡ ଛାପ ଥିବା ମୁଦ୍ରା ବିନିମୟ ମାଧ୍ୟମରେ ଚାଲିଛି ଅସତ୍ୟ, ଅନ୍ୟାୟ ଏବଂ ହିଂସା। ଖାଲି ଏତିକି ନୁହେଁ ଯିଏ ଜୀବନରେ ପିମ୍ପୁଡ଼ିଟିଏ ମାରିନାହାନ୍ତି, ତାଙ୍କ ମୁଣ୍ଡ ଛାପ ଥିବା ମୁଦ୍ରା ସାଜିଛି ମଣିଷ ମାରିବା ପାଇଁ ସୁପାରି। ଏହା ବ୍ୟତୀତ ଯେଉଁ ମହାତ୍ମା ନିଶା ନିବାରଣ ପାଇଁ ଅନେକ ସଂଗ୍ରାମ କରିଛନ୍ତି ତାଙ୍କରି ଫଟୋ ଥିବା ମୁଦ୍ରା ବିନିମୟରେ ନିଶାଦ୍ରବ୍ୟ କିଣାବିକା ହେଉଛି। ମୁଁ ଭାବୁଛି ଏହା ଦେଖି ଗାନ୍ଧିଜୀ ସ୍ୱର୍ଗରେ କହୁଥିବେ ମୁଁ ଅହିଂସା ଆନ୍ଦୋଳନ ମାଧ୍ୟମରେ ଭାରତରୁ ଫିରିଙ୍ଗି ବେପାରୀଙ୍କୁ ତଡ଼ିଲି, ଆଉ ଏମାନେ ମୋ ମୁଣ୍ଡକୁ ବେପାରରେ ଲଗେଇ ଦେଲେ। ଆଉ ଗୋଟେ କଥା ମୋ ମନକୁ ଆସୁଛି ଗାନ୍ଧିଜୀଙ୍କ ମୁଣ୍ଡର ମୂଲ୍ୟ କ'ଣ ୧୦୦, ୨୦୦, ୫୦୦ କିମ୍ବା ୨୦୦୦ ଟଙ୍କା ? ଏହା କ'ଣ ଜାତି ପକ୍ଷରୁ ତାଙ୍କୁ ସମ୍ମାନ ନା ଅସମ୍ମାନ ?

ତା'ପରେ ଡାକଟିକେଟ କଥା, ସେଥିରେ ଗାନ୍ଧିଜୀଙ୍କୁ ଆହୁରି ଅସମ୍ମାନିତ କରାଯାଉଛି। ମୋତେ ଖତୁଆ କହିଲା, ତୁ ଦେଖିଥିବୁ, ଖୁବ କମ୍ ଲୋକେ ଡାକଟିକେଟ ପଛରେ ଥିବା ଅଠାରେ ପାଣି ଲଗାଇ ଲଫାପାରେ ଲଗାନ୍ତି, କିନ୍ତୁ ଅଧିକାଂଶ ଲୋକେ ଗାନ୍ଧୀ ଫଟୋ ଥିବା ଟିକେଟ ପଛରେ ଛେପର ପ୍ରୟୋଗ କରି ଲଫାପାରେ ଲଗାନ୍ତି। ଏତିକିରେ ନିର୍ଯାତନା ଶେଷ ହେଉନି, ଡାକ ବିଭାଗ ଟିକେଟରେ ଥିବା ଗାନ୍ଧିଜୀଙ୍କ ମୁହଁରେ ଢୋ ଢୋ କରି ପିଟି କଳା ବୋଳୁଛନ୍ତି ଅର୍ଥାତ ଷ୍ଟାମ୍ପ ମାରୁଛନ୍ତି। ଆମ ଜାତୀୟ ପିତା ଗାନ୍ଧିଜୀଙ୍କ ଫଟୋ ଥିବା ଡାକଟିକେଟ ପଛରେ ଛେପ ଓ ମୁହଁରେ କଳା ବୋଳିବାକୁ ତମେ ଯଦି ସମ୍ମାନ କହିବ କୁହ ! ଆମେ ଜାଣିଛୁ ଯଦି କିଏ ଖରାପ କାମ କରୁଥିଲା ତା' ମୁହଁରେ ଲୋକେ କଳାବୋଳି ଗାଁ ଦାଣ୍ଡରେ ବୁଲାଉଥିଲେ ; ସ୍ୱର୍ଗରେ ରହି ଗାନ୍ଧିଜୀ ଭାବୁଥିବେ, ମୁଁ କେଉଁ ପାପ କରିଥିଲି ଯେ ଡାକଟିକେଟରେ ଥିବା ମୋ ମୁହଁରେ ସରକାରଙ୍କ ଡାକ ବିଭାଗ କଳାବୋଳି ଡାକ ପିଅନ ହାତରେ ଧରାଇ ଗାଁ ଗାଁ ବୁଲାଉଛନ୍ତି ? ଅପରପକ୍ଷରେ ଗାନ୍ଧିଜୀଙ୍କୁ ଜାତିର ପିତା ବୋଲି ଦାବି କରୁଥିବା ପୁଅମାନେ ପିତାଙ୍କ ମୁହଁରେ କଳାବୋଳା ଦେଖି କିପରି ସହ୍ୟ କରୁଛନ୍ତି ?

## ପ୍ରତିମୂର୍ତ୍ତିକୁ ନିର୍ଯ୍ୟାତନା

ପୁଣି ଖତୁଆ ମୋତେ ପ୍ରଶ୍ନ କଲା, କହିଲୁ ଦେଶରେ ଥିବା ଛକମାନଙ୍କରେ ଗାନ୍ଧିଜୀଙ୍କ ମୂର୍ତ୍ତି ସ୍ଥାପନ କରି ତାଙ୍କୁ ଆମେ ସମ୍ମାନିତ କରୁଛୁ ନା ଅସମ୍ମାନିତ କରୁଛେ ? ମୁଁ କହିଲି ତାଙ୍କୁ ଆମେ ସମ୍ମାନ ପ୍ରଦାନ କରୁଛୁ। ଖତୁଆ କହିଲା ସମ୍ମାନ ନା ଅସମ୍ମାନ। ଶୁଣ, ଦେଶର ହଜାର ହଜାର ଛକରେ ଗାନ୍ଧିଜୀଙ୍କ ପ୍ରତିମୂର୍ତ୍ତି ଯେଉଁ ନିର୍ଯାତନାର ଶିକାର ହେଉଛନ୍ତି ସେ କଥା କହୁଥିଲେ ସରିବ ନାହିଁ। ସହରର ଛକରେ ଧୂଳିଧୂଆଁ ଖାଇ ଖାଇ ଅଣନିଃଶ୍ୱାସ ହେଉଛନ୍ତି ଜାତିର ଜନକ, କେଉଁଠି

ପକ୍ଷୀମାନଙ୍କର ମଳରେ ଭର୍ତ୍ତି ତ କେଉଁଠି ଧୂଳିରେ ଭର୍ତ୍ତି। ଏଭଳି ଅବସ୍ଥାରେ ରହି ଗାନ୍ଧିଜୀଙ୍କ ମୂର୍ତ୍ତି ମନେ ମନେ ଭାବୁଛନ୍ତି ମୁଁ କ'ଣ ଦେଶକୁ ସ୍ୱାଧୀନତା ଆଣିବା ପାଇଁ ସଂଗ୍ରାମ କରି ପାପ କରିଥିଲି ଯେ ମୋତେ ଏ ଅବସ୍ଥା ଭୋଗିବାକୁ ପଡୁଛି ? କେଉଁଠି ଅସାମାଜିକ ଯୁବକଙ୍କ ଆକ୍ରମଣର ଶିକାର ହୋଇ ଗାନ୍ଧିଜୀଙ୍କ ମୂର୍ତ୍ତିର ନାକଦଣ୍ଡା ଖସିଗଲାଣି ତ କେଉଁ ମୂର୍ତ୍ତିର ବେକରୁ ମୁଣ୍ଡ ଅଲଗା ହୋଇଯାଇଛି। ଏହା କ'ଣ ତାଙ୍କ ପ୍ରତି ଆମର ସମ୍ମାନ ? ହଁ ଆଉ ଗୋଟେ ଅଜବ କଥା ମୁଁ ଦେଖିଛି, ଗାନ୍ଧିଜୀଙ୍କ ନାମରେ ନାମିତ ଗାନ୍ଧୀ ଛକମାନଙ୍କରେ ମଦଦୋକାନ ଥିବାର ଦେଖିବାକୁ ମିଳୁଛି। ଖାଲି ସେତିକି ନୁହେଁ ଗାନ୍ଧିଜୀଙ୍କ ମୂର୍ତ୍ତି ତଳେ ଦିନରେ ତାସ୍ ଖେଳର ଆସର ଏବଂ ଅନ୍ଧାର ରାତିରେ ନିଶାଡ଼ିମାନଙ୍କ ଆସର ଦେଖିବାକୁ ମିଳେ। ମୋତେ ଚାହିଁ ଖଡୁଆ କହିଲା, ଏହା କ'ଣ ଗାନ୍ଧିଜୀଙ୍କ ପ୍ରତି ସମ୍ମାନ ନା ଅସମ୍ମାନ? ଖଡୁଆ କଥାକୁ ମୁଁ ମୁଣ୍ଡ ନୁଆଁଇ ନୀରବ ସମର୍ଥନ କଲି।

ମୁଁ କହିଲି ସବୁ କଥାକୁ ବ୍ୟଙ୍ଗ ବିଦ୍ରୂପ ନ କରି ଦେଖ ବର୍ତ୍ତମାନ ବି ସମ୍ମାନ ଦେବା-ନେବା ଚାଲିଛି। ଖାଲି ଗାନ୍ଧିଜୀଙ୍କ ଉଦାହରଣ ଦେଲେ ଚଳିବକି ? ଦେଖୁନା ଅନ୍ୟ ମହାପୁରୁଷଙ୍କୁ କିଭଳି ସମ୍ମାନ ଦିଆଯାଉଛି ? ଖଡୁଆ କହିଲା ହଁ ମୁଁ ଦେଖିଛି ଏବଂ ଦେଖୁଛି ମଧ୍ୟ। ସାମାଜିକ ଗଣମାଧ୍ୟମରେ ପ୍ରସାରିତ ହୋଇଥିବା ସତ୍ୟବାଦୀ ବନବିଦ୍ୟାଳୟରେ ମହାପୁରୁଷଙ୍କୁ ଦିଆଯାଉଥିବା ସମ୍ମାନକୁ ତୁ କ'ଣ ଭୁଲିଗଲୁଣି ? ପରାଧୀନ ଭାରତବର୍ଷରେ ସ୍ୱାଧୀନତା ଆନ୍ଦୋଳନ ସହିତ ଭାଷା ଓ ଶିକ୍ଷା ଆନ୍ଦୋଳନର ତୀର୍ଥସ୍ଥାନ ସାଜିଥିବା ସତ୍ୟବାଦୀ ବନବିଦ୍ୟାଳୟ ପରିସର ଅସାମାଜିକ ଏବଂ ନିଶାଡ଼ି ଯୁବକଙ୍କ ଆଡ୍ଡାସ୍ଥଳ ପାଲଟିଯିବାର ଦୃଶ୍ୟ ଦୃଷ୍ଟିଗୋଚରକୁ ଆସିଥିଲା। ମୁଁ କହିଲି ସତରେ ଖଡୁଆ ଆଜିକାଲି ମହାପୁରୁଷମାନଙ୍କର ପ୍ରତିମୂର୍ତ୍ତି ବସେଇ ଦେଲାପରେ କର୍ତ୍ତୃପକ୍ଷ ହାତ ଝାଡ଼ିଝୁଡ଼ି ହୋଇ ବସି ଯାଉଛନ୍ତି। ମହାପୁରୁଷଙ୍କ ମୂର୍ତ୍ତି ତଳେ ମଦ ଗଞ୍ଜେଇର ଆସର ଚାଲିଲେ ଏ ଯୁଗର ନିଦାବିଷ୍ଣୁଙ୍କର ଯାଏ କେତେ, ନା ଆସେ କେତେ। ଯଦି ଏମାନେ ସମ୍ମାନ ଦେଇ ନ ପାରୁଛନ୍ତି, ଏତେ ପ୍ରତିମୂର୍ତ୍ତି ସ୍ଥାପନା କରିବାର କାରଣ କ'ଣ ? ଖଡୁଆ କହିଲା, କାରଣ ଅଛି ନା। ପ୍ରଥମ କାରଣ ହେଲା ଭୋଟ ଅମଳ, ଦିତୀୟ କାରଣ ହେଲା କଣ୍ଟ୍ରାକ୍ଟର ଥଇଥାନ ଏବଂ ତୃତୀୟ କାରଣ ହେଲା ପୋଷା ଗୁଣ୍ଡା ମନୋରଞ୍ଜନ କେନ୍ଦ୍ର। ମୁଁ କିଛି ନ କହିଲେ ମଧ୍ୟ ଖଡୁଆର ଯୁକ୍ତିରେ ଦମ୍ ଅଛି ବୋଲି ଅନୁଭବ କରୁଥିଲି।

**ମହାପୁରୁଷମାନଙ୍କର ପ୍ରତିମୂର୍ତ୍ତି ବସେଇ ଦେଲାପରେ କର୍ତ୍ତୃପକ୍ଷ ହାତ ଝାଡ଼ିଝୁଡ଼ି ହୋଇ ବସି ଯାଉଛନ୍ତି।**

□□

ଲେଖକଙ୍କ ଇ-ମେଲ ଠିକଣା:
bibhuprasad.nayak27@gmail.com

## ବର୍ତ୍ତମାନ 'ଗୁଗୁଲ୍ ପ୍ଲେ-ବୁକ୍ସ'ରେ ପଢ଼ନ୍ତୁ 'ସାହିତ୍ୟ ଚର୍ଚ୍ଚା' ପତ୍ରିକାର ଇ-ବୁକ୍ ସଂସ୍କରଣ, ଅତି ସୁଲଭ ମୂଲ୍ୟରେ।

***It's Easy !***

1. **Download 'Google Play Books' from Play Store.**
2. **Register by using your Gmail ID and password.**
3. **In the Search box please type 'Sahitya Charcha'. Select the issue you wish to read.**
4. **Pay Rs.11.80 by using Google pay, UPI or any other payment mode.**
5. **Download the 'Sahitya Charcha' Magazine into your device.**

ପ୍ରତି ସଂଖ୍ୟାର ମୂଲ୍ୟ-
ଟ.୧୧.୮୦
(ଏଗାର ଟଙ୍କା ଏବଂ ଅଶୀ ପଇସା ମାତ୍ର)

Google Play Books

**ପ୍ରବନ୍ଧ**



# କବିତାର କଥା

ଡ. ବସନ୍ତ କୁମାର ପଣ୍ଡା

କବିତାର କଥା- ଶୀର୍ଷକ ଏଇ ଆଲୋଚନାଟିରେ କବିତାର ପରିଚୟ, କାବ୍ୟୋତିହାସର କ୍ରମବିବର୍ତ୍ତନ ଭିତରେ ତାତ୍ତ୍ୱିକ ଦୃଷ୍ଟିରେ କବିତାର ସଂଜ୍ଞା ଓ ସ୍ୱରୂପ ନିର୍ଣ୍ଣୟର ଯତ୍‌କିଞ୍ଚିତ୍ ପ୍ରୟାସ ନିହିତ। ତା'ର ରୂପ, ରସ, ଗୁଣ ଓ ଔଜଲ୍ୟ, ସର୍ବୋପରି ତା'ର ଲାବଣ୍ୟର ଉପାଦାନ କ'ଣ? ସେ ବିଷୟରେ ଏକ ପରିଚୟାତ୍ମକ ଆଲୋଚନା- କବିତା କ'ଣ? କାହିଁକି? ଏ ବିଷୟରେ ଆବହମାନ କାଳରୁ ପ୍ରଶ୍ନ ଉଠିଛି ଓ ଉତ୍ତର ଦେବା ପାଇଁ ଉଦ୍ୟମ ହୋଇଛି। ଅଗଷ୍ଟାଇନଙ୍କୁ ଅନୁସରଣ କରି ପ୍ରଥମରୁ କହିରଖିବା ଭଲ- 'ନ ପଚାରିଲେ, ମୁଁ ଜାଣେ, ପଚାରିଲେ ଜାଣେ ନାହିଁ।' ଜଟିଳ କଥା। ଯେତିକି ରହସ୍ୟପୂର୍ଣ୍ଣ ସେତିକି ମାୟାବିଷ୍ଟ।



କବିତାର ନିର୍ଦ୍ଦିଷ୍ଟ ସଂଜ୍ଞାଟିଏ ନିରୂପଣ କରିବାପାଇଁ ସବୁ ଯୁଗରେ କବି, କାବ୍ୟ ତତ୍ତ୍ୱବିତ୍ ଓ କାବ୍ୟାଲୋଚକମାନେ ଶତ ଚେଷ୍ଟା କରି ସଫଳ ହୋଇପାରି ନାହାନ୍ତି। ତେବେ ପ୍ରତ୍ୟେକେ ନିଜ ନିଜର ସଂଜ୍ଞା ଘେନି ଏହାର ରୂପ ନିର୍ଣ୍ଣୟ କରିଛନ୍ତି। ଜନସନ୍‌ଙ୍କ ମତରେ 'ଏହା ଏକ ଛନ୍ଦୋବଦ୍ଧ ରଚନା।' ମିଲଟନ୍‌ଙ୍କ ଦୃଷ୍ଟିରେ 'ସତ୍ୟ ସହିତ ଆନନ୍ଦ ଓ କଳ୍ପନା ସହିତ ଯୁକ୍ତିର ସମନ୍ୱୟ।' 'ନବ ଉନ୍ମେଷଶାଳିନୀ ଏହାର ନିର୍ଯ୍ୟାସ,' କହନ୍ତି ହ୍ୱାଲେର୍। ମିଲ୍‌ଙ୍କ ମତରେ 'ଚିନ୍ତା ଓ ଶବ୍ଦରେ ଆବେଗର ସ୍ୱତଃସ୍ଫୂର୍ତ୍ତ ଅବତରଣ।' ମାକଲେଙ୍କ ଦୃଷ୍ଟିରେ 'କଳ୍ପନାରେ ମାୟା ସୃଷ୍ଟିକାରୀ ଶବ୍ଦର ଯାଦୁଖେଳ।' କାର୍ଲାଇଲଙ୍କ ମତରେ 'ସାଙ୍ଗିତିକ ଭାବାନୁସରଣ।' ଶେଲି କହନ୍ତି ଏହା 'କଳ୍ପନାର ଅଭିଷେକ।' 'କଳ୍ପନା ଓ ଭାବାବେଗର ଭାଷା ହିଁ କବିତା,' କହନ୍ତି ହଜଲିଟ୍। ଲେହଣ୍ଟ ଟିକିଏ ନିରେଖି କରି କହନ୍ତି- 'ସତ୍ୟ, ଶକ୍ତି ଓ ସୌନ୍ଦର୍ଯ୍ୟ ପାଇଁ ପ୍ରବଳ ବାସନା ଏଥିରେ କଳ୍ପନାର ପକ୍ଷବିସ୍ତାର କରି ଭାଷା ଦ୍ୱାରା ମନେକରେ ଏକର ଅନୁସନ୍ଧାନ କରୁଥାଏ। କୋଲେରିଜଙ୍କ ଦୃଷ୍ଟିରେ 'ସତ୍ୟ ନୁହେଁ ଆନନ୍ଦର ତାତ୍କାଳିକ ତନ୍ମାତ୍ର ଭାବେ କବିତା ବିଜ୍ଞାନର ବିପରୀତ ସିଦ୍ଧାନ୍ତ।' ୱାର୍ଡ଼ସୱାର୍ଥ କହନ୍ତି- ଏହା 'ସକଳ ଜ୍ଞାନର ପ୍ରଶ୍ୱାସ ଓ ଆବେଗଭରା ପ୍ରକାଶ।' ମାଥ୍ୟୁ ଆରନୋଲଡ଼ଙ୍କ ମତରେ ଏହା 'ମାନବ ଭାଷାର ସର୍ବୋତ୍ତମ ଓ ସର୍ବାଧିକ ଆନନ୍ଦଦାୟକ ଉଚ୍ଚାରଣ।' ଏଡ଼ଗାର୍ ଏଲେନ୍‌ପୋଙ୍କ ଦୃଷ୍ଟିରେ 'ସତ୍ୟର ଛନ୍ଦୋବଦ୍ଧ ମୂଳ ସୃଷ୍ଟି।' ଡୋୟଲଙ୍କ ମତରେ 'ଉପସ୍ଥିତ ସମୟ ଓ ପ୍ରାପ୍ତବସ୍ତୁ ପ୍ରତି ଆମର ଅତୃପ୍ତିର ନୈରାଶ୍ୟଭରା ଉଚ୍ଚାରଣ। ରୁସ୍କିନ୍‌ଙ୍କ ମତରେ 'ସାଧୁ ଆବେଗ ପାଇଁ ମଙ୍ଗଳମୟ ସ୍ଥାନର କଳ୍ପନା।' ମାଲାର୍ମେଙ୍କ ମତରେ 'ଭାବ ଦେଇ ନୁହେଁ କଥା ଦେଇ ହୁଏ କବିତା।' ଏପରି ତାଲିକା ଦୀର୍ଘ କରିବାକୁ ଲାଗିଲେ ପୋଥିଏ ହେବ। କିନ୍ତୁ ସମଗ୍ର ବିଚରଧାରାକୁ ମୁଖ୍ୟତଃ ଦୁଇ ଭାଗରେ ବିଭକ୍ତ କରାଯାଇପାରେ। ପ୍ରଥମଟି ବାକ୍‌ନିଆନ୍ ଭାବାଦର୍ଶଗତ (ଆଇଡ଼ିଆଲିଷ୍ଟିକ୍) ଓ ଦ୍ୱିତୀୟଟି ଆରିଷ୍ଟଟଲିଆନ୍ ପରସ୍ପର ବିରୋଧାଭାସ ସୂଚିତ (ଆଣ୍ଟିଥେଟିକାଲ୍)। କିନ୍ତୁ ଏ ଉଭୟରେ ବାସ୍ତବ ଜଗତର କଥା ନୁହେଁ ବରଂ ଏକ ସମ୍ଭାବିତ ସ୍ୱପ୍ନକୁ କବି ରସୋତୀର୍ଣ୍ଣ କରନ୍ତି ବୋଲି ମନେକରାଯାଏ। ତେଣୁ କବିତା ଇତିହାସ ବା ବିଜ୍ଞାନଠାରୁ ଅଧିକ ଦର୍ଶନ ନିର୍ଭର, ଇନ୍ଦ୍ରିୟୋତ୍ତର ଓ ମାର୍ମିକ।

## କବିତାର ନିର୍ଯ୍ୟାସ

କବିତାର ସାର ନିର୍ଯ୍ୟାସ ବୁଝିବା ପାଇଁ ଯେଉଁସବୁ ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼େ ଉପରୋକ୍ତ ସଂଜ୍ଞାଗୁଡ଼ିକର ଲୌହ ନିର୍ମିତ ଅସ୍ତ୍ର ପରି ନିର୍ଦ୍ଧାରିତ ଯୁକ୍ତି ସେସବୁ ସମସ୍ୟାର ସମାଧାନରେ ସାହାଯ୍ୟ ନ କରି ତାହାକୁ ଆହୁରି ଗଭୀର ଓ ଜଟିଳ କରିଦିଏ। କିନ୍ତୁ କବିତା କ'ଣ? ଏହି ପ୍ରଶ୍ନର ଉତ୍ତର

ପାଇବାରେ ଏସବୁ ସଂଜ୍ଞା ଏକାକୀ ବା ଏକତ୍ରିତ ହୋଇ କିଛି ସାହାଯ୍ୟ କରିପାରିବ କି? ଏ ପ୍ରଶ୍ନର ଉତ୍ତର କାବ୍ୟ-ପାଠକ ନିଜ ମନରୁ ହିଁ ତିଆରି କରିବ, ତାହା ହେବ ନିଜସ୍ୱ ଓ ଅନନ୍ୟ। ସଂଜ୍ଞାରୁ କିଛି ପାଇବାର ଅପଚେଷ୍ଟା କଲେ ଜଣେ ନିରାଶ ହେବ। ବରଂ ଏଗୁଡ଼ିକ ନିଜର ଦାର୍ଶନିକ ମୂଲ୍ୟ ସତ୍ତ୍ୱେ ଆମକୁ ସବୁ ବାସ୍ତବ ଜଗତର ବହୁ ଦୂରବର୍ତ୍ତୀ ରହସ୍ୟ ଭୂମିରେ ପହଞ୍ଚାଇ ଦିଅନ୍ତି, ଯେଉଁଠାରୁ ବାହାରି ଆସିବା ସହଜ ନୁହେଁ, ଠିକ୍ କବିତା ପଢ଼ିଲାବେଳେ ଯେଉଁ ସ୍ଥାନକୁ ଚାଲିଯାଇଥାଏ ପାଠକର ମାନସିକତା।

କବିତାକୁ ଜାଣିବାକୁ ଗଲାବେଳେ ଆମେ ଆଦୌ ନନ୍ଦନତତ୍ତ୍ୱ ବା ସୌନ୍ଦର୍ଯ୍ୟ ଦର୍ଶନର ଗବେଷଣା ଭିତରକୁ ପଶିବା ନାହିଁ। କବିତାର ଆଦର୍ଶଗତ ଲକ୍ଷ୍ୟ ବିଷୟରେ କିଛି ଭାବିବା ନାହିଁ- କାରଣ ତାହା କବିତା ବିଚାରର ଅପ୍ରଭାବିତ ମୌଳିକତାକୁ ନଷ୍ଟ କରିଦେବ। ତେଣୁ କୌଣସି ସଂଜ୍ଞାୟିତ ନିୟମ ବା ନୀତି ନିର୍ଭର ସଂଜ୍ଞାକୁ ନ ଧରି ଖୁସିରେ ଯେତେବେଳେ ଯେଉଁଟି ପଢ଼ିବା ସାର୍ବଜନୀନ ଓ ସର୍ବକାଳିକ ସ୍ୱୀକୃତି ଲାଭ କରିଥିବା କେତେକ ସହଜ ଓ ସାଧାରଣ ଗୁଣ ବା ପ୍ରବୃତ୍ତିକୁ କବିତାର ସ୍ୱଭାବ ଭାବରେ ଗ୍ରହଣ କରିବା ହିଁ ଶ୍ରେୟସ୍କର। କୁହାଯାଇଛି ସାହିତ୍ୟ ହେଉଛି ଜୀବନର ଭାଷ୍ୟ। ଭାଷ୍ୟକାର ମନରେ ଜୀବନ ଯେଉଁଭଳି ରୂପ ଧାରଣ କରେ ସାହିତ୍ୟରେ ତା'ର ସେହିଭଳି ଭାଷ୍ୟ ରଚନା ସେ କରିଥାଏ। ଏହି ପ୍ରସଙ୍ଗରେ ପ୍ରଶ୍ନ ଉଠିପାରେ ତା' ହେଲେ ଜୀବନର ଭାଷ୍ୟରେ କେଉଁ ପ୍ରମୁଖ ଉପାଦାନ ଅଛି, ଯାହାକୁ କାବ୍ୟିକ କୁହାଯାଇପାରିବ କି? କାବ୍ୟିକ କଥାଟିକୁ ବୁଝିବାକୁ ଚେଷ୍ଟା କଲାବେଳେ ମନକୁ ଆସେ ଆବେଗ ଓ କଳ୍ପନାର କଥା। ଏହିପରି ହିଁ ଆମେ ଚଳନ୍ତି ଅର୍ଥରେ କାବ୍ୟିକ ଶବ୍ଦଟିକୁ ବୁଝିଥାଉ। ତେଣୁ ଜୀବନର କାବ୍ୟିକ ଭାଷ୍ୟ ମାନେ ଆମେ ନିଶ୍ଚୟ ବୁଝିବୁ ତା'ର ଘଟଣା, ଦୁର୍ଘଟଣା, ତା'ର ତିକ୍ତ ମଧୁର ଅନୁଭୂତିର ସହୃଦୟ ବର୍ଣ୍ଣନା, ଯେଉଁଥିରେ ଆବେଗ ଓ କଳ୍ପନା ମୁଖ୍ୟ ଭୂମିକା ଗ୍ରହଣ କରିଥିବ। ଅନୁଭବ ଓ ଅଭିଳାଷକୁ ସଂଯୁକ୍ତ କରି, ଜୀବନର ସକଳ ଦିଗକୁ ସ୍ପର୍ଶ କରି ତାହା ଯେକୌଣସି ଲୌକିକ ରୂପ ଓ ନାମ ଘେନି ପ୍ରକାଶ ପାଇପାରେ। ବେକନ୍ ତେଣୁ କବିତାକୁ ଏଇଭଳି ଭାବେ ଦେଖିଛନ୍ତି- 'ଏହା ମଣିଷର ମନକୁ ସମସ୍ତ ବିଘ୍ନ ସତ୍ତ୍ୱେ ବାସ୍ତବିକତା ଗୁଡିକୁ ଅନୁଭବ କରିବା ଜନିତ ସନ୍ତୁଷ୍ଟିର ଛାୟା ପ୍ରଦାନ କରିଥାଏ।'

**ପ୍ରଶ୍ନ ଉଠିପାରେ ଜୀବନର ଭାଷ୍ୟରେ କେଉଁ ପ୍ରମୁଖ ଉପାଦାନ ଅଛି, ଯାହାକୁ କାବ୍ୟିକ କୁହାଯାଇପାରିବ ?**

## କଳ୍ପନା ଓ ଭାବାବେଗ


କଳ୍ପନା ଓ ଭାବାବେଗକୁ ଜୀବନର କାବ୍ୟିକ ଚିତ୍ରଣରେ ମୁଖ୍ୟ ଆଧାର ଭାବେ ଗ୍ରହଣ କଲାବେଳେ ବୁଝିନେବାକୁ ହୁଏ ଯେ ଏ ଦୁଇଟି ଉପାଦାନ ଯେତେ ମାତ୍ରାରେ ଥାଉନା କାହିଁକି ସ୍ୱତଃ ଏହା କବିତା ରଚନାରେ ସମର୍ଥ ନୁହେଁ। ପ୍ରକୃତରେ କବିତା ଭାବରେ ଯାହା ଗ୍ରହଣୀୟ ତା'ର ମୁଖ୍ୟ ପ୍ରୟୋଜନୀୟ ଗୁଣ ଭାବେ କେବଳ ଏହି ଦୁଇଟି ସ୍ୱୀକୃତ। କିନ୍ତୁ ଯଦି କୌଣସି ଗଦ୍ୟ ରଚନା ବା କାବ୍ୟିକ ଗଦ୍ୟରେ ଏହି ଦୁଇ ଭାବ ପରିପୂର୍ଣ୍ଣ ଥାଏ ତାହା କ'ଣ କବିତା ପଦବାଚ୍ୟ ହେବ, ବା ତାକୁ 'ଗଦ୍ୟ' କହିବାର କିଛି ବାଧା ଅଛି, କାରଣ ସେଥିରେ ଏ ଦୁଇଟିର ସରସ ସମାବେଶ ଘଟିଛି। ବହୁ ଗଦ୍ୟ ରଚନା କାବ୍ୟଗୁଣସମ୍ପନ୍ନ ଓ ବହୁ କବିତା ଗଦ୍ୟଧର୍ମୀ। କିନ୍ତୁ ଗଦ୍ୟ ଓ କବିତା ମଧ୍ୟରେ ସର୍ବଦା ଯେ ଗୋଟିଏ ଭେଦରେଖା ସ୍ପଷ୍ଟଭାବରେ ଥାଏ, ଏଥିରେ କୌଣସି ସନ୍ଦେହ ନାହିଁ। କଳ୍ପନା ଓ ଅନୁଭବର କାବ୍ୟିକ ଗୁଣ କୌଣସି ଏକ ନିର୍ଦ୍ଦିଷ୍ଟ ଆଙ୍ଗିକ ପ୍ରକାଶ ରୂପ ପରିଗ୍ରହ କଲେ କାବ୍ୟକଳାର ଜନ୍ମ ହୁଏ। ଅବଶ୍ୟ, ଏହି ଆଙ୍ଗିକ ନିୟମିତ ଛାନ୍ଦୋବଦ୍ଧ ଭାଷା ଓ ହୃଦୟସ୍ପର୍ଶୀ ଲାଳିତ୍ୟମୟ ଶବ୍ଦ ଚୟନରେ ପରିପୂର୍ଣ୍ଣ ହୋଇଥାଏ। ଆଙ୍ଗିକ ସୁଷମା ନ ଥିଲେ କବିତାର ଆତ୍ମା ନିଜର ସୁସଙ୍ଗଠିତ ଶରୀର ବିନା ଆତ୍ମଗୋପନ କରି ରହିଥାଏ। ଏସବୁ ଥିବା ସତ୍ତ୍ୱେ କାବ୍ୟାତ୍ମାର ଅଭାବରେ କବିତା ହୁଏ ନିର୍ଜୀବ। କେବଳ ଏ ଉଭୟର ସୁସମନ୍ୱୟରେ କବିତା ସ୍ୱୟଂସମ୍ପନ୍ନ ହୋଇଉଠେ।

ସାର୍ ଫିଲିପ୍ ସିଡ୍‌ନୀ କାବ୍ୟିକ ଉଦ୍‌ଭାବନାକୁ କବି କର୍ମର ପ୍ରମୁଖ ବିଭାଗ ଭାବେ ବର୍ଣ୍ଣନା କଲାବେଳେ ସ୍ପଷ୍ଟଭାବେ କରିଛନ୍ତି ଯେ ଆଦୌ ପଦ୍ୟ ରଚନା ନ କରି ଜଣେ କବିର ଗୌରବ ପାଇବାରେ କୌଣସି ପ୍ରତିବନ୍ଧକ ନାହିଁ।

## କାବ୍ୟଗୁଣ

ବେକନ ସେହି କଥାକୁ ପୂର୍ଣ୍ଣ ସମର୍ଥନ କରି କହିଛନ୍ତି, କାବ୍ୟଗୁଣ ପ୍ରକାଶ ପାଇବାରେ ଗଦ୍ୟ ଓ ପଦ୍ୟ ଉଭୟ

ସମାନଭାବେ ମାଧ୍ୟମ ହୋଇପାରନ୍ତି। ବହୁ ପରବର୍ତ୍ତୀ କାଳରେ ରୋମାଣ୍ଟିକ୍ କାବ୍ୟ ଯୁଗର ତତ୍ତ୍ୱବାଗୀ କୋଲେରିଜ ଦୃଢ଼ଭାବେ ଘୋଷଣା କଲେ ଯେ 'ପୋଏଟ୍ରି ଅଫ୍ ଦି ହାଇଏଷ୍ଟ କାଇଣ୍ଡ ମେ ଏକ୍ସିଜିଷ୍ଟ ୱିଦାଉଟ୍ ମିଟର୍'। ଏହାର ଅକାଟ୍ୟ ପ୍ରମାଣ ସ୍ୱରୂପ ସେ ପ୍ଲାଟୋଙ୍କ ଓ ଜୁରେମୀ ଟେଲରଙ୍କ ରଚନା ଏପରିକି ବର୍ନେଟ୍ଙ୍କ 'ଦି ଥିଓରି ଅଫ୍ ଆର୍ଥ'କୁ ଦୃଷ୍ଟାନ୍ତ ଦେଖାଇଲେ। ଲେହ ତା'ଙ୍କ ଆଲୋଚନାରେ ସାବ୍ୟସ୍ତ କଲେ ଯେ ଯେଉଁ ଗଦ୍ୟ ରଚନା ମାଧ୍ୟମରେ କାବ୍ୟର ବକ୍ତବ୍ୟ ପ୍ରକାଶ ପାଇଁ ଅନାହୃତ ଆବେଗର ଅବକାଶ ଥାଏ ତାହା କବିତାଠାରୁ କୌଣସି ଦିଗରୁ ଊଣା ନୁହେଁ। ଏହାର ଅନ୍ୟଥା ଭାବିବା ଅର୍ଥ ଶବ୍ଦ ଓ ଶକ୍ତି ଏବଂ ଆଙ୍ଗିକ ରୂପ ଓ ନିର୍ଯାସ ମଧ୍ୟରେ ପାର୍ଥକ୍ୟ ବାରି ନ ପାରିବା ଭଳି ହେବ। ଗୀତ ହେବା ପାଇଁ ତା'ର ଯୋଗ୍ୟତା ବା ଅଯୋଗ୍ୟତା ଅପରନ୍ତୁ ବିଚାର୍ଯ୍ୟ। ଯଦି ବି ପଦ୍ୟକୁ କାବ୍ୟ ରଚନାର ମାଧ୍ୟମ ଭାବେ ଅପରିହାର୍ଯ୍ୟ ବୋଲି ମନେ କରାଯାଉଥାଏ ତାହା କେବଳ ତା'ର ଶବ୍ଦୋଦ୍ୟମ, ସୌନ୍ଦର୍ଯ୍ୟ ଓ ଶକ୍ତି- ଏ ସକଳର ସମନ୍ୱିତ ପରିପୂର୍ଣ୍ଣତା ପାଇଁ। ତେଣୁ ଗଦ୍ୟ ରଚନା ମଧ୍ୟ ସମୃଦ୍ଧ କାବ୍ୟଗୁଣ ସମ୍ପନ୍ନ ହୋଇପାରେ, କିନ୍ତୁ ଛାନ୍ଦୋବଦ୍ଧ ହେଲେ ତାହା ହୁଏ ଅଧିକ ସୁନ୍ଦର ଓ ଅସଲ କାବ୍ୟ ଫେସନର ଅଧିକାରିଣୀ। ତା'ହେଲେ ଆପଣାର ରସ ନିର୍ଯାସ ଓ ପ୍ରାଣ ଶକ୍ତିକୁ ଘେନି ପ୍ରକୃତରେ କବିତା କ'ଣ ବିଜ୍ଞାନ ଓ ବାସ୍ତବ ଘଟଣାର ବିରୋଧାଭାସ (ଆଣ୍ଟିଥେସିସ୍)?




ପ୍ରଖ୍ୟାତ କବି ଓ ସମାଲୋଚକ କାର୍ଲାଇଲ ଯଥୋଚିତ ଭାବରେ କବିତା ରଚନାର ମାଧ୍ୟମ ଭାବେ ପଦ୍ୟର 'ଅନ୍ତର୍ମୁଖୀ ପ୍ରୟୋଜନୀୟତା' (ଇନ୍ୱାର୍ଡ ନେସେସିଟି)କୁ ଅସ୍ୱୀକାର କରିଛନ୍ତି ଓ ନିଜର ସାରଗର୍ଭକ ଦିବ୍ୟ ଗଦ୍ୟରେ କବିତା ସୃଷ୍ଟିର ସାର୍ଥକ ପରିଚୟ ଦେଇଛନ୍ତି। କବି ତାଙ୍କ ଦୃଷ୍ଟିରେ ଚିରକାଳ ଜଣେ କ୍ରାନ୍ତଦର୍ଶୀ। ଯେପରି ଆମର ପ୍ରାଚୀନ ଭାରତୀୟ ପରମ୍ପରାରେ କୁହାଯାଇଥିଲା 'କବୟଃ କ୍ରାନ୍ତଦର୍ଶନଃ।' ସମାଲୋଚକ ମାଥ୍ୟୁ ଆରନୋଲଡ୍ କବିତାକୁ 'ଜୀବନର ସମାଲୋଚନା' ଭାବରେ ଦେଖୁଥିବା ସତ୍ତ୍ୱେ କବିତାର ଛନ୍ଦ ଓ ଶବ୍ଦାଳଙ୍କାର ଯେ ତାହାକୁ ଗଦ୍ୟ ରଚନାର ନିୟମାନୁବର୍ତ୍ତିତା, ନିର୍ଦ୍ଦିଷ୍ଟତା ଓ ଶାଣିତ ଶକ୍ତିଠାରୁ ଭିନ୍ନ ସହୃଦୟ ହୃଦୟ-ସଂବେଦୀ ଭାବେ ଏକ ପୃଥକ ରଚନା କରି ନାମ ତୋଳିଥାଏ ତାହାକୁ ସ୍ୱୀକାର କରିଛନ୍ତି।

କିନ୍ତୁ ପ୍ରଶ୍ନ ଉଠେ ଯେ ଛନ୍ଦହୀନ, ଅମିତ୍ରାକ୍ଷର ବା ଗଦ୍ୟ କବିତା କ'ଣ କବିତା ପଦବାଚ୍ୟ ନୁହେଁ? କୌଣସି କାବ୍ୟ କ'ଣ ତା'ର ସରଳ ତରଳ ଗଦ୍ୟାନୁବାଦରେ ଆଉ କାବ୍ୟ ହୋଇ ରହେ ନାହିଁ? ଉଦାହରଣ ଦେଖାଇ ଆଲୋଚକମାନେ ପଚାରିଛନ୍ତି ଯେ ବୁଚର୍ ବା ବ୍ୟାଙ୍ଗକୃତ ଓଡ଼ିଶୀର ଲାଳିତ୍ୟମୟ ଗଦ୍ୟାନୁବାଦ ତ ପୋପ୍ଙ୍କ କ୍ଲିଷ୍ଟ ପଦ୍ୟାନୁବାଦ ଅପେକ୍ଷା ଯଥେଷ୍ଟ ହୃଦ୍ୟ। ସେହିପରି ମାକ୍ଫେରସନ୍ଙ୍କ 'ଓସିଆନ୍', ବ୍ଲେକ୍ଙ୍କ ଆବେଗବିହ୍ୱଳ ରଚନାବଳୀ, ଗେସ୍ନେରଙ୍କ 'ଡଥ ଅଫ୍ ଆବେଲ୍' (ରଷୋଙ୍କ 'ଲେଭିତେ ଦ' ଏଫ୍ରାଇନ୍' ଓ କଲେରିଜ୍ଙ୍କ 'ୱାଣ୍ଡେରିଙ୍ଗସ୍ ଅଫ୍ ଡେଇନ୍'ରେ ଅନୁକୃତି), ତୁର୍ଗେନେଭ୍ଙ୍କ ଗଦ୍ୟ କବିତା- ଏସବୁ କ'ଣ? ସେହି ଧାରାରେ ଆମର ବାଣଭଟ୍ଟଙ୍କ 'କାଦମ୍ବରୀ', ଦଣ୍ଡୀଙ୍କ 'ଦଶକୁମାର ଚରିତ' ଅବଧୂତାନନ୍ଦଙ୍କ ରୁଦ୍ରସାଧାନିଧିଠାରୁ ଆରମ୍ଭ କରି ରାଧାନାଥଙ୍କ 'ପାର୍ବତୀ' କାବ୍ୟର ଉତ୍ତରାର୍ଦ୍ଧ ପର୍ଯ୍ୟନ୍ତ ରଚନାକୁ କ'ଣ କୁହାଯିବ?

## ନାନ୍ଦନିକ ଆନନ୍ଦ

ବାକ ବୈଦଗ୍ଧ୍ୟ ନୁହେଁ, ଛନ୍ଦମୟ ରୂପ ଓ କାବ୍ୟିକ ନିର୍ଯାସ ହିଁ ସମନ୍ୱିତ ହୋଇ କବିତାକୁ ପ୍ରାଣବନ୍ତ କରେ। କାରଣ ସେ ଦୁଇରୁ କବିତାର ନାନ୍ଦନିକ ଆନନ୍ଦ ଦାନ କ୍ଷମତା ଜାତ ହୋଇଥାଏ। ତାହା ହିଁ କବିତାର ସର୍ବବାଦୀ ସମ୍ମତ ଶ୍ରେଷ୍ଠ ଗୁଣ। ଶବ୍ଦର ଶୃଙ୍ଖଳାଗତ ଲାଳିତ୍ୟ ଯେ କାବ୍ୟ ଭାଷାର ଏକ ଅନିବାର୍ଯ୍ୟ ଆୟୁଧ - ଏଇ ଆଶ୍ଚର୍ଯ୍ୟମୟ ଆୟୁଧ ହିଁ କାବ୍ୟଶରୀରକୁ ମାଧୁର୍ଯ୍ୟ ମଣ୍ଡିତ କରିବାକୁ ସମର୍ଥ ହୋଇଥାଏ। ଏହା କେବଳ ଅହଂକାର ମାତ୍ର ନୁହେଁ। ବରଂ ଆବେଗୋଚ୍ଛ୍ୱଳ କାବ୍ୟସ୍ରୋତ ଏଥିରେ ହିଁ ସ୍ୱତଃସ୍ଫୂର୍ତ୍ତ ପ୍ରକାଶ ଲାଭ କରିଥାଏ।

ଏକ ଅକୃତ୍ରିମ ଅଥଚ ଯଥାଯଥ ରୂପ ଦାନ କରି ଏହା କବିତ୍ୱକୁ ବିଶୁଦ୍ଧ କରିଥାଏ। ଏହି ପ୍ରସଙ୍ଗରେ ଆଲୋଚନା କରି ମିଲ୍ କହିଛନ୍ତି ଯେ ଆବହମାନ କାଳରୁ ବା ମନୁଷ୍ୟ ମନୁଷ୍ୟ ହେବା ଦିନରୁ ସକଳ ମାର୍ମିକ ଗଭୀର ଓ ଦୀର୍ଘସ୍ଥାୟୀ ଅନୁଭବ ଲାଳିତ୍ୟମୟ (ଛନ୍ଦୋବଦ୍ଧ) ଭାଷାରେ ହିଁ ପ୍ରକାଶ ପାଇଛି। ଅନୁଭବ ଯେତେ ଗଭୀର ଓ ନିବିଡ଼ ହୁଏ, ପଦାବଳୀ ହୁଏ ସେତେ ଆବେଗସ୍ପନ୍ଦିତ ଓ ଛନ୍ଦୋମୟ। ଜର୍ମାନ୍ ଦାର୍ଶନିକ ହେଗେଲ୍‌ଙ୍କ ମତରେ ଗୋଟିଏ ଆତ୍ମନିଷ୍ଠ ପଦ୍ୟରଚନା ଆମକୁ ଗଦ୍ୟଧର୍ମୀ ଜୀବନର ଦୈନନ୍ଦିନ ରୁକ୍ଷତାର ବହୁ ଊର୍ଦ୍ଧ୍ୱକୁ ଉତ୍ତୋଳିତ କରେ। ଏଇ ଚିନ୍ତାର ମାର୍ମିକ ଦୃଷ୍ଟାନ୍ତସ୍ୱରୂପ କବି ସ୍କିଲାର ଜର୍ମାନ୍‌ର ମହାକବି ଗ୍ୟେଟେଙ୍କ ପାଖକୁ ଚିଠିରେ ଗୋଟିଏ ଗଦ୍ୟ ରଚନାକୁ କାବ୍ୟରୂପ ଦେଲାବେଳର ଅନୁଭୂତି ବର୍ଣ୍ଣନା କରି ଲେଖୁଛନ୍ତି, 'ପୂର୍ବରୁ କେବେ କୌଣସି କାର୍ଯ୍ୟ ମତେ ଏତେ ଆଲୋକିତ କରି ନ ଥିଲା ଯାହା ମୁଁ ବର୍ତ୍ତମାନ ଅନୁଭବ କରୁଛି। କବିତାରେ ରସ ଓ ରୂପ କେତେ ନିବିଡ଼ ଭାବେ ଜଡ଼ିତ- ମୋର ଗଦ୍ୟ ଭାଷାକୁ କାବ୍ୟ ଭାଷାରେ ରୂପାନ୍ତରିତ କଲାବେଳେ ମୁଁ ଅନୁଭବ କରୁଛି ଯେ ଗଦ୍ୟରେ ଭାବ ଯେଉଁ ଭାଷାରେ ରୂପ ପରିଗ୍ରହ କରୁଥିଲା, ତାହା ନିହାତି ସାଧାରଣ, କେବଳ ବ୍ୟାବହାରିକ ଅର୍ଥବହ। କିନ୍ତୁ କବିତାରେ ତାହା କଳ୍ପନା ସଂଚରୀ ଧ୍ୱନିସମ୍ପୃକ୍ତ ଓ ଗଭୀରତର ବ୍ୟଞ୍ଜନାଗର୍ଭ।'

**ଛନ୍ଦ ଓ ଗୀତିମୟତା କବିତାର ଆଙ୍ଗିକ ବିଭାବ ଭାବରେ ପାଠକ ମନରେ କି ପ୍ରକାର ପ୍ରଭାବ ପକାଇଥାଏ ତାହା ଅନୁଧ୍ୟାନର ବିଷୟ।**

### କାବ୍ୟାନୁଭୂତି ଓ ଛନ୍ଦ

କାବ୍ୟାନୁଭୂତି ଓ ଛନ୍ଦମୟ ଲାଳିତ୍ୟପୂର୍ଣ୍ଣ କାବ୍ୟ ଭାଷା ମଧ୍ୟରେ ଥିବା ଅନୁଭୂତ ସମ୍ପର୍କ ବିଷୟରେ ବୁଝିବାପାଇଁ ସ୍କିଲାରଙ୍କ ମନ୍ତବ୍ୟ ଆମକୁ ସାହାଯ୍ୟ କରେ। କବିତାର ଆଙ୍ଗିକ ହୋଇଥାଏ ଆତ୍ମିକ ଶକ୍ତିର ପ୍ରଚୋଦକ ଓ ପରିପୂରକ। ସ୍କିଲରଙ୍କ କଥାରେ ଏହାର ସର୍ବୋତ୍ତମ ଅନିବାର୍ଯ୍ୟତା ବିଦ୍ୟମାନ। ଏ କ୍ଷେତ୍ରରେ ହେରବର୍ଟ ସ୍ପେନ୍‌ସରଙ୍କ ତୀକ୍ଷ୍ଣ ମନ୍ତବ୍ୟ ସ୍ମରଣୀୟ 'ନୋ ଓ୍ୱାନ୍ ସୁଡ୍ ରାଇଟ୍ ଭର୍ସ ଇଫ୍ ହି କ୍ୟାନ୍ ହେଲ୍‌ପ ଇଟ୍'। ଏଠି କାର୍ଲାଇଲ କଥିତ 'ଇନ୍‌ଓ୍ୱାର୍ଡ ନେସେସିଟି' କଥା ସ୍ମରଣୀୟ।

ଛନ୍ଦ ଓ ଗୀତିମୟତା କବିତାର ଆଙ୍ଗିକ ବିଭାବ ଭାବରେ ପାଠକ ମନରେ କାହିଁକି ଓ କି ପ୍ରକାର ପ୍ରଭାବ ପକାଇଥାଏ ତାହା ଆମ ଭଳି ସାହିତ୍ୟ ଛାତ୍ରଙ୍କର ନୁହେଁ ମନସ୍ତତ୍ତ୍ୱବିତ୍‌ମାନଙ୍କର ଅନୁଧ୍ୟାନର ବିଷୟ। ସେଇ ଚିରପରିଚିତ ଶବ୍ଦଗୁଡ଼ିକୁ ଛନ୍ଦ ନିୟମରେ ସଜାଇଦେଲେ ସେଥିରେ କିପରି ଯେ ଏକ ରହସ୍ୟମୟ ଯାଦୁକରୀ ଅର୍ଥବହତା ଆସେ ଯାହା ପାଠକ ମନରେ ସୂକ୍ଷ୍ମ ଆବେଗ ସଞ୍ଚାର କରେ ତାହା ବୁଝିବା କଠିନ। ଏହି ପ୍ରସଙ୍ଗରେ ଆଲୋଚନା କରି ମଷ୍ଟ ଗୋମରୀ କହିଛନ୍ତି- "କାବ୍ୟଶକ୍ତିର ସମଧିକ ପ୍ରଭାବ କିପରି କେବଳ ତା'ର ଛନ୍ଦଧର୍ମିତା ଉପରେ ନିର୍ଭର କରେ ତାହା ସହଜରେ ମିଲ୍‌ଟନ ଓ ସେକ୍ସପିୟରଙ୍କ କବିତାର ଶ୍ରେଷ୍ଠ ଅଂଶକୁ ନେଇ ସେଥିରେ ବ୍ୟବହୃତ ଶବ୍ଦାବଳୀକୁ ପ୍ରାୟ ଅପରିବର୍ତ୍ତିତ ରଖି କେବଳ ସେଗୁଡ଼ିକୁ ଗଦ୍ୟ ରୂପ ଦେଇଦେଲେ ପ୍ରମାଣ କରିହେବ। ପ୍ରଭାତରେ ଘାସ ଉପରେ କାକରବିନ୍ଦୁ ଯେପରି ହୀରା ବା ମୁକ୍ତା ପରି ଦିଶେ କିନ୍ତୁ ହାତକୁ ଆସିଲେ ପାଣି ହୋଇଯାଏ, ତାହା ଠିକ୍ ସେହିପରି ହେବ। ଭାବ ନିର୍ଯାସ ଓ ଉପାଦାନ ସମାନ ଥାଇପାରେ କିନ୍ତୁ ତା'ର ଦୀପ୍ତି ଓ ଦ୍ୟୁତି ଆଉ ରହିବ ନାହିଁ।" ଏହି ଦୀପ୍ତି ହିଁ କବିତାର ଲାବଣ୍ୟ। ତାହା କାବ୍ୟ ଶରୀରରେ କେଉଁଠି ଥାଏ, ତାହା ହିଁ କାବ୍ୟ ପାଠକର ପରମ ଓ ଅଶେଷ ଜିଜ୍ଞାସା। ଧ୍ୱନିବାଦର ପ୍ରବକ୍ତା ଆନନ୍ଦବର୍ଦ୍ଧନ 'ଧ୍ୱନ୍ୟାଲୋକ' ଗ୍ରନ୍ଥରେ ଏହି କଥାର ଆଲୋଚନା ପ୍ରସଙ୍ଗରେ ଯଥାର୍ଥ ଉଦାହରଣ ଦେଇଛନ୍ତି :

'ପ୍ରତୀୟମାନଂ ପୁନରନ୍ୟଦେବ ବସ୍ତ୍ୱସ୍ତି ବାଣଷ୍ଟୁ ମହାକାବୀନାମ୍,
ଯ ତତ୍ ପ୍ରସିଦ୍ଧାବୟବାତିରିକ୍ତଂ ବିଭାତି ଲାବଣ୍ୟ ମିବାଙ୍ଗନାସୁ।' (ଧ୍ୱନ୍ୟାଲୋକ ୧/୪)

ରମଣୀ ଦେହର ଲାବଣ୍ୟ ଯେପରି ଅବୟବ ସଂସ୍ଥାବ ଅତିରିକ୍ତ ଅନ୍ୟ କିଛି, ସେହିପରି ମହାକବିମାନଙ୍କର ବାଣୀରେ ଏପରି ବସ୍ତୁ ଅଛି ଯାହା ଶବ୍ଦ, ଅର୍ଥ, ରଚନା ଭଙ୍ଗୀ- ଏସବୁର ଅତିରିକ୍ତ ଅନ୍ୟ କିଛି, ଏହି ଅତିରିକ୍ତ ବସ୍ତୁ ହିଁ କାବ୍ୟର ଲାବଣ୍ୟ।

□□

ଲେଖକଙ୍କ ଇ-ମେଲ ଠିକଣା:
pandabasantakumar3@gmail.com



# ଦାୟିତ୍ୱହୀନ


ଅନୁବାଦ



ମୂଳଲେଖା : କ୍ୟାପ୍ଟେନ୍ ଖୁର୍ରମ ଶହଜାଦ ନୂର    ଅନୁବାଦ : କନକ ମଂଜରୀ ସାହୁ

ସେ କୋଇଲା ଇସ୍ତିରେ କଲୋନୀର ପ୍ରାୟ ଦଶ ଘରର କପଡ଼ା ପ୍ରେସ କରି ନିଜର ଜୀବନ ନିର୍ବାହ କରୁଥିଲା। ଅତି ବେଶିରେ ଚବିଶ ପଚିଶ ବର୍ଷ ବୟସ ହେବ, କିନ୍ତୁ ତା' ବାହାଘର ଜଲଦି ହେଇଥିଲା ଏବଂ ବାକି କାମରେ ସେ ଜଲଦି ବା ଦାୟିତ୍ୱହୀନ ଜଣାପଡୁଥିଲା। ଯାହାର ଫଳସ୍ୱରୂପ ତିନି ବର୍ଷରେ ତିନିଟା ପିଲା ହୋଇଥିଲେ। କୌଣସି ପିଲା ଏପର୍ଯ୍ୟନ୍ତ ସ୍କୁଲ ଯାଇ ନ ଥିଲେ। ଦିନସାରା ସେଇ ପୂରା ପରିବାର ଖରା, ଶୀତ ଏବଂ ବର୍ଷାରେ ଏକ ଛୋଟ ସେଡ୍ ତଳେ କଲୋନୀର କମ୍ପାଉଣ୍ଡରେ ରହୁଥିଲେ। ରାତିରେ କେଉଁଠି ଆଉ କେମିତି କଟାନ୍ତି ମୁଁ କେବେ ପଚାରିବାକୁ ଚେଷ୍ଟା କରିନି। ଏକ ବଡ଼ ପୁରୁଣା କାଠର ମେଜ, ଯାହା ଚେନ୍‌ରେ ପାଖ ଗଛରେ ବନ୍ଧା ହୋଇଥିଲା, ତା'ଉପରେ ଏକ ପୁରୁଣା କଳା ଲୁହାର ଇସ୍ତ୍ରିଏବଂ ଏକ କୋଇଲାର ଡବା, ବାସ୍ ତାହା ହିଁ ତାଙ୍କର ପୁଞ୍ଜି। ସକାଳ ଆଠଟାରୁ ରାତି ଆଠଟା ପର୍ଯ୍ୟନ୍ତ ସେ ପ୍ରେସ୍ କରୁଥିଲା। ସନ୍ଧ୍ୟା ହେବା ସହିତ କପଡ଼ାର ଗଣ୍ଠିଲିରୁ କମ ହେଇ ଚାଲିଥିଲା ଏବଂ ପ୍ରେସ ହୋଇଥିବା କପଡ଼ା ଆୟତକାର ବଣ୍ଡଲ ବଢ଼ିଚାଲିଥିଲା। କେବେ କେବେ ତା' ପତ୍ନୀ ବି ପ୍ରେସ କରୁଥିଲା। ଏମିତିରେ ପତ୍ନୀଙ୍କର ମୁଖ୍ୟ କାମ ପିଲାଙ୍କୁ ଦେଖିବା ଏବଂ ସକାଳୁ ଘରମାନଙ୍କରୁ କପଡ଼ା ଆଣିବା ଓ ସନ୍ଧ୍ୟାକୁ ନେଇ ପହଞ୍ଚେଇବା ଥିଲା।

ସକାଳୁ ଅଫିସ ଯିବା ସମୟରେ ତା' ପିଲାମାନଙ୍କୁ ଦେଖୁଥିଲି। ଜଣକୁ ତା' ମା' କ୍ଷୀର ପିଆଉଥାଏ, ଆଉ ଜଣେ ବୋତଲରୁ ଏକଦମ ପାଣି କ୍ଷୀର ପିଉଥାଏ ଏବଂ ତୃତୀୟ ଜଣକ ଇସ୍ତିର ଅଙ୍ଗାର ଉପରେ ଶୁଖିଲା ପାଉରୁଟି ସେକି ସେମିତି ପତଳା କ୍ଷୀରରେ ବୁଡ଼ାଇ ଖାଉଥିଲା। ମୋ ବାଲକୋନୀରୁ ତା' ମେଜ ଦେଖାଯାଉଥିଲା। ଏହି ବାହାନାରେ ସେଇ ବ୍ୟବସାୟର ବହୁତ ଗୁଡ଼ାଏ କଥା ଶିଖିଯାଇଥିଲି। ସୂତା କପଡ଼ାକୁ ପାଣି ଛିଟା ମାରି କିଛି ସମୟ ରଖିବାକୁ ହୁଏ; ଜିନ୍ସ, ପ୍ୟାଣ୍ଟ ଏବଂ ଶାର୍ଟ ଅଲଗା ପ୍ରକାର ହୋଇଥାଏ। ଶାର୍ଟ କେମିତି ଫୋଲ୍ଡ କରାଯାଏ, କୋଟର କାନ୍ଧ କେମିତି ପ୍ରେସ ହୁଏ, ବେଡ୍‌ସିଟକୁ ଫୋଲଡ କରି କେବଳ ଉପରେ ଚଲେଇ ଦେଲେ କାମ ଚଳିଯାଏ। ବିନା ଥର୍ମାଷ୍ଟେଟ ଏହି ଇସ୍ତିର ତାପମାନ ଜାଣିବାକୁ ବି ମଜାଦାର ପ୍ରକାର ଥାଏ। ପାଣି ଛିଟା ମାରି, ନିଜ ଗାଲ ପାଖକୁ ନେଇ ବା କପଡ଼ାର କୋଣରେ ପରୀକ୍ଷଣ



କରାଯାଏ। ଗ୍ରୀଷ୍ମ ଦିନେ ରବିବାରର ଦ୍ୱିପହରରେ ସେ ଆମଠାରୁ ତାଙ୍କ ଖାଇବା ସମୟରେ ଥଣ୍ଡା ପାଣି ବୋତଲ ମାଗିକି ନିଏ। ସେମାନଙ୍କୁ ସାଙ୍ଗହୋଇ ଖାଇବା ଦେଖି ବହୁତ ଖୁସି ଲାଗେ। ମୋର ମାସଟାଯାକର କପଡ଼ା କେବଳ ପାଞ୍ଚ ଶହ ଟଙ୍କାରେ ପ୍ରେସ କରେ। ଏହି ହିସାବରେ ମୁଁ ଭାବେ ମାସକୁ ପାଞ୍ଚ ଛଅ ହଜାର ନିଶ୍ଚୟ ରୋଜଗାର କରୁଥିବ। କିନ୍ତୁ ମୋ ଭ୍ରମ ସେଦିନ ଚାଲିଗଲା, ଯେବେ ମୁଁ 'ବାର୍ବିକ୍ୟୁ' ପାର୍ଟି ପାଇଁ କୋଇଲା ମଗାଇଲି। ସେଥିରୁ କ'ଣ ବଞ୍ଚୁଥିବ ଏବଂ ସେଥିରେ କେମିତି ଘର ଚଳୁଥିବ, ଏହା ଏକ ଏମିତି ଆଶ୍ଚର୍ଯ୍ୟ କଥା, ଯାହା ଗରିବ କେବଳ ଜାଣେ।

ମୁଁ ଅଧିକାଂଶ ପ୍ରାୟ ବ୍ରାଣ୍ଡେଡ୍ ଡ୍ରେସ ପିନ୍ଧେ। ନୀଳ ଜିନ୍ସ ଏବଂ ଧଳା ଟି-ଶାର୍ଟ ମୋର ପସନ୍ଦର ଡ୍ରେସ୍। ପୂର୍ବ ସପ୍ତାହରେ ମଲ୍ ଯାଇଥିଲି ଶୋ ରୁମରୁ ରିବକ୍‌ର ଧଳା ଟି-ଶାର୍ଟ ଆଣିଥିଲି। କିଣିବା ବେଳେ ବହୁତ ମହଙ୍ଗା ଲାଗିଲା କିନ୍ତୁ ପିନ୍ଧିବାପରେ ୧୯୯୯ ଟଙ୍କା ଅସୁଲ ହୋଇଗଲା। ନରମ ସୂତାର ଅନୁଭବ, ବିଲକୁଲ ସଠିକ ଫିଟିଙ୍ଗ, ବାହୁରେ ଫିଟିଙ୍ଗ ପାଇଁ ସୂତା ଏବଂ ରେଶମୀ ମିଶା ସିଲେଇ। ମୋତେ ଜଣାଥିଲା ଯେମିତି ବି ଧୁଅ ଏହା ଖରାପ ହେବ ନାହିଁ। ଏହି ରବିବାରରେ ମୁଁ ସେଇ ଟି-ଶାର୍ଟକୁ ପିନ୍ଧିବାକୁ ଇଚ୍ଛା କରିଥିଲି। କିନ୍ତୁ ଯେମିତି ପିନ୍ଧିବାକୁ ବାହାରକଲି ଦେଖିଲି ଗରମ ପ୍ରେସ୍‌ରେ ମୋର ସୁନ୍ଦର ଟି-ଶାର୍ଟର ସୂତା-ରେଶମୀ ବୁଣା ହୋଇଥିବା ବାହୁପଟଟା

ପୋଡ଼ିଯାଇଥିଲା । ଛୁଇଁ ଦେଖିଲି ପ୍ଲାଷ୍ଟିକ୍ ଛୁଇଁବା ଭଳି ଲାଗିଲା ।

ମୋତେ ବହୁତ ଦୁଃଖ ଲାଗିଲା । ଏହି ସପ୍ତାହ ବହୁତ ଖରାପ ସମୟ ଚାଲିଥିଲା । ମଙ୍ଗଳବାର ଦିନ କାର ବ୍ୟାକ୍ କରିବା ସମୟରେ ନିଜେ କଳା ଖମ୍ବରେ ବାଡ଼େଇ ଦେଇଥିଲି (ଖମ୍ବରେ କିଏ କଳା ପେଣ୍ଟ କରନ୍ତି ?) ପଛ ଲାଇଟ ଏବଂ ବମ୍ପର ଠିକ୍ କରିବାକୁ ତିନି ହଜାର ଖର୍ଚ୍ଚ ହୋଇଗଲା । ଶୁକ୍ରବାର ଦିନ ଅଫିସରୁ ବାହାରି ଆସିବା ପରେ ବସ୍‌ଙ୍କର ଫୋନ ଆସିଲା । କାର ଚଳାଇବା ସମୟରେ ମୋବାଇଲରେ କଥା ହେବା ଯୋଗୁ ଟ୍ରାଫିକ ପୋଲିସ ହଜାରେ ଟଙ୍କା ଜରିମାନା କରିଦେଲା । ତଣ୍ଡ ଗଣିଲି । କାଲି ସନ୍ଧ୍ୟାରେ ବଜାର ସଉଦା କରିବା ସମୟରେ ଜିନ୍ସର ପଛ ପକେଟରୁ ହୁଏତ କିଏ ଦୁଇ ହଜାର ଟଙ୍କା କାଢ଼ି ନେଇଗଲା କିମ୍ବା କୋଉଠି ପଡ଼ିଗଲା । ଆଉ ଏବେ ସେଇ ଲୋକର ଦାୟିତ୍ୱହୀନତା ଯୋଗୁ ମୋର ସବୁଠୁ ସୁନ୍ଦର ଶାର୍ଟଟା ପୋଡ଼ିଗଲା । ମୁଁ କାମବାଲିକୁ ପଚାରିବାରୁ କହିଲା, 'ବାବୁ, ମୁଁ ଦେଖିନି, ଧୋବଣୀ ଯେମିତି ଆଣିଥିଲା ମୁଁ ସେମିତି ରଖି ଦେଇଥିଲି ।'

**ମୁଁ ସ୍ଥିର କରିଥିଲି ଧୋବାଠାରୁ ଦୁଇ ହଜାର ଅସୁଲ କରିବି ନଚେତ୍ ଚାରି ମାସ ମାଗଣାରେ ପ୍ରେସ କରାଇବି ।**

ମୁଁ ସ୍ଥିର କରିଥିଲି ଧୋବାଠାରୁ ଦୁଇ ହଜାର ଅସୁଲ କରିବି ନଚେତ୍ ଚାରି ମାସ ମାଗଣାରେ ପ୍ରେସ କରାଇବି । ନ ମାନିଲେ କଲୋନୀରୁ ବାହାର କରିଦେବି । ଦାୟିତ୍ୱହୀନତାର ଗୋଟିଏ ସୀମା ଅଛି । ନିଶ୍ଚୟ ତା' ସ୍ତ୍ରୀକୁ ପ୍ରେସ କରିବାକୁ ଦେଇଥିବ, ସେ ଲୁଚାଇ ରଖିଦେଇଥିବ । ମୋତେ ମୂର୍ଖ ଭାବିଲା କି ? ମୁଁ ବରବର ହୋଇ ଟି-ଶାର୍ଟଟାକୁ ଧରି ବାହାରକୁ ଯିବାକୁ ବାହାରୁଥିଲି କଲିଂବେଲ ବାଜିଲା । କାମବାଲି କହିଲା, ଧୋବା ଆସିଛି ।

ମୋ ମୁହଁରେ କ୍ରୋଧ ଭାବ ଦେଖାଯାଇଥିବ, କାରଣ ମୋତେ ଦେଖିବାମାତ୍ରେ ସେ ହାତ ଯୋଡ଼ିଲା । ମୁଁ ଦେଖିଲି, ତା' ଡାହାଣ ହାତରେ ପଟି ବନ୍ଧା ହୋଇଥିଲା । ମୁଁ ପଚାରିଲି, 'ହାତରେ କ'ଣ ହେଲା ?'

'ସରି ସାର ! କାଲି ସନ୍ଧ୍ୟାରେ ଆପଣଙ୍କ ଏହି ଟି-ଶାର୍ଟଟା ପୋଡ଼ିଗଲା । ପ୍ରକୃତକଥା କାଲି ମୋ ହାତ ପ୍ରେସ କଲାବେଳେ ପୋଡ଼ିଗଲା । ତେଣୁ ମୋ ପତ୍ନୀ ପ୍ରେସ କଲା ଏବଂ ଆପଣଙ୍କ ଟି-ଶାର୍ଟ ଜଳାଇଦେଲା । ଏବେ ତାକୁ ଠିକରେ ଆସୁନି, ଆପଣ ମାସକର ପ୍ରେସ ପଇସାରୁ କାଟିନେବେ । କାଲି ଆପଣ ଡେରିରେ ଆସିବାରୁ ମୁଁ ଅପେକ୍ଷା କରି ଚାଲିଗଲି । 'ମୁଁ କିଛି କହିବା ପୂର୍ବରୁ ସେ ତା' ବାମ ହାତ ବଢ଼ାଇ କହିଲା, 'ସାର ଆପଣଙ୍କ ଜିନ୍ସର ସାମ୍ନା ପକେଟରୁ ଏହି ଦୁଇ ହଜାର ଟଙ୍କା ବାହାରିଲା । ଚାରିଟା ପାଞ୍ଚ ଶହ ଟଙ୍କା । ଜିନ୍ସ ସାଙ୍ଗରେ ଧୋଇ ଯାଇଥିଲା । ପ୍ରେସ କରି ଠିକ୍ କରିଦେଇଛି ।'

ତା'ର ସଚ୍ଚୋଟତା ଏବଂ ସତ କହିବାର ସାହସ ଆଗରେ ମୁଁ ନିଜକୁ ବହୁତ ଛୋଟ ଅନୁଭବ କରୁଥିଲି ।

□□

ଅନୁବାଦିକାଙ୍କ ଇ-ମେଲ ଠିକଣା:
sahukanakmanjari@gmail.com

ଏକ ନୂଆ ପ୍ରୟାସ...
AMESABU
WE ALL. FOR ALL.
ଆମେସବୁ
ଓଡ଼ିଶାର
ସଂସ୍କୃତି-ଐତିହ୍ୟ-ପରମ୍ପରା
କେବଳ ଆମେସବୁ ପ୍ଲାଟଫର୍ମରେ
ANDROID APP ON Google Play
@ amesabu



ପ୍ରବନ୍ଧ


# 'ମାଦଳାପାଞ୍ଜି'ର ନାମକରଣ ପ୍ରସଙ୍ଗ

ଡ. ଅମ୍ବରୀଶ ଶତପଥୀ

ସର୍ବଂ ରହସ୍ୟଂ ପୁରୁଷୋମସ୍ୟ
ଦେବାଃ ନ ଜାନାନ୍ତି କୁତଃ ବା ମନୁଷ୍ୟାଃ।

ବାସ୍ତବିକ୍ ଶ୍ରୀକ୍ଷେତ୍ର ତଥା ଶ୍ରୀଜଗନ୍ନାଥଙ୍କ ଇତିହାସ, ମାହାତ୍ମ୍ୟ ଓ ତତ୍‌ସଂଲଗ୍ନ ବିଭିନ୍ନ କଥା ସବୁ ରହସ୍ୟମୟ। କେତେ ଗବେଷକ, ଐତିହାସକ, ଗବେଷଣା କରି କରି ସଂସାରରୁ ବିଦାୟ ନେଲେଣି ସତ ମାତ୍ର ମହାପ୍ରଭୁଙ୍କ ସ୍ୱରୂପ ଓ ତାଙ୍କର ବିଭିନ୍ନ ବିଷୟ ପୂର୍ବପରି ରହସ୍ୟମୟ ହୋଇ ରହିଛି।

ଶ୍ରୀମନ୍ଦିରରେ ଲେଖାହୋଇ ଆସୁଥିବା ମାଦଳାପାଞ୍ଜି ସମଗ୍ର ଭାରତର ଗଦ୍ୟ ସାହିତ୍ୟରେ ଏକ ବିସ୍ମୟ କହିଲେ ଅତ୍ୟୁକ୍ତି ହେବ ନାହିଁ। ଏହାର ନାମକରଣ, କାଳ ନିରୂପଣ, ଐତିହାସିକ ମୂଲ୍ୟବୋଧ, ସାହିତ୍ୟିକ ମୂଲ୍ୟବୋଧ ପ୍ରତ୍ୟେକ ବିଷୟରେ ବହୁ ଗବେଷକ ଗବେଷଣା କରି ଭିନ୍ନ ଭିନ୍ନ ମତ ଦେଇ ସାରିଛନ୍ତି ଓ ଏହା ଯେ ଏକ ଅମୂଲ୍ୟ ସମ୍ପଦ, ସମସ୍ତେ ସ୍ୱୀକାର କରିଯାଇଛନ୍ତି।




ସେ ସମୟରେ ବ୍ୟବହୃତ ବିଭିନ୍ନ ପ୍ରାଚୀନ ଓଡ଼ିଆ ଶବ୍ଦ ତଥା ପ୍ରାଚୀନ ଓଡ଼ିଆ ଦେଶଜ ଶବ୍ଦର ପ୍ରାବଲ୍ୟ ଦେଖିବାକୁ ମିଳିଥାଏ। ଏପରିକି ମାଦଳା ପାଞ୍ଜିରେ ବ୍ୟବହୃତ ଅନେକ ଓଡ଼ିଆ ଶବ୍ଦ ଏବେ ମଧ୍ୟ ଆମ ମାତୃଭାଷାରେ ବ୍ୟବହୃତ ହେଉଥିବାର ପରିଲକ୍ଷିତ ହୋଇଥାଏ।

ଅଶିକ୍ଷିତ ଲିଖନକାରମାନେ ମାଦଳାପାଞ୍ଜି ରଚନା କରୁଥିଲେ ହେଁ ସେମାନଙ୍କ ମଧ୍ୟରୁ କେହି କେହି ଚିନ୍ତାଶୀଳ ବ୍ୟକ୍ତିକବିତ୍ୱ ଶୈଳୀରେ ମାଦଳାପାଞ୍ଜି ଲେଖିବାକୁ ଚେଷ୍ଟା କରିଛନ୍ତି। ଉଦାହରଣ ସ୍ୱରୂପ, ପୁରୁଷୋତ୍ତମ ଦେବଙ୍କ ବିବରଣୀରେ ଲେଖାଅଛି "ଦରଶନ କରି ପ୍ରତିଜ୍ଞା କରି ବୋଇଲେ ପୁରିଆକୁ ଆଉ ତୁମ୍ଭେ ରଖି ନ ପାରିବ ଶଙ୍ଖେ ପୂରାଇ ଚକ୍ରେ ଉହାଡ଼ିଲେ, ଅବଶ୍ୟ ମାରିବୁ ଗୋସାଇଁ, ଏତେ ବୋଲି ହମିରେ ନିକଟକୁ ଗଲେ, ପୁରୁଷୋତ୍ତମ ଦେବଙ୍କୁ ବାରଣ ହୋଇଲା।

ପୁନଶ୍ଚ ମାଦଳାପାଞ୍ଜିର ଭାଷା ଯେ ସମ୍ପୂର୍ଣ୍ଣ ମାର୍ଜିତ ଥିଲା ତା' ନୁହେଁ ବରଂ ତାହା କଥିତ ଭାଷାରେ ଲେଖା ହୋଇଥିବା ଓ ବହୁ ଦେଶଜ ତଥା ଖାଣ୍ଟି ଓଡ଼ିଆ ଶବ୍ଦ ଦ୍ୱାରା ପରିବେଷ୍ଟିତ ହୋଇଥିବା ଦେଖାଯାଏ। ତେଣୁ ରାଜାଙ୍କ ଆଦେଶରେ ପାଞ୍ଜି ଲେଖା କାର୍ଯ୍ୟରେ ନିଯୁକ୍ତ ଥିବା କୋଠକରଣ, ବଇଠିକରଣ, ତଢଉକରଣ, ପାଞ୍ଜିକରଣ ଓ ଦେଉଳକରଣ ଏହି ପାଞ୍ଚ□କରଣ ଓ ଏହି ପାଞ୍ଚ□କରଣ ଲେଖୁଥିବା ରାଜଖଞ୍ଜା, ଦେଶଖଞ୍ଜା, କର୍ମାଙ୍ଗୀ, ଦିନପାଞ୍ଜି ଓ ଚକଡ଼ା ଇତ୍ୟାଦିରେ ସେ ସମୟରେ ସର୍ବସାଧାରଣରେ ବ୍ୟବହୃତ ଓଡ଼ିଆ ଭାଷାର ସ୍ୱରୂପ ସମ୍ପର୍କରେ ବିଭିନ୍ନ ସୂଚନା ପ୍ରଦାନ କରିଥାଏ।

### ପଞ୍ଜିକା ଲିଖନ

ଓଡ଼ିଶାର ଗଜପତି ରାଜାମାନଙ୍କ ଆଦେଶରେ ବେତନଭୋଗୀ କର୍ମଚାରୀମାନେ ବଂଶାନୁକ୍ରମିକ ପଞ୍ଜିକା ଭାବରେ ଏହାକୁ ଲେଖିଛନ୍ତି। ସେମାନେ ହେଲେ ଦେଉଳକରଣ ବା ଲିଖନକରଣ, ତଢ଼ାଉକରଣ ଓ

କୋଷ୍ଠକରଣ। ତାଳପତ୍ର ଖେଦା (ପୋଥି)ରେ ଲୌହଲେଖନୀ ସାହାଯ୍ୟରେ ଏସବୁ ଲେଖାହୋଇ ଆସୁଥିଲା। ମାଦଳାପାଞ୍ଜିରେ ଗଜପତି ରାଜାମାନଙ୍କର ରାଜଭୋଗ ବିବରଣୀ, ଜଗନ୍ନାଥ ମନ୍ଦିରର ନିର୍ମାଣ ଇତିହାସ ଓ ସେବାପୂଜା, ବିଧି-ବ୍ୟବସ୍ଥା, ସେବକମାନଙ୍କର କର୍ତ୍ତବ୍ୟ ତଥା ଆୟବ୍ୟୟର ମାତ୍ରା ଏହାର ନାମକରଣ 'ମାଦଳା' କାହିଁକି ହୋଇଛି ? ଏହା ସ୍ୱତଃ ମନରେ ପ୍ରଶ୍ନ ଉଠେ। ଏହି ନାମକରଣ ସଂପର୍କରେ ମଧ୍ୟ ବିଭିନ୍ନ ଗବେଷକଙ୍କର ବିଭିନ୍ନ ମତ ରହିଛି।

ମାଦଳାପାଞ୍ଜିର ଗବେଷକ ମନମୋହନ ଚକ୍ରବର୍ତ୍ତୀ ଏସିଆଟିକ୍ ସୋସାଇଟିର ଗବେଷଣା ପତ୍ରିକାରେ ମାଦଳାପାଞ୍ଜିର ସାହିତ୍ୟିକ ମୂଲ୍ୟକୁ ଅସ୍ୱୀକାର କରିଥିଲେ ହେଁ ଏହା ବଂଶାବଳୀର ଏକ ନିଖୁଣ ଚିତ୍ର ବୋଲି ସ୍ୱୀକାର କରିଛନ୍ତି। ତାଙ୍କ ମତାନୁସାରେ 'ମାଦଳା' ଶବ୍ଦ 'ମୁଦଲ' ଶବ୍ଦରୁ ଆସିଅଛି। ପୂର୍ବକାଳରେ ରାଜାମାନେ ନିଜ ହସ୍ତରେ ପିନ୍ଧିଥିବା ମୁଦି ସାହାଯ୍ୟରେ ଗନ୍ତାଘର ଓ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ମୂଲ୍ୟବାନ ପଦାର୍ଥ ରଖାଯାଉଥିବା ଜାଗାରେ ସିଲ୍ ବା ମୋହର ମାରି ରଖୁଥିଲେ।

**ଗୋଟିଏ ମତ ଅନୁସାରେ 'ମୁଦଲେ' ବା 'ମାଦଳ' ଏକ ରାଜକୀୟ ଉପାଧି। ଏହି ଉପାଧିଧାରୀମାନେ ରାଜକୀୟ ଘୋଷଣା ଲେଖୁଥିଲେ ଓ ପ୍ରଚାର କରୁଥିଲେ।**

ଶ୍ରୀଯୁକ୍ତ ଚକ୍ରବର୍ତ୍ତୀଙ୍କ ମତରେ 'ମୁଦଲ' ଶବ୍ଦର ଅର୍ଥ ହେଉଛି ସିଲ୍ ବା ମୋହରଦେବା। ଏବେ ମଧ୍ୟ ପ୍ରତିଦିନ ସେବାପୂଜାପରେ ମନ୍ଦିରର ବନ୍ଦଦ୍ୱାରକୁ ମୁଦଦେବା ବା ସିଲ୍ କରିବା ଲୋକର ନାମ ମୁଦ୍ରସ୍ତ। ତେଣୁ ଏହି ମୁଦ୍ରସ୍ତ ଶବ୍ଦ ସହ ତୁଳନାକରି 'ମୁଦଲ' ଶବ୍ଦରୁ 'ମାଦଳା' ଶବ୍ଦ ସୃଷ୍ଟି ହୋଇଛି ବୋଲି ସେ ମତବ୍ୟକ୍ତ କରନ୍ତି।

ଗବେଷକ ରମାପ୍ରସାଦ ଚନ୍ଦ, ଜଗବନ୍ଧୁ ସିଂହ, ଡଃ ଆର୍ତ୍ତବଲ୍ଲଭ ମହାନ୍ତି, ପଣ୍ଡିତ ସୂର୍ଯ୍ୟନାରାୟଣ ଦାଶ ଓ ଐତିହାସିକ ରାଖାଲ ଦାସ ବାନାର୍ଜୀ ପ୍ରମୁଖ 'ମାଦଳା' ଶବ୍ଦର ଅର୍ଥକୁ ବାଦ୍ୟଯନ୍ତ୍ର ବା ଢୋଲ ଭାବରେ ଗ୍ରହଣ କରିଛନ୍ତି। ପୂର୍ବକାଳରେ ଯେକୌଣସି ପୁସ୍ତକ ତାଳପତ୍ରରେ ଲୁହା ଲେଖନୀରେ ଲେଖାଯାଉଥିଲା। ଏହି ତାଳପତ୍ର ଖେଦାଗୁଡ଼ିକୁ ମୃଗଛାଲରେ ଗୋଲାକାର ଭାବେ ବାନ୍ଧିକରି ସାଇତି ରଖାଯାଉଥିଲା। ଏହାର ସ୍ୱରୂପ ମାଦଳା ବାଦ୍ୟଯନ୍ତ୍ର ପରି ହୋଇଥିବାରୁ ଏହି ପାଞ୍ଜିର ନାମ 'ମାଦଳାପାଞ୍ଜି' ହୋଇଛି ବୋଲି ଗବେଷକମାନେ ମତବ୍ୟକ୍ତ କରିଥା'ନ୍ତି।

ପଣ୍ଡିତ ସଦାଶିବ ରଥଶର୍ମା ମାଦଳା ପାଞ୍ଜିକୁ ପ୍ରାଚୀନ ଇତିହାସ କହି, ଏହି ଅଖଣ୍ଡିତ ତଥ୍ୟ ଲମ୍ବାଲମ୍ବି ଭାବରେ ତାଳପତ୍ରରେ ଲିଖିତ ହୋଇ ମର୍ଦ୍ଦଳାକାରରେ ବନ୍ଧା ହୋଇଥିବାରୁ ଏପରି ନାମକରଣ ହୋଇଛି ବୋଲି ମତ ଦେଇଛନ୍ତି।

**ମାଦଳୀରୁ ମାଦଳା**

ଥ୍ରଷ୍ଟନ୍ ସାହେବ ପ୍ରମୁଖ 'ମୋଦଳୀ' ଶବ୍ଦରୁ ମାଦଳାର ଉତ୍ପତ୍ତି ବୋଲି କହିଛନ୍ତି। ପୁରୁଷୋତ୍ତମଦେବଙ୍କ ରାଜତ୍ୱ କାଳରେ ମନ୍ତ୍ରୀ ରାୟରାମାନନ୍ଦ ଦାକ୍ଷିଣାତ୍ୟରୁ ଦେବଦାସୀମାନଙ୍କୁ ଅଣାଇ ଶ୍ରୀଜଗନ୍ନାଥଙ୍କ ସମ୍ମୁଖରେ ନର୍ତ୍ତକୀ ଭାବରେ ସ୍ଥାନ ଦେଇଛନ୍ତି। ଦେବଦାସୀ ପୁତ୍ରମାନଙ୍କୁ 'ମାଦଳୀ' ବା 'ମୁଦଳୀ' ବୋଲି ପରିଚିତ କରାଯାଇଥାଏ।

ଅନ୍ୟ ଏକ ମତ ଅନୁସାରେ 'ମୁଦଲେ' ବା 'ମାଦଳ' ଏକ ରାଜକୀୟ ଉପାଧି। ଏହି ଉପାଧିଧାରୀମାନେ ରାଜକୀୟ ଘୋଷଣା ଲେଖୁଥିଲେ ଓ ପ୍ରଚାର କରୁଥିଲେ। ସେମାନେ ଜଗନ୍ନାଥ ମନ୍ଦିରର ବ୍ୟବସ୍ଥାକୁ ତାଳପତ୍ର ପୋଥିରେ ଲେଖୁଥିବାରୁ ତାହା ମାଦଳାପାଞ୍ଜି ରୂପେ ପରିଚିତ।

ଗବେଷକ ଓ ଐତିହାସିକ ଅନିରୁଦ୍ଧ ଦାସ କହିଛନ୍ତି 'ମୁଦଲ ସିଦ୍ଧି' ଗ୍ରନ୍ଥରୁ 'ମାଦଳା' ଶବ୍ଦଟି ଆହରଣ କରାଯାଇଛି। ପୁରୀ ଗଜପତି ରାଜାମାନଙ୍କର ନେପାଳ ରାଜପରିବାର ସହ ସମ୍ପର୍କ ଅତି ନିବିଡ଼। ଏପରିକି ବୈବାହିକ ସମ୍ପର୍କ ମଧ୍ୟ ରହିଛି। ବିଶ୍ୱର ଏକମାତ୍ର ହିନ୍ଦୁ ରାଷ୍ଟ୍ର ନେପାଳ ସହ ଶ୍ରୀଜଗନ୍ନାଥ ମନ୍ଦିରର ସମ୍ପର୍କ ମଧ୍ୟ ଅତି ପ୍ରାଚୀନ। ନେପାଳ ରାଜାଙ୍କର ଶ୍ରୀଜଗନ୍ନାଥ ମନ୍ଦିର ଦର୍ଶନ ସମୟରେ କେତେକ ସ୍ୱତନ୍ତ୍ର ନୀତି ପାଳିତ ହୋଇଥାଏ। 'ମୁଦଲ ସିଦ୍ଧି' ଗ୍ରନ୍ଥରେ ଉଲ୍ଲେଖ ଅଛି ଯେ ଏକଦା ନେପାଳର ରାଜା ଶଙ୍କରଦେବ ଜଗନ୍ନାଥଙ୍କ ମୂର୍ତ୍ତି ନିର୍ମାଣ ପାଇଁ ଦାରୁ 'ଜୀବନ୍ତ ଶାଳଗ୍ରାମ ବା ବ୍ରହ୍ମପଦାର୍ଥ' ପଠାଇଥିଲେ। ପୁନଶ୍ଚ 'ମୁଦଲସିଦ୍ଧି'କୁ ରାଜକୀୟ ଆଦେଶ ବା ସ୍ୱତ୍ୱ ପ୍ରଦାନ କୁହାଯାଏ। ଆଉ ମଧ୍ୟଏହି 'ମୁଦଲ' ଶବ୍ଦ ଗଙ୍ଗରାଜାମାନଙ୍କ କେନ୍ଦୁଲି ତାମ୍ର ଶାସନ ଖ୍ରୀ.୧୩୦୫ ଓ ପୁରୀ ତାମ୍ର ଶାସନ ୧୩୨୬ରେ ଦେଖିବାକୁ ମିଳିଥାଏ।

## ମୋଦୁଲ ଗାଁ

ଐତିହାସିକ ସତ୍ୟନାରାୟଣ ରାଜଗୁରୁ ଓ ଡ. ଗଗନେନ୍ଦ୍ରନାଥ ଦାଶ ପ୍ରମୁଖ 'ମୋଦୁଲ ଗାଁ' ଓ 'ମୋଦଲି' ଶବ୍ଦରୁ ମାଦଳା ଶବ୍ଦ ଆସିଥିବା ଅନୁମାନ କରନ୍ତି। ଆନ୍ଧ୍ରପ୍ରଦେଶର ମୋଦୁଲ ଗାଁ ବା ମୋଦଲୀ ଶବ୍ଦର ଅର୍ଥ ହେଉଛି ଆରମ୍ଭରୁ ବା ପ୍ରଥମରୁ। ଧର୍ମବିଶ୍ୱାସୀ ଭାରତୀୟମାନେ କୌଣସି ଶୁଭାନୁଷ୍ଠାନ କଲାବେଳେ ଆରମ୍ଭରୁ ପୂଜା ପଦ୍ଧତିର ନିୟମକୁ ପାଳନ କରିଥା'ନ୍ତି। ତେଣୁ ମାଦଳାପାଞ୍ଜି ଗଜପତି ରାଜା ଓ ଜଗନ୍ନାଥଙ୍କ ଇତିହାସ ପ୍ରଥମରୁ ଲେଖା ହୋଇ ଆସୁଥିବାରୁ ଏପରି ନାମକରଣ ହୋଇଛି ବୋଲି ଅନୁମିତ ହୁଏ।

'ମାଦଳା'ର ଆଭିଧାନିକ ଅର୍ଥ ହସ୍ତପଦହୀନ ଶରୀର। ଜଗନ୍ନାଥ ମହାପ୍ରଭୁ ଅସମ୍ପୂର୍ଣ୍ଣ ବା ହସ୍ତପଦହୀନ ମାଦଳ ହୋଇଥିବାରୁ ତାଙ୍କୁ କେନ୍ଦ୍ରକରି ରଚିତ ଏକ ପାଞ୍ଜିକୁ 'ମାଦଳାପାଞ୍ଜି' ଭାବରେ ନାମିତ କରିବାକୁ କେତେକ ସମାଲୋଚକ ଉଚିତ ମନେକରନ୍ତି; ମାତ୍ର ଜଗନ୍ନାଥ ମାଦଳ ନୁହନ୍ତି। ଓଡ଼ିଆ ସାହିତ୍ୟର ଦୀର୍ଘ ପରମ୍ପରାରେ କେହି ଜଣେ କବି ଜଗନ୍ନାଥଙ୍କୁ ମାଦଳ ଭାବରେ ବର୍ଣ୍ଣନା କରିନାହାନ୍ତି। ବରଂ ଭକ୍ତଗଣ ତାଙ୍କୁ 'କଳାଶ୍ରୀମୁଖ' ଭାବରେ ଅଭିହିତ କରି ତାଙ୍କର ସୌନ୍ଦର୍ଯ୍ୟ ଗାନ କରିବାରେ ବିଭୋର। (ଏ ସମ୍ବନ୍ଧେ ଡଃ. ମାୟାଧର ମାନସିଂହଙ୍କ ଅଭିମତ ପ୍ରଣିଧାନଯୋଗ୍ୟ-ଓଡ଼ିଆ ସାହିତ୍ୟର ଇତିହାସ, ପୃ.-୪୪)। ନିଜର ଆରାଧ୍ୟ ଦେବତା ବିଶ୍ୱବନ୍ଦ୍ୟ ଶ୍ରୀଜଗନ୍ନାଥଙ୍କୁ ମାଦଳ ବୋଲି ଚିନ୍ତାକରି ପାଞ୍ଜିକୁ ମାଦଳାପାଞ୍ଜି କହିବା ମତ ଆଦୌ ଗ୍ରହଣଯୋଗ୍ୟ ନୁହେଁ।

**'ମାଦଳା'ର ଆଭିଧାନିକ ଅର୍ଥ ହସ୍ତପଦହୀନ ଶରୀର। ଜଗନ୍ନାଥ ମହାପ୍ରଭୁ ହସ୍ତପଦହୀନ ମାଦଳ ହୋଇଥିବାରୁ ତାଙ୍କୁ କେନ୍ଦ୍ରକରି ଏଭଳି ନାମକରଣ ହୋଇଥିବା କୁହାଯାଏ।**

ମହାମହୋପାଧ୍ୟାୟ ପଣ୍ଡିତ ସଦାଶିବ ମିଶ୍ର (ବଙ୍ଗଳା 'ଶ୍ରୀକ୍ଷେତ୍ର'ର ପାଦଟୀକା, ପୃ.-୮)ଙ୍କ ମତରେ "ମାଦଳାପାଞ୍ଜି ଓଡ଼ିଶାର ପ୍ରାଚୀନ ଇତିହାସ ସ୍ୱରୂପ ମାଦଳା ପଞ୍ଜିକା ଲମ୍ବାଲମ୍ବଭାବେ ତାଳପତ୍ର ଲିଖିତ ହଇୟା ମର୍ଦ୍ଦଳାକାରେ ବଦ୍ଧଥାକାୟଓ ଇହାର ନାମ 'ମାଦଳାପାଞ୍ଜି' ହଇୟାଛେ। ଇହାତେ ଶ୍ରୀଜଗନ୍ନାଥ ଦେବେର ମନ୍ଦିରେର ଓ ଓଡ଼ିଶ୍ୟାର ନୃପତିଗଣେର ଇତିବୃତ୍ତ ଲିଖିତ ହଇଛେ।"

## ଜିଜାତି ପାଞ୍ଜି

ଗବେଷକ ଡଃ ଖଗେଶ୍ୱର ମହାପାତ୍ର ସାରଳା ମହାଭାରତର ଆଦିପର୍ବରେ ବର୍ଣ୍ଣିତ 'ଜିଜାତି ପାଞ୍ଜି'ର ଉଦାହରଣ ଦେଇଏହାକୁ 'ମାଦଳାପାଞ୍ଜି' ରୂପେ ଗ୍ରହଣ କରିଛନ୍ତି।

"ଥାନି ଜାଗିରର କର ଛାଡ଼ ପରଜାଙ୍କୁ
ବିହନ ଭିଆଣ କଲେ ଭଣ୍ଡାର ଦେବାକୁ
ଏ ବିଧି ଭିଆଣ କଲେ ଛତିଶ ମଣ୍ଡଳେ
ଦେବ ବ୍ରାହ୍ମଣଙ୍କୁ କର ଛାଡ଼ି ସର୍ବକାଳେ
ନିଯୋଗ ଭୂମି ଛାଡ଼ିଣ ଦେଲେ ଦେବତାଙ୍କୁ
'ଜଜାତି ପାଞ୍ଜି' ପ୍ରମାଣେ ପାଳିଲେ ପ୍ରଜାଙ୍କୁ।"

(ସାରଳା ମହାଭାରତ, ଆଦିପର୍ବ)

ତେଣୁ ମାଦଳାପାଞ୍ଜିର ଅନ୍ୟନାମ 'ଜିଜାତି ପାଞ୍ଜି' ଥିଲା ବୋଲି ପ୍ରଫେସର ଖଗେଶ୍ୱର ମହାପାତ୍ରଙ୍କ ମତ।

କେତେକ ପ୍ରାଚୀନ ଶାସ୍ତ୍ର ଅନୁସାରେ ମାଦଳା ଦୁଇଟି ଶବ୍ଦ (ମାଦ+ଳା)ର ସମଷ୍ଟି। 'ମାଦ'ର ଅର୍ଥ ଗୌରବ ବା ପ୍ରଶଂସାମୂଳକ ଉକ୍ତି ଏବଂ 'ଳା'ର ଅର୍ଥ ସଂକଳନ ବା ସଂଗ୍ରହ। ଅତଏବ 'ମାଦଳା'ର ଅର୍ଥ ରାଜାମାନଙ୍କର ଗୌରବାବହ ଇତିହାସର ସଂକଳନ ଏବଂ ଯେଉଁ ପାଞ୍ଜିରେ ଏହି ଇତିହାସ ସଂକଳିତ ତାହା 'ମାଦଳାପାଞ୍ଜି'।

ଉପରୋକ୍ତ ବିଭିନ୍ନ ଗବେଷକ ଓ ଆଲୋଚକମାନଙ୍କର ମତଗୁଡ଼ିକ ଅନୁଶୀଳନ କଲେ ଦେଖାଯାଏ ବିଭିନ୍ନ ସମାଲୋଚକ ନିଜସ୍ୱ ମତର ସାର୍ଥକତା ପ୍ରତିପାଦନ କରିବାକୁ ଚେଷ୍ଟା କରିଛନ୍ତି। 'ମାଦଳା' ନାମକରଣର ସାର୍ଥକତା ପାଇଁ ପ୍ରଚେଷ୍ଟା କରିଛନ୍ତି।

ମାତ୍ର ଦ୍ୱିତୀୟ ମତ ଯେଉଁଟିକୁ ଗବେଷକ ରମାପ୍ରସାଦ ଚନ୍ଦ, ସଦାଶିବ ରଥଶର୍ମା, ଜଗବନ୍ଧୁ ସିଂହ, ଡଃ. ଆର୍ତ୍ତବଲ୍ଲଭ ମହାନ୍ତି, ପଣ୍ଡିତ ସୂର୍ଯ୍ୟନାରାୟଣ ଦାଶ, ଐତିହାସିକ ରାଖାଲ ଦାସ ବାନାର୍ଜୀ ପ୍ରମୁଖ ସମର୍ଥନ କରନ୍ତି ଓ ଶେଷୋକ୍ତ ମତଟି ଅଧିକ ଯୁକ୍ତିଯୁକ୍ତ ଓ ଗ୍ରହଣଯୋଗ୍ୟ ମନେହୁଏ।

□□


ଲେଖକଙ୍କ ଇ-ମେଲ୍ ଠିକଣା:
ambarisha_satpathy@rediffmail.com

ସାକ୍ଷାତକାର

# ବର୍ଷୀୟାନ୍ କଥାକାର ପଦ୍ମଜ ପାଲଙ୍କ ସହ ସାରସ୍ୱତ ଆଳାପ

*ବିଶିଷ୍ଟ ସାରସ୍ୱତ ସ୍ରଷ୍ଟା ଡ଼. ପଦ୍ମଜ ପାଲଙ୍କ ଜନ୍ମ ୧୯୪୬ ମସିହାରେ । ବୃତ୍ତିରେ ସେ ଥିଲେ ଦର୍ଶନ ବିଭାଗର ଅଧ୍ୟାପକ । ଓଡ଼ିଆ କଥା ସାହିତ୍ୟକୁ ସମୃଦ୍ଧ କରିବାରେ ସେ ମହତ୍ୱପୂର୍ଣ୍ଣ ଭୂମିକା ପାଳନ କରିଛନ୍ତି । ଏ ଯାବତ ତାଙ୍କର ୧୧ଟି ଗଳ୍ପ ସଂକଳନ ତଥା ୧୯ଟି ଉପନ୍ୟାସ ପ୍ରକାଶିତ । ସେ ୧୯୯୧ ମସିହାରେ ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାରରେ ସମ୍ମାନିତ ହୋଇଥିଲେ । ଏତଦ୍‌ବ୍ୟତୀତ ୧୯୯୩ ମସିହାରେ ତାଙ୍କୁ 'ଝଙ୍କାର ଗଳ୍ପ ପୁରସ୍କାର' ତଥା ୧୯୯୫ରେ 'ଉତ୍କଳ ସାହିତ୍ୟ ସମାଜ ପୁରସ୍କାର'ରେ ମଧ୍ୟ ଭୂଷିତ କରାଯାଇଥିଲା । ଏହି ବର୍ଷୀୟାନ୍ ସାରସ୍ୱତ ପ୍ରତିଭାଧରଙ୍କ ସହ ତାଙ୍କର ଖୋର୍ଦ୍ଧା ସ୍ଥିତ ବାସଭବନରେ ବାର୍ତ୍ତାଳାପ କରିଥିଲେ 'ସାହିତ୍ୟ ଚର୍ଚ୍ଚା'ର ସମ୍ପାଦକ ନିହାର ଶତପଥୀ ।*

**ସାହିତ୍ୟ ଚର୍ଚ୍ଚା:** ଆପଣଙ୍କର ପ୍ରଥମ ଗଳ୍ପ ସଂକଳନ ପ୍ରକାଶ ପାଇଥିଲା ୧୯୭୭ ମସିହାରେ, ଅଥଚ ପ୍ରଥମ ଉପନ୍ୟାସଟି ପ୍ରକାଶ ପାଇଲା ୧୯୮୮ରେ । ତା'ହେଲେ ଆମେ କ'ଣ ଧରିନେବା ଯେ ଆପଣ ଗଳ୍ପ ରଚନାରୁ ହିଁ ଆରମ୍ଭ କରିଥିଲେ ନିଜର ଏହି ସାରସ୍ୱତ ଯାତ୍ରା ?



**ପଦ୍ମଜ ପାଲ:** ପ୍ରାୟ ସେଇଆ ହିଁ କୁହାଯାଇପାରେ । ଅବଶ୍ୟ ମୋ'ର ପ୍ରଥମ ଗଳ୍ପଟି ଲେଖିଥିଲି ୧୯୫୮ରେ । ସେଇଟି କିନ୍ତୁ ପ୍ରକାଶିତ ହୋଇ ନ ଥିଲା, ଏବଂ ତାହାର କୌଣସି କପି ମଧ୍ୟ ଏବେ ମୋ ପାଖରେ ନାହିଁ ।

**ସାହିତ୍ୟ ଚର୍ଚ୍ଚା:** କିଛି ଆଲୋଚକମାନଙ୍କ ମତରେ ଆପଣଙ୍କର ଅଧିକାଂଶ ଗଳ୍ପ ପ୍ରେମ ଉପରେ ହିଁ ଆଧାରିତ । ତେବେ ଗୋଟିଏ କଥା ମନକୁ ଆସେ ଯେ ଆପଣଙ୍କ ଅଧିକାଂଶ ଗଳ୍ପ ପ୍ରେମ ଉପରେ ହିଁ ଆଧାରିତ । ଏହା ପଛର ରହସ୍ୟ କ'ଣ ?

**ପଦ୍ମଜ ପାଲ:** ଆଲୋଚକମାନେ କ'ଣ କହନ୍ତି ସେଥିରେ ମୋର ବେଶୀ ଧାରଣା ନାହିଁ । ବୋଧହୁଏ ସେମାନେ ମୋର ପ୍ରେମଟିକୁ ଠିକ୍‌ଭାବେ ଧରି ପାରିନଥିବେ । କଥାଟି ହେଲା, ପ୍ରେମ ହେଉଛି ମୋ'ର ଶକ୍ତି । ସଚରାଚର ଯାହା କିଛି ଘଟୁଥାଏ ତାହା ପଛରେ ଥାଏ ପ୍ରେମ । ପ୍ରେମ ନ ଥିଲେ ଆପଣ କିଛି ବି କରିପାରିବେ ନାହିଁ, ଏମିତିକି ମରି ବି ପାରିବେ ନାହିଁ ।

**ସାହିତ୍ୟ ଚର୍ଚ୍ଚା:** ପ୍ରଥମେ ଯେତେବେଳେ ଆପଣ ପ୍ରେମକୁ ଚିତ୍ରଣ କରିବା ଆରମ୍ଭ କଲେ, ସେ ସମୟର ପ୍ରେମ ଓ ଏବର ଯୁବଲେଖକମାନେ ପ୍ରେମକୁ ଯେମିତି ଭାବରେ ଦେଖନ୍ତି, ତା'ମଧ୍ୟରେ ଆପଣ କିଛି ଅବକ୍ଷୟ ଲକ୍ଷ୍ୟ କରନ୍ତି କି?

**ପଦ୍ମଜ ପାଳ:** ଅବକ୍ଷୟ ନାହିଁ ବୋଧହୁଏ। ତେବେ ମୁଁ ଭାବୁଛି, ପ୍ରେମଟା ଯେମିତି 'ଡି-ରେଲ୍' ବା ଲାଇନ୍‌ଚ୍ୟୁତ ହୋଇଯାଇଛି।

**ସାହିତ୍ୟ ଚର୍ଚ୍ଚା:** ଅବଶ୍ୟ ପ୍ରେମ ବ୍ୟତୀତ ଅନ୍ୟ ଏକ ବଳିଷ୍ଠ ଥିମ୍ ମଧ୍ୟ ଦୃଷ୍ଟିରେ ପଡେ ଆପଣଙ୍କ ରଚନାରେ। ତା' ହେଉଛି ଏକାକିତ୍ୱ। ଯେମିତି 'ନିଷିଦ୍ଧ ଅରଣ୍ୟ' ଗଳ୍ପରେ ଆପଣ କହିଛନ୍ତି, 'ଜୀବନରେ ଆମେ ସମସ୍ତେ ପରସ୍ପରଠାରୁ ଦୂରରେ, ସମ୍ପୂର୍ଣ୍ଣ ଏକା।' ଏମିତି କାହିଁକି!

**ପଦ୍ମଜ ପାଳ:** ଜୀବନ ଓ ମୃତ୍ୟୁ - ଏହା ମଝିର ଯାତ୍ରାପଥରେ ମଣିଷ ରହିଥାଏ ଭୀଷଣ ଏକାକୀ। କୁହାଯାଏ ଯେ ମଣିଷ ଏକ ସାମାଜିକ ପ୍ରାଣୀ, ତଥାପି ଏକାକୀପଣ ତାକୁ ଘାରି ବସିଥାଏ।

**ଏକାକୀତ୍ୱ ମଣିଷକୁ ବହୁ ଭାବରେ ସାହାଯ୍ୟ କରେ। ପ୍ରଥମରେ ତ ନିଜକୁ ବୁଝିବାକୁ ସମର୍ଥ କରେ, ତା'ପରେ ସମାଜକୁ ବୁଝିବାକୁ ବି।**

**ସାହିତ୍ୟ ଚର୍ଚ୍ଚା:** ତେବେ, ଏହି ଏକାକୀତ୍ୱରୁ ମଣିଷ କ'ଣ ହାସଲ କରେ ବୋଲି ଆପଣ ଭାବନ୍ତି!

**ପଦ୍ମଜ ପାଳ:** ଏକାକୀତ୍ୱ ମଣିଷକୁ ବହୁ ଭାବରେ ସାହାଯ୍ୟ କରେ। ପ୍ରଥମରେ ତ ନିଜକୁ ବୁଝିବାକୁ ସମର୍ଥ କରେ, ତା'ପରେ ସମାଜକୁ ବୁଝିବାକୁ ବି। ଆମର ବୌଦ୍ଧିକ ଉତ୍ତରଣ ପାଇଁ ମଧ୍ୟ ଏକାକିତ୍ୱ ଜରୁରୀ।

**ସାହିତ୍ୟ ଚର୍ଚ୍ଚା:** ପିଏଚ୍.ଡି ପାଇଁ ଆପଣଙ୍କ ଗବେଷଣାର ବିଷୟବସ୍ତୁ ଥିଲା 'ଏସ୍ଥେଟିକ୍ସ' ବା ସୌନ୍ଦର୍ଯ୍ୟତତ୍ତ୍ୱ। ତେବେ ସାହିତ୍ୟର ପ୍ରେକ୍ଷାପଟରେ ଆମେ ଏହି 'ଏସ୍ଥେଟିକ୍ସ'କୁ କେମିତି ବୁଝିବା?

**ପଦ୍ମଜ ପାଳ:** ଏସ୍ଥେଟିକ୍ସ ନ ରହିଲେ ସାହିତ୍ୟ ସୌନ୍ଦର୍ଯ୍ୟରହିତ ହୋଇଯିବ। ସାହିତ୍ୟ ହେଉଛି ପ୍ରେମମୟ। ଏହା ହିଁ ସୌନ୍ଦର୍ଯ୍ୟ।

**ସାହିତ୍ୟ ଚର୍ଚ୍ଚା:** ତେବେ ଆମେ କ'ଣ କହିପାରିବା ଯେ ସୌନ୍ଦର୍ଯ୍ୟତତ୍ତ୍ୱ ହେଉଛି ସାହିତ୍ୟର ଏକ ଅଭିନ୍ନ ଅଙ୍ଗ?

**ପଦ୍ମଜ ପାଳ:** ହଁ, ଏହା ବିନା ସାହିତ୍ୟ ପ୍ରାଣହୀନ ହୋଇପଡେ।

**ସାହିତ୍ୟ ଚର୍ଚ୍ଚା:** ଆପଣଙ୍କ ଗଳ୍ପ 'ଧୂଳି ଧୂସରିତ'ରେ ମଣିଷର ଦୈନ୍ୟ ଓ ଅସହାୟତା ମଧ୍ୟ ବଡ଼ ମାର୍ମିକ ଭାବରେ ଚିତ୍ରିତ। ସମାଜର ନିଷ୍ପେଷିତ ବର୍ଗର ଏହି ବିଡ଼ମ୍ୱନାକୁ ଏଭଳି ଭାବରେ ନିଜ ରଚନାରେ ସ୍ଥାନ ଦେଇ କ'ଣ ଆପଣ ନିଜର ସାମାଜିକ ଅଙ୍ଗୀକାରବଦ୍ଧତା ପାଳନ କରିଛନ୍ତି?

**ପଦ୍ମଜ ପାଳ:** ହଁ ଯେ, କିନ୍ତୁ ଏହା ଯେତିକି ମାତ୍ରାରେ କରିବା କଥା ତାହା ପାରିଛି ବୋଲି ମୁଁ ଭାବୁନାହିଁ।

**ସାହିତ୍ୟ ଚର୍ଚ୍ଚା:** ତେବେ ଏ ଦିଗରେ ଆହୁରି କିଛି କରିବାକୁ ବାକି ରହିଗଲା!

**ପଦ୍ମଜ ପାଳ:** ନିଶ୍ଚୟ। ସାହିତ୍ୟ ହେଉଛି ଏକ କଠିନ ଯାତ୍ରା; ସେ ଯାତ୍ରାରେ ସଫଳତା ଏତେ ସହଜରେ ଆସେନାହିଁ। ନିଜ ରଚନାରେ ପ୍ରେମର ବିଭିନ୍ନ ଦିଗକୁ ମୁଁ ରୂପ ଦେଇଛି। ବିଶେଷତଃ ସୌନ୍ଦର୍ଯ୍ୟବୋଧର କଥା କହିଛି; ସେହି ସୌନ୍ଦର୍ଯ୍ୟବୋଧ ଯାହା ଆମ ଜୀବନକୁ ଧରିରଖେ।

**ସାହିତ୍ୟ ଚର୍ଚ୍ଚା:** ଏହି ସୌନ୍ଦର୍ଯ୍ୟତତ୍ତ୍ୱକୁ ଆପଣ ଯେଉଁ ଦୃଷ୍ଟିକୋଣରୁ ଦେଖନ୍ତି ବା ଯେଉଁଭଳି ଅଧ୍ୟୟନ କରିଛନ୍ତି ତାହା ବୋଧହୁଏ ଆଉ କିଏ କରିନାହାନ୍ତି।

**ପଦ୍ମଜ ପାଳ:** ଆଉ କେତେଜଣ ବି ଲେଖିଛନ୍ତି ଏ ବିଷୟରେ। ଏହି ତତ୍ତ୍ୱର ଆଲୋଚନା ଅନ୍ୟତ୍ର ମଧ୍ୟ ହୋଇଛି।


**ସାହିତ୍ୟ ଚର୍ଚ୍ଚା:** ୧୯୮୮ରେ ପ୍ରକାଶିତ ଆପଣଙ୍କ ଉପନ୍ୟାସ 'ଦୁର୍ଗ ପତନର ବେଳ'ରେ ମୃତ ପିତାର ଶବ ନିକଟରେ ଠିଆ ହୋଇଥିବା ଜଣେ ପୁତ୍ରର ମୁହଁରେ ଆପଣ କୁହାଇଛନ୍ତି, 'ବାପା, ତୁମ ଜୀବନ ଏ ନର୍କ ଭୋଗରୁ ମୁକ୍ତ ହେଉ।' ଦର୍ଶନଶାସ୍ତ୍ରର ଛାତ୍ର ଭାବରେ ଆପଣ ମୃତ୍ୟୁକୁ ମୁକ୍ତି ବା ମୋକ୍ଷର ଏକ ମାଧ୍ୟମ ଭାବରେ ଦେଖନ୍ତି କି?

**ପଦ୍ମଜ ପାଳ:** ହଁ, ଆମେ ସେଇମିତି ବିଶ୍ୱାସ କରୁ। ଆପଣ ଟିକିଏ ଗଭୀରକୁ ଗଲେ ଏହା ଅନୁଭବ କରିପାରିବେ।

**ସାହିତ୍ୟ ଚର୍ଚ୍ଚା:** ୨୦୧୧ ବେଳକୁ ପ୍ରକାଶିତ

ହୋଇଥିଲା ଆପଣଙ୍କର ଏକ ଭିନ୍ନ ସ୍ୱାଦର ଉପନ୍ୟାସ 'ଗାନ୍ଧି ଛକରୁ ଟିକିଏ ଆଗକୁ'। ଏହାକୁ କେହି କେହି ଏକ 'ଆଣ୍ଟି-ନଭେଲ୍' ବୋଲି ମଧ୍ୟ କହନ୍ତି। ଏମିତି କାହିଁକି ?

**ପଦ୍ମଜ ପାଲ:** ଏଥିର ଭାବବସ୍ତୁ ଓ ଚରିତ୍ର ବିନ୍ୟାସ ବୋଧହୁଏ ଧରାବନ୍ଧା ଉପନ୍ୟାସମାନଙ୍କଠାରୁ ଏକ ଭିନ୍ନ ମୋଡ ନେଇଛି । ତେଣୁ ହୋଇପାରେ ଯେ ସମାଲୋଚକମାନେ ଏଥିରେ ଏକ ଭିନ୍ନ ପ୍ରକାରର ତତ୍ତ୍ୱ ଆବିଷ୍କାର କରନ୍ତି। ଅର୍ଥାତ ଏକ ଅନ୍ୟ ସ୍ତରର ଉତ୍ତରଣ।




**ସାହିତ୍ୟ ଚର୍ଚ୍ଚା:** ଆପଣଙ୍କ ଗଳ୍ପଗୁଡ଼ିକ ଅପେକ୍ଷାକୃତ ଭାବରେ ଦୀର୍ଘ କାହିଁକି ?

**ପଦ୍ମଜ ପାଲ:** ଯେତେବେଳେ ଗଳ୍ପଗୁଡ଼ିକ ବଡ ହୋଇଯାଏ, ମୁଁ ଜାଣିପାରେ ଯେ ସେଗୁଡ଼ିକ ବେଶି ଲମ୍ବିଯାଉଛି। କିନ୍ତୁ ସେଠି ନିଜକୁ ପ୍ରକାଶ କରିବାର ଆକର୍ଷଣଟି ପ୍ରଚଣ୍ଡ ଭାବରେ ଥାଏ।

**ସାହିତ୍ୟ ଚର୍ଚ୍ଚା:** ଏହାକୁ କ'ଣ କହିପାରିବା ଯେ ଗଳ୍ପର ଭାବକୁ ପରିସ୍ଫୁଟ କରିବାର ଏକ ଆକର୍ଷଣ, ଯାହାକୁ ଛାଡିହୁଏନି ?

**ପଦ୍ମଜ ପାଲ:** ହୁଏତ ତାହା। ଗଳ୍ପର ସୌନ୍ଦର୍ଯ୍ୟ ମୋ ପାଇଁ ଅଧିକ ଗୁରୁତ୍ୱପୂର୍ଣ୍ଣ। ଏଣୁ ଦୈର୍ଘ୍ୟକୁ ନେଇ ସାଲିସ୍ କରେ ନାହିଁ।

**ସାହିତ୍ୟ ଚର୍ଚ୍ଚା:** ବର୍ତ୍ତମାନ ଯୁଗରେ ଜୀବନ ଏତେ ତୀବ୍ର ଗତିରେ ଧାଇଁଛି ଯେ ଲୋକଙ୍କ ପାଖରେ ପଢ଼ିବା ପାଇଁ ସମୟର ଅଭାବ। ତାହାରି ପରିଣାମରେ ଆଜିର ପାଠକ ଖୋଜୁଛି ଅଣୁ ଗଳ୍ପ ବା ମିନିଗଳ୍ପ; ପୂର୍ଣ୍ଣାଙ୍ଗ ଗଳ୍ପ ଆଡ଼କୁ ସେ ଯାଉନାହିଁ। ଏ ବିଷୟରେ ଆପଣଙ୍କର ମତ କ'ଣ ?

**ପଦ୍ମଜ ପାଲ:** ମୁଁ ଏହା ସହିତ ଏକମତ ନୁହେଁ। ମୁଁ ଭାବେ ଯେ ପୂର୍ଣ୍ଣାଙ୍ଗ ଗଳ୍ପ ଆଡ଼କୁ ବରଂ ସମସ୍ତେ ଯାଉଛନ୍ତି। ଗଳ୍ପଟି ପୂର୍ଣ୍ଣାଙ୍ଗ ନ ହେଲେ ସେଥିରେ ସମ୍ପୂର୍ଣ୍ଣ ଆବେଦନଟି ରହିବ କେମିତି !

**ସାହିତ୍ୟ ଚର୍ଚ୍ଚା:** ବୃତ୍ତିଗତ ଜୀବନରେ ଜଣେ ଅଧ୍ୟାପକ ଓ କଲେଜ ଅଧ୍ୟକ୍ଷ ଭାବରେ ଦାୟିତ୍ୱ ନିର୍ବାହ କରିବାର ଚାପ ଆପଣଙ୍କ ସାରସ୍ୱତ ସୃଷ୍ଟିକୁ ପ୍ରଭାବିତ କରିଛି କି ?

**ପଦ୍ମଜ ପାଲ:** ମୋ ଅଧ୍ୟାପକୀୟ ଜୀବନରେ ନିଜର ଦାୟିତ୍ୱ ସୁଚାରୁ ଭାବରେ ତୁଲାଇପାରିଛି ମୁଁ ମନେକରେ। କିନ୍ତୁ ମୁଁ ନିଜକୁ ଏଥି ଜନିତ କୌଣସି ଚାପର ବଶବର୍ତ୍ତୀ ହେବାକୁ ଦେଇନାହିଁ। ତେଣୁ ମୋର ସର୍ଜନା କର୍ମରେ ଏହା ବିଶେଷ ବାଧା ସୃଷ୍ଟି କରିନାହିଁ।

**ସାହିତ୍ୟ ଚର୍ଚ୍ଚା:** ମାତ୍ର ଅଳ୍ପ ଦିନ ତଳେ ଉନ୍ମୋଚିତ ହୋଇଛି ଆପଣଙ୍କର ଏକ ସଦ୍ୟ ପ୍ରକାଶିତ ଉପନ୍ୟାସ 'ସୀତା ମୁଁ ସୀତା'। ଏହା ପରେ ଏବେ ଆଉ ଏକ ବହି ଲେଖିବାର ଯୋଜନା ଅଛି କି ?

**ପଦ୍ମଜ ପାଲ:** ଯୋଜନା ତ ଅଛି। କିନ୍ତୁ ଏହା ମନ ଭିତରେ ହିଁ ରହିବା ଭଲ। ଏହା ବିଷୟରେ ପୂର୍ବରୁ ଆଲୋଚନା କଲେ ବହିଟି ପ୍ରଭାବିତ ହୋଇଯିବାର ସମ୍ଭାବନା ଥାଏ।

**ସାହିତ୍ୟ ଚର୍ଚ୍ଚା:** ଆମ ଭାଷାରେ ଭବିଷ୍ୟତର ଗଳ୍ପ ସାହିତ୍ୟ କିଭଳି ରୂପ ନେବାକୁ ଯାଉଛି ବୋଲି ଆପଣ ଭାବନ୍ତି ?

**ପଦ୍ମଜ ପାଲ:** ଭବିଷ୍ୟତରେ ଗଳ୍ପ ଓ ଉପନ୍ୟାସର ଆଙ୍ଗିକତାରେ ପରିବର୍ତ୍ତନ ହେବାଟା ସ୍ୱାଭାବିକ। ସେ ପରିବର୍ତ୍ତନକୁ ଆମେ ଅଟକାଇ ପାରିବା ନାହିଁ। ଦଶବର୍ଷ ତଳର ଗଳ୍ପ ଓ ଏବର ଗଳ୍ପ ମଧ୍ୟରେ ଯେଉଁଳି ଫରକ୍ ରହିଛି, ସେମିତି ଭବିଷ୍ୟତରେ ମଧ୍ୟ ଏକ ଫରକ ଆସିବ।

**ସାହିତ୍ୟ ଚର୍ଚ୍ଚା:** ଆଜିର ସାରସ୍ୱତ ଆଲୋଚନାଟି ପାଇଁ ଆପଣଙ୍କୁ ଅନେକ ଧନ୍ୟବାଦ।

□□




କ୍ଷୁଦ୍ରଗଳ୍ପ

# ଦୁଇଟି ଓହଳା ପାଦ

ବଳରାମ ପୂଜାରୀ

କୁନ୍ଥାଉଥିଲା ମରହଟିଆ ମାଟାଡୋର୍‌ଟା। ମାଲିକ କ'ଣ ପିଆଇଥିଲା କେଜାଣି ପଛପଟୁ ପୁଳା ପୁଳା କଳା ଭୁଷ ଭୁଷ ଧୂଆଁ ଆଉ ଧୂଆଁ ଛାଡି ଦଉଡୁଥିଲା ଭଙ୍ଗା ଦଦରା, ପଞ୍ଜରା ପିଠିଆ ଗାଡ଼ିଟା। କିରାସିନିପିଆ ଫଟା ଇଞ୍ଜିନ ପ୍ରାଣପଣେ ଘୁଁ ଘୁଁ ଗର୍ଜନ କରି ଅଙ୍କା ବଙ୍କା ଦର୍ ନା ପାଲ୍ଲି ଘାଟିଟା ଚଢିବାକୁ ଚେଷ୍ଟା କରୁଥିଲା କୁନ୍ଥେଇ କୁନ୍ଥେଇ। ଜୀବନ ଛାଡିବା ଉପରେ ଯେମିତି, ସେମିତି ଅବସ୍ଥା। ହେଲପର୍ ବାପୁଡ଼ା ମଝିରେ ମଝିରେ ଓହ୍ଲାଇ ଦୌଡ଼ି ଦୌଡ଼ି ପଥର 'ଘୁଠୁକା' ରଖିଦେଉଥାଏ ଘାଟି ଚଢ଼ି ନ ପାରି ପଛକୁ ପଛକୁ ପଛାଡିଆ ପଛାଡିଆ ଫେରି ଆସୁଥିବା ମାଟାଡୋର୍‌ର ପଛ ଚକାରେ। କେତେବେଳେ ତ ପେଟେଇ ପେଟେଇ ଗୋଲ ଗୋଲ ପାହାଡ଼ କଟା ଘାଟି ଉଠୁଥାଏ, ବାପୁଡ଼ା ଗାଡ଼ିଟା।



ସୀମାନ୍ତ ଛତିଶଗଡ଼ ଓ ଓଡ଼ିଶାର ମାଲକାନଗିରି ଜିଲ୍ଲାକୁ ଯୋଡୁଥିଲା ଏଇ ଭଙ୍ଗା ଦଦରା ଅବହେଳିତ, ନିଷ୍ପେଷିତ ଏକମାତ୍ର ଶାପିତ ସୀମାନ୍ତର ଜୀବନ ରେଖା। ଗଣ୍ଡରା ବୁଟୁକା ପେଡ଼ି ପୋଟଳି ଧରି ଦାଦନିଆ ଦେବତାମାନେ ଢୋଳଉଥିଲେ, ନଡ଼ିଆ କତା ଭର୍ତ୍ତି ଫଟା ସିଟ୍‌ରେ 'ଖୁନ୍ଦାଖୁନ୍ଦି' ହୋଇ। ବାହାରକୁ ଏକ ଲୟରେ ଅନାଇ ରହିଥିଲା ଦାଦନ 'ଦୁହିତା' ରାଇମତୀ। ସୀମାନ୍ଧ୍ର ସୀମାନ୍ତକୁ ଛୁଇଁଥିବା ମାଲକାନଗିରି ଜିଲ୍ଲାର 'କୋରକୋଣ୍ଡା' ବ୍ଲକ 'ନାକାମାମୁଡି' ପଞ୍ଚାୟତ 'ବାଟାଗୁଡା' ଗାଁ ର ଅଙ୍ଗନବାଡ଼ିରେ ନାଁ ଲେଖାଇ ଦିନେ ବି ଅଙ୍ଗନବାଡ଼ିର ପିଣ୍ଡା ମାଡ଼ି ନ ଥିବା ଛୋଟ ଝିଅଟେ 'ଅଭାଗିନୀ ରାଇମତୀ'। ଜନମ ବେଳୁଁ ଅନାଥିନୀ। ବାପ ମଦ ପିଇ ପିଇ ମଲା ପରେ ମାଁ ବି ତା'କୁ ଛାଡ଼ିଦେଇ କୋଉ ଛାଡରା ଧାଙ୍ଗଡା ସହ ଉଦୁଲିଆ ପଳେଇଲା, ପାହାନ୍ତି ପ୍ରହରରୁ। ବାକି ରହିଲା ଅଭାଗିନୀ ରାଇମତୀ ଓ ତା'ର (ଜେଜ) ଆନିବାଇ। ଛତିଶଗଡି ଦଲାଲ୍ ଠୁଁ ଗତ ନୂଆଁଖାଇରେ ଉଦ୍ଧାର ଆଣିଥିବା ଟଙ୍କା ଦୁଇ ହଜାର ପାଇଁ ଗାଁ ଲୋକଙ୍କ ସହ ଜେଜେ ନାତୁଣୀ ଦାଦନ ଶ୍ରମିକ ଭାବେ ଖଟିବାକୁ ଯାଇଥିଲେ ପଡୋଶୀ ରାଜ୍ୟ ଛତିଶଗଡ଼। ଗଞ୍ଜେଇ ବେଡାରେ ପାଣି ମଡାଇବା ଓ ଖତସାର ଦେଇ ଗଞ୍ଜେଇ ଚାଷରେ କୁଲି ମଜୁରି କରି ଅବକାରୀ ଫସଲ ଅମଳ ପରେ ଦଲାଲ୍ ଉଦ୍ଧାର ଶୁଝିବା ସହ ଦୁଇ ତିନି କୋଡ଼ି ଡାବୁ ଧରି ଫେରିବାଟା କୋଉ ଅନାଦି କାଳରୁ ଏହି ଆଦିବାସୀ ଅଧୁଷିତ ସନ୍ତାନମାନଙ୍କ କପାଳରେ ଯେମିତି ଲେଖା ହୋଇଛି। ଡଙ୍ଗର ଧାନ ପୁଟେ ଦୁଇ ପୁଟି ଅମଳ ପରେ, ପ୍ରାୟତଃ ଆଦିବାସୀ ଗାଁଗୁଡିକରେ ଗାଁଲୋକଙ୍କ ପାଇଁ କାମଧନ୍ଦା କିଛି ନାହିଁ। ସବୁ ସରକାରୀ କାମ ବଡ଼ବଡ଼ିଆ ବାବୁମାନଙ୍କ ମେସିନ୍ କରୁଛି। ବୁଢ଼ା ବୟସରେ କ'ଣ ଆଉ ବଳ ବୟସ ଅଛି ଯେ ସେ ହାତୀ ଶୁଣ୍ଢିଆ ପ୍ରୋକଲିନ୍ ମେସିନ୍ ଭଳି ଖଟିପାରିବ। ଗାଁ'ର ସରକାରୀ ଦଳିଆ କେଁଟରେଟ୍ ବାବୁ ତ, ସନ୍ତକ ବଟୁ ନେଇ ଯାଇଛି। ବଟୁ ମାରିବା ଦିନ ବୁଢ଼ାକୁ ମିଳେ ମହୁଲ ମଦ କାଞ୍ଜେ ଓ ଚାଉଳ ଦୁଇମାଣ, ପାକୁଡି ଚାଖଣା ଦନେ। ଗାଁ'ର ରାସ୍ତା କାମ କରେ ମେସିନ୍। ରାଜଧାନୀକୁ ଜିଲ୍ଲା ପ୍ରଶାସନ ପକ୍ଷରୁ ବଟୁ ସନ୍ତକ ଭର୍ତ୍ତି କାଗଜପତ୍ରର ରିପୋର୍ଟ ଯାଏ, ଗାଁ ଲୋକେ ରାସ୍ତା କାମ କରି ଖୁବ୍ ଖୁସି। ସାମାଜିକ ଗଣମାଧ୍ୟମ ଫେସବୁକ

ଓ ଟୁଇଟରରେ କିଏ ଗୋଟେ ପୋଷ୍ଟ କରିବାକୁ ନିୟୋଜିତ ହୋଇ ରହିଛି, ଆମ ମୁଣ୍ଡିଆଳଙ୍କ ନାରା 'ଗାଁ କୁ କାମ ମାଁ କୁ ସମ୍ମାନ' ପୂରା ସଫଳ ଏଇ ଡଙ୍ଗର ରାଜ୍ୟରେ।

ରାଇମତୀର କଅଁଳ ହାତ ଦୁଇଟା ମଟର ଗାଡି ଭିତରୁ ବାହାରି ଛୁଉଁଥିଲା ଘାଟି ପାହାଡ଼ର ଆମ୍ବ ପଣସ ବୁରୁଆକୁ ଓ ବାଟଘାଟ ସାରା ତାକୁ ସ୍ୱାଗତରେ, ମୁରୁକି ମୁରୁକି ହସୁଥିବା ସାବୁଜା ସାବୁଜା ପୋକଶୁଂଘା ଫୁଲକୁ। ଆନିବାଇ କହୁଥିଲା ସରକାର ଡିଙ୍ଗିରା ଦେଇଛନ୍ତି କାଏ ଗୋଟେ 'କରନା' ବିମାରି ଆସିଛି ପୁଣି! ସବୁ ଲୋକ ନିଜ ନିଜ ଗାଁକୁ ଫେରିଯିବେ। ସରକାରୀ ତାଗିଦ୍। ଓଡ଼ିଶାର ସବୁଲୋକ ଫେରିଯିବେ ଛତିଶଗଡ଼ର ଭୂମିରୁ। ସେ ଦାଦନ ଶ୍ରମିକ ହେଉ କି ବୁଲା ବୁଲି କରିବାକୁ ଆସିଥିବା ପର୍ଯ୍ୟଟକ। କେମିତି କେଜାଣି ? ତାଙ୍କ ଗାଁ ଲୋକଙ୍କୁ ଡାକିନେଇ ଥିବା 'ଛତିଶଗଡି ଦଲାଲ୍‌ଟା' ଖସିଯିବାକୁ ସମର୍ଥ ହୋଇପାରିଛି, ଏ ଭିତରେ। ଶ୍ରମ ବିଭାଗ ପକ୍ଷରୁ ସରକାରୀ ବାବୁଭାୟାମାନେ ଏଇ ଗାଁ ଲୋକଙ୍କୁ ଉଦ୍ଧାର କରି ଓଡ଼ିଶା ଫେରାଉଛନ୍ତି। ସବୁ ଲୋକମାନଙ୍କର ଗୋଟିଏ ଚିନ୍ତା "ମଲେ ମରୁ କିନା ଗାଁ ରେ ମରୁ"। 'ଗାଁ'ରେ ମଲେ ଆମର ମଲା ପଛେ ତୁମା ଡାହୂନୀ ପାନି ପାଇସି ପୁନି'। ଗାଁ ଲୋକଙ୍କ ସହଯୋଗରେ ଯୋଗାଡ଼ ହୋଇଥିବା ଏଇ ଭଙ୍ଗା ଦଦରା 'ମାଟାର୍ଡୋ'ରେ ଏବେ ଗାଁ ମୁହାଁ ଅଭାଗା ମାଟି ମଣିଷମାନେ। ସୁକୁମା ସହର ପରେ ପରେ ମାଲକାନଗିରି ମାଟିକୁ ଯୋଡିଛି ଏଇ ଡଙ୍ଗର ପାହାଡ଼। ନଦୀନାଳ ଅତିକ୍ରମ କରି ଆଗରୁ ଲୋକେ ଚାଲି ଚାଲି ଯାଇଥିଲେ ଦାଦନ ଖଟିବାକୁ। ଏବେ ତ ଖଣ୍ଡ ବିଖଣ୍ଡିତ ରାସ୍ତାଟେ ଅଛି।

**ଗାଁ ଲୋକଙ୍କ ସହ ଗାଡ଼ିରୁ ଓହ୍ଲାଇ ଛତିଶଗଡ଼ର ଗଞ୍ଜେଇ କ୍ଷେତରୁ କମାଇ ଥିବା ଲାତ, ବିଧା, ପୋଡା ଚେଙ୍କ ସହ ଫେରୁଥିଲେ ପାହାଡୀ ମଣିଷମାନେ।**

ଗାଡି ଷ୍ଟାର୍ଟ ବନ୍ଦ ହେଲା। ମୋଟୁ ପୋଲ ପାଖରେ ଅଟକିଲା ଦାଦନବୁହା ଗାଡି। ସେଇଠି ଆଗରୁ କେତେ ନାଇଁ କେତେ ଗାଡି ଅଟକି ରହିଛି। ଗାଡି ଗାଡି, ଭର୍ତ୍ତି ଗାଡି। ସରକାରଙ୍କ ନିୟମ ଅନୁସାରେ ସୀମା ପରେ ବିନା ଅନୁମତିରେ ଗାଡ଼ି ଘୋଡ଼ା ପଶିପାରିବ ନାହିଁ ଅନ୍ୟ ରାଜ୍ୟକୁ। ସମସ୍ତେ ଗହ ଗହ, ସମସ୍ତେ ଘର ମୁହାଁ। ଡାଇଭର ଖଣ୍ଡି ଓଡ଼ିଆ ମିଶା ହିନ୍ଦୀରେ କହିଲା। "ମୋଟୁ କା ବିରିଜି ଆ ଗୟା, ନିଚେ ଉତରୋ, ଓର୍ ଆପନେ ଆପନେ ଗାଁଓ କେ ଭାଗି ଯାଅ। ତୁମର ଉଡିଶା ସରକାର ଆଉ ପୁଲିସ ବିରିଜି ଥାନେ ଆଛେ। ଚଲୋ ନିଚେ ଉତ୍ରୋ। ଆପନୀ ସାମାନ୍ କେ ସାଥ୍।"

ଗାଁ ଲୋକଙ୍କ ସହ ଗାଡ଼ିରୁ ଓହ୍ଲାଇ ଛତିଶଗଡ଼ର ଗଞ୍ଜେଇ କ୍ଷେତ୍ରୁ କମାଇ ଥିବା ଲାତ, ବିଧା, ପୋଡା ଚେଙ୍କ ସହ ଫେରୁଥିଲେ ପାହାଡୀ ମଣିଷମାନେ। ମୋଟୁ ପୋଲ ପାଖରେ ସରକାରୀ ଲୋକ ପିଠିରେ ହାତରେ ଗୋଡରେ ମାରୁଥିଲେ କ'ଣ ଗୋଟେ ଥପ୍ପା। 'ସରକାରିଆ ଷ୍ଟାମ୍ପ'।

ମେଣ୍ଢା ବଳଦ ମଇଁଷୀ ରୂପ ନେଇଯାଇଥିଲେ ଦାଦନ ଶ୍ରମିକ। ବିକ୍ରି ହେଉଥିବା ଗୃହପାଳିତ ଗୋରୁଗାଈ ଭଳି ମଣିଷମାନଙ୍କ ଚିହ୍ନଟ କରିବା ପାଇଁ ଏ ଅମଣିଷତ୍ୱ ଯୋଜନା!! ରାଇମତୀ ତା'ର ଆନିବାଇ ମୁହଁକୁ ଅନାଇଁ ପଚାରୁଥିଲା, ଇଟା କାଏଗୋଟା ଦାଦୀ। ବୁଢ଼ା ତାକୁ କାନ୍ଧରେ ବସାଇ ଗାଁ ଆଡକୁ ମୁହଁକରି ଚାଲିବାକୁ ଆରମ୍ଭ କଲା। ବାରମ୍ବାର ରାଇମତୀର ସେ ଗୋଟିଏ ଅଭିଯୋଗ; ଇଟା କାଇଗୋଟା ଦାଦୀ। 'ବାଟାଗୁଡା' ଗାଁ ଏ'ଠୁ ଅନେକ ବାଟ। ହାତରେ କାଣି କଉଡି ଟିଏ ବି ନାହିଁ। କାଲି ଗୋଲି ରେଇବା ପେଜ୍ ଆଟି ଗାଲାଆଚେ। ଭୋକ ଉପାସରେ ଚାଲୁଥିଲେ ପାଦୁଆ ମଣିଷମାନେ। ଦୁଇଟି ପାହାଡ଼ ଚଢିବା ପରେ ଘାଟି ଉପରେ ତାଙ୍କ ଗାଁ 'ବାଟାଗୁଡା'। ଗାଁ ଲୋକଙ୍କ ସହ ବୁଢ଼ା ଓ ନାତୁଣୀ ବାଟ ଚାଲୁଥାନ୍ତି ଭୋକରେ ଶୋଷରେ। କେତେବେଳେ କୋଉ ଗଛ ଛାଇରେ ବିଶ୍ରାମ ନେଉଥାନ୍ତି ତ ମରିଯାଇଥିବା କାଦୁଆ ଝୋଲାରୁ ମୁନ୍ଦିଏ କାଦୁଆ ପାଣି ପିଇ ଦେଇ ପୁଣି ଆଗକୁ ଆଗକୁ, ଗାଁ ମୁହାଁ ପାଦ ଓ ମନ ଉଭୟ। କେବେ ଜେଜେ ବାପାଙ୍କ କାନ୍ଧରେ ଓହଳି ଥାଏ ରାଇମତୀ ତ, ଆଉ କେତେବେଳେ ତା'ର ଏକା ଜିଦ୍ ମାଟିରେ ଚାଲି ଚାଲି ଗାଁକୁ ଫେରିବସେ। ତା' ଆଖି ଯୋଡ଼ିକ ଅନାଇଁ ରହିଥାଏ କେତେବେଳେ ତାଙ୍କ ଗାଁ ଆସିବ। ସେ ପାଳିଥିବା କୁକୁଡ଼ା ଚିଆଁ ସବୁ ବଡ଼ ଗଞ୍ଜା ପାଲଟି ଯାଇଥିବେ। ତା'ର ସାଙ୍ଗ ଫୁଲମତୀ ସହ ମୟୂରଝୋଲାରେ ଗାଧୋଇବା, ପିଲା ବେଳର

ଦୋ ଦୋ ଚିହ୍ନା ତା'ର ଆୟାର ମୁହଁ ବି ମନେ ପଡେ ରାଇମତୀର। ଅଧରାତିରେ ଶେଯରେ ମୁତି ଦେଇ ନିଦରୁ ଉଠି ପଡ଼ି ତା'ର ମାଁକୁ ଖୋଜେ କୁନି ଝିଅଟି। କାତାନୀ କହି ଶୁଆଇଦିଏ ଜେଜେ ବୁଢ଼ା। ଏବେ ଠିଆ ମୁଣ୍ଡଖରା। ଅନେକ ବାଟ ଚାଲି ଚାଲି ହାଲିଆ ହୋଇଯିବା ପରେ ଥକ୍କି ଯାଇଥିଲା ଛୋଟ ଛୋଟ ପାଦ ଦୁଇଟି। ପେଟରେ ପେଟେ ଭୋକ, ଛଟପଟ ବିଚାରି ! ଜଙ୍ଗଲ ରାସ୍ତାରେ ନାଁ ଲୋକ ବାକ ନାଁ ଗାଁ ଗଣ୍ଡା। ଏ ବେମାରୀ ରାକ୍ଷସ ଦୂର କରିଦେଇଛି ମଣିଷ ଠୁଁ ମଣିଷ। ଏବେ ତ ଜଙ୍ଗଲ ଜନ୍ତୁଙ୍କୁ ଭୟ ନାହିଁ, ମଣିଷକୁ ମଣିଷର ଯେତିକି ଭୟ ! ଦିନ ସାରା ଦହଗଞ୍ଜିଆ ଭୋକ ଉପାସରେ ଝାଉଁଳି ପଡିଛି କୁନି ଦିହଟି। ରାଇମତୀ ଦେହରେ ଖଇ ଫୁଟା ତାତି। ଝାଉଁଳା ମୁଣ୍ଡ ଉଠେଇ ମଝିରେ ମଝିରେ ପଚାରୁ ଥାଏ। ଆମର୍ ଗାଉଁ ଖେଟ୍‌ଲା କି ଦାଦୀ। ବୁଢ଼ା ବୁଝାଉଥାଏ ଆରି ଛନେ ଆଚେ। 'ଓରଙ୍ଗୀ'ଗାଲା ଟୋକି, ଏବର 'ବାୟାପଡା', ତାର୍ ପରେ 'ଗାଙ୍ଗାପାଡା' ଆରି ତେନେ ଗାଲେ 'ସୂରିପଡା' ସିତି ରନି ଛନେ ଘାଟି ଉତରୈଲେ ଆମର୍ ଗାଉଁ, ଖେଟି ଯାଇସି। କାନ୍ଧରେ କାନ୍ଦି କାନ୍ଦି ଓହଳେଇ ହୋଇଥାଏ କୁନି ଝିଅଟି। ହଠାତ୍ ବୁଢ଼ା ଅନୁଭବ କଲା !! ଶୀତଳ ପଡ଼ିବାକୁ ଆରମ୍ଭ କଲାଣି କୁନି ଶରୀର। କ'ଣ କରିବ, କାହାକୁ ଡାକିବ, ଗାଁ ରେ ପହଞ୍ଚିଲେ ଅନ୍ତଃତ ଶନିଆ ? ଦିଶାରୀ ଆସି ଝାଡି ଦିଅନ୍ତା ତା'ର ନାତୀନୀ ଟୋକିକୁ। ପାହାଡ଼ ଡଙ୍ଗରର ସନ୍ଧି ବିସନ୍ଧିରୁ ଲତା ଗୁଳ୍ମ ଖୋଜି ଖୁଆଇ ଦିଅନ୍ତା ରାଇମତୀକୁ। ସନ୍ଧ୍ୟା ନଇଁ ଆସିଲାଣି, ପାହାଡ଼ ଖୋଲରେ। ସବୁ ଗାଁ ଲୋକଙ୍କ ଆଲୋଚନା ପର୍ଯ୍ୟାଲୋଚନା। ସବୁ ଦାଦନିଆ ପାଦମୁଣ୍ଡ ଏକାକାର। ବିଚାର ବିମର୍ଶ ସବୁ ସବୁ ହଜିଗଲା ଜଙ୍ଗଲ ରାଜ୍ୟର ପାହାଡ଼ ପିଠିରେ। ଗାଁ ଖେଟିବାକୁ ଅନେକ ଦୂର। ପାହାଡ଼ ତଳକୁ ଓହ୍ଲାଇ 'କୁଡୁମୁଲୁଗୁମ୍ମା' ମେଡିକାଲ୍ ନେବାକୁ ବି ଆଉ ଦେହରେ ତାକତ ନାହିଁ। ଗାଁ ଲୋକଙ୍କ ମନରେ ବିଷାଦର ଛାୟା ମାଡି ବସିଲା। ସମସ୍ତେ ଟାପୁ ନିକଟରେ ଡକା ହକା ହୋଇ କଥା ହେଲେ। ଆଉ ରାଇମତୀ ନାହିଁ। ଆମ ହାତରେ ଉପାୟ ବି କିଛି ନାହିଁ। ମଲା ମଣିଷକୁ ମଶାଣି ନେବା ଛଡ଼ା, ଏ ଡଙ୍ଗର ପାହାଡ଼ରେ ଆଉ କ'ଣ ଅଛି ! ସବୁ ଦଇବ ଭିଆଣ। ଆମ ପାଇଁ ଆମ ଦିଅଁ ଦେବତା ଡୁମା ଡାହୁନୀ ହିଁ ସାହା ଭରସା।



ବାଟ ଚାଲିବାକୁ ଆରମ୍ଭ କଲେ; ସମସ୍ତ ଦାଦନିଆ ପାଦ। "ଯେତେଶୀଘ୍ର ଗାଁ ଖେଟ୍‌ଲେ ମଶାଣିରେ ପୋଡିଦେଲେ ଗାଲା"। ଇଜାର ପୋଲିସ ମାନେ ଖବର ପାଇଲେ ସରି ଗାଁ ଆସି କୁକୁଡ଼ା, ମଦ, ସଲଫ୍, ଡାବୁ ମାଗିବେ। ବଡ ହୀନସ୍ତା କଥା। ଗାଁ 'ଛାଟିଆ' କୁ ନ ଜଣାଇବାକୁ ତାଗିଦ୍ କଲା ବରିଷ୍ଠ ଦାଦନ ଦେବତା।

ଢଳୁଥିଲେ ପିତ୍ତଳ ରଙ୍ଗର ସୂର୍ଯ୍ୟ। ରତ ରତ ହେଉଥିଲା ସଞ୍ଜ। ପାହାଡ଼ ସନ୍ଧିର ପଥର ଖୋଲରେ ପଶିଯାଉଥିଲେ, ଦିନ ଯାକର ବଳକା ଅନ୍ଧାର। ଓହଳିଥିଲା ! ଦୁଇଟି କଅଁଳା ମଲା ପାଦ, ମରି ହଜିଯାଇଥିବା ଗଣତନ୍ତ୍ରର ବାର୍ଦ୍ଧକ୍ୟ କାନ୍ଧରେ। ଖିଙ୍କାରି ହେଉଥିଲା ଡଙ୍ଗର ପାହାଡ଼। ପାହାଡ଼ କୋଡକଲେ ଏଠି ମୁଠା ମୁଠା ସୁନା ଫଳେ। କୋଉ ସୁଖ ଖୋଜିବା ପାଇଁ ଆଜିଗାଁ ଗହୀର ଛାଡି ପରବାସରେ ମାଟି ମଣିଷ। ପାଞ୍ଚ ଶହ ଟଙ୍କାରେ ଭୋଟ ଖଣ୍ଡିକୁବିକି ଦେଇ ଏବେ ଦାଦନ ଦୈତ୍ୟର ପଞ୍ଝାରେ ବିଚରା ମାଟି ଈଶ୍ୱର। ଆଣ୍ଟେଇ ଥିଲା 'ଅଭାଗା ଗଣତନ୍ତ୍ର'। ନୀରବ ହୋଇ ସବୁ ଶୁଣୁଥିଲା ! ଡହ ଡହ ଡଙ୍ଗର ପାହାଡ଼।

□□

ଲେଖକଙ୍କ ଇ-ମେଲ ଠିକଣା:
balarampujari1974@gmail.com

ବ୍ୟଙ୍ଗ

# ମହାବିଶୁଦ୍ଧ ମେଳଣ



ଡ. ଅଜୟ କୁମାର ମିଶ୍ର

ପାଞ୍ଜି ତଲାସ କରିବାରୁ ଜଣାଗଲା ବାର ମାସରେ ବାର ସଂକ୍ରାନ୍ତି, ବାର ପୁନେଇଁ। ହୋଡିଶାରେ ଏସବୁ ପାଳିବାରେ କାହାରି ଉଣା ନ ଥାଏ। ଜାନୁଆରୀରେ କ୍ୟାଲେଣ୍ଡର୍ ବଦଳ – ଏ ବି ଗୋଟାଏ ଅତିରିକ୍ତ ସଂକ୍ରାନ୍ତି ମିଶା ପୁନେଇଁ। ଲୋକେ ଏଇ ଦିନ ବଡ ଆଦରରେ ବଡ କଦରରେ ପାଳନ୍ତି। କେତେ କେତେ ଦିଅଁ ଦରଶନ କରି ବଡ ବଡିଆଙ୍କୁ ତୋଷଣ ପୋଷଣରେ ଚାକିରିଆଏ ମାତନ୍ତି। ଶୁଭେଚ୍ଛା ଦିଆନିଆରେ ସପ୍ତାହେ କାଳ ସେମିତି ବିତିଯାଏ। ଏମିତିଆ ଅତିରିକ୍ତ ପୁନେଇଁ ପାଳିବାକୁ ଘଣ୍ଟୁଙ୍କର ନାପସନ୍ଦ। ତେଣୁ ଓଡ଼ିଆ ନୂଆ ବର୍ଷ ପାଳିବାକୁ ଘଣ୍ଟେ ଯୋଜନା କଲେ। ଆଖି ବିସ୍ତାରିଲେ, ସାଇ ସେପାଖ ତିନି କଣିଆ ପଡିଆଟା ଅନାବାଦୀ, କେତେ ଗୋଡି ପତର, ଅଳିଆ କୁଢ଼ା ହେଇଛି, ଅନାବନା ଗଛ ଉଠିଚି। ହୁରୁମା ଟୋକାଙ୍କୁ ସେଇଠି ଖେଳିବାକୁ ଉସ୍କେଇଲେ ଘଣ୍ଟେ। ସେଇ ମୋଟା ବୁଦ୍ଧିଆ ହୁରୁମାଙ୍କ କୋଠ ଉଦ୍ୟମରେ ପଡିଆ ସଫା ହେଇଗଲା, ମାଗଣା ମାଗଣାରେ। ପିଲାଏ ଖେଳି ଖେଳି ଅସଡ ପଡିଆଟାରୁ ଘାସ ମାରି ଦେଇ ଚିକ୍କଣ କରିଦେଲେ। ପଡିଆ ପଶ୍ଚିମରେ ଥିବା ବେଲଗଛ ତଳେ ଦିନେ ସକାଳୁ ସକାଳୁ ଲୋକେ ଦେଖିଲେ ଢ଼ାଉଆ ରଙ୍ଗର ପତାକା ଉଡୁଚି।




ପରଦିନଠାରୁ ଘଣ୍ଟୁ ସେଇଠି ଗାଧୋଇ ସାରି ଝାଡୁ ଧରି ଓଳାପହଁରା କରି ଗଛମୂଳକୁ ପରିଷ୍କାର କରନ୍ତି। ତାଙ୍କ ଦେଖାଦେଖି ଖୁସୁନିଆ ମାଆ ଚଞ୍ଚଳି ଖୁଡି ବି ସେଇଠି ପାଣି ଢ଼ାଳିଲେ, ନାଲି ମନ୍ଦାର ନେଇ ଗଛରେ ଖୋସିଲେ। ଚଞ୍ଚଳି ଖୁଡିଙ୍କ ଠାରୁ ସାଇର ସେବତୀ ନାନୀ, ବେଙ୍ଗ ଅପା, ଉମା ମାଉସୀମାନେ ଜାଣିଲେ ଯେ, ସେଠି ହନୁମାନ ବିଜେ ହେବେ। ଯାହା ହେଉ ଆମମାନଙ୍କୁ ଆଉ ଦୂରଦୂରାନ୍ତିଆ ପବନ ପୁଅ ପାଖକୁ ଯିବାକୁ ହବ ନାହିଁ। ଲୋକ ଶୁଣାଗୁଣାରେ ପଡିଆ ଚାରିପାଖ ସାଇର ବୁଢ଼ାବୁଢ଼ୀ, ହାପ୍ ବଅସିଆ, ଓ୍ୱାନଫୋର୍ଥ ବଅସିଇମାନେ ସବୁ ମଙ୍ଗଳବାର ଚାଙ୍ଗୁଡିରେ କଦଳୀ, ନଡିଆ ମନ୍ଦାରଫୁଲ ଧରି ସେଇଠି ପୂଜା ବି ଆରମ୍ଭ କରିଦେଲେ। ଘଣ୍ଟୁ ପ୍ରାୟୋଜିତ ନରିଆନା ବି ଅତି ଗମ୍ଭୀର ମୁଦ୍ରାରେ ସେଠି ପୂଜା ପୂଜି କଲେ। ଭଙ୍ଗା ନଡିଆରୁ ଫାଳେ ଲେଖାଏଁ ଅଖାରେ ଭରିଲେ; ଭଗତ ଭଗତିଆଣୀଙ୍କ ହାତରୁ ବିଦାକୀ ନ ନେଇ ଥାଳିରେ ପକାଇବାକୁ କହିଲେ। ଲୋକେ ଜାଇଁଲେ ନନେ ଅଣଲୋଭିଆ ମଣିଷ। ଥାଳି ଆଦାୟଟାରେ ଏଠି ଠାକୁରଙ୍କ ଥଇଥାନ କରାଯିବ। ନିରୋଳା ବେଳରେ ଥାଳି ପଇସା ଘଣ୍ଟୁଙ୍କ ପକେଟକୁ ଯାଏ, ଦଶ ଭାଗ ପାଆନ୍ତି ନନା।

## ଚାଳିଶା ପାଠ

ଯା ଭିତରେ ମଙ୍ଗଳବାର ସକାଳୁ ଆରମ୍ଭ ହୋଇଗଲା ଚାଳିଶାପାଠ। ଖୋଳ, କରତାଳ, ଢ଼ୋଲିକି, କଂସାଳ, ଝୁମୁକା ମାଡରେ କମ୍ପିଲା ସେ ଥାନ, ଲୋକେ ରୁଣ୍ଡ ହେଲେ, ଘଣ୍ଟୁଙ୍କୁ ଦେଖି ଆବା କାବା। ଘଣ୍ଟେ ସେଦିନ ଢ଼ାଉଆ ଧୋତି, ଢ଼ାଉଆ ଚଦର, କାନ୍ଧରେ ଅନୁମାନିଆ ନାମାବଳୀ ଗାମୁଛା, ମଥାରେ ଜବରଦସ୍ତ ହନୁମାନ ସିନ୍ଦୂର। ଆଖି ବନ୍ଦ କରି ଚାଳିଶା ଜପରେ ମଗ୍ନ। ଏ ଚାଳିଶା ପାର୍ଟିଙ୍କୁ ସମସ୍ତେ ଡାକନ୍ତି, କାରଣ ଏମାନେ କ୍ଷିପ୍ରଚାଳିଶା ଦଳ। ଖୋଲା ସଡକରେ ଅତି ବେଗରେ ମଟର ଦୌଡିବା ଭଳିଆ, ଏମାନେ ଚାଳିଶାକୁ ଦୌଡାନ୍ତି, ଅଣବ୍ରେକିଆ ଢ଼ଙ୍ଗରେ। ଘଣ୍ଟିକିଆ ପାରାୟଣକୁ ଏମାନେ ସର୍ଟ ନୋଟିଆ ଶୈଳୀରେ ଚଉଠ ଘଣ୍ଟାରେ ସାରନ୍ତି, ପୁଣି ଦିନ ଭିତରେ ବାର ଠାଆ ଯିବାକୁ ହେବ ନା। ଦ୍ରୁତଚାଳିଶାର ଧୂମାଳିଆ ଦଳକୁ ଇସାରାରେ ବିଦାୟ ଦେବା ପରେ ଘଣ୍ଟେ ମୁହଁ ଖୋଲିଲେ। ଉପସ୍ଥିତ ଭଗତଭଗତାଙ୍କୁ ସାଷ୍ଟାଙ୍ଗ ହେଇ ଅତି ଗମ୍ଭୀରିଆ ଭାବରେ

ଜଣାଇଲେ ଯେ, ଏଠି ହନୁମାନ ବିଜେ ହେବେ ବୋଲି ମତେ ସପନରେ ଦେଖା ଦେଇ କହିଚନ୍ତି। କିନ୍ତୁ ଠିକଣା ଦିନ ଆସିବେ, ସେଇଟା ତାଙ୍କର ଜନ୍ମଦିନର ଆଠ ଦିନ ଆଗରୁ। ଆପେ ବିଜେ ହେବେ, ଏଇଠି ପୂଜା ପାଇବେ, ଏ ପାଞ୍ଚ ମୁଖା କି ସାତ ମୁଖା ନୁହନ୍ତି, ଏକ ମୁଖା ପ୍ରଭୁ। ପୁରୀର କାନପତା ହନୁମାନଙ୍କ ମାଉସୀ ସନ୍ତାନ ଏ, ବଗୁଲା ହନୁମାନ, ଭାରି ମହିମା, ତାଙ୍କୁ ସପନରେ ଦେଖିବା ଦିନୁ, ମୋର ଓ ଆମ ଘରର ଅନେକ ଉନ୍ନତି ହେଲାଣି। ତାଙ୍କୁ ପୂଜିଲେ ଶତ୍ରୁ ନାଶ, ଧନ ବରଷା, ଯଶ ବୃଦ୍ଧି, ମାନ ବୃଦ୍ଧି- ଏମିତି ବହୁ ଘଟଣା ଘଟିବ।

**ରତ୍ନାକର ଗୋତ୍ରିଆ**

ଲୋକେ ଘଣ୍ଟୁକୁ ନାନା କାରସାଦିଆ ରତ୍ନାକର ଗୋତ୍ରିଆ ଭାବେ ମଣୁଥିଲେ। ହନୁମାନ ଚାଳିଶିଆ ରୋଲ୍ ଦେଖି ଲୋକଙ୍କ ଆଖିରେ ଘଣ୍ଟେ ସାଇ ମୂଳିଆ ବାଲ୍ମୀକି ପ୍ରକାରେ ଆଦର ପାଇଲେ। ଲୋକେ କୁହାକୁହି ହେଲେ, ଯା ହଉ, ହନୁମାନ ବିଜେ ହୁଅନ୍ତୁ ନ ହୁଅନ୍ତୁ, ଘଣ୍ଟୁଟା ପୂରା ବଦଳିଗଲା। ଏଣିକି ପ୍ରଭୁଙ୍କ ଶରଣ ନେଇ ତା ଚଗଲାମି ଆଉ ରହିବନି। ହୀନିମାନିଆ କାଣ୍ଡୁଆ ଘଣ୍ଟୁ ଏବେ ହନୁମାନିଆ ହେବାରୁ ଲୋକେ ଶାନ୍ତି ପାଇଲେ। ଠାକୁରଙ୍କ ବିଜେ ଘଟଣା ଓ ଆଗକୁ ତାଙ୍କ ଜନମ ଦିନର ପ୍ରଣା ସଂକ୍ରାନ୍ତି କେମିତି ଭଲରେ ପାଳିତ ହେବ, ଘଣ୍ଟୁ ଅଞ୍ଚେଇ ଅଞ୍ଚେଇ ସେ କଥାର ସୂଚନା ଦେଲେ। ସୂଚନା ତ ନୁହେଁ, ଆଗାମୀ ପଣା ସଂକ୍ରାନ୍ତି ବହିର ଗୋଟେ ସୂଚୀପତ୍ର ଏଇଟା।



ପଣା ସଂକ୍ରାନ୍ତି: ଓଡ଼ିଆଙ୍କର ପବିତ୍ର ନୂଆ ବରଷ। ଏଇଦିନ ଠାରୁ ନୂଆ ପାଞ୍ଜି ଚଳପ୍ରଚଳ ହୁଏ। ବିଷୁବ ସଂକ୍ରାନ୍ତି, ଘରେ ଗରେ ଠେକି ବସା, ଠାଏ ଠାଏ ହୋମ ଯଜ୍ଞ, ଚଉରାରେ ବସନ୍ତରା ଟଙ୍ଗା, ପାଟୁଆମାନଙ୍କର ଉଯୁଆଁ ଦିନଏ। ପୁଣି ବିଷୁବ ମେଳା ଚାରିଆଡେ ସାହିତ୍ୟ-କବିତା କାରବାର। ଏଇ ଦିନଟାକୁ ବଡ ଆକାରରେ ପାଳି, ହନୁମାନଙ୍କ ପୂଜା ପୂଜି କରିଦେଲେ ବଡ ଚମକିଆ କାମଟେ ହେଇଯିବ ଭାବି ଘଣ୍ଟ ନାନା ଯୋଜନା ଭେଇଲେ।

ଅଳପ ଦିନରେ ହେଣ୍ଡାଳିଆ ହୁରୁମା ପିଲାଙ୍କ ଦ୍ୱାରା ସଫା ହେଉଥିବା ପଡିଆଟା ଏଣିକି ଲୋକତୁଣ୍ଡରେ ହନୁମାନ ପଡିଆ ଭାବେ ଡକା ହେଲା। ଏଇ କଥାକୁ ସାହିର ବଅସିଆ ମଉସା-ମାଉସୀ, ଅଣ୍ଟା-ଆଣ୍ଟିଯେ ତୁଣ୍ଡେ ତୁଣ୍ଡେ ପ୍ରଚାର କରିଦେଲେ। ସାଇ ମୁରବୀ ହେଲେ ଥଇଥାନ ପାର୍ଟି। ତାକୁ ଘଣ୍ଟେ ଫୁଲେ, ପତ୍ରେ, ଫଳେ, ଜଳେ ସନ୍ତୋଷ୍ଟ କରାଇଲେ। ସାଇ ମେଢ଼ ପାଇଁ ଆଗକୁ କିଛି ଦିଆ କରେଇବେ ବୋଲି ବେଲ ମୂଳିଆ ହନୁମାନଙ୍କ ନାଆଁରେ ହଲପ ବି କଲେ। ମାତିଲେ ସାଇ ମୁଖିଆ, ଖଣ୍ଡିଆ ମାତିଲେ ଗୋଠ ମାତେ, ଏଇ ନ୍ୟାୟରେ ସାଇବାଲାଏ ବି ମାତିଲେ।

**ହନୁମାନଙ୍କ ଉଚ୍ଛବ**

ସଂକ୍ରାନ୍ତି ଆଠଦିନ ଥାଇ ସ୍ୱୟଂ ବଗୁଲିଆ ହନୁମାନେ ବିଜେ ହେବା କଥା ଜୋରସୋରରେ ପ୍ରଚାର ବି ହେଇଗଲା। ପଡ଼ିଆ ଭିତରେ ଠାଆକୁ ଠାଆ ଉଠା ଦୋକାନମାନ ଖେଳିଗଲା। ଦୋକାନ କରିବା ଦୋକାନୀଏଁ ହନୁମାନଙ୍କ ଉଚ୍ଛବ ପାଇଁ କିଛି କିଛି ବି ଆଗିଲା ଦେଇଦେଲେ। ବେଲଗଛ ଚାରିପାଖେ ରାଜଧାନୀରେ କେଉଁ କେଉଁ ସଂଘର ହରତାଳ ବେଳେ, ଅଥାଇ ବାଡ ପଡ଼ିବା ଭଳିଆ, ବାଡ ଦିଆଗଲା। ଠାଆକୁ ଠାଆ ହନୁମାନ ରଙ୍ଗିଆ ପତାକା ବି ଟଙ୍ଗାଇ ଦିଆଗଲା। ପଡ଼ିଆ ସାମନା ପାଖରେ ବଡ ବଡ ଅକ୍ଷରରେ କପଡା ଓ ଫ୍ଲେକ୍ସରେ ଜୟନ୍ତୀ ଓ ବିଷୁବ ମେଳଣ ଲେଖା ବି ଫର ଫର ହେଇ ଉଡିଲା। ବେଲଗଛ ମୂଳରେ କେଇଖଣ୍ଡ ବାଉଁଶ ତାଟି ଘେରାଯାଇ ଆବାଦ କରାଗଲା। ରାମାୟଣରେ ସୀତାଦେବୀଙ୍କ ଇନ୍ଦିରାଆବାସ ଭଳିଆ ଦେଖାଗଲା ଗଛମୂଳ। ଯା ପୂର୍ବରୁ ଗୋଟାଏ ଛୋଟ ପଥରରେ ଢ଼ାଉ ରଂଗର ଆଖିବା ପଥର, କାନ, ନାକ, ମୁହଁ ଚିତ୍ର କରି, ମାଟିତଳେ ପୋତାଗଲା। ଆଠ ଦିନ ବଗୁଲା ହନୁମାନେ ବିଜେ କରିଛନ୍ତି ବୋଲି ଘଣ୍ଟେ ଓ ତାଙ୍କ ପ୍ରାୟୋଜିତ ଲୋକେ ହଜାର ତୁଣ୍ଡରେ ପ୍ରଚାର ବି କରିଦେଲେ। ଲୋକେ ଫଳ, ଫୁଲ, ଧୂପ, ନଡିଆ ଧରି ଧାଇଁଲେ, ନ ଶୁଣନ୍ତା ଲୋକେ ଶୁଣୁ ଶୁଣୁ ସତ ମିଛ ପରଖିବାକୁ ଧାଇଁଲେ। ନୂଆ ବୋହୂର ମୁହଁ ଢ଼ାଙ୍କିବା ଭଳି, ବଗୁଲିଆ ହନୁମାନଙ୍କ ରୂପେ ସେଇ ରଙ୍ଗଦିଆ ପଥର ଖଣ୍ଡକୁ ଚଉଠ ଦରଶନ କରି ଲୋକେ ନିଜକୁ କୃତାର୍ଥ ମଣିଲେ। ସବୁରି ତୁଣ୍ଡରେ- "ଜୟ ବୀର ବଜରଙ୍ଗୀ କି ଜୟ"। ଜୟ ବଗୁଲା ହନୁମାନର କୁହାଟ, ସମସ୍ତେ

ଭାବଭୋଳା। ଆଦାୟ ଭୋଗ ସହ ଅଧ ଅଖାଏ ଉଖୁଡ଼ା ମିଶାଇ, ବାଣ୍ଟି ଦିଆଗଲା ଭୋଗ । ଢ଼ୋଲକ-ଝାଞ୍ଜ ମାଡରେ କମ୍ପିଲା ସେ ଥାନ। ଖୋଲା ପଡିଆ, ଉପରେ ବଇଶାଖିଆ ଖରା ତାଉ, ସଂଭାଳି ନ ପାରି କେତେଜଣ ହାଲିଆ ହେଇ ନିଜ ନିଜ ଘରକୁ ଫେରିଗଲେ। ଥାଳି ସଫା କରେଇ ଘଣ୍ଟେ ଯାହା ପାଇଥିଲେ; ସବୁରି ଅଗୋଚରରେ ଉଢ଼ାଳିଆ ଥାନରେ ତାକୁ ପକେଟସ୍ଥ କରିଦେଲେ। କାଗଜ ଟଙ୍କା ପକେଟରେ, ଧାତୁ ମୁଦ୍ରା ନନାଙ୍କୁ ଧରେଇ ପାର ହେଲେ।

## ଲାଗିପଡ଼ିଲେ ଦେଢ଼ା ଦାମ୍‌ରେ

ବାହାଘର ଚାରିଦିନେ ଚଉଠି; ବଗୁଲିଆ ହନୁମାନଙ୍କ ବିଜେ ହେବାର ଆଠ ଦିନେ ମହା ବିଷୁବ ସଂକ୍ରାନ୍ତି। ହାତରେ ମାତ୍ର ଦିନ କେଇଟା, ସେତକ ଭିତରେ ନାନା ଆୟୋଜନ ନ କଲେ ସବୁ ଫସର ଫାଟିଯିବ। ଲାଗିପଡିଲେ ଘଣ୍ଟେ, ପୂରା ନୁହେଁ, ଦେଢ଼ା ଦାମ୍‌ରେ। ବଇଷ୍ଣିମ ମାନେ ତାଙ୍କ ତିଳକିଆମାନଙ୍କୁ ଗୁରୁ ଦକ୍ଷିଣା ଦେବା ଭଳିଆ, ଘଣ୍ଟେ ତାଙ୍କ ଗୋଡାଣିଆମାନଙ୍କୁ ଡକେଇ କବାଟ କୀଳା ବଇଠକରେ ପଣା ସଂକ୍ରାନ୍ତି କାର୍ଯ୍ୟକ୍ରମ ପାଇଁ ସ୍ୱତନ୍ତ୍ର ଦୀକ୍ଷା ଦେବା ଘଟଣା, ଆଡକାନ ପୁଅ ବାରତା ପାଇଲେନି।

> **କେହି କେହି ଯୋଜନା କରନ୍ତି; ମାତ୍ର ଘଣ୍ଟେ ଯୋଜନା ଭିଆଣ କରି, ତାକୁ ଯାହେଲେ ଶହେରେ ଛ' କୋଡି ସଫଳ ନ କରେଇବା ପର୍ଯ୍ୟନ୍ତ ବାଇବିଛ ଭଳି ହୁଅନ୍ତି।**

ପିଲାଦିନେ ଶ୍ରେଣୀରେ ନିଜ ଚେହେରା ଓ କାରନାମା ନେଇ ଘଣ୍ଟୁ ଶିକ୍ଷକଙ୍କୁ ପ୍ରଭାବିତ କରି ମନିଟର ହେଇ ଆସିଚି। ବଡ ହେବାରୁ ସହରର ବିଭିନ୍ନ ସାଇରେ ଭଡାରେ ରହି ରହି ହନୁ ରାବଣର ତୋଟାଠୁ ଠାବ କଲା ଭଳିଆ ସାଇର ସବୁ ଗୁମର ଜାଣିନେଇଚି। ଲଗାତର ଭାବରେ ଛକ ଦୋକାନ ପାଖରେ ଚାଲବୁଲ କରି ଛକି ଛକି ଅନେକ ଲୋକଙ୍କ ଭିତର ଖଣ୍ଡିଆ, ଘା, ଘାଉଡ ସବୁ ମାପି ନେଇଚି। ତେଣୁ ସାଇର ଏଇ ପଡିଆରେ ବଗୁଲିଆ ହନୁମାନ ଥାପନା କରି ଧାଇଁ ଧାଇଁ ବିଷୁବ ମେଳଣଟିଏ କରିବା ତା' ବାମ ହସ୍ତର କରାମତି ମାତ୍ର। ହନୁମାନ ଅନୁଷ୍ଠାନ ନ କଲେ ବିଷୁବ ମେଳଣ ଫିକା ପଡିଯିବ, ମେଳଣ କରାଇ ପଡିଆଟାକୁ ଦଖଲ ନେଇଗଲେ, ସେଇଠି ଆଗକୁ ଅସ୍ଥାୟୀ ତମ୍ବୁ ଘେର କରି ବାହାଘର, ବ୍ରତଘର, ଜନମଦିନ ଉଚ୍ଛବ ପାଇଁ ଭଡା ବି ଲଗେଇ ପାରିବ।

କେହି କେହି ଯୋଜନା କରନ୍ତି; ମାତ୍ର ଘଣ୍ଟେ ଯୋଜନା ଭିଆଣ କରି, ତାକୁ ଯାହେଲେ ଶହେରେ ଛ' କୋଡି ସଫଳ ନ କରେଇବା ପର୍ଯ୍ୟନ୍ତ ବାଇବିଛ ଭଳି ହୁଅନ୍ତି। ସଫଳତାରେ ଲୋକ ଦୃଷ୍ଟି ଆକର୍ଷଣ ଏବଂ ମାଆ ଲକ୍ଷ୍ମୀଙ୍କ ଦୟା ମିଳିବା ଥୟ। ଚଣ୍ଡିଆ, ଚାମେଣ୍ଡା, ଚାମଚା-ବେଲେଚା ମାନଙ୍କୁ ଡକେଇ, ମେଳଣ ଦିନରେ ଯାବତୀୟ ଆୟୋଜନର ସରକାରୀ ପାଣିପାଖ ଘୋଷଣା କରିବା ଭଳିଆ ସମସ୍ତଙ୍କୁ ହାଡେ ହାଡେ ଇଲମ ଦେଲେ। ଆସନ୍ନ ବାତ୍ୟା, ମହାବାତ୍ୟା ପୂର୍ବରୁ ସରକାରୀ କଳ- ସବୁ ଜିନିଷ ଥୟ କରିବା ଭଳିଆ, ଘଣ୍ଟୁ ତାଙ୍କ ପଛ ଧାଉଁଆମାନଙ୍କୁ କଡାରୁ ଅତି କଡା ତାଗିଦ କରିଦେଲେ। କେଉଁଠି କ'ଣ ଭୁଲଭାଲ ହେଲେ ତାଙ୍କ ଦଳରୁ ନିଲମ୍ବନ କରିବା କଥା ସୂଚେଇ ଦେଲେ। ପୁରା ଭଲ ଭାବରେ କାମତକ କରେଇ ପାରିଲେ, ଦଳରେ ତାଙ୍କୁ ଭଲ ଚଉକି ମିଳିବାର ସପନ ଦେଖେଇ ଦେଲେ।

ଘଣ୍ଟୁ ଏକାଟିଆ ଏସବୁ ପାରିବା ସମ୍ଭବ ନୁହେଁ, ତେଣୁ ସେ ଟିମ୍ ବନେଇଲେ। ଜଗା, ମଦନା, କାଳିଆ, ବାଙ୍କା, ବାଇନ, ଫଣ୍ଟୁସ୍, ପିଣ୍ଟୁଆମାନଙ୍କୁ ଛୋଟ ଛୋଟ ଦଳର ମୁଖିଆ ଦାୟିତ୍ୱ ବାଣ୍ଟି ଦେଲେ। ଯୋଜନା ଭିତରେ ଆସିଗଲା ଓଡ଼ିଆ ନୂଆ ବରଷ ପଣା ସଂକ୍ରାନ୍ତି, ବଗୁଲିଆ ହନୁମାନଙ୍କ ପୂଜାର୍ଚ୍ଚନା ହୋମାଦି ଘରଧର୍ମୁଆଁ ଓ ବାହାର ଧର୍ମୁଆଁ କାମ। ସେଥିପାଇଁ ସେ ହଳଦିଆ କାଗଜରେ ନାଲି ଛାପାରେ କାର୍ଯ୍ୟକ୍ରମ ସମୟ ଛାପି ସାଇ ଗୁଡିକର ଘରେ ଘରେ ଭୋଟର ଚିରୁକୁଟି ଭଳିଆ ବାଣ୍ଟି ଦେଲେ। ଏସବୁ ପଢ଼ି ସାଇଲୋକଙ୍କ ଆନନ୍ଦ, ବଢ଼ି ନଈର ପାଣିରେ ଫେଣ ହେଲା ଭଳିଆ ଫୁଲିଲା। ସାଇବାଲାଏ କହିଲେ, ଯାହା ହଉ ଆମପାଖକୁ ପ୍ରଭୁ ବିଜେ କରିଚନ୍ତି, ପ୍ରଥମ ବରଷର, ପ୍ରଥମ ଦିନରେ ପ୍ରଭୁଙ୍କୁ ଶରଣ ପଶିବା ଥୟ। ଦୂର ମନ୍ଦିରକୁ ଯାଇ ଭିଡରେ ଧାଡି ବାନ୍ଧି ଖାଡା ହେବା ଠାରୁ, ଆମ ସାଇ ଠାକୁରଙ୍କ ପାଖରେ ପଣାପାଣି ଦେଇ, ପଣା ପିଇ ଫେରିବା ଶହେଗୁଣ ଭଲ। ଘଣ୍ଟୁଙ୍କୁ ସମସ୍ତେ ବାଃ ବାଃ କରୁଥିଲେ।


## ବିଷୁବ ଆଇଲା

ବିଷୁବ ଆଇଲା, ସକାଳୁ ସକାଳୁ ବଗୁଲିଆ ହନୁମାନଙ୍କ ବିଜେ ଥଳର ଛୋଟିଆ ଛାମୁଡିଆ ତଳେ ହାଇସ୍ପିଡ ଚାଳିଶା

ମାଡର ଶବ୍ଦ ବଡପାଟିଆରେ ଲୋକଙ୍କୁ ଅଥୟ କରୁଥିଲା। ପାଞ୍ଚଜଣ ନନାଙ୍କୁ ସେଠି ଆବିଷ୍କାର କରାଗଲା, ସେମାନଙ୍କ ପାଖରେ ବଡପାଟିଆ ନ ଥିବାରୁ ସେମାନେ ମନ୍ତ୍ର ନାଆଁରେ କ'ଣ କ'ଣ ପଢୁଥିଲେ ଲୋକେ ଜାଣିବା ମୁସ୍କିଲ। ସେମାନଙ୍କ ଠାଣି ମାଣିରୁ ଏମାନେ ମହାପଣ୍ଡିତଙ୍କ ଅଣନାତି, ପଣନାତି ଭଳିଆ ଦୃଶ୍ୟ ହେଉଥିଲେ।

**ଅସଲ ପଣା**

ଚାଞ୍ଚରା ପଛ ପଟୁ ଧୂଆଁ ଉଠୁଥିଲା, ସ୍ୱାହା ବି ଚାଲିଥିଲା, ଗାତରୁ ନାଳିପିମ୍ପୁଡି ପ୍ରକାରେ ଏଇ ପଣ୍ଡିତଙ୍କ ପଣନାତିମାନେ ଦିନ ଦଶଘଡି ସୁଦ୍ଧା ଝାଳନାଳ ହେଇ ବାହାରିଲେ। ଘଣ୍ଟୁଙ୍କ ପ୍ରାୟୋଜିତ ଭକ୍ତ, ଭକ୍ତାଣିମାନେ ମୁଣ୍ଡିଆ ପରେ ମୁଣ୍ଡିଆ ମାଇଲେ, ପାଖ ଥାଳିରେ ପ୍ରଣାମୀ ବି ଥୋଇଲେ। ବାଁ, ଡାହାଣ ଦି ହାତ ମିଶାଇ ପଣ୍ଡିତ ପିଲାଏ ଅଦିନିଆ କୁଆପଥର ବର୍ଷିବା ଭଳିଆ ଆଶୀର୍ବାଦର କୁଆପଥର ବର୍ଷି ବର୍ଷି ସେମାନଙ୍କ ଜଳନ୍ତା, ପୋଡନ୍ତା ଆତ୍ମାକୁ ଥଣ୍ଡା ଥଣ୍ଡା କରିଦେଲେ।



ବଗୁଲିଆ ହନୁମାନଙ୍କ ବିଜେ ଥଳର ବାଁ ପାଖରେ ଚାଳିରେ ଚାରିଟା ମାଟି ନନ୍ଦିଆରେ ପଣା ଘୋଟା ହେଉଥିଲା। ମାଛି ବସା ପାକେଲା କଦଳୀ, ନଡିଆ- କନ୍ଦ ଫେଣ୍ଟାଣ ସାଙ୍ଗରେ ସରସା ଭାଙ୍ଗ ମିଶା ଏ ଘୋଟଣା। ଏଇଟା ତ ଅସଲ ପଣା ନା, ତା' ସାଙ୍ଗରେ ବିଦେଶୀ କଳାପାଣି ନାଳିଜଳ ବି କିଛି କିଛି ଫେଣ୍ଟଣ ହେଇଗଲା।

ଫକନା ଥିଲା ପୁଲିସ ସେବା ଦାୟିତ୍ୱରେ। ହୁମ ଗାଡୁଆ ଦିଜଣଙ୍କ ସହିତ ଜଣେ ହୁମାଗାଡୁଣୀ ଆଇଚନ୍ତି ଆଇନକୁ ଆଖିଠାର ମାରିବାକୁ। ତିନିଟା ପ୍ଲାଷ୍ଟିକ ଚୌକିରେ ସନ୍ଦର୍ପେ ବଇଚନ୍ତି ତିନିହେଁ, ସତେ ଯେମିତି ରାମ ଲକ୍ଷ୍ମଣ ସୀତୟା ମାତେ। ପରେ ପରେ ଭୋଗ ନଡିଆ, ସହ ସରବତ ଧରେଇ ଦେଲା ଫକନା। ତୁଣ୍ଡରେ ଦଉ ଦଉ ଓକାଳ ଉଠୁଥିବା ହେତୁ ରାମେ, ଲକ୍ଷିଣେ, ସୀତୟେ ଥୁକାର କରି ପାରୁନଥିଲେ, କି ଢ଼ୋକି ପାରୁନଥିଲେ। ଘଣ୍ଟୁଙ୍କ ନିର୍ଦ୍ଦେଶରେ ପବନା ନୂଆ ଗିଲାସରେ ଚଳନ୍ତି ସୋମରସ ଧରେଇ ଦେଲା, ସେମାନେ ତୃପ୍ତ ହେଇଗଲେ ଯେମନ୍ତେ। ସେତକ ପାନ କରି ପ୍ରଶଂସା କଲେ ଏ ପଣାକୁ। ଖବରକାଗଜିଆ ଓ ମିଡିଆରୁ ଆସିଥିବା କେଇ ଜଣଙ୍କୁ ଶୁଦ୍ଧ ପଣା ଦିଆ ଗଲା, ସେମାନେ କୃତ୍ୟ କୃତ୍ୟ।

ହୁମଗାର୍ଡିଆ ରାମେ, ଲକ୍ଷିଣେ ଆଉ ସୀତାମାତେ- ପଛ ପଣା ଖାଇବା ପରେ ଅଧୀର ହେଇଗଲେ। ଆଖି କୁମ୍ଭାଟୁଆ ଆଖି ଭଳିଆ ରଙ୍ଗ ଚହ ଚହ। ପାଦ ଥିର ନୁହେଁ, ତଳ ପୁଲିସିଆ ଭାଷା ବିନିମୟ ହେଲା। ସୀତାୟାଙ୍କ ଦି' ବାହୁକୁ ଧରି ରାମେ ଲକ୍ଷ୍ମଣେ ଟଣା ଭିଡା କଲେ। ବସିବା ଥାନରୁ ଉଭା ହେଇ ତିନିହେଁ, ନାଚ ଆରମ୍ଭ କରିଦେଲେ। ସମବେତ ଭକତ ଭକ୍ତଣୀମାନେ ଏହାକୁ ମନଭରି ଉପଭୋଗ କଲେ, କେହି କେହି ସାଇ ଟୋକାଏ ଏମନ୍ତ ମହାର୍ଘ ଦୃଶ୍ୟକୁ ସ୍ମାର୍ଟ ଫୋନ୍‌ରେ ଭିଡିଓ କଲେ।

ମହାବିଷୁବ ଆରମ୍ଭ ହେଲା, ମୁଖିଆ ସହ ଆଉ ପାଞ୍ଚ ଲୋକେ ଠିକ ପଣା ପାଇ ପଣା ମହାତ୍ମ୍ୟ ବଖାଣିବାରୁ ଭକତ ଭକତାଣୀ ମାନେ ଅତି ଆଗ୍ରହରେ ପଣା ପାଇଁ ହାତ ପାତିଲେ। ବାତ୍ୟା ବେଳର ଅନ୍ନଛତର ଭଳିଆ ବଣ୍ଟା ହେଲା ଘଣ୍ଟୁ ପ୍ରାୟୋଜିତ ଭାଂଗ ମିଶ୍ରିତ ପଣା। କେତେ ତାତୁଣିଆ ମନ ଭରି ପିଇଲେ, ଆଉ ତାଙ୍କ ତାତୁଣୀମାନଙ୍କୁ ମଧ୍ୟ ପେଇଲେ। କିଛି ସମୟ ଭିତରେ ପଣା ପ୍ରଭାବ ବିସ୍ତାରିଲା, ତଣ୍ଟି ଶୁଖିଗଲା, ଦିହ ଝାଇଁ ମାରିଗଲା, ଉପରେ ଟାଇଁ ଟାଇଁ ରଡ ଖରା ଭିତରେ ପରାଣ ମନ୍ଥନ। କେହି କେହି ମଥା ଧରି ବାଲିରେ ବଇଠକୀ କଲେ, କେହି କେହି ବ୍ରଏଲର ଭଳିଆ ବେକ ମୋଡି ଥାନ ଅଥାନ ନ ବାରି ଶୋଇଗଲେ। ତରକା ଭକତେ, ପଣା ପାଣି ନ ପାଇବା ଭଲ ମନେ କରି, ବାଟ ଭାଙ୍ଗିଲେ। ଘଣ୍ଟୁଆଙ୍କ ଚାମଣ୍ଡାମାନେ ଏଇ ଅଚେତନିଆ ମାନଙ୍କ ପାକିଟି ଦରଣ୍ଡା ଦରଣ୍ଡି କରି ପର୍ସ ମାନ ହାତେଇ ନେଲେ। ସ୍ପ୍ରେୟର ଧରି ଘଣ୍ଟେ ଶାୟିତମାନଙ୍କୁ ଜଳ ସିଞ୍ଚନ କରିବାର ଦୃଶ୍ୟ କାଗେଜିଆ ଓ ମିଡିଆମାନେ ଉଠେଇ ନେଲେ। ପରଦିନ କାଗଜରେ ଘଣ୍ଟୁଙ୍କ ସମାଜସେବାର ମହାନ ଦୃଶ୍ୟ ସହ ନାଚନ୍ତ ହୁମଗାଡିଆଙ୍କ ଅବସ୍ଥାର ଫଅଟମାନ କାଗଜରେ ଛାଇ ହେଇଗଲା। ଉପରେ ବିଷୁବ ଖରା ତାଉ, ତଳେ ଭାଙ୍ଗପିଆଙ୍କ ମେଳଣ, ଘଣ୍ଟୁଙ୍କ ମହାମେଳଣକୁ ସାକାର କରିଦେଲା ଏମନ୍ତ ମହାର୍ଘ ଦୃଶ୍ୟ। (କ୍ରମଶଃ)

□□

ଲେଖକଙ୍କ ଇ-ମେଲ ଠିକଣା:
ajayamishraodia@gmail.com

ପ୍ରବନ୍ଧ

# ଓଡ଼ିଆ ଗୋଇନ୍ଦା ଉପନ୍ୟାସର ସ୍ଥିତି ଓ ଭବିଷ୍ୟତ



ପ୍ରତୀଚୀ ନନ୍ଦ

ଓଡ଼ିଆ ସାହିତ୍ୟରେ ଗୋଇନ୍ଦା ଉପନ୍ୟାସ ରଚନାର ଯାତ୍ରା ଆରମ୍ଭ ହୁଏ ୧୯୩୩ ମସିହାରୁ। କଥାକାର ବାସୁଦେବ ମିଶ୍ର 'ପଞ୍ଚାନନ' (୧୮୯୬ - ୧୯୬୦)ଙ୍କ ଦ୍ୱାରା ରଚିତ 'ପେଟ ଖୋଲର ପାନ୍ଥନିବାସ' ହେଉଛି ଓଡ଼ିଆ ଗୋଇନ୍ଦା ଉପନ୍ୟାସର ଆଦ୍ୟ ଅର୍ଘ୍ୟ। ସେବେଠାରୁ ବିଂଶ ଶତାବ୍ଦୀର ଶେଷ ପର୍ଯ୍ୟାୟ ପର୍ଯ୍ୟନ୍ତ ଅନେକ ଗୋଇନ୍ଦା ଉପନ୍ୟାସ ରଚନା ଓ ପ୍ରକାଶ ଲାଭ କରିଛି। ପରିସଂଖ୍ୟାନ ଦୃଷ୍ଟିକୋଣରୁ ଓଡ଼ିଆ ସାହିତ୍ୟରେ ସମଗ୍ର ପର୍ଯ୍ୟାୟର ଉପନ୍ୟାସ ଯେତିକି ଲେଖା ହୋଇଛି ତା'ର ସତୁରି ପ୍ରତିଶତ ଓଡ଼ିଆ ଗୋଇନ୍ଦା ଉପନ୍ୟାସ। ତେଣୁ ଅନେକ ବିଳମ୍ବରେ ଓଡ଼ିଆ ସାହିତ୍ୟରେ ଗୋଇନ୍ଦା ଉପନ୍ୟାସ ରଚନାର ଧାରା ଆରମ୍ଭ ହୋଇଥିଲେ ମଧ୍ୟ ଖୁବ୍ ଅଳ୍ପ କାଳ ମଧ୍ୟରେ ତାହା ଗୋଟିଏ ସ୍ୱତନ୍ତ୍ର କଥାପ୍ରରୂପର ମାନ୍ୟତା ଲଭିବାରେ ସଫଳ ହୋଇପାରିଛି। ଶହ ଶହ ଉପନ୍ୟାସ ସହସ୍ରାଧିକ ସଂଖ୍ୟାରେ ମୁଦ୍ରଣ ହୋଇ ବିକ୍ରି ହୋଇଯିବା ଗୋଇନ୍ଦା ଉପନ୍ୟାସର ଲୋକପ୍ରିୟତା ଓ ପାଠକାଦୃତିର ପରିଚାୟକ।



**କଥାବସ୍ତୁ**

ଗୋଇନ୍ଦା ଉପନ୍ୟାସର କଥାବସ୍ତୁ ସମାଜରେ ଘଟିତ ନକାରାତ୍ମକ ଘଟଣାକୁ ଉପଜୀବ୍ୟ କରି ପୁଷ୍ଟ ହେଉଥିବାରୁ ସମାଜରେ ତାହା ନାସିକା କୁଞ୍ଚନର ଶିକାର ହେଉଥିଲା। ତାହାକୁ ପାଠ୍ୟ ବିଷୟ ବହିର୍ଭୂତ କରାଯାଉଥିଲା। ଏହି ଧରଣର କଥାବସ୍ତୁ ସମ୍ବଳିତ ପୁସ୍ତକ ପଢ଼ିବାଦ୍ୱାରା ଯୁବପିଢ଼ିଙ୍କ ଉପରେ ଖରାପ ପ୍ରଭାବ ପଡିବାର ଆଶଙ୍କାରେ ଉକ୍ତ ଉପନ୍ୟାସ କେବଳ ପ୍ରାପ୍ତ ବୟସ୍କଙ୍କ ପାଇଁ ପ୍ରଯୁଜ୍ୟ ବୋଲି ଗୋଟିଏ ଧାରଣା ସମାଜରେ ତିଆରି ହୋଇଥିଲା। ଏହି ଧରଣର ପ୍ରତିକୂଳତା ସତ୍ତ୍ୱେ ଓଡ଼ିଆ ଗୋଇନ୍ଦା ଉପନ୍ୟାସ ସଂଖ୍ୟାଧିକ ବିକ୍ରି ହେବା ବାସ୍ତବିକ୍ ଆଶ୍ଚର୍ଯ୍ୟର ବିଷୟ। ଗୋବିନ୍ଦ ଦାସ, ଦ୍ୱାରିକାନାଥ ଦାସ, ଗିରିଧାରୀ ମହାରଣା, ଭୂପେନ ଗୋସ୍ୱାମୀ, କସ୍ତୁରି ଚରଣ ଦାସ, ଗୋଇନ୍ଦା ସାହେବ୍, ପ୍ରମୋଦ କିଶୋର ପଣ୍ଡା, ମୁରଲୀଧର ମଲ୍ଲିକ, ରମାକାନ୍ତ ମିଶ୍ର, ବିଜୟ ରଣା, ଯୋଗେନ୍ଦ୍ର ମହାନ୍ତି ଆଦି ଶାଣିତ ଲେଖକମାନେ। ପ୍ରତ୍ୟେକେ ପ୍ରାୟ ଶତାଧିକ ଓଡ଼ିଆ ଗୋଇନ୍ଦା ଉପନ୍ୟାସ ରଚନା କରି ପାଠକଙ୍କୁ ଭେଟି ଦେଇଛନ୍ତି। ଦୀର୍ଘ ୬୦ ବର୍ଷର ଅବିଶ୍ୱସନୀୟ ସଫଳତା ପରେ ହଠାତ୍ ଏହିପରି ଏକ ବଳିଷ୍ଠ ଧାରାରେ ଆଦୌ କଲମ ଚାଳନା ନ ହେବା ଓଡ଼ିଆ ସାହିତ୍ୟ ପାଇଁ ନିଶ୍ଚିତ କ୍ଷୋଭ ଏବଂ ପରିତାପର ବିଷୟ।

**ପାଠକୀୟତା ହରାଇବାର କାରଣ**

ବିଶ୍ୱର ଦୁଇ ପ୍ରକାର ସାହିତ୍ୟର ଆଲୋଚନା କରାଯାଇଛି। ପ୍ରଥମତଃ ବୌଦ୍ଧିକ ସାହିତ୍ୟ ଏବଂ ଦ୍ୱିତୀୟରେ ଲୋକପ୍ରିୟ ସାହିତ୍ୟ। ଏହି ଲୋକପ୍ରିୟ ସାହିତ୍ୟର ଗୋଟିଏ ପ୍ରସିଦ୍ଧ ଧାରା ହେଉଛି ଗୋଇନ୍ଦା ଉପନ୍ୟାସ। ଲୋକପ୍ରିୟ ସାହିତ୍ୟର ରଚନାର ମୁଖ୍ୟ ଆଭିମୁଖ୍ୟ ହେଉଛି ମନୋରଞ୍ଜନ। ଓଡ଼ିଆ ଗୋଇନ୍ଦା ଉପନ୍ୟାସ ମନୋରଞ୍ଜନକୁ ଆଧାର କରି ଲେଖା ଯାଉଥିବାରୁ ଏହାର ସାହିତ୍ୟିକ ମୂଲ୍ୟ ତୁଳନାମୂଳକ ଭାବରେ ଅନ୍ୟ ପ୍ରରୂପର ଉପନ୍ୟାସଠାରୁ ସ୍ୱଳ୍ପ। ସମାଜରେ ଘଟିତ ଅପରାଧକୈନ୍ଦ୍ରିକ ରହସ୍ୟକୁ କେନ୍ଦ୍ର କରି କଥାନମାନ ଗତିଶୀଳ ହେଉଥିବାରୁ ସମାଜର ଅନ୍ୟାନ୍ୟ ଦିଗ ଉପରେ ବିଶେଷ ଦୃଷ୍ଟି ନିବଦ୍ଧକରି କଥାବସ୍ତୁ ସ୍ଥାନିତ କରିବାର ସୁଯୋଗ ଏଥିରେ ନ ଥାଏ। ତେଣୁ ପାଠକ ସମାଜର ଏକପାଖିଆ ମୂଲ୍ୟାୟନ ଏଥିରେ ଦେଖିବାକୁ ମିଳିଥାଏ। ଯଦିଓ ଅନ୍ଧାର ବିନା ଆଲୋକର ମର୍ଯ୍ୟାଦା ପ୍ରତିଫଳିତ ହୁଏ ନାହିଁ ତଥାପି, ଏହି ଧରଣର ଉପନ୍ୟାସରେ ଅପରାଧ ମୁଖ୍ୟ ବିନ୍ଦୁ ହୋଇଥିବାରୁ ତାହା

ବୌଦ୍ଧିକ ମହଲରେ ଗ୍ରହଣୀୟ ହୋଇପାରେ ନାହିଁ।

ଓଡ଼ିଆ ଗୋଇନ୍ଦା ଉପନ୍ୟାସରେ କଥାବସ୍ତୁ ଉପସ୍ଥାପନ କାଳରେ ଉତ୍କଣ୍ଠା ଏବଂ ଦ୍ୱନ୍ଦ୍ୱ ଉପରେ ଅଧିକ ଗୁରୁତ୍ୱ ଦିଆଯାଇଥାଏ। ଯାହା ଦ୍ୱାରା ତାହା ପାଠକକୁ ଆମୂଳଚୂଳ ପଠନ ପାଇଁ ବାନ୍ଧି ରଖିବାରେ ସକ୍ଷମ ହେବ। ଗୋଇନ୍ଦା ଉପନ୍ୟାସ ଯେ ପାଠକକୁ ପଠନ ଅଭିରୁଚି କରାଇଛି ତାହା ମୁକ୍ତ କଣ୍ଠରେ କୁହାଯାଇପାରେ। ହେଲେ ବୌଦ୍ଧିକ ସାହିତ୍ୟ ପରି ଲୋକପ୍ରିୟ ସାହିତ୍ୟକୁ ପ୍ରୋତ୍ସାହନ ମିଳିପାରି ନାହିଁ। ରାଜ୍ୟ ସ୍ତରରେ, ଜାତୀୟ ଏବଂ ଅନ୍ତର୍ଜାତୀୟ ସ୍ତରରେ ବୌଦ୍ଧିକ ସାହିତ୍ୟ ପରି ଓଡ଼ିଆ ଗୋଇନ୍ଦା ଉପନ୍ୟାସକୁ ଉତ୍ସାହିତ ବା ପୁରସ୍କୃତ କରାଯାଇନାହିଁ। ଓଡ଼ିଆ ଗୋଇନ୍ଦା ଉପନ୍ୟାସ ଲେଖକମାନେ ନିଜ ହାତରୁ ଟଙ୍କା ବିନିଯୋଗ କରି ପୁସ୍ତକ ଛପେଇ ବଜାରକୁ ଛାଡୁଥିଲେ। ସେମାନେ ପାଠକର ଆଦୃତି ଓ ପ୍ରଶଂସାକୁ ହିଁ ନିଜର ପ୍ରାପ୍ୟ ଏବଂ ପୁରସ୍କାର ବୋଲି ମନେ କରୁଥିଲେ। ସାଥୀ ପ୍ରକାଶନ, ଜନପ୍ରିୟ ପ୍ରକାଶନ, ରାଜଶ୍ରୀ ପ୍ରକାଶନୀ ପରି ହାତଗଣତି ପ୍ରକାଶକ ଗୋଇନ୍ଦା ଉପନ୍ୟାସ ଛାପୁଥିଲେ। ତେଣୁ ଗୋଟେ ସମୟ ପରେ ଗୋଇନ୍ଦା ଉପନ୍ୟାସ ଛପାହେବା କ୍ରମଶଃ କମିବାକୁ ଲାଗିଲା। ଯୁବପିଢିର ସାହିତ୍ୟିକ ପରିଚୟ, ପୁରସ୍କାର ଏବଂ ପ୍ରୋତ୍ସାହନକୁ ଆଖି ଆଗରେ ରଖି ବୌଦ୍ଧିକ ସାହିତ୍ୟ ରଚନା ଦିଗରେ ଅନେକ ଅଧିକ ମନୋନିବେଶ କରିବାକୁ ଲାଗିଲେ। ତେଣୁ ଓଡିଆ ଗୋଇନ୍ଦା ଉପନ୍ୟାସ ଲେଖକଙ୍କ ନିକଟରେ ଆର୍ଥିକ ଅନଟନ ମଧ୍ଯ ଗୋଇନ୍ଦା ଉପନ୍ୟାସ ପତନର ଅନ୍ୟ ଏକ କାରଣ।

**ରାଜ୍ୟ ସ୍ତରରେ, ଜାତୀୟ ଏବଂ ଅନ୍ତର୍ଜାତୀୟ ସ୍ତରରେ ବୌଦ୍ଧିକ ସାହିତ୍ୟ ପରି ଓଡ଼ିଆ ଗୋଇନ୍ଦା ଉପନ୍ୟାସକୁ ଉତ୍ସାହିତ ବା ପୁରସ୍କୃତ କରାଯାଇନାହିଁ।**

## ମନୋରଞ୍ଜନକୁ ଗୁରୁତ୍ୱ


ଅପରାଧ ଓ ମନୋରଞ୍ଜନକୁ ଗୁରୁତ୍ୱ ଦେଇ ଗୋଇନ୍ଦା ଉପନ୍ୟାସ ରଚନା କାଳରେ ଲେଖକ କାହାଣୀର ଗଠନ ବିନ୍ୟାସକୁ ସେତେଟା ସ୍ୱତନ୍ତ୍ର କରି ଗଢ଼ିପାରିଲେ ନାହିଁ। ଫଳରେ କିଛି ଗୋଇନ୍ଦା ଉପନ୍ୟାସ ପଢ଼ି ସରିବା ପରେ ପାଠକ ଏବେ ଗଳ୍ପ ଗୁନ୍ଥନରେ ସାମ୍ୟତା ଅନୁଭବ କଲା। ଗୋଟିଏ ଗୋଇନ୍ଦା ଉପନ୍ୟାସ ପଢ଼ିବା କାଳରେ ରୋମାଞ୍ଚିତ ହୋଇ ଉଠିଥିବା ପାଠକ ମନରେ ଆଉ ଭାବ ଆଗ୍ରହ ଜାତ ହେଲା ନାହିଁ। ଲେଖକ ଏଥିପ୍ରତି ସତର୍କ ଦୃଷ୍ଟି ରଖିଥିଲେ ହୁଏତ ପାଠକ ଏଯାବତ୍ ବାନ୍ଧି ହୋଇ ରହିଥାନ୍ତେ ଓଡ଼ିଆ ଗୋଇନ୍ଦା ଉପନ୍ୟାସର ଉତ୍କଣ୍ଠା ଭିତରେ। ଉପନ୍ୟାସରେ ଘଟଣା ବିନ୍ୟାସ କାଳରେ ଯୁଗୋପଯୋଗିତା ନ ରହିବା ଓଡ଼ିଆ ଗୋଇନ୍ଦା ଉପନ୍ୟାସର ଗୋଟିଏ ଗୁରୁତ୍ୱପୂର୍ଣ୍ଣ ତ୍ରୁଟି। ଏକବିଂଶ ଶତାବ୍ଦୀର ବିଶ୍ୱରେ ୫ଶ ଇଣ୍ଟରନେଟରେ ଅନେକ ଅସାମ୍ବିଧାନିକ କାର୍ଯ୍ୟ, ସାଇବର କ୍ରାଇମ୍, ଅନେକ ବୈଜ୍ଞାନିକ ପଦ୍ଧତି, ଉନ୍ନତ ପ୍ରଯୁକ୍ତି କୌଶଳକୁ ବ୍ୟବହାର କରି ଅପରାଧୀ ଅପରାଧ ଘଟାଉଛି। ଫଳରେ ସି.ବି.ଆଇ., କ୍ରାଇମ୍ ବ୍ରାଞ୍ଚ ତା ଦକ୍ଷ ପଦାଧିକାରୀ ମଧ୍ଯ ତାହାକୁ ଧରିବାରେ ବିଫଳ ହୋଇ ପଡୁଛନ୍ତି। ଫଳରେ ଗୋଇନ୍ଦା ବା ପୋଲିସ ନୁହେଁ ଅପରାଧୀଟେ କେଉଁଠି ନା କେଉଁଠି ନାୟକ ହୋଇ ଉଠୁଛି। ଏହିପରି ଏକ ସମାଜରେ ଜନ୍ମିତ ନବଜାତକ ଓଡ଼ିଆ ଗୋଇନ୍ଦା ଉପନ୍ୟାସର କଥା ବସ୍ତୁରେ ଚିଠି, କ୍ରାଡେଲ୍ ଡାଏଲ୍ ଲେଣ୍ଡଫୋନ ଆଦି ପଢ଼ିବା ଦ୍ୱାରା ସ୍ୱାଭାବିକ ବିରକ୍ତିର ଶିକାର ହେଉଛି। ତେଣୁ ସେ ଓଡ଼ିଆ ଗୋଇନ୍ଦା ଉପନ୍ୟାସରେ ସେହି ଧରଣର ରୋଚକ କାହାଣୀ, ରୋମାଞ୍ଚକର ଉପସ୍ଥାପନା ପାଇପାରୁନାହିଁ। ଏସବୁ ଦିଗରେ ଯୁବପିଢିର ଲେଖକ ଗୁରୁତ୍ୱ ଦେଲେ ପୁଣି ଥରେ ଓଡ଼ିଆ ଗୋଇନ୍ଦା ଉପନ୍ୟାସ ଯେ ତା'ର ହୃତ ଗୌରବ ଫେରି ପାଇବ ଏଥିରେ କୌଣସି ଦ୍ୱିରୁକ୍ତି ନାହିଁ।

## ବାର୍ତ୍ତମାନିକ ସ୍ଥିତି

'କାଦମ୍ବିନୀ' ଓଡ଼ିଆ ପାରିବାରିକ ପତ୍ରିକାରେ ୨୦୦୦ ମସିହା ପୂଜା ସଂଖ୍ୟାରେ ପ୍ରକାଶିତ କଥାକାର କଣ୍ଟୁରି ଚରଣ ଦାସଙ୍କ ଦ୍ୱାରା ରଚିତ 'ଅଙ୍ଗୁରୀୟମାଳ ରହସ୍ୟ' ସମ୍ଭବତଃ ଓଡ଼ିଆ ଗୋଇନ୍ଦା ଉପନ୍ୟାସର ଶେଷତମ ମୌଳିକ କୃତି। ଏହା ପରେ ହାତଗଣତି କେତୋଟି ଓଡ଼ିଆ ଗୋଇନ୍ଦା ଉପନ୍ୟାସର ପୁନଃ ସଂସ୍କରଣ ଏବଂ କେତୋଟି ଇଂରାଜୀ ଗୋଇନ୍ଦା ଉପନ୍ୟାସର ଅନୁବାଦ କ୍ୱଚିତ ଦେଖିବାକୁ ମିଳିଥିଲା। ବର୍ତ୍ତମାନ ବଜାରରେ ଓଡ଼ିଆ ଗୋଇନ୍ଦା ଉପନ୍ୟାସର ଲିଖନ, ପ୍ରକାଶନ, କିମ୍ବା ପୂର୍ବ ରଚିତ ଉପନ୍ୟାସଗୁଡ଼ିକର ଉପଲବ୍ଧି ବନ୍ଦ ହୋଇଗଲାଣି। ଅନେକ ପ୍ରକାଶନ ସଂସ୍ଥା ମଧ୍ଯ ବନ୍ଦ ହୋଇଗଲାଣି। ଏହି

ଦୟନୀୟ ଅବସ୍ଥା କେବଳ ଓଡ଼ିଆ ଗୋଇନ୍ଦା ଉପନ୍ୟାସର ହୋଇଛି କାହିଁକି ? ଯଦିଓ ଅନେକ ଶତାବ୍ଦୀ ପୂର୍ବରୁ ବିଶ୍ୱ ସାହିତ୍ୟର ଲୋକପ୍ରିୟ ଧାରାରେ ଜନ୍ମ ନେଇଥିବା ଗୋଇନ୍ଦା ଉପନ୍ୟାସ ଏବେ ବି ପାଠକୀୟ ଆଦୃତିର ଚରମ ସୋପାନରେ ନିଜକୁ ରଖି ପାରିଛି। ପଡ଼ୋଶୀ ବଙ୍ଗଳା ଗୋଇନ୍ଦା ଉପନ୍ୟାସ ରଚନା ମଧ୍ୟ ଲୋପ ପାଇଯାଇନାହିଁ। ଏହାର କାରଣ ଆମ ଯୁବପିଢ଼ିଙ୍କ ଅଯୋଗ୍ୟତା ନୁହେଁ ତ !

ଆଣ୍ଡ୍ରଏଡ ଜମାନାରେ ନିରସ ବହିର ପୃଷ୍ଠା ପର ପୃଷ୍ଠା ଓଲଟାଇ ଦୀର୍ଘ କଳେବରକୁ ପଢ଼ିବା ପରେ ତା'ର ରସ ଆସ୍ୱାଦନ କରିବାର ଧୈର୍ଯ୍ୟ ଓ ସମୟ ଉତ୍ତରୋତ୍ତର ପିଢ଼ି ପାଖରେ ନାହିଁ। ତେଣୁ ସେମାନେ ପୁସ୍ତକ ଅଧ୍ୟୟନ ଅପେକ୍ଷା ମୋବାଇଲରେ ଦୃଶ୍ୟ, ଶ୍ରାବ୍ୟ ଏବଂ ଉଭୟ ଦୃଶ୍ୟଶ୍ରାବ୍ୟ ମାଧ୍ୟମ ଦ୍ୱାରା ତାହାକୁ ଉପଭୋଗ କରିବାକୁ ଅଧିକ ପସନ୍ଦ କରୁଛି। ଯେଉଁ କଥାବସ୍ତୁ କେବଳ ଧଳା ପ୍ରଚ୍ଛଦରେ କଳା ରଙ୍ଗର କାଳି ଦ୍ୱାରା ଲେଖକ ବ୍ୟକ୍ତ କରେ ଏବଂ ଶବ୍ଦ ମାଧ୍ୟମରେ ପାଠକ ତାହାକୁ ଉପଭୋଗ କରେ; ସେହି କଥାବସ୍ତୁକୁ ଦୃଶ୍ୟଶ୍ରାବ୍ୟ ମାଧ୍ୟମରେ ଅଧିକ ପ୍ରଭାବଶାଳୀ ଭାବରେ ଉପସ୍ଥାପନା କରାଯାଇ ପାରୁଛି। ସମ୍ପୂର୍ଣ୍ଣ ଘଟଣାକୁ ଆଲୋକ, ସଙ୍ଗୀତ, ଡିଜିଟାଲ ଇଫେକ୍ଟ ମାଧ୍ୟମରେ ଉତ୍କଣ୍ଠାକୁ ପ୍ରଗାଢ଼ କରାଯାଇ ପାରିଛି। ତେଣୁ ପାଠକ କ୍ରମଶଃ ପୁସ୍ତକ ପଠନ ଠାରୁ ନିଜକୁ ଦୂରେଇ ନେଉଛି। ବିଶ୍ୱ ଗୋଇନ୍ଦା ସାହିତ୍ୟ ଫିଲ୍ମ ଧାରାବାହିକ ଭାବରେ ପ୍ରସାରିତ ହେବା ଦ୍ୱାରା ତାହାର ମର୍ଯ୍ୟାଦା ଅକ୍ଷୁଣ୍ଣ ରହିଛି, ଯାହା ଓଡ଼ିଆ ଗୋଇନ୍ଦା ଉପନ୍ୟାସ କ୍ଷେତ୍ରରେ ଏଯାବତ୍ ହୋଇପାରିନାହିଁ। ଧାରାବାହିକ ଭାବରେ ହିନ୍ଦୀ କିମ୍ବା ଇଂରାଜୀରେ ପ୍ରସାରିତ ହେଉଥିବା କ୍ରାଇମ୍ ପେଟ୍ରୋଲ, ସି.ଆଇ.ଡି. ପରି ଧାରାବାହିକ ବା ଅପରାଧ ଓ ରହସ୍ୟକୈନ୍ଦ୍ରିକ ଚଳଚ୍ଚିତ୍ର ଅଧିକ ଦର୍ଶକ ସାଉଁଟିବାରେ କୃତକାର୍ଯ୍ୟ ହେଉଥିବା ବେଳେ ଓଡ଼ିଆ ଗୋଇନ୍ଦା ଉପନ୍ୟାସର ସ୍ଥିତି ଏପରି କାହିଁକି ? ଏହା କ'ଣ ଆମ ସାହିତ୍ୟ ଜଗତ ପାଇଁ ଗୋଟିଏ ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନବାଚୀ ନୁହେଁ କି ?




**ଗୋଇନ୍ଦା ଉପନ୍ୟାସର ଭବିଷ୍ୟତ**

ଶ୍ରୀମତୀ ପୁଣ୍ୟପ୍ରଭା ଦେବୀଙ୍କ ଦ୍ୱାରା ରଚିତ 'କୁନି ଗୋଇନ୍ଦା' (କ୍ଷୁଦ୍ରଗଳ୍ପ ସଂକଳନ) ୨୦୧୦ ମସିହା ପାଇଁ ସାହିତ୍ୟ ଏକାଡେମୀ ଦ୍ୱାରା ପ୍ରଦତ୍ତ ବାଳ ସାହିତ୍ୟ ପୁରସ୍କାର ଲାଭ କରିବା ଓଡ଼ିଆ ଗୋଇନ୍ଦା ଉପନ୍ୟାସ ପୁନର୍ଜନ୍ମ ପାଇଁ ଗୋଟିଏ ଶୁଭ ଲକ୍ଷଣ କହିଲେ ଅତ୍ୟୁକ୍ତି ହେବ ନାହିଁ। ୨୦୧୭ ମସିହାରୁ ବିଶ୍ୱଭାରତୀ ବିଶ୍ୱବିଦ୍ୟାଳୟର ପୂର୍ବତନ ପ୍ରାଧ୍ୟାପକ ଡ. କଇଳାଶ ପଟ୍ଟନାୟକଙ୍କ ଓଡ଼ିଆ ଗୋଇନ୍ଦା ଉପନ୍ୟାସ ଉପରେ କ୍ରମାଗତ କେତୋଟି ପ୍ରବନ୍ଧ କାଦମ୍ବିନୀ, ପକ୍ଷୀଘର, ଇସ୍ତାହାର, ପ୍ରତିବେଶୀ, ସତ୍ୟବାଦୀ ପରି ସାହିତ୍ୟଧର୍ମୀ ପତ୍ରିକାରେ ପ୍ରକାଶ ପାଇବା ପରେ ଏହାକୁ ନେଇ ଗବେଷଣା ଅନେକଙ୍କ ଦ୍ୱାରା ତ୍ୱରାନ୍ୱିତ ହୋଇଛି। ଜାକିର ଖାନ୍, ରାଜ୍ ମହାପାତ୍ର, କେ. ବିପ୍ଳବଙ୍କ ଦ୍ୱାରା କେତେକ ଗୋଇନ୍ଦା ଉପନ୍ୟାସ ଏବଂ ଉପନ୍ୟାସକାର ଆଲୋଚନାର ପରିସର ଭିତରକୁ ଆସିପାରିଛନ୍ତି । ହେଲେ କୌଣସି ପୂର୍ଣ୍ଣାଙ୍ଗ ମୌଳିକ ଓଡିଆ ଗୋଇନ୍ଦା ଉପନ୍ୟାସ ଏଯାବତ୍ ପ୍ରକାଶ ଲାଭ କରିନାହିଁ। ମାତ୍ର ସାମାଜିକ ଗଣମାଧ୍ୟମ (ମୁଖ ପୁସ୍ତିକା)ରେ ଧାରାବାହିକ ଭାବରେ ଗୋଇନ୍ଦା ଉପନ୍ୟାସ ରଚନା ହେବା ଓଡ଼ିଆ ସାହିତ୍ୟ ପାଇଁ ଖୁସି ଖବର ନିଶ୍ଚିତ ଭାବରେ। ଅପେକ୍ଷା ପୁଣି ଥରେ ଓଡ଼ିଆ ଗୋଇନ୍ଦା ଉପନ୍ୟାସର କଳେବର ତୀକ୍ଷ୍ଣ, ସୂକ୍ଷ୍ମ କାରୁକାର୍ଯ୍ୟରେ ପୂର୍ଣ୍ଣ ହେଉ। ପାଠକକୁ ପୁଣି ଥରେ ପଠନ ଓ ମନୋରଞ୍ଜନର ଖୋରାକ ଦେଉ। ପାଠକ ବି ନିଜର ପଠନ ଦକ୍ଷତାର ଗୋଇନ୍ଦା ଉପନ୍ୟାସକୁ ପୂର୍ବବତ୍ ଆପଣେଇ ନେଉ।

□□

ଲେଖିକାଙ୍କ ଇ-ମେଲ ଠିକଣା:
pratichinanda@gmail.com

ଅନୁଭୂତି



# ମୋ ପିଲାଦିନ

**ଆନଂଦ ଚଂଦ୍ର ପହି**

୧୯୫୨ ମସିହା କଥା। ଆମ ଦେଶ ମାତ୍ର ପାଞ୍ଚ ବର୍ଷ ହେବ ଇଂରେଜ ଶାସନ କବଳରୁ ସ୍ୱାଧୀନ ହୋଇଥାଏ। ସେତେବେଳକୁ ଚାଟଶାଳୀଗୁଡ଼ିକ ପ୍ରାୟ ଅଚଳ ହୋଇ ତା' ସ୍ଥାନରେ ଆଧୁନିକ ସ୍କୁଲର ବହୁଳ ପ୍ରଚଳନ ହେଲାଣି। ତଥାପି କେଉଁଠି କେମିତି ଗୋଟେ ଅଧେ ଚାଟଶାଳୀ ଥାଏ। ସେଠିକି ଖୁବ୍ କମ୍ ପିଲା ଯାଉଥାନ୍ତି। ତେବେ ଯେଉଁ ପିଲା ଯାଉଥାନ୍ତି ସେମାନେ ସ୍କୁଲରେ ନାମ ଲେଖାଇବା ପୂର୍ବରୁ ସେଠି କେବଳ କିଛି ଅକ୍ଷର, ସଂଖ୍ୟା ଓ ପଣିକିଆ ଶିଖିବା ତାଙ୍କର ଉଦ୍ଦେଶ୍ୟ ଥାଏ।



ଆମ ସମୟରେ ପାଠପଢ଼ା ଆରମ୍ଭ ହେଉଥିଲା ଶିଶୁଶ୍ରେଣୀରୁ। ଶିଶୁଶ୍ରେଣୀ ପୂର୍ବରୁ କାନ୍ଥଶ୍ରେଣୀ ବୋଲି ଆଉ ଗୋଟିଏ ଶ୍ରେଣୀ ଥିଲା। କାନ୍ଥଶ୍ରେଣୀରେ କିଛି ପାଠ ପଢ଼ା ହେଉ ନ ଥିଲା। ତଥାପି ଅତି ସାନସାନ ପିଲାମାନେ ଏହି ଶ୍ରେଣୀଗୃହରେ ହସି ଖେଳି, ଗୀତଗାଇ, ଖୁସିମଜା କରି ଘରକୁ ଫେରୁଥିଲେ। ଏ ଶ୍ରେଣୀ ପାଇଁ ନିର୍ଦ୍ଦିଷ୍ଟ ଶିକ୍ଷକ ନ ଥିଲେ କିମ୍ବା କିଛି ପାଠ୍ୟକ୍ରମ ନ ଥିଲା। କେବଳ ଶିଶୁମାନଙ୍କୁ ସ୍କୁଲ ପରିବେଶ ସହିତ ପରିଚିତ କରାଇବା ଏବଂ ସ୍କୁଲକୁ ଯିବା ପାଇଁ ସେମାନଙ୍କ ମନରେ ଆଗ୍ରହ ସୃଷ୍ଟି କରିବା ଏହି କାନ୍ଥ ଶ୍ରେଣୀର ଉଦ୍ଦେଶ୍ୟ ଥିଲା। କାନ୍ଥ ଶ୍ରେଣୀର ପିଲାମାନେ କେବଳ ସକାଳ ଓଳି ସ୍କୁଲକୁ ଯାଉଥିଲେ।

ଶିଶୁ, ପ୍ରଥମ, ଦ୍ୱିତୀୟ ଓ ତୃତୀୟ ଶ୍ରେଣୀକୁ ନେଇ ନିମ୍ନ ପ୍ରାଥମିକ ସ୍କୁଲ ଏବଂ ଚତୁର୍ଥ ଓ ପଞ୍ଚମ ଶ୍ରେଣୀ ମିଶି ଉଚ୍ଚ ପ୍ରାଥମିକ ସ୍କୁଲ ଥିଲା। ଷଷ୍ଠ ଓ ସପ୍ତମ ଶ୍ରେଣୀକୁ ନେଇ ମାଇନର ସ୍କୁଲ ବା ମଧ୍ୟ ଇଂରାଜୀ ସ୍କୁଲ ଗଠିତ ହୋଇଥିଲା।

କାନ୍ଥଶ୍ରେଣୀଠୁ ଆରମ୍ଭ କରି ତୃତୀୟଶ୍ରେଣୀ ପର୍ଯ୍ୟନ୍ତ ସମସ୍ତ ପିଲା ତଳେ ତାଳପତ୍ର ଆସନ ପକାଇ ତା' ଉପରେ ବସି ପାଠ ପଢୁଥିଲେ। ଶ୍ରେଣୀଗୃହରେ ଶିକ୍ଷକମାନଙ୍କ ପାଇଁ କାଠ ମେଜ ଓ କାଠ ଚୌକି ବ୍ୟବସ୍ଥା ଥିଲା। ଶ୍ରେଣୀଗୃହରେ କାଠରେ ତିଆରି ଗୋଟିଏ କଳାପଟା ଥିଲା। ସେଇ କଳାପଟାରେ ଚକ୍‌ଖଡ଼ି ଦ୍ୱାରା ଶିକ୍ଷକ ଲେଖୁଥିଲେ ଓ ଡଷ୍ଟର ସାହାଯ୍ୟରେ ତାହା ଲିଭାଉଥିଲେ। ପିଲାମାନେ ସିଲଟ ଖଡ଼ିରେ ପାଠ ଲେଖୁଥିଲେ ଏବଂ ଓଦାକନାରେ ପୋଛି ଲିଭାଉଥିଲେ। ସେମାନେ ସାଧାରଣତଃ କନା ବ୍ୟାଗରେ ବହି, ଖାତା ଓ ସିଲଟ ପୂରାଇ ସ୍କୁଲକୁ ଯାଉଥିଲେ। ସେହି ବ୍ୟାଗକୁ ବସ୍ତାନି କୁହାଯାଉଥିଲା। ଆମ ସମୟ ବେଳକୁ ପର କଲମ ବା ପକ୍ଷୀ କଲମ ପ୍ରାୟ ଅଚଳ ହୋଇଯାଇଥିଲା। ଛାତ୍ର, ଛାତ୍ରୀମାନେ ନିକେଲ୍ କିମ୍ବା ପିତଳ ନିବ୍ ଲାଗିଥିବା କାଠିକଲମକୁ କାଚ ଦୁଆତରେ ଥିବା କାଳିରେ ବୁଡ଼ାଇ ଖାତା ବା କାଗଜ ଉପରେ ଲେଖୁଥିଲେ।

### ସ୍କୁଲର ଭୟ

ସେତେବେଳେ ପିଲାମାନେ ସ୍କୁଲକୁ ଯିବାକୁ ଭୟ କରୁଥିଲେ। ପାଠ ନ ଆସିଲେ କିମ୍ବା ପିଲାମାନେ ଦୁଷ୍ଟାମି କଲେ ଶିକ୍ଷକମାନେ ବେତ ସାହାଯ୍ୟରେ ଖୁବ୍ ଜୋରରେ ମାଡ ମାରୁଥିଲେ। ମୋର ମନେ ଅଛି ମୁଁ ସ୍କୁଲକୁ ଯିବାକୁ ଭୟ କରୁଥିଲି। ସ୍କୁଲ ଯିବା ସମୟ ହେଲେ ମୁଁ ଆମ ଆଟୁ ଉପରେ ନ ହେଲେ ଧାନକୋଠି ତଳେ କିମ୍ବା ଗାଈଗୁହାଳେ ଲୁଚୁଥିଲି। ସେଥିପାଇଁ ମୁଁ ମୋ ଜେଜେବାପା ନଟବର ପହିଙ୍କଠାରୁ ଖୁବ୍ ମାଡ଼ ଖାଉଥିଲି। ସିଏ ଗୋଟିଏ ଛାଟରେ ମୋତେ ନିର୍ମମ ଭାବରେ ପିଟିପିଟି ମୋ ପିଠିରେ ନୋଳା ବସାଇ ଦେଉଥିଲେ। ମୋ ବୋଉ ଅନେକ ଥର ଜେଜେବାପାଙ୍କ ହାତରୁ ମୋତେ ବଞ୍ଚାଇ ଲୁଗାକାନି ତଳେ

ଘୋଡ଼ାଇ ପକାଏ। ମୋତେ ଅନେକ ବୁଝାଏ- "ପାଠ ପଢ଼ିଲେ ସବୁକଥା ଜାଣିବୁ, ସହରରେ ଚାକିରି କରିବୁ, ବାବୁହେବୁ, ଆମ ସମସ୍ତଙ୍କର ନାଆଁ ରଖିବୁ। ଏମିତି ପାଠଚୋର ହୋଇ ଲୁଚିଲେ ମୂର୍ଖ ହୋଇ ହଳିଆ ହେବୁ। ଖରା, ବରଷା, ଶୀତ, କାକରରେ ମୂଲିଆଙ୍କ ପରି କାମ କରିବୁ"।

ଥରେ ଜେଜେବାପାଙ୍କ ମାଡ଼ରେ ମୋ ପିଠି ଫାଟି ରକ୍ତ ବାହାରିଲା। ତଥାପି ମୁଁ ସ୍କୁଲକୁ ଗଲିନାହିଁ। ତଳେ ଗଡ଼ି ଆଖିର ଲୁହ ଆଉ ନାକର ଶିଙ୍ଘାଣି ଏକାକାର କରି କାନ୍ଦିଲି। ସେଦିନ ମୋ ବୋଉ ଜେଜେବାପାଙ୍କୁ କହିଲା- "ଏମିତି ମାଡ଼ମାରିଲେ ମୋ ପୁଅ ଗଇଁଆ ହୋଇଯିବ। ନାଇଁ, ସିଏ ଆଜିଠୁ ଆଉ ସ୍କୁଲକୁ ଯିବ ନାହିଁ। ମୁଁ ତାକୁ ଘରେ ପାଠ ପଢ଼େଇବି"।

ସେଇ ଦିନଠୁ ଜେଜେବାପା ମୋ ସ୍କୁଲ ଯିବା ନ ଯିବା ବିଷୟରେ ଆଉ ମୁଣ୍ଡ ଖେଳାଇଲେ ନାହିଁ। ମୁଁ ଆଉ ସ୍କୁଲକୁ ଗଲିନାହିଁ। ମୋ ବୋଉ ମୋତେ ଖରାବେଳେ ଓ ସଞ୍ଜବେଳେ ସିଲଟ, ଖଡ଼ିରେ ଅ, ଆ, ଇ, ଈ ଇତ୍ୟାଦି ସ୍ୱରବର୍ଣ୍ଣ ଓ କ, ଖ, ଗ, ଘ ଇତ୍ୟାଦି ବ୍ୟଞ୍ଜନବର୍ଣ୍ଣଗୁଡ଼ିକୁ ଗୋଟି ଗୋଟିକି ଶିଖାଇଲା। ଏକଠୁ ଶହେ ପର୍ଯ୍ୟନ୍ତ ସଂଖ୍ୟା ଗଣିବା ଓ ଲେଖିବା ଶିଖାଇ ଦେଲା। ବୋଉ ପାଖରେ ମୁଁ ଖୁବ୍ ଆଗ୍ରହର ସହିତ ପଢ଼ିଲି। ଅକ୍ଷର ଓ ସଂଖ୍ୟା ଶିଖିଯିବା ପରେ ମୁଁ ପଣିକିଆ ଲେଖି ଶିଖିଲି। ଆଜି କାଲିର ପଣିକିଆ ଠାରୁ ସେ ସମୟର ପଣିକିଆ ଏକଦମ୍ ନିଆରା ଥିଲା। ଆଜିପରି ସେତେବେଳେ ମଧ୍ୟ ପଣିକିଆ ପଚିଶ ଖନ୍ଦା ପର୍ଯ୍ୟନ୍ତ ଥିଲା, କିନ୍ତୁ ସେତେବେଳେର ପଣିକିଆରେ କାହାଣ, ପଣର ହିସାବ ଥିଲା।

**ମୋ ବୋଉ ଜେଜେବାପାଙ୍କୁ କହିଲା- "ଏମିତି ମାଡ଼ମାରିଲେ ମୋ ପୁଅ ଗଇଁଆ ହୋଇଯିବ। ନାଇଁ, ସିଏ ଆଜିଠୁ ଆଉ ସ୍କୁଲକୁ ଯିବ ନାହିଁ।"**

## ସେକାଳର କାହାଣ - ପଣ

ଏହି କାହାଣ, ପଣ କ'ଣ ତାହା ଆଜିକାଲିର ପିଲାମାନେ ବୁଝିପାରିବେ ନାହିଁ। ସେତେବେଳେ ଚାରଟି ପଦାର୍ଥକୁ ଗଣ୍ଡାଏ କୁହାଯାଉଥିଲା, କୋଡ଼ିଏ ଗଣ୍ଡା ମିଶିଲେ ପଣେ ଓ ଷୋହଳ ପଣକୁ କାହାଣେ କୁହାଯାଉଥିଲା। ୧୯୬୨ ମସିହାରେ ଏ ସବୁ ପୁରୁଣା ପଦ୍ଧତି ଉଠିଯାଇ ତା' ବଦଳରେ ଆଧୁନିକ ମେଟ୍ରିକ ପଦ୍ଧତିର ପ୍ରଚଳନ ହେଲା। ତେଣୁ ପଣିକିଆ ଖନ୍ଦାରୁ କାହାଣ, ପଣ ଉଠିଗଲା। ଟଙ୍କାକ ୬୪ ପଇସା ବଦଳରେ ୧୦୦ ପଇସା, ସେର ବଦଳରେ କିଲୋଗ୍ରାମ, କିଲୋଲିଟର ଓ ମାଇଲ ବଦଳରେ କିଲୋମିଟର ଏବଂ ଫୁଟ ବଦଳରେ ମିଟର ପ୍ରଚଳନ ହେଲା।

ଗୋଟିଏ ବର୍ଷ ମୁଁ ଘରେ ମୋ ବୋଉ ପାଖରେ ପଢ଼ିବା ପରେ ତା' ପର ବର୍ଷ ମୁଁ ସ୍କୁଲରେ ଏକାଥରେ ପ୍ରଥମ ଶ୍ରେଣୀରେ ନାଆଁ ଲେଖାଇଲି। ନିଜେ ଘରେ କିଛି ପାଠ ଜାଣିଥିବା ଯୋଗୁ ସ୍କୁଲକୁ ଯିବାକୁ ମୋତେ ଆଉ ଆଦୌ ଭୟ ଲାଗିଲା ନାହିଁ। କାନ୍ଥ ଶ୍ରେଣୀ ଡେଇଁ ଏକାଥରେ ପ୍ରଥମ ଶ୍ରେଣୀରେ ନାଆଁ ଲେଖାଇବା ପୂର୍ବରୁ ସ୍କୁଲର ହେଡ୍‌ପଣ୍ଡିତ (ପ୍ରଧାନ ଶିକ୍ଷକ)ମୋଠୁ ଲିଖିତ ଓ ମୌଖିକ ପରୀକ୍ଷା ନେଲେ। ସେତେବେଳେ ସିଏ ମୋଠୁ କ'ଣ ସବୁ ପରୀକ୍ଷା ନେଲେ ଆଜି ମୋର ତାହା କିଛି ମନେ ନ ଥିଲେ ମଧ୍ୟ ଏତିକି ମନେଅଛି ଯେ ହେଡ୍‌ପଣ୍ଡିତ ମୋ ଉତ୍ତରରେ ଖୁବ୍ ସନ୍ତୁଷ୍ଟ ହୋଇଥିଲେ। ସ୍କୁଲରେ ନାଆଁଲେଖା ଫିସ୍ କିଛି ନିଆଯାଉ ନ ଥିଲା। ତେବେ ନାଆଁଲେଖା ହେବା ଦିନ କିଛି ଚାଉଳ ଓ ପରିବାକୁ ମିଶାଇ ଗୋଟିଏ ଭେଟି ଦିଆଯାଉଥିଲା। ପ୍ରତି ମାସରେ ଦରମା ଦେବାର ବ୍ୟବସ୍ଥା ନ ଥିଲା; କିନ୍ତୁ ତା' ବଦଳରେ ପ୍ରତ୍ୟେକ ପିଲା ମାସ ଶେଷରେ ଏକ ସେର ଉଷୁନା ଚାଉଳ ଓ ଦୁଇ ଅଣା ପଇସା ଦେଉଥିଲେ। ତାକୁ ମାସିକ ପାଳି କୁହାଯାଉଥିଲା।

## ନାମ ଲେଖାଇଲି

୧୯୫୨ ମସିହା ଜୁଲାଇ ମାସରେ ମୁଁ ଆମ ଗାଁ ବିଦ୍ୟାଳୟର ନିମ୍ନ ପ୍ରାଥମିକ ବିଦ୍ୟାଳୟରେ ପ୍ରଥମ ଶ୍ରେଣୀରେ ନାମ ଲେଖାଇଥିଲି। ଆଜିପରି ସେତେବେଳେ ଜନ୍ମ ତାରିଖର ପ୍ରମାଣ ସ୍ୱରୂପ ପ୍ରମାଣପତ୍ର ଦାଖଲ କରିବା କିଛି ଆବଶ୍ୟକ ନ ଥିଲା। ପିଲାଟିର ବାପା ଯେଉଁ ଜନ୍ମ ତାରିଖ କହୁଥିଲେ ସ୍କୁଲ ହେଡ୍‌ପଣ୍ଡିତ ତାକୁ ଗ୍ରହଣ କରୁଥିଲେ। ବାପା କିମ୍ବା ଅଭିଭାବକ ପିଲାଟିର ସଠିକ ଜନ୍ମ ତାରିଖ ନ କହି ପାରିଲେ ପ୍ରଧାନଶିକ୍ଷକ ଆନୁମାନିକ ଭାବେ ପିଲାଟିର ଜନ୍ମ ତାରିଖ ସ୍ଥିର କରୁଥିଲେ। ଏହା ସେତେବେଳର ପରମ୍ପରା ଥିଲା।

ଆମ ଗାଁ ସ୍କୁଲ କେତେ ମସିହାରେ ତିଆରି ହୋଇଥିଲା ମୋତେ ସଠିକ୍ ଜଣାନାହିଁ। ତେବେ ସେଇ ସ୍କୁଲରେ ମୋ


ଜେଜେବାପା, ବାପା, ଦାଦା ମଧ୍ୟ ପଢ଼ିଥିଲେ। ତେଣୁ ଆମ ଗାଆଁ ସ୍କୁଲର ନିର୍ମାଣ କାଳ ପ୍ରାୟ ଊନବିଂଶ ଶତାବ୍ଦୀର ପ୍ରଥମ ଭାଗରେ ହୋଇପାରେ। ଗାଆଁ ସ୍କୁଲ ଆଗରେ ଗୋଟିଏ ବଡ଼ ଚୂନ ଘଣା ଥିଲା। ସ୍କୁଲ ଘରଟିର ଚଟାଣ ଓ କାନ୍ଥ ପକ୍କା ଥିଲା; କିନ୍ତୁ ଛପର ଚାଳ ଥିଲା। ସେତେବେଳେ ସିମେଣ୍ଟ ମିଳୁ ନ ଥିଲା ବୋଲି ଘଣାରେ ଚୂନ ପେଷାଯାଇ ତାକୁ ବାଲି ସହିତ ଗୋଳାଇ ମାଙ୍କଡ଼ା ପଥର ବସାଯାଇଥିଲା। ଘରର ଚଟାଣ ମଧ୍ୟ ଚୂନ ଓ ବାଲିରେ ପଲସ୍ତରା କରାଯାଇ ପକ୍କା କରାଯାଇଥିଲା। ଆମ ସ୍କୁଲ ଘର ଖୁବ୍ ଉଚ୍ଚ ଓ ମଜଭୁତ ଭାବେ ତିଆରି ହୋଇଥିଲା। ସେ ଘରେ ମୋଟା ମୋଟା ଶାଳ କାଠର ଶେଣୀ, ଓରା ଓ କଡ଼ି ଲାଗିଥିଲା। ବଖରାଗୁଡ଼ିକ ଖୁବ ବଡ଼ ବଡ଼ ଥିଲା। ଏପରିକି ଗୋଟିଏ ଗୋଟିଏ ବଖରାରେ ଦୁଇ ଦୁଇଟି ଶ୍ରେଣୀର ପିଲା ପୃଥକ, ପୃଥକ ବସି ପାଠ ପଢ଼ିପାରୁଥିଲେ। ସ୍କୁଲରେ ହଲ୍ ପରି ବଡ଼ ବଖରାଟିଏ ଥିଲା, ଯେଉଁଥିରେ ଗଣେଶ ପୂଜା ଓ ସରସ୍ୱତୀ ପୂଜା ଏବଂ ସଭା ସମିତି କରାଯାଉଥିଲା। ଶିକ୍ଷକମାନଙ୍କ ରୋଷେଇ ନିମନ୍ତେ ଅଲଗା ରୋଷେଇ ଘରଟିଏ ମଧ୍ୟ ଥିଲା।

ସେ ସମୟରେ ପ୍ରାୟ ସମସ୍ତ ଶିକ୍ଷକ ସ୍କୁଲଘରେ ରହୁଥିଲେ। ଆଉ କୌଣସି, କୌଣସି ଶିକ୍ଷକ ତାଙ୍କ ପରିବାର ଧରି ଆମ ଗାଆଁ ଭିତରେ ନାମକୁ ମାତ୍ର ଭଡ଼ାରେ ରହୁଥିଲେ। ଆଜିକାଲି ପରି ସେତେବେଳେ ଶିକ୍ଷକମାନେ ନିଜ ଗାଆଁ ପାଖ ସ୍କୁଲରେ ନିଯୁକ୍ତି ପାଇବା ବ୍ୟବସ୍ଥା ନ ଥିଲା, କାରଣ ସେତେବେଳେ ଏତେ ସଂଖ୍ୟାରେ ସ୍କୁଲ ନ ଥିଲା। ଶିକ୍ଷକମାନଙ୍କ ଘର ସ୍କୁଲଠୁ ବହୁତ ଦୂରରେ ଥିବାରୁ ସେମାନେ ସ୍କୁଲରେ କିମ୍ବା ଆମ ଗାଆଁ ଭିତରେ ରହି ପାଠ ପଢ଼ାଉଥିଲେ। ମୁଁ ସ୍କୁଲକୁ ଗଲାବେଳକୁ ଆମ ଗାଆଁ ରାସ୍ତା ଆଜି ପରି ପକ୍କା ହୋଇ ନ ଥିଲା, ଧୂଳି ଦାଣ୍ଡ ଥଲା।

## ଏକାନ୍ନବର୍ତ୍ତୀ ପରିବାର

ମୋ ଜେଜେବାପାଙ୍କର ପାଞ୍ଚ ପୁଅ ଓ ଚାରି ଝିଅ ଥିଲେ। ମୋ ବାପା ସମସ୍ତଙ୍କଠୁ ବଡ଼ ଥିଲେ। ଏମିତି ଗୋଟେ ବଡ଼ ଏକାନ୍ନବର୍ତ୍ତୀ ପରିବାରରେ ମୋର ଜନ୍ମ। ମୁଁ ଥିଲି ଆମ ପରିବାରର ତୃତୀୟ ସନ୍ତାନ। ମୋ ଉପରେ ଥିଲେ ମୋ ନିଜ ବଡ଼ ଭାଇ କୋଦଣ୍ଡ ଧର ପହି ଓ ମୋ ସାନବାପା କୃଷ୍ଣ ଚନ୍ଦ୍ର ପହିଙ୍କ ପ୍ରଥମ କନ୍ୟା ଇନ୍ଦୁମତୀ ପହି। ଏତେ ବଡ଼ ପରିବାରରେ ପ୍ରଥମ ଅବସ୍ଥାରେ ଆମେ ମାତ୍ର ତିନି ଜଣ ପିଲା ଥିଲୁ। ଆମେ ଜେଜେବାପା, ଜେଜୀମା, ବାପା, ଦାଦା, ମାଆ, ଖୁଡ଼ୀ ଓ ପିଉସୀମାନଙ୍କ ଠାରୁ ପ୍ରଚୁର ସ୍ନେହ, ଶ୍ରଦ୍ଧା ଓ ଆଦର ପାଉଥିଲୁ।

ମୋତେ ପାଞ୍ଚ, ଛଅ ବର୍ଷ ବୟସ ହୋଇଥିଲା ବେଳେ ମୁଁ ଶୀତଦିନେ ଛଅ, ସାତଟି ପୁରୁଣା କାମିଜ, ତା'ଉପରକୁ ଉପର ପିନ୍ଧି ଶୋଉଥିଲି। ଆମ ଘରକୁ କେହି ଆସିଲେ ମୁଁ ତାଙ୍କୁ ଏତେଗୁଡ଼ିଏ କାମିଜି ପିନ୍ଧିଛି ବୋଲି ଦେଖାଇ ଖୁସିହେଉଥିଲି ଓ ଗର୍ବ କରୁଥିଲି। ମୋ ଯଶୋଦା ଅପା ମୋତେ ଅତ୍ୟନ୍ତ ସ୍ନେହ କରୁଥଲେ ଓ ମୋତେ କାଖରେ ବସାଇ ସାଇ ଭିତରେ ଘର, ଘର ବୁଲାଉଥିଲେ।



ମୋ ପିଲାବେଳେ ମିଳୁଥିବା ଗେଞ୍ଜିରେ ଛୋଟ, ଛୋଟ କଣା ଥିଲା। ତାକୁ ଆମେ ଜାଲି ଗେଞ୍ଜି କହୁଥିଲୁ। କିନ୍ତୁ ଶିକ୍ଷକ ଚାକିରି କରୁଥିବା ସାନବାପା ଥରେ ଦଶହରା ଛୁଟିରେ ଗାଆଁକୁ ଆସିବା ବେଳେ ମୋ ପାଇଁ ଗୋଟିଏ ଗେଞ୍ଜି ଆଣିଥିଲେ ଯେଉଁଥିରେ ଆଦୌ କଣା ନ ଥିଲା। ସେଇ ନିରନ୍ଧ୍ର ଗେଞ୍ଜିଟି ପାଇ ମୁଁ ସେଦିନ ବହୁତ ଖୁସି ହୋଇଥିଲି। ଆଗେ ମିଳୁଥିବା ଜାଲିଗେଞ୍ଜି ଧୀରେ ଧୀରେ ବନ୍ଦ ହୋଇଯାଇ ତା'ସ୍ଥାନ ନେଲା କଣା ନ ଥିବା ଗେଞ୍ଜି। ଆଜି କାଲି ଆମେ ସମସ୍ତେ ସେଇ କଣା ନ ଥିବା ଗେଞ୍ଜି ପିନ୍ଧୁଛେ।

ଗାଆଁ ଭିତରେ ଆମର ଗୋଟିଏ ଦଶ ବଖୁରିଆ ଖଞ୍ଜାଘର ଥିଲା। ସେ ଖଞ୍ଜାରେ ତିନି ବଖରା ଆଟୁଘର, ତିନି ବଖରା ଚାଳଘର ଓ ଦୁଇ ବଖରା ବାଟଘର ଥିଲା। ବାଟଘର ଦୁଇ ବଖରା ମଧ୍ୟ ଚାଳଘର ଥିଲା। ସେଇ ଖଞ୍ଜା ବାହାରେ ଗୋଟିଏ ବଡ଼ ଦାଣ୍ଡଘର ଥିଲା ଯାହା ବୈଠକ ଘର ବା ଆଜିକାଲିର ଡ୍ରଇଂରୁମ୍ ପରି କାମ କରୁଥିଲା। ପାଞ୍ଚ ପୁଅଯାକ ବିବାହ କରିସାରିବା ପରେ ମୋ ଜେଜେବାପା ଓ ଜେଜେମା ଦାଣ୍ଡଘରକୁ ଚାଲିଗଲେ। ସେଇ ଦାଣ୍ଡଘର ବାରଣ୍ଡାରେ ହାତଥିବା ଗୋଟିଏ ଲମ୍ବା କାଠ ବେଞ୍ଚ ପଡ଼ିଥିଲା। ଆମ ଦାଣ୍ଡଘର ସାମନାରେ ଗୋଟିଏ ଧାନକୋଠି ଥିଲା। ସେଇ ଧାନକୋଠିରେ ଆମ ଚାଷଧାନ ପୋକ ଓ ମୂଷା ଦାଉରୁ ମୁକ୍ତ ଓ ସୁରକ୍ଷିତ ରହୁଥିଲା। ଆମ ଘର ଚାରି ପାଖରେ ମାଟି କାନ୍ଥ

ଓ ଚାଳ ଛପରର ଗୋଟିଏ ଶକ୍ତ ପାଚିରି ବୁଲିଥିଲା। ସେଇ ପାଚିରିରେ ଦାଣ୍ଡପଟକୁ ଗୋଟିଏ ଯାଉଁଳି କବାଟ ଲାଗିଥିଲା। ସେଇଟି ଥିଲା ଆମ ଘରର ମୁଖ୍ୟ ଦ୍ୱାର। ଆମ ଖଞ୍ଜାଘର ପଛପଟକୁ ଗୋଟେ ବଡ଼ ବାରିଥିଲା ଓ ପାଞ୍ଚ ବଖରା ଗୁହାଳ ଘରଥିଲା। ଗୋଟିଏ ବଖରାରେ ତିନି ହଳ ବଳଦ ରହୁଥିଲେ ଓ ଅବଶିଷ୍ଟ ଚାରି ବଖରାରେ ଗାଈ ରହୁଥିଲେ। ସେତେବେଳେ ଆମ ଗାଈମାନଙ୍କ ସଂଖ୍ୟା ଥିଲା କୋଡ଼ିଏ। ଗାଈ ବଳଦରେ ଗୁହାଳଘର ଭରପୂର ଥିଲା।

ମୋ ନନା ଓ ମୋ ଦେଈଙ୍କଠୁ ମୁଁ ଭଲପାଠ ପଢୁଥିଲି। ପ୍ରଥମେ ପ୍ରଥମେ ମୁଁ ସିନା ସ୍କୁଲ୍‌କୁ ଯିବାକୁ ଆଗ୍ରହ ଦେଖାଉ ନ ଥିଲି, କିନ୍ତୁ ସ୍କୁଲରେ ଶିଶୁଶ୍ରେଣୀ ଡେଇଁ ଏକାଥରେ ପ୍ରଥମ ଶ୍ରେଣୀରେ ପଢ଼ିବା ଯୋଗୁ ମୋ ମନରେ ଗୋଟେ ଧାରଣା ସୃଷ୍ଟି ହୋଇଥିଲା ଯେ ମୁଁ ଖୁବ୍ ଭଲ ପଢ଼େ। ସ୍କୁଲକୁ ଯିବା ଆଗରୁ ଘରେ ଭଲ ଭାବରେ ପାଠ ପ୍ରସ୍ତୁତ କରି ଯିବା ମୋର ଅଭ୍ୟାସରେ ପରିଣତ ହୋଇଗଲା। ଘରେ ପାଠ ପଢ଼ିବାରେ ମୋ ବୋଉ ମୋତେ ସାହାଯ୍ୟ କରୁଥିଲା। ପ୍ରତିଦିନ ବର୍ଣ୍ଣବୋଧ ପଢ଼ିବା, ସଂଖ୍ୟା ଓ ପଣିକିଆ ଡାକିବା ଆଉ ହସ୍ତାକ୍ଷର ଲେଖିବାକୁ ମୁଁ କେବେ ଭୁଲୁ ନ ଥିଲି।

**ଦ୍ୱିତୀୟ ଶ୍ରେଣୀକୁ ପ୍ରମୋସନ ପାଇବା ଦିନ ମୋ ଖୁସି ଯାହା ଥିଲା, ମୋ ବୋଉର ଖୁସି ତା'ଠୁ ଯଥେଷ୍ଟ ଅଧିକ ଥିଲା।**

### ପ୍ରମୋସନର ଖୁସି

ପ୍ରଥମ ଶ୍ରେଣୀରୁ ଦ୍ୱିତୀୟ ଶ୍ରେଣୀକୁ ପ୍ରମୋସନ ପାଇବା ଦିନ ମୋ ଖୁସି ଯାହା ଥିଲା, ମୋ ବୋଉର ଖୁସି ତା'ଠୁ ଯଥେଷ୍ଟ ଅଧିକ ଥିଲା; କାରଣ ମୁଁ ଦ୍ୱିତୀୟ ଶ୍ରେଣୀକୁ ପ୍ରମୋସନ ପାଇବାବେଳେ ପ୍ରଥମ ସ୍ଥାନ ଅଧିକାର କରିଥିଲି। ଏଥିରେ ମୋ ବୋଉର କୃତିତ୍ୱ ଯଥେଷ୍ଟ ଥିଲା। ମୁଁ ମୋ ବୋଉର ଟେକ ରଖିଛି ବୋଲି ସିଏ ସେଦିନ ଖୁସିରେ ଗଦ୍ ଗଦ୍ ହୋଇ କାନ୍ଦି ପକାଇଥିଲା।

ସେଇଦିନଠୁ ଆମ ଘରେ ମୋତେ ସମସ୍ତେ ଗୋଟେ ଭିନ୍ନ ଦୃଷ୍ଟିରେ ଦେଖିଲେ ଓ ମୋତେ ନିଆରା ଆଦର ଆଉ ସ୍ନେହ ମିଳିଲା। ମୋତେ ଲାଗିଲା ମୁଁ ଯେମିତି କିଛି ଗୋଟେ ଅସାଧାରଣ କାମ କରି ପାରିଛି। ମୋ ବାପା, ଦାଦା, ଖୁଡ଼ୀ, ଅପା, ଜେଜେ, ଜେଜେମା' ସମସ୍ତଙ୍କ ଆଖିରେ ଯେମିତି ମୋ ପ୍ରତି ଗୋଟେ ସ୍ୱତନ୍ତ୍ର ସ୍ନେହର ଆଲୋକ ମୁଁ ଦେଖିପାରୁଥିଲି।

ଦ୍ୱିତୀୟ ଶ୍ରେଣୀର ପାଠ ପଢ଼ିବା ବେଳେ ମୋ ବୋଉ ମୋତେ ଆଉ ବିଶେଷ କିଛି ସାହାଯ୍ୟ କରିପାରିଲା ନାହିଁ। କାରଣ ସେସବୁ ପାଠ ପଢ଼ାଇବା ତା' ସାମର୍ଥ୍ୟର ବାହାରେ ଥିଲା। ତଥାପି ମୁଁ ପଢ଼ିବା ବେଳେ ସିଏ ଜଗିକି ବସୁଥିଲା। ସ୍କୁଲରେ ଦିଆଯାଇଥିବା ପାଠ ମୁଁ ରୀତିମତ ଘରେ ପଢୁଛିକି ନାହିଁ ତାହା ସିଏ ମଝିରେ ମଝିରେ ପଚାରି ବୁଝୁଥିଲା। ଦ୍ୱିତୀୟ ଶ୍ରେଣୀରୁ ତୃତୀୟ ଶ୍ରେଣୀକୁ ପ୍ରମୋସନ ପାଇବା ଦିନ ମୁଁ ଶ୍ରେଣୀରେ ପ୍ରଥମ ସ୍ଥାନ ଅଧିକାର କରିଛି ବୋଲି ଜାଣିବା ପରେ ମୋ ବୋଉ ଆଶ୍ୱସ୍ତ ହେଲା। ତା'ର ଆତ୍ମବିଶ୍ୱାସ ହେଲା ଯେ ମୋ ନିଜ ପାଠ ଏଣିକି ମୁଁ ନିଜେ ପଢ଼ିବାକୁ ସମର୍ଥ।

ସେତେବେଳେ ରେଡିମେଡ୍ ଡ୍ରେସ୍ ଗାଆଁ ଗହଳରେ ମିଳୁ ନ ଥିଲା। ତେଣୁ ସମସ୍ତେ ପ୍ୟାଣ୍ଟ, ସାର୍ଟ ଦରଜି ପାଖରୁ ସିଲାଇ କରାଇ ଆଣି ପିନ୍ଧୁଥିଲେ। କୌଣସି ପିଲାଙ୍କ ପାଦରେ ଜୋତା କି ଚପଲ ନ ଥିଲା। ସେ ସମୟରେ ଗାଆଁ ଲୋକମାନେ ଜୋତା, ଚପଲ ବ୍ୟବହାର କରୁ ନ ଥିଲେ। ବର୍ଷାଦିନରେ ଗାଆଁଦାଣ୍ଡରେ ପାଣି, କାଦୁଅ ଜମି ରହୁଥିଲା। ଝଡ଼ବର୍ଷା କିଛିଦିନ ଲାଗି ରହିଲେ ଗାଆଁ ଦାଣ୍ଡରେ ଝର ଫିଟିଯାଉଥିଲା। ତେଣୁ ଲୋକମାନଙ୍କ ଆଙ୍ଗୁଠି ସନ୍ଧାରେ ଘାଆ ହୋଇ ଯାଉଥିଲା। ସେମାନେ ପାଦରେ କାଠର କଠଉ ପିନ୍ଧୁଥିଲେ। ପିଲାଦିନେ ମୋର ଆଦୌ ଜୋତା, ଚପଲ ନ ଥିଲା। ପିଲାମାନେ କଠଉ ମାଡ଼ିବା ସହଜ ନ ଥଲା। ଗୋଡ଼ ମୋଡ଼ି ହୋଇ ଯିବାର ଆଶଙ୍କା ଥିଲା। ତେଣୁ କେବଳ ଯୁବକ ଓ ବୟସ୍କ ଲୋକମାନେ କଠଉ ବ୍ୟବହାର କରୁଥିଲେ। ଗାଆଁ ଦାଣ୍ଡରେ ବର୍ଷାଦିନେ ଏତେ ପାଣି କାଦୁଅ ହୁଏ ଯେ ପାଦର କଠଉ ବୁଡ଼ିଯାଏ।

### ଗୋଡ଼ରେ ରଣପା

ତେଣୁ କିଛି କିଶୋର ଓ ଯୁବକ ରଣପା ମାଡ଼ି ଗାଆଁ ଦାଣ୍ଡରେ ଚାଲନ୍ତି। ରଣପାରେ ଚାଲୁଥିବା ଲୋକର ପାଦ ଭୂଇଁଠୁ ପ୍ରାୟ ଫୁଟେ ଦେଢ଼ ଫୁଟ ଉଚ୍ଚରେ ରହେ। ରଣପାରେ ଚାଲିବାବେଳେ ମଣିଷଟି ତା' ନିଜ ଉଚ୍ଚତାଠାରୁ ପ୍ରାୟ ଫୁଟେ ଦେଢ଼ ଫୁଟ ଅଧିକ ଉଚ୍ଚ ଦେଖାଯାଏ। ରୀତିମତ ଅଭ୍ୟାସ ନ କଲେ ସମସ୍ତେ

ରଣପାରେ ଚାଲିବା ସମ୍ଭବ ନୁହଁ। ମୁଁ ଓ ମୋର ବଡ଼ଭାଇ ଏଇ ରଣପାରେ ଚାଲିବା ଶିଖିଥିଲୁ। ଆମର ହଳେ ରଣପା ଥିଲା। ମୋତେ ରଣପାରେ ଚାଲିବାକୁ ଭାରି ମଜା ଲାଗୁଥିଲା।

ଆମ ଗାଆଁ ପାଖରେ ସେତେବେଳେ କୌଣସି ଲୁଗା ଦୋକାନ କି ଡ୍ରେସ୍ ଦୋକାନ, ବଜାର ନ ଥିଲା। ଦୂର ସ୍ଥାନକୁ ଯିବା ପାଇଁ ସେତେବେଳେ ଆମ ଗାଆଁରେ ମୋଟର ସାଇକେଲ୍ କି ସ୍କୁଟର ନ ଥିଲା। ଚାରିଚକିଆ ଗାଡ଼ି ଅର୍ଥାତ ମୋଟର କାର କି ଜିପ୍ ଆମ ସେ ତିରିଶ ଚାଳିଶ ଖଣ୍ଡ ଗାଆଁରେ ବି ନ ଥିଲା। ଆମର ଏତେ ବଡ଼ ଗାଆଁରେ ଅଳ୍ପ କେତେ ଖଣ୍ଡ ସାଇକେଲ୍ ଥିଲା। ମୋର ଯାହା ମନେହୁଏ ସମୁଦାୟ ମାତ୍ର ଚାରି ପାଞ୍ଚ ଖଣ୍ଡ ସାଇକେଲ୍ ଥିଲା। ସେତେବେଳେ ସମସ୍ତେ ଦରଜି ଦୋକାନରୁ କନା କିଣି ତା'ରି ପାଖରେ ସିଲାଇ ମେସିନରେ ସିଲାଇ କରି ପ୍ୟାଣ୍ଟ ସାର୍ଟ ପିନ୍ଧୁଥିଲେ। ଆମ ଗାଆଁରେ ବି କୌଣସି ଦରଜି ଦୋକାନ ନ ଥିବାରୁ ମୋ ପୋଷାକ ସିଲେଇ କରିବାକୁ ମୁଁ ମୋ ବାପାଙ୍କ ସାଙ୍ଗରେ ପାଦରେ ଚାଲିଚାଲି ଆଠ କିଲୋମିଟର ଦୂରରେ ଥିବା ପିଙ୍ଗୁଆ ଗାଆଁକୁ ଯାଉଥିଲି। ପିଙ୍ଗୁଆ ଦୋକାନରୁ କନା କିଣି ଦରଜି ପାଖରେ ପୋଷାକ ମାପ ଦେଉଥିଲି। ଏତେ ବାଟ ଚାଲିବା ବେଳେବେଳେ ମୋ ପକ୍ଷେ କଠିନ ହେଉଥିଲା। ତେଣୁ ମୋ ବାପା ମୋତେ କିଛି ବାଟ କାନ୍ଧରେ ବସାଇ ନେଉଥିଲେ। ମୋ ପାଦରେ କିମ୍ବା ବାପାଙ୍କ ପାଦରେ ଚପଲ ନ ଥିବାରୁ ଖରାବେଳର ତତଲା ରାସ୍ତାରେ ଚାଲିବା ତାଙ୍କ ପକ୍ଷେ ଅତ୍ୟନ୍ତ କଷ୍ଟକର ଥିଲା। ତେଣୁ ଆମେ ବଡ଼ିଭୋରୁ ଘରୁ ବାହାରି ଯାଇ ଖରା ଟାଣ ହେବା ଆଗରୁ ଘରକୁ ଫେରି ଆସୁଥିଲୁ। ରଜ, ପ୍ରଥମାଷ୍ଟମୀ, କୁମାର ପୂର୍ଣ୍ଣିମା, ଗଣେଶ ପୂଜା କିମ୍ବା ସରସ୍ୱତୀ ପୂଜା, ଏମିତି କିଛି ଗୋଟେ ପର୍ବପର୍ବାଣିରେ କେତେବେଳେ ଖଣ୍ଡେ ପ୍ୟାଣ୍ଟ୍ କିମ୍ବା ସାର୍ଟ ମୋ ପାଇଁ ଦରଜି ପାଖରେ ତିଆରି ହୁଏ।

**ଏତେ ବାଟ ଚାଲିବା ବେଳେବେଳେ ମୋ ପକ୍ଷେ କଠିନ ହେଉଥିଲା। ତେଣୁ ବାପା ମୋତେ କାନ୍ଧରେ ବସାଇ ନେଉଥିଲେ।**

ଆମ ସମୟରେ ପ୍ରାୟ ସବୁପିଲା, ପ୍ୟାଣ୍ଟ, ସାର୍ଟ ପିନ୍ଧି ସ୍କୁଲକୁ ଯାଉଥିଲେ। ମୁଁ ନିୟମିତ ସ୍କୁଲକୁ ଯାଉଥିଲି। ଛୁଟିଦିନ ବ୍ୟତୀତ ଅନ୍ୟ କେଉଁଦିନ ମୋର ସ୍କୁଲ ଯିବା ବନ୍ଦ ହୁଏ ନାହିଁ। କିନ୍ତୁ ସାପ୍ତାହିକ ଛୁଟି ରବିବାର ଦିନଟି ମୁଁ ଆଦୌ ପାଠପଢୁ ନ ଥିଲି। ସେଦିନ ସକାଳୁ ସନ୍ଧ୍ୟା ପର୍ଯ୍ୟନ୍ତ ସାଙ୍ଗ ପିଲାଙ୍କ ସହିତ ମୁଁ ଖୁବ୍ ଖେଳୁଥିଲି। ଆମ ଖେଳ ଭିତରେ ଥିଲା ବାଟିଖେଳ, ପେଣ୍ଡୁଖେଳ, ଖପରାଡ଼ିଆଁ, ବାଗୁଡି ଓ ବହୁଚୋରି। ରବିବାର ଦିନଟି ଖୁବ୍ ଖୁସିରେ କଟିଯାଉଥିଲା। କିନ୍ତୁ ରବିବାର ଦିନର ସୂର୍ଯ୍ୟ ଦିଗ୍‌ବଳୟ ସେପାରେ ବୁଡ଼ିଯିବା ସହିତ ମୋ ଖୁସୀ-ସୂର୍ଯ୍ୟଟା ବୁଡ଼ିଗଲା ପରି ମୋତେ କଷ୍ଟ ଦେଉଥିଲା। ସନ୍ଧ୍ୟା ହେବାମାତ୍ରେ ସୋମବାର ଦିନ ପଢ଼ାପାଇଁ ବହି ଖାତା ଧରି ବସିଯାଉଥିଲି। କିନ୍ତୁ ଖେଳକୁ ଛାଡ଼ି ହଠାତ ପାଠକୁ ଧରିବାକୁ ମନହେଉ ନ ଥିଲା।

### ଗାଆଁର ରାତି

ସେତେବେଳେ ଗାଆଁ ରାତିଟା ଖୁବ୍ ଅନ୍ଧାର ଅନ୍ଧାର ଥିଲା। ଗାଆଁ ଦାଣ୍ଡ ସମ୍ପୂର୍ଣ୍ଣ ଅନ୍ଧାର। ଘରେ ଲଣ୍ଠନଟିଏ ନ ହେଲେ ଡିବିଟିଏ। ଆଜି ପରି ଗାଆଁରେ ବିଜୁଳିବତି ନ ଥିଲା। ବିଜୁଳିବତି କେବଳ ସହରରେ ଥିଲା। ମୁଁ ଡିବି ଆଲୁଅରେ ପଢୁଥିଲି। ପବନ ହେଲେ ଡିବି ଲିଭିଯାଏ। ବାରମ୍ବାର ଦିଆସିଲି ମାରି ଡିବି ଲଗାଇବାକୁ ପଡୁଥିଲା।

ବିଦ୍ୟାଳୟରେ ଦୁଷ୍ଟାମି କଲେ କିମ୍ବା ପାଠ ଭୁଲ୍ କଲେ ଶିକ୍ଷକମାନେ ପିଲାଙ୍କୁ ବିଭିନ୍ନ ପ୍ରକାର ଦଣ୍ଡ ଦେଉଥିଲେ। ବେତରେ ପିଟିବା ବ୍ୟତୀତ ଅନ୍ୟ ଯେଉଁ ଦଣ୍ଡ ଶିକ୍ଷକମାନେ ଦେଉଥିଲେ ସେ ସବୁ ଭିତରେ ପ୍ରଧାନ ଥିଲା କାନ ଧରି ବସଉଠ ହେବା, ଚଉକି ବସିବା,ଏକ ଗୋଡ଼ିଆ ଠିଆହେବା, ଖରାରେ ଠିଆହେବା, ଆଣ୍ଠୁତଳେ ଗୋଡ଼ିଦେଇ ଆଣ୍ଠେଇବା, ନିଜ କାନକୁ ନିଜେ ମୋଡ଼ି ନିଜ ଗାଲରେ ଚାପୁଡ଼ା ମାରିବା ଇତ୍ୟାଦି।

ମୁଁ ସ୍କୁଲରେ ପାଠ ପଢ଼ିବା ଭିତରେ କେବେ ହେଲେ ଶିକ୍ଷକଙ୍କଠାରୁ ମାଡ଼ କି ଗାଳି କିଛି ଖାଇନାହିଁ। ଭଲ ପାଠ ପଢୁଥିବାରୁ ମୁଁ ସ୍କୁଲର ଶିକ୍ଷକମାନଙ୍କଠାରୁ ସ୍ନେହ, ଶ୍ରଦ୍ଧା ଓ ପ୍ରଶଂସା ପାଉଥିଲି। ତେଣୁ ଶିକ୍ଷକମାନଙ୍କ ଉପର ଲିଖିତ ଦଣ୍ଡଗୁଡ଼ିକ ଭିତରୁ କିଛି ହେଲେ ମୋ ଭାଗରେ ପଡ଼ିନାହିଁ।

ମୋ ପିଲାଦିନକୁ ମୁଁ ବହୁତ ପଛରେ ପକାଇ ଦେଇ ବହୁତ ଦୂର ରାସ୍ତା ଚାଲି ଆସିଛି; କିନ୍ତୁ ସେସବୁ ଦିନର ସ୍ମୃତି ମୋ ମନ ସିଲଟରେ ସ୍ୱର୍ଣ୍ଣାକ୍ଷରେ ଲିପିବଦ୍ଧ ହୋଇ ରହିଛି, ରହିଥିବ ଚିରଦିନ।

□□

ଲେଖକଙ୍କ ଇ-ମେଲ ଠିକଣା:
anandapahi@gmail.com

**ଗଳ୍ପ**

# ବସ୍ତୁମାନଙ୍କ ବିଦ୍ରୋହ



ଜାକିର ଖାନ୍

ଲୋକଟି ମନକୁ ମନ କହିଲା- ଅନେକ ବିଚିତ୍ର ଓ ବହୁ ବିରୋଧାଭାସରେ ଭରପୂର ଏଇ ପୃଥିବୀରେ ଅସମ୍ଭବ ବୋଲି କିଛି ନାହିଁ। ଏହି ସଚରାଚରରେ କିଛି ବି ଘଟିପାରେ। ଏହା ଆମକୁ ଚକିତ ବି କରିପାରେ। ତେବେ ଆଶ୍ଚର୍ଯ୍ୟ ହେବା ଏବଂ ତା'ରି ଭିତରେ କିଛି ସମୟ ଧନ୍ଦି ହେବା ବ୍ୟତୀତ ଆମର ବା ଆଉ ଚାରା କ'ଣ? ଏମିତି ନିଜକୁ ନିଜେ କହିବା ସହ ବାରମ୍ବାର ଏ କଥା ଚିନ୍ତା କରିବା ଭିତରେ ଲୋକଟି କଡ଼ ମୋଡ଼ି ଶୋଇବାକୁ ଚେଷ୍ଟା କଲା।



ଲୋକଟି ସହିତ ଆଜି ଅଦ୍ଭୁତ ଘଟଣାମାନ ଘଟିଚାଲିଛି। ଆଜିର ଘଟଣାସବୁକୁ ସେ ମୁଣ୍ଡ ଭିତରୁ ଯେତିକି କାଢିବାକୁ ଚେଷ୍ଟା କରୁଛି, ସେତିକି ଅଧିକ ମାତ୍ରାରେ ଫସିଯାଉଛି ସେଇ ଘଟଣାମାନଙ୍କର ଗୋଲକଧନ୍ଦାରେ। ଏତିକି ବେଳେ ନିଜେ ନିଜ ଜାଲରେ ଫସିଯାଇଥିବା ଗୋଟେ ବୁଢିଆଣୀର ଦୃଶ୍ୟ ତା' ଆଖି ଆଗରେ ଉଭାସିତ ହେଲା। ବୁଢିଆଣୀର ଚେହେରାଟି ତାକୁ ଠିକ୍ ନିଜ ଚେହେରା ଭଳି ଲାଗିଲା, ହେଲେ ସେ ସେଥିରେ ଜମାରୁ ଆଶ୍ଚର୍ଯ୍ୟ ହେଲା ନାହିଁ।

ଭୋର ସମୟର ସ୍ୱପ୍ନ ସହିତ କ'ଣ ଆଜିର ଘଟଣାର (ଅଘଟଣ କହିଲେ ଅଧିକ ଉଚିତ ହେବ) କିଛି ସମ୍ପର୍କ ଅଛି? ଲୋକଟି ଏମିତି ଚିନ୍ତା କରିବାରୁ ଭୋରର ସ୍ୱପ୍ନଟି ତାକୁ ବେଶି ବେଶି ଆବୋରି ବସିଲା।

ସ୍ୱପ୍ନ କଥା ତା'ର ଗୋଟି ଗୋଟି ହୋଇ ମନେ ପଡ଼ିଗଲା। ସ୍ୱପ୍ନରେ ସେ ଦେଖିଥିଲା ଯେ - ରାସ୍ତାରେ ସେ ଚାଲି ଚାଲି ଯାଉଛି। ଆକାଶରେ ବାଦଲର ଚିହ୍ନବର୍ଣ୍ଣ ନ ଥିବା ସତ୍ତ୍ୱେ ବର୍ଷା ବର୍ଷିବା ଆରମ୍ଭ କରିଥିଲା। ପାଖରେ ଛତା ଥିବାରୁ ସେ ନିଜକୁ ଭାଗ୍ୟବାନ ମନେ କରିଥିଲା। ବର୍ଷା ମାଡରୁ ରକ୍ଷା ପାଇବା ପାଇଁ ସେ ଛତା ଖୋଲିଥିଲା। ଆରେ ଏ କ'ଣ? ଛତାକୁ ଭେଦି ବର୍ଷା ପାଣି ତା' ଉପରେ ପଡିବା ଆରମ୍ଭ କରିଥିଲା। ଏମିତି ହେଲେ ତ ସେ ପୂରା ଓଦା ହୋଇଯିବ। ସେ ଚିଡି ଯାଇ ଛତା ବନ୍ଦ କରିଦେଇଥିଲା। ତା'ପରେ ସେ ଆଗଠାରୁ ବି ଅଧିକ ଆଶ୍ଚର୍ଯ୍ୟ ହୋଇଥିଲା। ବିନା ଛତାରେ ଠିଆ ହେବା ଏବଂ ମୂଷଳ ଧାରାରେ ବର୍ଷା ପଡୁଥିବା ସତ୍ତ୍ୱେ ସେ ଆଦୌ ଓଦା ହୋଇ ନ ଥିଲା। ଏ ତ ଏକ ଅଦ୍ଭୁତ କାରନାମା ! ଏମିତି କ'ଣ କେବଳ ତା' ସହ ଘଟୁଛି ନା ଏହା ତା'ର ଭ୍ରମ? ଏମିତି ଚିନ୍ତା କରି ସେ ଚାରିଆଡକୁ ଚାହିଁ ଦେଖିଲା ଯେ ବର୍ଷାରେ ଲୋକେ ଚାଲି ଚାଲି ଯାଉଥିଲେ ମଧ୍ୟ ସେମାନେ ଆଦୌ ଭିଜୁନାହାନ୍ତି ! ତା ହେଲେ ପାଣି କ'ଣ ତା'ର ଭିଜାଇବା ଶକ୍ତି ହରାଇ ବସିଛି? - ଏମିତି ଭାବିବା ଭିତରେ ପାଖରେ ଥିବା ଏକ ନୂଆ ବି.ଏମ୍.ଡବ୍ଲ୍ୟୁ. କାର ଭିତରକୁ ତା'ର ଆଖି ପଡିଲା। କାରର ବ୍ୟକ୍ତି ଜଣଙ୍କ ଭିତରେ ଥାଇ ବି ବର୍ଷାରେ ଭିଜିବାରେ ଲାଗିଥିଲା। ସେ ବର୍ଷା ଦାଉରୁ ରକ୍ଷା ପାଇବା ପାଇଁ ବିରକ୍ତି ସହକାରେ କାରରୁ ବାହାରି ଆସିଲା। ବାହାରକୁ ଆସି ଶାନ୍ତିର ନିଃଶ୍ୱାସ ମାରିଲା କାରଣ ସେ ଏଥର ଭିଜିବାରୁ ରକ୍ଷା ପାଇଯାଇଥିଲା।

ତୁହାକୁ ତୁହା ବର୍ଷା ହେଉଥିଲା। ଲୋକଟି ନିଜ ଜୀବଦ୍ଦଶାରେ ଏଭଳି ବର୍ଷା କେବେ ଦେଖି ନ ଥିଲା। ତେବେ କାର ଭିତରର ଦୃଶ୍ୟ କଥା ଚିନ୍ତା କରି ସେ ଦୃଢ ନିଶ୍ଚିତ ହେଲା ଯେ ବର୍ଷା ଜଳ ପ୍ରାଗଐତିହାସିକ କାଳରୁ ଯେଉଁ ସବୁ ଧର୍ମ ବହନ କରିଥାଏ, ଯେମିତିକି ଜଣକୁ ଭିଜାଇବା ବା ଓଦା କରିବା, ତା'ର ଏ ଗୁଣକୁ ସେ ଏଯାବତ ସୁରକ୍ଷିତ କରି ରଖିଛି। ତେବେ ଆଜିର ଏ ବ୍ୟତିକ୍ରମ ପୁଣି କେମିତି? ପାଦରେ ଚାଲି

ଚାଲି ଯାଉଥିବା ଲୋକେ କିମ୍ବା ବିନା ଛତା ଧରି ରାସ୍ତାରେ ଛିଡା ହୋଇଥିବା ଲୋକେ ଏଭଳି ପ୍ରଳୟଙ୍କରୀ ବର୍ଷାରେ ତେବେ ଭିଜୁ ନାହାନ୍ତି କାହିଁକି ? ସେ ଏମିତି ଚିନ୍ତା କରୁଥିବା ବେଳେ ତା' ନିଦ ଭାଙ୍ଗିଯାଇଥିଲା ।

ନିଜର ଏଭଳି ଅବାସ୍ତବ ଓ ଅଧା ସ୍ୱପ୍ନକୁ ନେଇ ଲୋକଟି ସକାଳେ ବ୍ୟସ୍ତ ହୋଇ ନ ଥିଲା । ସବୁଦିନ ଭଳି ଅଫିସ ଯାଇଥିଲା ଏବଂ ଯାବତୀୟ କାମ ଭିତରେ ତା'ର ଦିନଟି ଠିକ୍‌ଠାକ୍ କଟିଥିଲା । ହେଲେ ରାତିରେ ଘରକୁ ଫେରିବା ପରେ ହିଁ ତା' ସମ୍ମୁଖରେ ସମସ୍ୟା ପରେ ସମସ୍ୟା ଆରମ୍ଭ ହେବାକୁ ଲାଗିଲା । ଆଉ ସେଇଥିପାଇଁ ସେ ସ୍ୱପ୍ନ କଥା ଚିନ୍ତା କରି ଘଟୁଥିବା ଘଟଣା ପଛରେ ତା'ର କିଛି ସମ୍ପର୍କ ରହିଛି କି ନାହିଁ ବୋଲି ଭାବିବାକୁ ଲାଗିଲା । ଏ ସବୁ କଥାର ଖିଅକୁ ସଂଯୋଗ କରି ସେ କିଛି ଗୋଟାଏ ନିଷ୍କର୍ଷରେ ପହଞ୍ଚିବାକୁ ଚାହୁଁଥିଲା ।

ଲୋକଟି ଏଯାଏଁ ଅବିବାହିତ ଥିଲା । ଅତ୍ୟଧିକ କାମ ଚାପରେ ତା'କୁ ବିବାହ କରିବାକୁ ସମୟ ମିଳୁ ନ ଥିଲା । ଅବଶ୍ୟ ଅଫିସ୍‌ରେ ତା'ର ଜଣେ ପ୍ରେମିକା ଥିଲା ।

**ଅତ୍ୟଧିକ କାମ ଚାପରେ ତା'କୁ ବିବାହ କରିବାକୁ ସମୟ ମିଳୁ ନ ଥିଲା । ଅବଶ୍ୟ ଅଫିସ୍‌ରେ ତା'ର ଜଣେ ପ୍ରେମିକା ଥିଲା ।**

ସେ ବାହାରେ ଖାଇ ଦେଇ ଶୀଘ୍ର ଘରକୁ ଫେରିଆସିଥିଲା । ଯୋଉ ଦିନ ତା'ର ରୋଷେଇ କରିବାକୁ ଇଚ୍ଛା ନ ଥାଏ ସେଦିନ ସେ ଏମିତି ହିଁ କରିଥାଏ । ଘରକୁ ଆସି ପ୍ରଥମେ ଟିଭି ଅନ୍ କରି ସେ କିଛି ସମୟ ନ୍ୟୁଜ ଦେଖେ । ଆଜି ମଧ୍ୟ ସେ ସେମିତି କଲା । ଏଇ ସମୟରେ ଥିଲା ଏକ ବ୍ରେକିଙ୍ଗ ନ୍ୟୁଜ୍ । ଚାଲିଥିଲା, ଯାହା ଦେଖି ସେ ଚକିତ ହେଲା । ସହରରେ ଅନେକ ସ୍ଥାନରେ ଅଚାନକ ଟିଭି, ଫ୍ରିଜ୍, ଏସି, ଫ୍ୟାନ, ୱାସିଙ୍ଗମେସିନ୍, ହିଟର, ଆଇରନ ଏପରିକି ଲିଫ୍ଟ ଇତ୍ୟାଦି କାମ କରୁ ନ ଥିବା ସମ୍ପର୍କରେ ଖବର ପରିବେଷିତ ହେଉଥିଲା ।

ତା' ନିଜର ଟିଭି ଚାଲୁ ରହିଥିବାରୁ ସେ ଆଶ୍ୱସ୍ତ ହୋଇ ନ୍ୟୁଜ ଦେଖିବା ଜାରି ରଖିଲା । କିଛି ସମୟ ପରେ ତା'ର ପାଣି ପିଇବାକୁ ଇଚ୍ଛା ହେବାରୁ ସେ ଫ୍ରିଜ୍ ଖୋଲି ବୋତଲ ବାହାର କରିବା ସମୟରେ ତା'କୁ ଲାଗିଲା ଯେ ଫ୍ରିଜ୍ କାମକରୁ ନାହିଁ । କାରଣ ବୋତଲର ପାଣି ଆଦୌ ଥଣ୍ଡା ହୋଇ ନ ଥିଲା । ସେ କ'ଣ ଫ୍ରିଜ୍‌ର ସ୍ୱିଚ୍ ଅନ୍ କରି ନ ଥିଲା କି ? ନା ସ୍ୱିଚ୍ ତ ଅନ୍ ଅଛି । ତେବେ କ'ଣ ଟିଭିରେ ପ୍ରସାରିତ ଖବର ଭଳି ତା ଫ୍ରିଜ୍ ବି ପ୍ରଭାବିତ ହୋଇପଡିଛି ନା କ'ଣ ?

ଏହା ପରେ ସେ ତୁରନ୍ତ ଯାଇ ନିଜର ଏ.ସି. ସୁଇଚ୍ ଅନ୍ କଲା । ନା, ଏ.ସି. ମଧ୍ୟ କାମ କରୁନି । ସେ ବିବ୍ରତ ହୋଇ ଏ.ସି. ଆଡେ ଚାହିଁରହିଛି ତ ଧପ୍ କରି କ'ଣ ଗୋଟାଏ ଶବ୍ଦ ତା' କାନରେ ପଡ଼ିଲା । ଟିଭି ବନ୍ଦ ହୋଇ ଯିବାର ସେ ଅନୁମାନ କଲା । କାରଣ ଏଯାଏଁ ସେ ଟିଭିର ଶବ୍ଦ ଶୁଣିପାରୁଥିଲା । କିନ୍ତୁ ଏବେ ଘର ସାରା ନୀରବ, ନିସ୍ତବ୍ଧ, ନିଃଶବ୍ଦ । ଆଉ ଏଭଳି ପରିସ୍ଥିତିରେ ହଠାତ ଏକ ହିଂସ୍ର ନୀରବତା ତାକୁ ଆକ୍ରାନ୍ତ କରି ଦେଲା ।

ସେ ଦୌଡିଯାଇ ଦେଖିଲା ଯେ ଟିଭିଟି ବନ୍ଦ ହୋଇଯାଇଛି । ଅର୍ଥାତ ଏବେ ତା'ର ଟିଭି, ଫ୍ରିଜ୍ ଏବଂ ଏ.ସି. – ଏ ସବୁ ଆଉ କାମ କରୁନାହିଁ । ସେ ମେକାନିକ୍‌କୁ ଫୋନ୍ କରିବାକୁ ଭାବି ପକେଟରୁ ମୋବାଇଲ ବାହାର କରି ଚମକି ପଡ଼ିଲା । ମୋବାଇଲ ମଧ୍ୟ ବନ୍ଦ ହୋଇଯାଇଛି । ତା'କୁ ଏସବୁ ଗୋଟାଏ ବଡ଼ ରହସ୍ୟ ଭଳି ଲାଗୁଥିଲା ଏବଂ ଅସହାୟ ହୋଇ ସେ ଲଥ୍ କରି ଖଟରେ ବସି ପଡ଼ିଲା ।

ଏହା ପରେ ସମୟ କେତେ ହେଲାଣି ଜାଣିବା ପାଇଁ ସେ କାନ୍ଥ ଘଣ୍ଟା ଆଡକୁ ଚାହିଁଲା । ଏଗାରଟା ପନ୍ଦର । ଆରେ, ଏ କ'ଣ ସେକେଣ୍ଡ କଣ୍ଟାଟି ତ ଆଗକୁ ବଢୁନାହିଁ । ସେ ଖଟରୁ ଉଠି ଆସି ବେକ ଟେକି କାନ୍ଥ ଘଣ୍ଟାକୁ ଭଲ ଭାବରେ ନିରୀକ୍ଷଣ କଲା । ନା, ତା'ହେଲେ ଘଣ୍ଟା ବି ବନ୍ଦ ହୋଇଯାଇଛି । ଏଥର ସେ ଆହୁରି ଅଧିକ ଅସହାୟ ଅନୁଭବ କଲା । ସେ ଡରି ଡରି ଏଥର ଫ୍ୟାନ ସୁଇଚ୍ ଅନ୍ କଲା । ସେ ଯାହା ଅନୁମାନ କରୁଥିଲା ତାହା ହିଁ ହେଲା । ଫ୍ୟାନ ମଧ୍ୟ କାମ କରୁନାହିଁ । ସେ ଆଶ୍ଚର୍ଯ୍ୟ ସହକାରେ ଫ୍ୟାନ ଆଡେ ଚାହିଁ ରହିଥିବା ବେଳେ ହଠାତ ଚାରିଆଡ ଅନ୍ଧାର ହୋଇଗଲା । ଏଥିରୁ ସେ ବୁଝିଗଲା ଯେ ଏଲ୍.ଇ.ଡି. ଲାଇଟ୍ ମଧ୍ୟ ଇତିମଧ୍ୟରେ ଆକ୍ରାନ୍ତ ହୋଇ ସାରିଛି ଏବଂ ତାର କାମ କରିବା ବନ୍ଦ କରିଦେଇଛି ।

ନା, ଏତେ ଗରମରେ ରହିହେବ ନାହିଁ । ସେ ଏଥର ଅଣ୍ଡାଳି ଅଣ୍ଡାଳି ରୁମ୍‌ର ଝରକା ଖୋଲିଲା । ଅବଶ୍ୟ ଅନେକ ଦିନରୁ ଖୋଲା ହୋଇ ନ ଥିବା ଝରକାକୁ ଖୋଲିବାକୁ ତାକୁ

ସାମାନ୍ୟ କଷ୍ଟ କରିବାକୁ ପଡିଲା। ଝରକା ପାଖରେ ଠିଆ ହୋଇ ସେ ଏଥର ଅନ୍ଧାରରେ ବୁଡି ରହିଥିବା ସହରକୁ ଚାହିଁଲା। ରହସ୍ୟମୟ ଅନ୍ଧାରରେ ବୁଡି ରହିଥିବା ସହର ତାକୁ ଅଧିକ ରହସ୍ୟମୟ, ଆକର୍ଷଣୀୟ ଓ ନିରୀହ ଲାଗିଲା। ସହରର ଏମିତି ରୂପ ସେ ଆଗରୁ କେବେ ଦେଖି ନ ଥିଲା। ଏତିକି ବେଳେ ଦଲକାଏ ଥଣ୍ଡା ପବନ ଝରକା ଦେଇ ଘର ଭିତରକୁ ପଶି ଆସିଲା। ଆହା କି ଆରାମ। ତାକୁ ତା'ର ଏଇ ନୂଆ ଅନୁଭୂତି ସବୁ ଭଲ ଲାଗୁଥିବାରୁ ସେ ସେମିତି ଝରକା ପାଖରେ ଠିଆ ରହି ବାହାର ଦୁନିଆକୁ ଅଧିକ ଆତ୍ମୀୟ ଭାବରେ ଦେଖିବାକୁ ଲାଗିଲା।



ଏଥର ସେ ଆକାଶରେ ଝୁଲି ରହିଥିବା ଜହ୍ନକୁ ଦେଖିଲା। ଝଟକୁଥିବା ତାରାଙ୍କୁ ଦେଖିଲା। ତାକୁ ଏସବୁ ଚଳଚ୍ଚିତ୍ରର ଦୃଶ୍ୟ ଭଳି ମନୋରଞ୍ଜକ ଲାଗିଲା। ଏଇ ସମୟରେ ସେ ଅନ୍ଧାରରେ ବୁଡି ରହିଥିବା ପ୍ରତିଟି ଘର ଆଡ଼କୁ ଦୃଷ୍ଟି ଦେଲା। ଆଜି କାହାରି ଘରେ ଟିଭି, ଫ୍ରିଜ, ଏ.ସି, ଫ୍ୟାନ୍, ବାଉଲାଇଟ, ଏଲ୍.ଇ.ଡି - କିଛି କାମ କରୁ ନାହିଁ। ତେବେ ସବୁ ବସ୍ତୁ ଆଜି କାହିଁକି କାମ କରିବା ବନ୍ଦ କରି ଦେଇଛନ୍ତି? ହଠାତ କ'ଣ ହେଇଗଲା ଏ ବସ୍ତୁମାନଙ୍କୁ? ଟିଭି ନ୍ୟୁଜ କହୁଥିଲା ଯେ ଏହି ଆଚମ୍ବିତ ଘଟଣାର କାରଣ ଏଯାବତ୍ ଜଣା ପଡ଼ିନାହିଁ। ତେବେ ଏହା କୌଣସି ବିଦେଶୀ ଷଡ଼ଯନ୍ତ୍ର କିମ୍ବା ଏଲିଅନ୍‌ଙ୍କ ଦ୍ୱାରା ଆକ୍ରମଣ ନୁହେଁ ବୋଲି ସରକାର ଘୋଷଣା କରିସାରିଛନ୍ତି ବୋଲି ସେ ନ୍ୟୁଜ ଆଙ୍କର କହୁଥିବାର ତା'ର ମନେ ପଡିଲା। ଏହାକୁ ଏକ ଆଶ୍ଚର୍ଯ୍ୟଜନକ ଘଟଣା ବୋଲି ଧରି ନିଆଯାଇଥିବା କଥାଟିକୁ ଟିଭି ବାରମ୍ବାର ଘୋଷଣା କରି ଚାଲିଥିଲା। ଲୋକଟି ଏଥର ଭାବିଲା — ବସ୍ତୁମାନେ କ'ଣ ବିଦ୍ରୋହ କରିଛନ୍ତି ନା କ'ଣ? ଏମିତି ଅନେକ ଅଜବ ଅଜବ କଥା ତା' ମୁଣ୍ଡରେ ଖେଳିଗଲା। ତା କପାଳରେ ଚିନ୍ତାର ରେଖା ସହ ତା' ଓଠରେ ସ୍ମିତହାସ୍ୟଟିଏ ଉକୁଟି ଉଠିଲା।

ସକାଳେ ସେ ଯେ କୌଣସି ମତେ ପ୍ରସ୍ତୁତ ହୋଇ ଅଫିସ ବାହାରିଲା। ତା' ବାଇକ କାମ କଲା ନାହିଁ। ବାଧ୍ୟ ହୋଇ ସେ ଚାଲିଚାଲି ଅଫିସ ବାହାରିଲା। ରାସ୍ତାରେ ଗୋଟିଏ ବି ହେଲେ ଯାନବାହାନ ଚଳାଚଳ କରୁଥିବାର ତା' ନଜରକୁ ଆସିଲା ନାହିଁ। ସମସ୍ତେ ଚାଲିଚାଲି ଯାଉଥିବାର ସେ ଦେଖିଲା। ଅଫିସରେ ସେ ଡେରିରେ ପହଞ୍ଚିଲା ବୋଲି ତା'ର ମନେ ହେଲା। ତେବେ ଏଥିପାଇଁ ତାକୁ କେହି ଗାଳି ଦେଲେ ନାହିଁ। ଅଫିସ୍‌ର କୌଣସି ଗୋଟିଏ ବି କମ୍ପ୍ୟୁଟର କାମ କରୁ ନ ଥିଲା। ତେବେ ବି ସମସ୍ତେ ନିଜ ନିଜ ଚେୟାରରେ ବସି ରହି କମ୍ପ୍ୟୁଟର ଆଡକୁ ଚାହିଁ ରହିଥିଲେ। କେହି କିଛି ହେଲେ କଥାବାର୍ତ୍ତା କରୁନଥାନ୍ତି। କେଉଁ ଏକ ଅଜଣା ଭୟରେ ସତେକି ସମସ୍ତେ ମୂକ ଓ ହତବମ୍ଭ ହୋଇପଡିଛନ୍ତି।

କିଛି ସମୟ ପରେ ଅଫିସରେ କାମ କରୁଥିବା ତା' ଗର୍ଲଫ୍ରେଣ୍ଡକୁ ଲୋକଟି ଇସାରାରେ ଡାକିଲା। କ୍ୟାଫେଟେରିଆକୁ ଯାଇ ଉଭୟେ କିଛି ସମୟ ପରସ୍ପରକୁ କେବଳ ଚାହିଁ ରହିଲେ। ତା'ପରେ ଲୋକଟି ପ୍ରଶ୍ନ କଲା - କାଲି କେମିତି ନିଦ ହେଲା?

ତା' ଗର୍ଲଫ୍ରେଣ୍ଡ୍ କହିଲା - କାଲି ତମେ ଝରକା ଖୋଲା ରଖି ଶୋଇଥିଲ ନା? ଲୋକଟି ମୁଣ୍ଡ ଟୁଙ୍ଗାରି ହଁ ବୋଲି ଜଣାଇଲା। ତା' ପରେ ପଚାରିଲା- ତମେ କେମିତି ଜାଣିଲ? ତା' ପ୍ରେମିକା ହସି ହସି କହିଲା- ତମ ଦେହର ବାସ୍ନା ଝରକା ଦେଇ ମୋ ଘରକୁ ଆସୁଥିଲା।

ଝିଅଟିର କଥା ଶୁଣି ଲୋକଟି କହିଲା- ତା'ହେଲେ ତମେ ବି ଝରକା ଖୋଲି ଶୋଇଥିଲ? ତମ ଆଡ଼େ ବି କ'ଣ ବସ୍ତୁମାନେ କାମ କରୁନାହାନ୍ତି? ଝିଅଟି କହିଲା- ପ୍ରାୟ ସବୁ ଆଡେ ସେଇ ଏକା ଅବସ୍ଥା। ଲୋକଟି ପଚାରିଲା- କାହିଁକି ଏମିତି ହେଉଛି ବୋଲି ତମେ ଭାବୁଚ? ତା' ଗର୍ଲଫ୍ରେଣ୍ଡ୍ ସେମିତି ହସି ହସି କହିଲା - ତମ ଭଳି ମୁଁ ଏତେ କଥା ଭାବେ ନାହିଁ। ଯାହା ହେବା କଥା ହେଉ। ଅଯଥାରେ ବ୍ୟସ୍ତ ହେଲେ କ'ଣ ହେବ? ବ୍ୟସ୍ତ ହୋଇପଡିଲେ ଯଦି ସବୁ କାମ କରିବା ଆରମ୍ଭ କରି ଦିଅନ୍ତେ ତେବେ ମୁଁ ବର୍ତ୍ତମାନଠାରୁ ବ୍ୟସ୍ତ ହେବା ଆରମ୍ଭ କରିଦିଅନ୍ତି। ଝିଅ କଥାରେ ଲୋକଟି ଏଥର ସହଜ ହୋଇ ଯାଇ କହିଲା - କାଲି ରାତିରେ ମୁଁ ତମକୁ ଦେଖିଲି। ଲୋକଟି କଥାରେ ଝିଅଟି ଆଶ୍ଚର୍ଯ୍ୟ ହେଲା ନାହିଁ। ସେ ଆଖି ନଚାଇ ଇସାରାରେ ପଚାରିଲା- କୋଉଠି? ପୁଅଟି ଏଥର ଚେହେରାରେ ସ୍ମିତ ହସ ଖେଳାଇ କହିଲା -

ଆକାଶରେ। ଝିଅଟି ଲାଜେଇ ଯାଇ କହିଲା- ସତରେ, ବହୁଦିନ ପରେ ମୁଁ ବି କାଲି ରାତିରେ ଜହ୍ନ ଦେଖିଲି।

ତା'ପରେ ଦୁହେଁ ଚୁପ୍ ରହି ଉଭୟେ ଉଭୟଙ୍କୁ କେବଳ ଚାହିଁ ରହିଲେ। କିଛି ସମୟ ବିତିଯିବା ପରେ ଲୋକଟି କହିଲା- ଚାଲୁନ କାଲି ଛୁଟି ନେଇଯିବା। କୁଆଡ଼େ ଗୋଟିଏ ଯାଇ ଆମ ଦିହିଁଙ୍କର ଭବିଷ୍ୟତ କଥା ଚିନ୍ତା କରିବା।

ଝିଅଟି ରହସ୍ୟର ହସ ହସି ପଚାରିଲା - କୁଆଡ଼େ ଯିବା?

ଲୋକଟି କହିଲା- ନଦୀ କୂଳକୁ ଯିବା। ଦୁହେଁ କୂଳରେ ବସି ନଦୀକୁ ଦେଖିବା। ଗପିବା। ବିବାହ ତାରିଖ ସ୍ଥିର କରିବା। କାମଧନ୍ଦା ତ କିଛି ନାହିଁ। ଆଉ କ'ଣ କରିବା କୁହ? ଯିବା?

ଝିଅଟି ଏଥର କୁରୁଳି ଉଠି କହିଲା- ହଁ। ହଁ, କାଲି ନଦୀ କୂଳକୁ ଯିବା। ସବୁ କିଛି ସ୍ଥିର କରିବା। ବ୍ୟସ୍ତତା ଭିତରେ ଗପିବାକୁ ବି ମଣିଷ ସମୟ ପାଉ ନ ଥିଲା। ସେଠି ବସି ଢେର ସମୟ ଗପିବା। ଯେ ଯାଏଁ ନଦୀ ନ କହିଛି ଯେ, ଯାଅରେ ପିଲେ, ଯାଅ। ଘରକୁ ଫେରିଯାଅ। ବେଳ ବୁଡିଲାଣି। ଅନ୍ଧାର ମାଡି ଆସିବ; ସେ ଯାଏଁ ନଦୀ କୂଳରେ ବସି ରହିବା।

**ସେଠି ବସି ଢେର ସମୟ ଗପିବା। ଯେ ଯାଏଁ ନଦୀ ନ କହିଛି ଯେ, ଯାଅରେ ପିଲେ, ଯାଅ। ଘରକୁ ଫେରିଯାଅ।**

ଲୋକଟି ପ୍ରଶ୍ନିଳ ଆଖିରେ ତା'କୁ ଅନେଇ କହିଲା - ତମକୁ କ'ଣ ଲାଗୁଛି ଯେ ନଦୀ ସତରେ ଏମିତି କହିବ?

ଲୋକଟିର ଗର୍ଲଫ୍ରେଣ୍ଡ୍ ଏଥର ଉଠି ଠିଆ ହେଲା। ତା' ପରେ ଫିସ୍‌ଫିସ୍ କରି କହିଲା - ହଁ ମୋତେ ଲାଗୁଛି ଯେ ନଦୀ ଏଇଆ ହିଁ କହିବ। ସେ କହିବ, ସେ କହିବ - ଏମିତି ଦୁଇ ଥର ଆସ୍ତେ ଆସ୍ତେ କହି ସେ ଚିତ୍କାର କଲା ଭଳି କହି ଉଠିଲା- ଯାଅରେ ପିଲେ ଯାଅ, ଘରକୁ ଫେରିଯାଅ, ସମୟ ଗଡି ଗଲାଣି। ଯାଅ। ଯାଅ। କାଲି ପୁଣି ଆସିବା ପାଇଁ ଯାଅ। ତା'ପରେ ତା' କଣ୍ଠ ରୁଦ୍ଧ ହେଇଗଲା ଓ ସେ ଭୋ ଭୋ ହୋଇ କାନ୍ଦି ଉଠିଲା।

□□

ଲେଖକଙ୍କ ଇ-ମେଲ ଠିକଣା:
zakirkhanbbsr@gmail.com

## 'ସାହିତ୍ୟ ଚର୍ଚ୍ଚା'କୁ ଲେଖା ପଠାଇବାର ନିୟମାବଳୀ

୧. 'ସାହିତ୍ୟ ଚର୍ଚ୍ଚା' ଏକ ପାରିବାରିକ, ସାଂସ୍କୃତିକ, ଆଧ୍ୟାତ୍ମିକ, ଗବେଷଣାତ୍ମକ ଅବା ଫିଚର-ଧର୍ମୀ ପତ୍ରିକା ନୁହେଁ, ବରଂ ଏକ ନିରୁତା ସାହିତ୍ୟ ପତ୍ରିକା। ଲେଖକମାନେ ନିଜର ଲେଖା ପଠାଇବା ବେଳେ ଏହା ଦୃଷ୍ଟିରେ ରଖିବା ପାଇଁ ଅନୁରୋଧ।

୨. ପ୍ରବନ୍ଧ, ସମାଲୋଚନା, ଗଳ୍ପ, ରମ୍ୟରଚନା, ବ୍ୟଙ୍ଗ, କବିତା, ଅନୁବାଦ ଓ ଶିଶୁଗଳ୍ପ ଆଦି ଯେକୌଣସି ବିଭାଗର ଲେଖା ପଠାଇ ପାରନ୍ତି। ଆମେ ଗଦ୍ୟ ରଚନାଗୁଡିକୁ ଅଧିକ ପ୍ରାଧାନ୍ୟ ଦେଉ।

୩. ପତ୍ରିକା ପାଇଁ କୌଣସି ପ୍ରବନ୍ଧ ଲେଖିବା ଆରମ୍ଭ କରିବା ପୂର୍ବରୁ ଦୟାକରି ଆମକୁ ତାହାର ବିଷୟ ସମ୍ପର୍କରେ ପୂର୍ବରୁ ଇ-ମେଲ୍ କିମ୍ବା ହ୍ୱାଟ୍‌ସଆପ୍ ଯୋଗେ ଜଣାନ୍ତୁ। ଆବଶ୍ୟକ ହେଲେ ଏ ବିଷୟରେ ଫୋନ୍‌ରେ ମଧ୍ୟ ଆଲୋଚନା କରିପାରନ୍ତି।

୪. ଲେଖାଗୁଡିକୁ ଟାଇପ୍ କରି ଇ-ମେଲ୍ ଯୋଗେ info@sahityacharcha.com ଠିକଣାରେ କିମ୍ବା ଆମର ହ୍ୱାଟସଆପ୍ ନମ୍ବର 9368772506 କୁ ପଠାଇବାକୁ ଅନୁରୋଧ। ଆବଶ୍ୟକ ସ୍ଥଳେ ସ୍ୱହସ୍ତଲିଖିତ ରଚନାର ସ୍ପଷ୍ଟ ଛବି ଉଠାଇ ମଧ୍ୟ ପଠାଇପାରନ୍ତି।

୫. ପୂର୍ବ ପ୍ରକାଶିତ କୌଣସି ଲେଖା ନ ପଠାଇବାକୁ ଅନୁରୋଧ।

୬. ଲେଖା ସହିତ ଲେଖକ ବା ଲେଖିକାଙ୍କର ଏକ ଫଟୋ, ମୋବାଇଲ୍ ନମ୍ବର ଏବଂ ଇ-ମେଲ୍ ଠିକଣା ରହିଥିବା ଆବଶ୍ୟକ।

୭. ଅତି ଦୀର୍ଘ ଲେଖା ନ ପଠାଇବାକୁ ଅନୁରୋଧ।

୮. ଲେଖକମାନଙ୍କ ପାଇଁ ଆମର ଶ୍ରଦ୍ଧା ଓ ସମ୍ମାନର ନିଦର୍ଶନ ସ୍ୱରୂପ କିଞ୍ଚିତ୍ ପାରିତୋଷିକର ବ୍ୟବସ୍ଥା ଅଛି। କିନ୍ତୁ ଲେଖାଟି ପୂର୍ବରୁ ଅନ୍ୟତ୍ର ପ୍ରକାଶିତ ହୋଇଥିବାର ଜଣାଗଲେ ଏହି ପାରିତୋଷିକ ରାଶି ପ୍ରେରଣ ହୁଏ ନାହିଁ।

୯. ଚୟନିତ ଲେଖାର ପ୍ରକାଶନ ପାଇଁ ଅନ୍ତତଃ ଦୁଇମାସ ଅପେକ୍ଷା କରିବା ପାଇଁ ନିବେଦନ।

୧୦. ଅପ୍ରକାଶିତ ଲେଖାର କାରଣ ଦର୍ଶାଇବା ପାଇଁ ସମ୍ପାଦନାମଣ୍ଡଳୀ ବାଧ୍ୟ ନୁହନ୍ତି।

୧୧. ପ୍ରକାଶନ ପୂର୍ବରୁ ଲେଖାଗୁଡ଼ିକୁ ଆବଶ୍ୟକ ମୁତାବକ ସଂପାଦନା, ସଂଶୋଧନ ବା ପୁନର୍ଲିଖନ କରିବାର ଅଧିକାର ସଂପାଦନା ମଣ୍ଡଳୀର ରହିଛି।

ପ୍ରବନ୍ଧ

# ଏକ ଭିନ୍ନଦୃଷ୍ଟିରେ କଳାହାଣ୍ଡିର ଲୋକଗୀତ



ଡ. ଦୋଳଗୋବିନ୍ଦ ବିଶୀ

ଆଦିବାସୀ ସଂସ୍କୃତିର ମୌଖିକ ପରମ୍ପରାରେ ବର୍ଣ୍ଣିତ ସୃଷ୍ଟି ପ୍ରକରଣରେ ପଚିଶ ପ୍ରକାର ମାଟିର ବିବରଣୀ ରହିଛି । ସେ ମଧ୍ୟରୁ ସମଗ୍ର କଳାହାଣ୍ଡି-କନ୍ଧାଞ୍ଚଳରେ ବାର ପ୍ରକାର ମାଟି ରହିଛି । ବାରଟି ମାଟି ମଧ୍ୟରୁ ତିନିଟି ହେଉଛି ପାଟମାଟି ଓ ଗୋଟିଏ ସୃଷ୍ଟିମାଟି ବା 'ଜୀଉସା' ମାଟି । ସ୍ୱୟଂ ଧରନୀଦେବୀ ହେଉଛନ୍ତି 'ଜୀଉସା' ମାଟି । ଆଦିଯୁଗରେ କଳାହାଣ୍ଡି ମାଟିରୁ ମାତୃ ଉପାସନାର ଧାରା ବିକଶିତ ହୋଇଥିଲା । ମାତୃରୂପା ଏହି କଳାହାଣ୍ଡି ମାଟି ହେଉଛି ଚିର-କୁମାରୀ, ଆଦିବାସୀ କ୍ଷତ୍ରିୟ ବୀରମାନଙ୍କର ନିବାସ ଭୂମି । ଏ ପ୍ରକାର ଏକ ଐତିହ୍ୟବାହୀ ପରମ୍ପରାର ଦାୟାଦ ଭାବରେ ଏହିଭୂମିର ଭୂମିପୁତ୍ରମାନେ କଳାହାଣ୍ଡି ମାଟିକୁ 'କାଲୀ-କୁଆଁରୀ-ବୀର ମାଏଟ୍' ବୋଲି ସମ୍ବୋଧନ କରନ୍ତି । କଳାହାଣ୍ଡିର ଲୋକଗୀତରେ ତେଣୁ ଅବଲୀନ ହୋଇ ରହିଛି ଏକ ଆଦିମ ଓ ପ୍ରାଚୀନ ଐତିହ୍ୟବାହୀ ମାଟିର ଆତ୍ମା । ମାଟିର ନିର୍ଯାସ ଭିତରେ ଯାହାର ଚେର ସଞ୍ଚରି ଯାଇଛି ଆଦିମ ଆରଣ୍ୟକ ସଭ୍ୟତାର ଅଜ୍ଞାତ ଗୁହା ପର୍ଯ୍ୟନ୍ତ ପୁଣି ସମସ୍ତ ବିକଶିତ ସଭ୍ୟତାର ପାହାଚ ଚଢ଼ି ଚଢ଼ି ପ୍ରତ୍ନ-ପ୍ରପିତାମହ ଓ ପୂର୍ବପୁରୁଷଗଣଙ୍କ ମାନସ ବିଭବକୁ ବୋହି ବୋହି ନାନା ରୂପରେ ନାନା ରଙ୍ଗରେ ନାନା ଭାବରେ ଯୁଗ ଯୁଗଧରି ପଲ୍ଲବିତ ଓ ବିସ୍ତାରିତ ହୋଇ ଆସିଛି ଯାହାର ସହସ୍ରାଧିକ ଶାଖା ପ୍ରଶାଖା । ଶାତଶହ ଡଙ୍ଗର୍ଲା ପରିବେଷ୍ଟିତ ବହୁ ଗିରି-କାନ୍ତାର ପରିପୂରିତ ମହାକାନ୍ତାରର ଅରଣ୍ୟ ସଂସ୍କୃତିର ଅମୃତଝଙ୍କାର ହିଁ କଳାହାଣ୍ଡିର ଲୋକଗୀତ । ପ୍ରକୃତିର ସହଜ ସ୍ୱାଭାବିକ ଉଦ୍‌ଗାର ହେତୁ ଲୋକଗୀତରେ ପ୍ରକୃତିର ମଧୁଛନ୍ଦ ପୂରିରହିଛି । କଳାହାଣ୍ଡିର ଲୋକଗୀତ ମାନବଚର୍ଯ୍ୟାର ସମସ୍ତ ଦିଗକୁ ଆଲିଙ୍ଗନ କରି ନିଜ ହୃଦୟରେ ଧରି ରଖିପାରିଛି । ଆଦିମରୁ ଆଧୁନିକ ପର୍ଯ୍ୟନ୍ତ ଗିରିଝର ପରି ଝରି ଆସିଛି କଳାହାଣ୍ଡିର ଅନନ୍ୟ ଲୋକଗୀତ ପରମ୍ପରା । ବିଶ୍ୱର ଅନ୍ୟାନ୍ୟ ଅଞ୍ଚଳ ପରି ଦିନେ କଳାହାଣ୍ଡିର ଆରଣ୍ୟକ ସଂସ୍କୃତିର ଆଦିମ-ସମାଜରେ ଆଦିମ-ଲୋକଗୀତର ଆଦ୍ୟଧ୍ୱନି ଶୁଭିଥିଲା ।




### ଲୌକିକ ଗାୟନ ପରମ୍ପରା

ଅତି ପ୍ରାଚୀନ କାଳରୁ ବିକଶିତ ଓ ଲୌକିକ ପରମ୍ପରାରେ ତତ୍କାଳିକ ରୂପରେ ପ୍ରଚଳିତ ହୋଇ ଆସୁଥିବା କଳାହାଣ୍ଡିର ଗାୟନ ପରମ୍ପରାରେ ଏହି ଭୂମିର ଜନପଦ ଓ ବନପଦ ଜୀବନଧାରାର ଶତରୂପା-ଆଲେଖ୍ୟ ସହ କାନ୍ତାରକ, ଆଟବିକ, ଇନ୍ଦ୍ରବଣ, କରଣ୍ଡ, ବଜ୍ରଗଡ଼, ଅମଠାଗଡ଼, ଅସୂର୍ଯ୍ୟଗଡ଼, ରୂପାଗଡ଼, ତୈତିଳକ ଓ କମଳମଣ୍ଡଳର ଗୌରବମୟ ପରମ୍ପରା, ସମର-ସଂସ୍କୃତି, ଅରଣ୍ୟପ୍ରକୃତି, ଗଡ଼ନିର୍ମାଣ ଓ ସର୍ବୋପରି ବିଜୟ ଗାଥାର ସ୍ମୃତି ପ୍ରଚ୍ଛନ୍ନ ହୋଇରହିଛି । ସମଗ୍ର କଳାହାଣ୍ଡି-କନ୍ଧାନର ଭୌଗୋଳିକ ପରିସୀମା ପ୍ରାଚୀନ ଶବରାଇ କ୍ଷେତ୍ରର ଅନ୍ତର୍ଗତ ହୋଇଥିବାରୁ, ମୈକାଲ(ମେକଳ)ରୁ ମହାକାନ୍ତାର ପର୍ଯ୍ୟନ୍ତ ପରିବ୍ୟାପ୍ତ ପ୍ରାଚୀନ-ଭାରତର ବନପଦୀୟ ଲୋକ-ସଂସ୍କୃତିର ସମୃଦ୍ଧ ଭୂମି ଭାବରେ ପରିଚିହ୍ନିତ ଏହି ଭୂଖଣ୍ଡରେ ଶତାଧିକ ଲୋକନୃତ୍ୟ ସହ ସହସ୍ରାଧିକ ଲୋକଗୀତର ଉନ୍ମେଷ, ବିକାଶ ଓ ସମନ୍ୱୟ ଘଟିଥିଲା । କଳାହାଣ୍ଡିରେ ପ୍ରଚଳିତ, ଅବଲୁପ୍ତ, ଲୁପ୍ତମୁଖୀ, ଅବକ୍ଷୟିତ ଓ ଆଧୁନିକ ସମୟରେ ବଞ୍ଚି ରହିଥିବା ସମ୍ବେଦନମୂଳକ ଲୋକଗୀତର ତାଲିକାଟିଏ ପ୍ରସ୍ତୁତ କଲେ ଏହାର ସଂଖ୍ୟା ହଜାରେକୁ ଟପିଯାଇପାରେ । ତେଣୁ

କୁହାଯାଇପାରେ, କଳାହାଣ୍ଡି କେବଳ ମାଣିକ୍ୟ-ରତ୍ନର ଭୂମି ନୁହେଁ, ଅଧିକନ୍ତୁ ଲୋକ-ସଂସ୍କୃତିର ମାଣିକ୍ୟ ଭୂମି।

କଳାହାଣ୍ଡିର ସାର୍ବଜନୀନ ସମାଜରେ ଯେମିତି ଅସଂଖ୍ୟ ଲୋକଗୀତ ଭରିରହିଛି, ବିଭିନ୍ନ ପ୍ରଜାତିକ ସମାଜରେ ସେମିତି ଅଗଣିତ ଲୋକଗୀତର ଭଣ୍ଡାର ପୂରିରହିଛି। ପ୍ରଜାତିକ ଲୋକ ଗୀତମାନ ଆନୁଷ୍ଠାନିକ, ପାର୍ବଣିକ ଓ ନୃତ୍ୟଭିତ୍ତିକ ଭାବେ ପ୍ରଚଳିତ। ଯଥା- କନ୍ଧମାନଙ୍କର ଢାପ୍ ଗୀତ, ସିହାନ ଗୀତ, ପିଦର ଗୀତ, ଗୋଁଡ଼ ମାନଙ୍କର ମାନ୍ଦଲିଗୀତ, ଭତରାମାନଙ୍କର ଦଣ୍ଡାରୀଗୀତ ଓ ଗୌଡ଼ମାନଙ୍କର ବାଂଶଗୀତ ଇତ୍ୟାଦି। ସମ୍ବୋଧନମୂଳକ ଅସଂଖ୍ୟ ଲୋକଗୀତର ଉଦ୍‌ଗମ, ପ୍ରୟୋଗ ଓ ପରିଶୀଳନକୁ ପାରିବେଶିକ ସୁଯୋଗଦେଇ ତ୍ୱରାନ୍ୱିତ କରିଥାଏ ଡମବଜା ବା ଦୁଲ୍‌ଦୁଲି ବଜାର ମାଙ୍ଗଳିକ ବାଦ୍ୟବୃନ୍ଦ 'ବଜାସାଲିଆ ଅନୁଷ୍ଠାନ'।

## ବଜାସାଲିଆ ଗୀତ

ସମୁଦାୟ ଲୋକଗୀତର ପ୍ରାୟ ୫୫ ରୁ ୬୦ ଭାଗ ହେଉଛି ବଜାସାଲିଆ ଗୀତ। ଲେଲେ ଲହରି, ବା ଲହରି, ହୋ ରସ, ଝରିରେ ଝରା, ଚିପ୍‌ନି ଚାପୋ, ଚଁପାଟିଚୋ ଟିଚୋ, କିରେ କିରେ ଚପ୍‌କରାଟି, କିରେ କିରେ ରାଇକିରଟ, ଜହ୍ନି ଫୁଲ ମର୍ଦ୍ଦଜନା, ଜାଇଫୁଲ, ସାରୁଧନ, କୁରେଫୁଲ, ମଲୀଫୁଲ, ମାଏଲାଜଡ଼, ରସରକେଲି, ସାଡ଼େଙ୍ଗଜୁରି, ଡାଲଖାଇ ଆଦି ଶତଶତ ସଂଖ୍ୟକ ସମ୍ବୋଧନମୂଳକ ଲୋକଗୀତକୁ ଏହି ଦୃଷ୍ଟିରୁ ବଜାସାଲିଆ ଗୀତ ବୋଲି ସହଜ ସ୍ୱୀକୃତି ମିଳିସାରିଛି। ଡାଲଖାଇ ପରି କେତୋଟି ଲୋକଗୀତ ପ୍ରୟୋଗର ଭିନ୍ନତା ଦୃଷ୍ଟିରୁ କେବଳ ବଜାସାଲିଆ ଅନୁଷ୍ଠାନରେ ସୀମିତ ନୁହନ୍ତି। ଆବଶ୍ୟକ ମତେ ଏ ପ୍ରକାର ଲୋକଗୀତମାନ ଏକାଧିକ କ୍ଷେତ୍ରରେ ବ୍ୟବହୃତ ହୋଇଥାନ୍ତି, ଯେପରି ଡାଲଖାଇ ଗୀତ ସାତପ୍ରକାର ଆନୁଷ୍ଠାନରେ ବ୍ୟବହୃତ ହୁଏ। ଆନୁଷ୍ଠାନିକ ଭିନ୍ନତାକୁ ଭିତ୍ତିକରି ଏହାର ପଦ ସଂଯୋଜନା ଓ ଭାବାର୍ଥରେ ମଧ୍ୟ ଭିନ୍ନତା ପରିଲକ୍ଷିତ ହୁଏ। ବଜାସାଲିଆ ଡାଲଖାଇ ସମ୍ପୂର୍ଣ୍ଣ ଭାବେ ଯୁବ-ପ୍ରମୋଦଧର୍ମୀ ବା ମନୋରଞ୍ଜନଭିତ୍ତିକ ହୋଇଥିବା ବେଳେ, କୁମାରୀମାନଙ୍କ ଓଷାକାଳୀନ ଡାଲଖାଇ ଗୀତ ଧର୍ମାଚାରଭିତ୍ତିକ ଓ ବିବାହ ଅନୁଷ୍ଠାନକାଳୀନ ଡାଲପରଘା, ଡାଲଗଡ଼ା, ଡାଲପୂଜା ଓ ଡାଲବହଲା ଆଦି ପର୍ଯ୍ୟାୟର ଡାଲଖାଇ ଗୀତ ସମ୍ପୂର୍ଣ୍ଣ ଭାବରେ ମାଙ୍ଗଳିକ ମୂଲ୍ୟବୋଧ ଉପରେ ଆଧାରିତ ହୋଇଥାଏ।

କଳାହାଣ୍ଡିର ଲୋକଗୀତ ଲୋକଜୀବନକୁ ବାଦ ଦେଇ ଏକ ସ୍ୱତନ୍ତ୍ର ବିଭାବ ଭାବରେ ପ୍ରକାଶିତ ହୋଇନାହିଁ। ଲୋକ-ସଙ୍ଗୀତ, ନୃତ୍ୟ, ଅନୁଷ୍ଠାନ ଓ ଜୀବନଜଞ୍ଜାଳର ସମସ୍ତଦିଗ ସହିତ ଏହା ଓତଃପ୍ରୋତ ଭାବେ ଜଡ଼ିତ। ଅନୁଧ୍ୟାନ କଲେ ଜଣାପଡ଼େ ଯେ ପ୍ରାୟ ୮୦ ଭାଗ ଲୋକଗୀତର ସୃଷ୍ଟିକୁ ସଙ୍ଗୀତ ଅନୁଷ୍ଠାନ ବା ନୃତ୍ୟ ହିଁ ଅନୁପ୍ରେରିତ କରିଥାଏ। ଏ ପ୍ରକାର ଲୋକଗୀତମାନ ମୁଖ୍ୟତଃ ନୃତ୍ୟଭିତ୍ତିକ ଲୋକଗୀତ ଭାବରେ ଗୃହୀତ। ବର୍ଗୀକରଣ ମାଧ୍ୟମରେ କେତୋଟି ନୃତ୍ୟଭିତ୍ତିକ ଲୋକଗୀତର ନାମ ନିମ୍ନରେ ଉଲ୍ଲେଖ କରାଯାଇଛି।

**ପ୍ରାୟ ୮୦ ଭାଗ ଲୋକଗୀତର ସୃଷ୍ଟିକୁ ସଙ୍ଗୀତ ଅନୁଷ୍ଠାନ ବା ନୃତ୍ୟ ହିଁ ଅନୁପ୍ରେରିତ କରିଥାଏ। ଏ ପ୍ରକାର ଲୋକଗୀତମାନ ନୃତ୍ୟଭିତ୍ତିକ ଲୋକଗୀତ ଭାବରେ ଗୃହୀତ।**

### (କ) ଧର୍ମାଚାର ନୃତ୍ୟଭିତ୍ତିକ ଗୀତ

ଡାକା, ଧୁନ୍‌କୂଲୀ, ଡଁଡ଼, କରମା, କେଡୁ, ଡାଲଖାଇ, ରାହାଁସ, ତୁରିବୁରି, ମାଡ଼ିଆନି, ଇନ୍ଦିଡ଼ା, ସିନ୍ଦିଡ଼ା, ତାମାକାଷଡ଼ା, ଭାତ୍‌ବାର୍‌ସି, ମୀରଚୁକି ଚାଲାନ୍, କାମ୍‌ରି, ଫୁଲେରୀ, ଲିଙ୍ଗାଡ଼ି, ଫାଲସାଭୀମା, ପାଏଁକୀ, ଗାତା, କେନ୍ଦ, କୁଲେଶ, ହୁରଲି, ହୁମଦୁମଲା, ଘୁଙ୍ଗିନାଚା, ରୁଗିନ୍ ନାଚା, ଛାଏନ ପିଟା, ନୁନୀରାସା... ଇତ୍ୟାଦି।

### (ଖ) ସାମରିକ ଓ ଶିକାର ନୃତ୍ୟଭିତ୍ତିକ ଗୀତ

(ମୁକ୍ତକ/ପଂକ୍ତି, ବୋଲ ଓ ଘଟଣାଗୀତ) ସିଂବଜା, ନଚନିଆଁ ଗୀତ, ଝୁମର୍, ଶିକାରଖେଦା, ଘୁମ୍‌ରା, ୧୬ ଛାନ୍ଦ ବାନାବାଡ଼ି ବା ଭଁଏସାଲ ଗୀତ୍ (ବୋଲ୍), ଦଣ୍ଡାରୀ, ଫାରସିଆ, ରେଛା, ତରୁଆଲି (ବଞ୍ଜାରା), ଡିଣ୍ଡିମ (ଡୋମ), ପାଏଁକୀ (କନ୍ଧ), ଘୋରବୁଲା, କୈସାବାଡ଼ି, ଟାଙ୍ଗିମତୀ, ଠିଙ୍ଗଡ଼ି, ସାରୁମାରୁ, ଉଧ୍‌ଲେନ୍, ଠିଆପଖାନ, ଧପଡ଼ଧାଙ୍ଗରା, ଚପଟ୍‌ଖାଣା, ଧାଙ୍ଗିଉଦ୍ରା, ଭୋର୍ଡ଼ିଆ, ଘୋଡ଼ାଲ (ବୋଲ) ଇତ୍ୟାଦି।

### (ଗ) କ୍ରୀଡ଼ାନୃତ୍ୟଭିତ୍ତିକ ଗୀତ

ଛିଲୋଲାଇ, ଜୋଲଘିନା, ବହସଁପା, କନିଆମଙ୍ଗା, କାଁଚିବୁଚି, ବାଙ୍ଗରୀ, ଘୋଙ୍ଗୋମାଇ, ଛୁରଛୁରକି, ବୋରିଆ, ଖମଖମାଲୋ, ମାଛଘିନା, ଡଙ୍ଗରକାନି, ଲେଦମକ, ଲାଇରେଜୁରା, ବାଛେନ୍-ନିଛେନ୍, ଜହ୍ନିଫୁଲ ଧାଏଜଗୁରୀ,


ମଡିଆଖୁଟା ଇତ୍ୟାଦି ୬୪ ପ୍ରକାର କୁମାରୀ/କିଶୋରୀ କ୍ରୀଡ଼ାବିନୋଦଭିତ୍ତିକ ମନସ୍ତତ୍ତ୍ୱଧର୍ମୀ, ଶିକ୍ଷଣୀୟ ବୋଲି/ପଂକ୍ତି/ଗୀତ।

**(ଘ) ଯୁବ ପ୍ରମୋଦ ନୃତ୍ୟଭିତ୍ତିକ ଗୀତ**

ଧଙ୍ଗରା-ଧାଙ୍ଗରୀ ଢାପରେ ଥିବା ଛଡ଼ରସ, ରସବାଦୀ, ଛଟକେନ୍ ଯୁଗଲ, କାଁଚାସୁଆଦି, ଖିରପିନାହିଟା, ବେରାନି, ଫୁଲଖୁଚି, ରସମାଲିକା, ପଲିଆଜୁରା, ତାସନ୍‌ଦାଇ, ରସ୍‌ବାଙ୍ଗରିଆ ଆଦି ୬୪ ପ୍ରକାର ଯୌବନ ରୀତି ପ୍ରଖ୍ୟାପକ ଓ ଉତ୍ତେଜକ ଛଳ/ ପ୍ରତୀକ/ ପରୋକ୍ଷ ଧର୍ମୀ ରସଗର୍ଭକ ଗୀତ, ଗୀତରୋ, ମାନ୍ଦଲି, ଦାନ୍ଦେର, ସାନ୍ଦେର, ଧାଙ୍ଗ୍ରିଦୁଲା, ଉଦିଆଁ ନୃତ୍ୟ, ଲେଲେଜୁରା, ଚଏତିଢାପ ଇଦ୍ୟାଦି।

**(ଙ) ଜନ ପ୍ରମୋଦ ନୃତ୍ୟଭିତ୍ତିକ ଗୀତ**

ଢାପଗୀତ (ଏଥିରେ ବହୁ ପ୍ରକାର ଢାପଗୀତ ଅନ୍ତର୍ଭୁକ୍ତ) ଉଲ୍ଲାସଘୁମୁରା, ବଜାସାଲିଆ ଗୀତ, ଝୁମେର୍, ମାନ୍ଦଲି, ନାଚା, ସୁଆ, ଟିହା, ଖୁଟିଜାମୁର୍ଲା, ବାରମାସୀ ଡଣ, ଠିଙ୍ଗଡ଼ି, ଠିଡ଼୍‌କି ଠିପୋ, ଭାଟମେଟ୍ଟୁ, ମୋଡ଼ୋଫୁଲି, ମେଲାହଲିଆ, ପୁଷ୍‌କିନ୍ଦ୍ରିନାଚା, ଲେଲେ ଲାଦାନୀ, ଢୁବ୍‌ନୀନାଚ, ଠିଆ ସିଙ୍ଗିଆ, ଉଧ୍‌ଲିଆ ନାଚ ଇତ୍ୟାଦି।



**(ଚ) ବୃତ୍ତିଭିତ୍ତିକ ନୃତ୍ୟାଭିନୟ ଗୀତ**

ଡାଙ୍ଗଚଘା, ମୁଡ଼ତୁପା, ଘୁଡ଼କା, ଠିକଡ଼ିଠିପୋ, ଖାକ ଠିଆଡ଼ି, ରଙ୍ଗସା ମାଦଲି, ଦୀକ୍ଷାଧାରୀ ଇତ୍ୟାଦି।

**(ଛ) ସମ୍ମାନନୃତ୍ୟ ଭିତ୍ତିକ ଗୀତ**

ବରିନାଚା, ପରଘେନ, ବଲେନ୍, ସଁଖଲା, ଖୁଟୁବୁଢ଼ା, ପାଜୋ ଜୁହାର, ସିହାନ ଟୀକା, ପାଗାବାନ୍ଦନା ଇତ୍ୟାଦି।

**(ଜ) ମଙ୍ଗଳ ନୃତ୍ୟଭିତ୍ତିକ ଗୀତ ବା ବିବାହ ଗୀତ**

କଳାହାଣ୍ଡିର ସମସ୍ତ ଆଦିବାସୀ ସମାଜରେ ଓ ବ୍ରାହ୍ମଣେତର ସାଧାରଣ ଲୋକସମାଜରେ ବୈବାହିକ ଅନୁଷ୍ଠାନ ବେଳେ ବହୁ ପ୍ରକାର ମାଙ୍ଗଳିକ ନୃତ୍ୟଗୀତର ପ୍ରଚଳନ ଦେଖିବାକୁ ମିଳେ। ବିବାହ ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ସମସ୍ତ କର୍ମକୁ ଶୁଭଙ୍କର ଓ ବିଘ୍ନମୁକ୍ତ କରିବା ଉଦ୍ଦେଶ୍ୟରେ, ଶିକ୍ଷାଦେବା ଓ ଭାବାତ୍ମକ ପରିବେଶ ସୃଷ୍ଟି କରିବା ଲକ୍ଷ୍ୟରେ ତଥା ଅଭିଚାରତନ୍ତ୍ର ପ୍ରୟୋଗ କରିବା ମାନସରେ ସମସ୍ତ ମାଙ୍ଗଳିକ ନୃତ୍ୟଗୀତର ଆୟୋଜନ ହୋଇଥାଏ। ଏହି ପ୍ରକାର ଲୋକଗୀତଗୁଡ଼ିକ ମଧ୍ୟରୁ କେତୋଟି ହେଉଛି-ସାଲପୂଜା, କଲସ ଥପା, ମାଏଟ୍‌ପାକା, ଗନ୍‌ସା, ଡାଲଅନା, ଦୁର୍ଲାନାଚା, ଠିପ୍‌କା, ପିଠ୍‌ଗୁନା, ପାଏନ୍ ପଲ୍‌ଟା, ପାଏନ୍‌ଗୁଧା, ବାଡ଼ିଖେଲା, ଟିଳିହା, ବିନକୀମରା, ଧରମକୋଟା, ହୁରାଜୁରା, ବନ୍ଧୁବଲା, କେରୋମଙ୍ଗା, ଡାଲବହଲା, ନଚନିଆଁ, ମୋଡ଼ୋଝରା, ସିସିକ୍‌ଲା, ସମଦେନ୍‌ପଚ୍‌ରା, ଗୋରୋଟଲା, ପିଲାକନ୍ଧା, ପୁରାଥପା, ବନାବିଖନା ଇତ୍ୟାଦି ଓ ବଜାସାଲିଆ ତ ରହିଛି। କଳାହାଣ୍ଡିର ଗ୍ରାମ୍ୟ ସମାଜ, ଜଙ୍ଗଲ ନିକଟସ୍ଥ ଆଦିବାସୀ ଗ୍ରାମ୍ୟ ସମାଜ ଓ ଅରଣ୍ୟ ମଧ୍ୟରେ ବାସ କରୁଥିବା ଆଦିବାସୀ ସମାଜ ହେଉଛି ମୁଖ୍ୟତଃ ଶ୍ରମଜୀବୀ ଓ କର୍ମମୁଖର ସମାଜ। ତେଣୁ ଶ୍ରମ ଘର୍ମ ଜୀବନକୁ ସରସ ମଧୁର କରି ଚିତ୍ତ-ବିନୋଦନ ମାଧ୍ୟମରେ କର୍ମତତ୍ପର ହେବା ଉଦ୍ଦେଶ୍ୟରେ ଅସଂଖ୍ୟ ଲୋକଗୀତର ସୃଷ୍ଟି ହୋଇଛି। ସମସ୍ତ ପ୍ରକାର କୃଷି କର୍ମ, ଅରଣ୍ୟକର୍ମ ଓ ଗୃହକର୍ମ ପାଇଁ ନିର୍ଦ୍ଦିଷ୍ଟ ଭାବରେ ଲୋକଗୀତ ମାନ ରହିଛି। ଏ ସମସ୍ତ ଲୋକଗୀତରେ ସାମାଜିକ ତତ୍ତ୍ୱର ପ୍ରାଧାନ୍ୟ ପ୍ରତିଫଳିତ। କର୍ମକୌଶଳ ସମ୍ପର୍କିତ ଲୌକିକ ଜ୍ଞାନ, ପ୍ରଜାତିକ ବିଦ୍ୟା, ଗ୍ରାମ୍ୟକଳା ଶିକ୍ଷା, ବ୍ୟବହାର ଜ୍ଞାନ, ସାମାଜିକ ସଦାଚାର, ବୃତ୍ତି ଓ କର୍ମର ମହାନତା ତଥା ଜୀବମାନ୍ୟତା ସମ୍ପର୍କରେ ଏହି ଲୋକ ଗୀତମାନଙ୍କରେ ଯଥେଷ୍ଟ ଦିଗ୍‌ଦର୍ଶନ ରହିଛି। କର୍ମ-ପ୍ରଚୋଦନା ଧର୍ମୀ ଲୋକଗୀତରେ ମାଟିର ମହକ ଭରି ରହିଥାଏ, ଆଉ ମଧ୍ୟ ପରୋକ୍ଷ ଭାବରେ ଏଥିରେ ସଂସ୍କୃତି, ସଭ୍ୟତା, ଧର୍ମାଚାର ଓ ଲୌକିକ ବ୍ୟବହାରର ସାମାଜିକ ଉପଯୋଗିତାର ବାସ୍ତବ ରୂପ ପ୍ରତିଫଳିତ ହୋଇଥାଏ।

**ଜିଜ୍ଞାସୁ ମନୋବୃତ୍ତି**

ମଣିଷର ଜିଜ୍ଞାସୁ ମନୋବୃତ୍ତିରୁ ଅଧିକାଂଶ ଲୋକଗୀତର ସୃଷ୍ଟି। ଧାନର ପରିଚୟ ପାଇଁ ଧାନ ମାଳିକା, ପକ୍ଷୀକୁଳର

ପରିଚୟ ପାଇଁ ପକ୍ଷୀମାଳିକା, ଶସ୍ୟର ପରିଚୟ ପାଇଁ ଶସ୍ୟମାଳିକା, ବୃକ୍ଷାଦିର ପରିଚୟ ପାଇଁ ବୃକ୍ଷମାଳିକା, ଜଡ଼ିବୁଟିର ପରିଚୟ ପାଇଁ ବନଉଷଧି ଗୀତ, ଗ୍ରାମ ଓ ଗ୍ରାମପଥର ପରିଚୟ ପାଇଁ ଗାଁ ମାଳିକା, ମାନ୍ୟପରିଚୟ ପାଇଁ ମାଏନ୍ ମାନ୍ତା ଆଦି ବହୁ ଲୋକଗୀତ କଳାହାଣ୍ଡିର ବିଭିନ୍ନ ଅଞ୍ଚଳରେ ପ୍ରଚଳିତ। ରାଜାଡ଼ି ଶାସନ ସମୟରେ ରାଜାପ୍ରଜାଙ୍କ ମଧ୍ୟରେ ଥିବା ସମ୍ପର୍କ, ରାଜାଙ୍କ ବିଭିନ୍ନ ପ୍ରକାର ବିନୋଦ, ରାଜାଙ୍କ ଶାସନ କାଳର ବିଶିଷ୍ଟ ଘଟଣାବଳୀକୁ କେନ୍ଦ୍ରକରି ବହୁ ଲୋକଗୀତ ରହିଛି। ହାତୀଧରା ଗୀତ, ବାଘମରା ଗୀତ, ରଜା ଆଏଲେ ଗୀତ, ଭେଟିବିଗାରି ଗୀତ, ଲାଖବିନ୍ଧା ଗୀତ, କନ୍ଧମେଲି ଗୀତ ଆଦି ଏହି ଶ୍ରେଣୀୟ କେତୋଟି ଲୋକଗୀତ। ଝୁରିଝୁପାରି ଗୀତର ଲାଳିତ୍ୟ ପଦଯୋଜନା ମାଧ୍ୟମରେ ଜଳଚକ୍ର ଓ ମତ୍ସ୍ୟାଦି ଜଳଜୀବ ସମ୍ବନ୍ଧୀୟ ବହୁ ତଥ୍ୟ ଓ ଜ୍ଞାନ ପରିବେଷଣ କରାଯାଇଛି।

**ଲୋକଗୀତର ଆତ୍ମା**

ମୁକ୍ତକ ପଦ / ପଂକ୍ତି ଯୁକ୍ତ ସ୍ୱଚ୍ଛନ୍ଦ "ପଦେନ୍" କଳାହାଣ୍ଡିର ପ୍ରାୟ ଅଧିକାଂଶ ସମ୍ବୋଧନ ଧର୍ମୀ ଲୋକଗୀତର ପ୍ରଧାନ ବୈଶିଷ୍ଟ୍ୟ। ସଜନୀ ବା ଦୁଲି (ଦୋଳି) ଗୀତ ଏହାର ଏକ ଉପଯୁକ୍ତ ଦୃଷ୍ଟାନ୍ତ। ଏ ପ୍ରକାର 'ପଦେନ୍' ମାନ ଅନ୍ୟ କେତେକ ସମ୍ବୋଧନଧର୍ମୀ ଲୋକଗୀତର ପଦ ଭାବରେ/ ବୋଲ୍ ଭାବରେ/ ପରିପୂରକ ଧର୍ମୀ ଅନ୍ୟ ଲୋକଗୀତର ପଦ ଭାବରେ ରୂପାନ୍ତରିତ ଓ ବ୍ୟବହୃତ ହୋଇପାରେ।

ଅତି ପ୍ରାଚୀନ ଲୋକସାହିତ୍ୟ ଭାବରେ ରହିଆସିଥିବା କଳାହାଣ୍ଡିର ସମସ୍ତ ଗାୟନ ପରମ୍ପରା (ଲୋକମୌଖିକ ପରମ୍ପରା) ମଧ୍ୟରେ ଲୋକଗୀତର ଆତ୍ମା ଓ ଉଦ୍‌ଗାର ସହ ସମସ୍ତ ଉପାଦାନ ରହିଛି। ଏହି ଗାୟନ ପରମ୍ପରା ହେଉଛି ଏହି ମାଟିର ଧାର୍ମିକ ଭାଟ, ପ୍ରଜାତିକ ଭାଟ୍, ରାଜଭାଟ ଓ ଚାରଣ ଆଦି ଗୋଷ୍ଠୀର ପ୍ରଦର୍ଶନଶୀଳ କଳା। ଜାନି, ପରଘନିଆ, ବଗୁଆ, ଘୋଗିଆ, ଜାମୁଡ଼ା, ବୀରତିଆ, କାମ୍‌ରି, ସାମରି, ଭଅଁରିଆ, ଭାଟ, ମରାଲ୍, ଓ ଦେବଗୁନିଆଁ ଆଦି ହେଉଛନ୍ତି ଏହି ଗାୟନ ପରମ୍ପରାର ସଂବାହକ ଓ ସାଂସ୍କୃତିକ ଦାୟାଦ ଗୋଷ୍ଠୀ। ଗାୟନ ପରମ୍ପରାର ବହୁବିଧ ବିଷୟବସ୍ତୁ ମାନ ହେଉଛି- ସୃଷ୍ଟିପ୍ରକରଣ, ମହାପ୍ଲାବନ, ଜାତିପ୍ରକରଣ, ଜୈବିକ ପ୍ରକରଣ, ଦେବଦେବୀ ପ୍ରକରଣ, ଜାତିପୁରାଣ, ରାଜପୁରାଣ, ଦେବଦେବୀ ମହାପୁରାଣ, ଆଖ୍ୟାନ, ଗାଥା, ପୁରାକଥା ଇତ୍ୟାଦି ଅଜସ୍ର ବିଭାବ। ଏ ସବୁ ସ୍ଥାନୀୟ ଭାଷାର ସିଡ଼ି, ଗାଭା, କୁହୁନି, ମାନ୍ଦଲା, ଖୁଟ, ପୂର୍ଜା, ଗାଥନ୍, ମାଥନ୍, ବାହେତି, ଆଦିଜଲମ୍, ଗାଏନ୍ ଆଦି ବିଭିନ୍ନ ନାମରେ ରହିଛି।

ଦେବଦେବୀ ଆଖ୍ୟାନ, ଶାକ୍ତସ୍ତୁତି ଓ ଅଭିଚାର-ତନ୍ତ୍ରମୂଳକ ଶତଶତ ସଂଖ୍ୟକ ଲୋକଗୀତ ଓ ଆବୃତ୍ତିମାନ କଳାହାଣ୍ଡିର ଜନପଦ ଓ ବନପଦ ସାରା ପୂରି ରହିଛି। ତାନ୍ତ୍ରିକ ମନ୍ତ୍ରଗୀତ 'ସମ୍ଭାରାଦି'ର ପରମ୍ପରା କଳାହାଣ୍ଡିର ଲୋକଐତିହ୍ୟ ଧାରାରେ ରହିଆସିଛି। ଭାରସମ୍ଭାର, ମହାସମ୍ଭାର, ଆଙ୍ଗାସମ୍ଭାର, ଶବର ସମ୍ଭାର, ଶିଶୁ ସମ୍ଭାର, ବାଦ୍ୟ ସମ୍ଭାର ଓ ଝାର ସମ୍ଭାର ଆଦି ବାର ପ୍ରକାର 'ଶାକ୍ତ ତନ୍ତ୍ର ଲୋକସାହିତ୍ୟ'ର ପ୍ରାୟୋଗିକ ସ୍ଥିତି କଳାହାଣ୍ଡି ଲୋକସଂସ୍କୃତିର ଶାକ୍ତସ୍ୱରୂପର ପ୍ରାଧାନ୍ୟକୁ ସ୍ପଷ୍ଟ କରିଥାଏ। ମାଲେଶ୍ରୀ, ଉଲଗନ୍, ଝାମୁର, ସିଙ୍ଗାର, ଡାହାଡ଼ି, ଆଙ୍ଗାଡ଼ି, ଜାଙ୍ଗାଡ଼ି, ରିଝେନ, ଝୁଲେନ୍, ଦେପାଦ୍, ଖୁଲଖଲେନ୍, ଝୁମ୍ପା, ଝାଲେନ୍, ଆଲଟେନ୍ ଆଦି ୬୪ଟି ପ୍ରମୁଖ ଶାକ୍ତ ସଂଗୀତ ଓ ସ୍ତୁତି ଅନୁଷ୍ଠାନ ତଥା ୬୪ଟି ଉପ-ଅନୁଷ୍ଠାନ କଳାହାଣ୍ଡିର ଦେହେଲିଆ ସଂସ୍କୃତିରେ ରହିଛି।

**ତାନ୍ତ୍ରିକ ମନ୍ତ୍ରଗୀତ 'ସମ୍ଭାରାଦି'ର ପରମ୍ପରା କଳାହାଣ୍ଡିର ଲୋକଐତିହ୍ୟ ଧାରାରେ ରହିଆସିଛି।**

**ଉର୍ବର ତନ୍ତ୍ର**

ଉର୍ବର ତନ୍ତ୍ର ବା କୃଷି ପ୍ରଜନନଭିତ୍ତିକ ବହୁ ପ୍ରକାର ଲୋକଗୀତ କଳାହାଣ୍ଡି ଲୋକସାହିତ୍ୟର ବହୁମୂଲ୍ୟ ବିଭାବ। କୃଷି ସଂସ୍କୃତିର ସମସ୍ତ ଶିକ୍ଷଣୀୟ ବିଷୟ, ଜ୍ଞାନକୌଶଳ ଓ ଉତ୍ସବ ଅନୁଷ୍ଠାନାଦିର ବର୍ଣ୍ଣନା ଏ ପ୍ରକାର ଲୋକଗୀତମାନଙ୍କରେ ରହିଥାଏ। ଧାନକେରା, କାଦୋକେରା, ଦୁଦ୍‌ପାଏନ୍, ଚୋରୋକେରା, ନୁନୀରାସା, ଯୁମାନୀ, ହୁରି ଡାଲଖାଇ, ଫୁଲଦୁଦ୍ୟାଲି, ଗର୍ଭନା, ହଲିଆଗୀତ, ସିଲିଆଗୀତ, ମାରିଗୀତ, ମାଁଚାଗୀତ ଆଦି ଲୋକଗୀତମାନଙ୍କର ତାତ୍ତ୍ୱିକ, ସାଂସ୍କୃତିକ ଓ ସାମାଜିକ ମୂଲ୍ୟବୋଧ ଅଭିନନ୍ଦନୀୟ।

କଳାହାଣ୍ଡିର ସମସ୍ତ ଆଦିବାସୀ/ ପ୍ରଜାତିକ ଲୋକଗୀତରେ ସମ୍ପୃକ୍ତ ଜାତିର ପ୍ରଜାତିକ ବୈଶିଷ୍ଟ୍ୟ ଓ ଐତିହ୍ୟ ଭାବଗାମ୍ଭୀର ଶୈଳୀରେ ବିଭିନ୍ନ ଭାବରେ ପ୍ରକାଶିତ ହୋଇଥାଏ। ଯେପରି ଗୌଁଡ୍‌ମାନଙ୍କର ମାନ୍ଦଲି ଗୀତରେ:


"ପଣ ମାସେ ଗଣ ଚଉଲ ଧୁଇଲେ, ମାନ୍ଦଲି ମୁନ୍ଦଲ ସତେ
ବାହାଡ଼ା ରଥକେ ରିଝେନ୍ ମାନ୍ଦଲି, ଆଠସଗା ଖେନା ଗୀତେରେ, ମାନ୍ଦଲି...
ତାକ ତୁମୁତୁମୁ ବାଜେ
ମରକାମ ରଜା ନେତାମ ମନ୍ତରି
ସୋରି ସେନାପତି ସାଜେରେ,
ମାନ୍ଦଲି..." ଇତ୍ୟାଦି।

କଳାହାଣ୍ଡିର ଲୋକୟତନରେ ଲୋକଗୀତର ଭଣ୍ଡାର ପୂରି ରହିଛି। ସାମାଜିକ ପରିବେଶରୁ ଏଗୁଡ଼ିକର ସୃଷ୍ଟି ଓ ସାମାଜିକ ଆବେଦନରେ ପରିପୂର୍ଣ୍ଣ। ନାରୀ ମନସ୍ତାତ୍ତ୍ୱିକ ରାଶିରାଶି ଲୋକଗୀତର ପ୍ରାଣମୟତା ଶ୍ରୋତାର ମନକୁ ଅନ୍ତର୍ମନା କରି ପ୍ରତିବେଦନ ଜାତ କରେ। ପ୍ରକୃତିର ଅପୂର୍ବ ଶୋଭାରାଶି, ଋତୁଚକ୍ରର ଆବର୍ତ୍ତନ, ମାନବର ବହୁରଙ୍ଗୀ ସମାଜ-ଜୀବନ, କୃଷିଭିତ୍ତିକ ଗ୍ରାମ୍ୟ-ଚିତ୍ର ଶୋଷିତ ଓ ଶୋଷକ ଶ୍ରେଣୀର ମନୋବୃତ୍ତି, ଅଲୌକିକ ଶକ୍ତିର ମହିମା ଓ ଲୀଳା, କିଶୋର କିଶୋରୀଙ୍କ ଛଳଛଳ ପ୍ରାଥମିକ ପ୍ରେମାନୁଭୂତି, ଯୁବଗୋଷ୍ଠୀର ଯୌବନ ଉପାସନା, ଯୁବତୀ ଗ୍ରାମବଧୂର ଚମକ ଓ ଚାହାଣୀ, ସାଂସାରିକର ସଂସାର ଚିନ୍ତା, ଗ୍ରାମହାଟ, ଗ୍ରାମବାଟ, ଗାଧୁଆତୁଠ, ଲୌକିକ କ୍ରୀଡ଼ା ବିନୋଦ, ସମ୍ପର୍କ ସୃଷ୍ଟି ଓ ମୈତ୍ରୀବନ୍ଧନ ଆଦି ସମସ୍ତ ବିଭାବ, ଉପାଦାନ, ପରିବେଶ ଓ ବସ୍ତୁ ସକଳ କଳାହାଣ୍ଡି ଲୋକଗୀତର ସୃଷ୍ଟି ପାଇଁ ଅନୁପ୍ରେରିତ କରିଛନ୍ତି। ଆଧୁନିକ ସଭ୍ୟତାର ମାରାତ୍ମକ ପ୍ରଭାବ ଫଳରେ ସମ୍ପ୍ରତି ଏସବୁ ଲୋପ ପାଇବାକୁ ବସିଲାଣି। ସାତଶହ ଡଙ୍ଗରା ପରିବେଷ୍ଟିତ କଳାହାଣ୍ଡିର ଜୈବିକ ଓ ପ୍ରଜାତିକ ସମ୍ପଦ ପରି ଏ ମାଟିର ଲୋକଗୀତ/ଲୋକ ସଂସ୍କୃତି ମଧ୍ୟ ମାନବ ସଭ୍ୟତାର ସର୍ବାନ୍ତିମ ଅବଶେଷ ବୋଲି କହିଲେ ଅତ୍ୟୁକ୍ତି ହେବ ନାହିଁ। ଏହାର ଉଦ୍ଧାର ଓ ସଂରକ୍ଷଣ ଆମ ସମସ୍ତଙ୍କର ପରମ କର୍ତ୍ତବ୍ୟ।

**ଆଧୁନିକ ସଭ୍ୟତାର ମାରାତ୍ମକ ପ୍ରଭାବ ଫଳରେ ସମ୍ପ୍ରତି କଳାହାଣ୍ଡିର ଲୋକଗୀତ ଲୋପ ପାଇବାକୁ ବସିଲାଣି।**

□□

ଲେଖକଙ୍କ ଇ-ମେଲ୍ ଠିକଣା:
dgbkoshalayana@gmail.com




**ମୂଲ୍ୟ : ଟ. ୧୨୦/-**

**ପ୍ରକାଶ ପାଇଲା**

**ଅଭୟାନନ୍ଦ ଉବାଚ**

**ଆମର ସାମାଜିକ, ପାରିବାରିକ ତଥା ରାଜନୈତିକ ଜୀବନର ବିଭିନ୍ନ ବିସଙ୍ଗତିକୁ ନେଇ ଶାଣିତ ବ୍ୟଙ୍ଗ ମାଧ୍ୟମରେ ରୂପାୟିତ ଏହି ପୁସ୍ତକଟିରେ ସ୍ଥାନିତ ହୋଇଛି ଡା. ଅଭୟ ଦାଶଙ୍କ ଦ୍ୱାରା ରଚିତ ୩୩ଟି ରମ୍ୟରଚନା। ଏକ ଅନନ୍ୟ ପାଠକୀୟ ଅନୁଭବର ପ୍ରତିଶ୍ରୁତି ରଖନ୍ତି ପ୍ରତ୍ୟେକଟି ଲେଖା।**

ପ୍ରକାଶକ : ସାହିତ୍ୟ ଚର୍ଚ୍ଚା

ନିକଟସ୍ଥ ପୁସ୍ତକ ବିକ୍ରୟ କେନ୍ଦ୍ରରେ ଅନୁସନ୍ଧାନ କରନ୍ତୁ। ଅନ୍‌ଲାଇନ୍‌ରେ ଆମାଜନ୍ ଜରିଆରେ ମଧ୍ୟ ଉପଲବ୍ଧ।



ଗଳ୍ପ

# ଦୁଇଟି ମିନିଗପ

ରବିନାରାୟଣ ଦାଶ

## ସାର୍ଟ

ବାପା ଭୀଷଣ ବିରକ୍ତ ହେଲେ। ଏମିତିଆ ପୁରୁଣା, ରଙ୍ଗଛଡ଼ା ଡ୍ରେସ୍ ପିନ୍ଧିକି ୟୁନିଭର୍ସିଟିକୁ ଯିବୁ? ବାଟରେ ଲୋକ ଦେଖିଲେ କ'ଣ କହିବେ?

ସୌରଭ ପ୍ରତିବାଦ କଲା, “ରଙ୍ଗଛଡ଼ା ଡ୍ରେସ୍ କାହିଁକି ହେବ, ଗତବର୍ଷର ସାର୍ଟଟା। ବେଶ ଭଲ ଦେଖାଯାଉଛି। ତା' ଛଡ଼ା ଲୋକେ କ'ଣ କହିବେ ସେଥିରେ ମୋର କ'ଣ ଗଲା?”

ବାପା କୃତ୍ରିମ ରାଗ ଦେଖାଇଲେ - ତୋତେ ସିନା କେହି କିଛି କହିବେ ନାହିଁ, ହେଲେ ମୋର ନାଁ ପଡ଼ିବ ନା ନାହିଁ। ଲୋକ କହିବେ ଅମୁକ ରାଉତ ପୁଅ ଛିଣ୍ଡା ଡ୍ରେସ୍ ପିନ୍ଧିକି ଯାଉଛି। ମୋତେ କେତେ ଖରାପ ଲାଗିବ କହିଲୁ?



– କେହି କିଛି କହିବେ ନାହିଁ ବାପା। ପ୍ରଥମ କଥା ହେଉଛି ଏଇଟା ଛିଣ୍ଡା ଡ୍ରେସ୍ ନୁହେଁ। ଫଟା ସାର୍ଟ ପିନ୍ଧିକି ଯିବି ମୋତେ କ'ଣ ଲାଜ ମାଡ଼ିବ ନାହିଁ କି? ସାର୍ଟଟା ଭଲ ଅଛି, ସେଇଥିପାଇଁ ପିନ୍ଧୁଛି।

– ଫଟା ନ ହେଲେ ବି ପୁରୁଣା ଡ୍ରେସ୍‌ଟା ନା। ୟୁନିର୍ଭସିଟିକୁ ପ୍ରଥମ ଥର ପାଇଁ ଯିବୁ, ନୂଆ ଚକାଚକ ଡ୍ରେସ୍‌ରେ ଯିବୁ ନା। ପୁରୁଣା ଫଟା ସାର୍ଟ ଦେଖିଲେ ମୋତେ ବିରକ୍ତ ଲାଗେ। ତୋର ତ ସେହି ପୁରୁଣା ମାପ। ତୁ ନ ଆଣିଲେ ନାହିଁ ମୁଁ ବସ୍ତ୍ରାଣ୍ଡ ବଜାରକୁ ଯାଉଛି ହେଲେ ନୂଆ ଡ୍ରେସ୍ ନେଇ ଆସିବି।

ସୌରଭର ବାରଣ ସତ୍ତ୍ୱେ ବାପା ସାର୍ଟ ଖଣ୍ଡେ ପିନ୍ଧି ଲୁନା ଷ୍ଟାର୍ଟ କଲେ।

ଦୂରରୁ ବି ସୌରଭକୁ ସ୍ପଷ୍ଟ ଦେଖାଯାଉଥିଲା, ବାପାଙ୍କ ସାର୍ଟର କାଖପାଖଟା ପୂରା ଫାଟିଯାଇଛି।

□□

## ମା' ମରୁନି

ଛଅବର୍ଷ ହେଲା ବୁଢ଼ୀ ପଡ଼ିଛି, ବିଛଣାରେ। ଆଗରୁ ଯାହା ଯେମିତି ଚଳୁଥିଲା। ଏ ଦୁଇ ମାସ ହେଲା କେବଳ ନିଃଶ୍ୱାସରେ ବଞ୍ଚିଛି। ପାଟି ଦେଇ ଟୋପେ ପାଣି ବି ଯାଉ ନାହିଁ। ତଥାପି ବଞ୍ଚିଛି, ଜୀବନ ଯାଉ ନାହିଁ। ଦେହରେ ଘା' ହେଇଗଲାଣି। ଡର, କାଳେ ପୋକ ହେଇଯିବ। ହେଲେ ଜୀବନ ଅଛି। ସତେ ଯେମିତି ସାତ ତାଳ ପଙ୍କ ତଳେ ଅଛି ସିନ୍ଦୂର ଫରୁଆ, ତା' ଭିତରେ ଅଛି ବୁଢ଼ୀର ଜୀବନନାଟିକା। ସାହିଭାଇ ଫୁସ୍‌ଫାସ୍ ହେଉଛନ୍ତି। ବୁଢ଼ୀ ସେମିତିଆ କିଛି ବଡ଼ପାପ କରିଛି, ନ ହେଲେ ଜୀବନ ଯାଉ ନାହିଁ କାହିଁକି? କର୍ମ ଫଳ ଭୋଗିସାରିନି, ଜୀବନ ଯିବ କେମିତି?

ଘରେ ସମସ୍ତେ ବ୍ୟସ୍ତ ମା' ମରୁନି କାହିଁକି। ପଣ୍ଡିତେ କହିଲେ- ଶଯ୍ୟା ବୈତରଣୀ ପୂଜା କରିବାକୁ ପଡ଼ିବ। ମୃତକଙ୍କ କର୍ମ ଭଳି ଏ ପୂଜା। ମାନସିକ ଭାବେ ଆମେ ବିଚାର କରିବା ତୁମ ମା' ମରିଯାଇଛି। ଏହି କର୍ମରେ ବ୍ରାହ୍ମଣକୁ ସ୍ୱତନ୍ତ୍ର ଦାନଦକ୍ଷିଣା ଦିଆଯିବ। ତେଣୁ ବୁଢ଼ୀକୁ ଏକରକମ ମୃତ ବୋଲି କୁହାଯିବ। ଏହି ପୂଜା ପରେ ଜୀବନ ଘଟ ଛାଡ଼ିବ ନିଶ୍ଚେ।

ସୁଦୀପ ଚମକି ପଡ଼ିଲା- ବଞ୍ଚି ଥାଉ ଥାଉ ମୃତ କର୍ମ?

ପଣ୍ଡିତେ କହିଲେ- ଆଉ କିଛି ବାଟ ନାହିଁ। ଦେଖୁ ନାହାନ୍ତି ଜୀବନ ଯାଉନି କରିବା କ'ଣ?

ସୁଦୀପ ବାଧ୍ୟ ହୋଇ ରାଜିହେଲା। ତାକୁ ଲାଗୁଥିଲା ସତେ ଯେମିତି ସେ ମା'ର ତଣ୍ଟି ଚିପିଦେଉଛି।

□□

ଲେଖକଙ୍କ ଇ-ମେଲ ଠିକଣା:
rabin003@gmail.com

ସମାଲୋଚନା

# 'ସବିତା' କବିତା ସଂକଳନର ଅନ୍ତର୍ନିହିତ ସ୍ୱର



**ଡ. ସଂଘମିତ୍ରା ବେହେରା**

ଯୌଥ ତଥା ଯୁଗ୍ମ କବିଭାବରେ ବାସନ୍ତୀ ଦେବୀ ଓ ବିଦ୍ୟୁତ୍ ପ୍ରଭାଦେବୀଙ୍କ ଯୌଥ ସର୍ଜନଶୀଳତାରେ ୧୯୪୭ ମସିହାରେ 'ସବିତା' କବିତା ସଂକଳନଟି ପ୍ରକାଶିତ। କବିତାଗୁଡ଼ିକରେ ଜାତୀୟତାବୋଧ ଓ ପ୍ରକୃତିପ୍ରୀତିବୋଧ ଦେଖିବାକୁ ମିଳେ। ଯଦିଓ ଏହି ସମୟରେ ଭାରତ ସ୍ୱାଧୀନତାର ମୁକ୍ତି ସଂଗ୍ରାମର ସନ୍ଧି ସମୟ, ମାତ୍ର କବିଦ୍ୱୟଙ୍କ ରଚନାରେ ଏହି ସମୟର ଚେତନା ସେଭଳି ପ୍ରକାଶିତ ହୋଇପାରିନାହିଁ। କିନ୍ତୁ କେଉଁଠି କେଉଁଠି ନାରୀ ପାଇଁ ଏବଂ ସମକାଳୀନ ବ୍ୟବସ୍ଥା ପ୍ରତି ତାଙ୍କ ମନରେ ବିରୋଧଭାବମାନ କବିତାରେ ପ୍ରକାଶ ପାଇଛି।



କବୟିତ୍ରୀ ବିଦ୍ୟୁତ୍‌ପ୍ରଭା ଦେବୀ

ସ୍ୱାଧୀନତାର ସନ୍ଧିକ୍ଷଣରେ ଏହିଭଳି ଯେଉଁ କେତେଜଣ ନାରୀ ନିଜକୁ ସୃଷ୍ଟି ସର୍ଜନାରେ ନିୟୋଜିତ କରିଥିଲେ, ସେମାନଙ୍କର ପ୍ରତିଟି ରଚନାରେ ପ୍ରକୃତି ଚିତ୍ର, ଜାତୀୟତାବୋଧ ନାରୀର ଚିନ୍ତା ଓ ଚେତନା ବ୍ୟତୀତ ତତ୍କାଳୀନ ରାଜନୈତିକ ସ୍ଥିତି ପରିଲକ୍ଷିତ ହୁଏ ନାହିଁ। ଏହା କିନ୍ତୁ ସତ୍ୟ ଯେ ନାରୀ ସେହି ସମୟରେ ପଦାକୁ ଗୋଡ଼ ବାହାର କରିବା ଏତେ ସହଜକଥା ନ ଥିଲା। ତଥାପି ଏହି ସମୟ ଖଣ୍ଡରେ ଛିଡ଼ା ରହି ଭଗିନୀଦ୍ୱୟ ଯେଉଁ ପ୍ରୟାସ କରିଛନ୍ତି ତାହା ଯୁଗାନ୍ତକାରୀ। କବିଦ୍ୱୟଙ୍କର ଜାତୀୟତାମୂଳକ କବିତା ହେଉଛି- 'ଓଡିଆ', 'ଓଡିଆ ବୀର', 'ଜନ୍ମଭୂମି' ଓ 'କୋଣାର୍କ' ଏହି କବିତାଗୁଡ଼ିକରେ ତିନୋଟି ସଙ୍କେତ ଦେଖିବାକୁ ମିଳେ।

## ଜାତୀୟତାବୋଧ

ପ୍ରଥମତଃ ଜାତୀୟତାବୋଧ, ଦ୍ୱିତୀୟତଃ ଅତୀତ ଇତିହାସ ଅଥବା ଶ୍ରୁତି-ସ୍ମୃତି କଥାକୁ ନେଇ ଦଗ୍ଧିଭୂତ କବିଚିତ୍ତ ଓ ତୃତୀୟତଃ ସମସାମୟିକ ରାଜ୍ୟର କଳା କୌଶଳ ସ୍ଥିତିକୁ ନେଇ କବିର ମର୍ମ ବେଦନା ସ୍ଫାନିତ ହୋଇଛି। କବିଦ୍ୱୟଙ୍କର ଜାତୀୟତାବୋଧ 'ଓଡ଼ିଆ ନାମେ ମୁଁ ହୁଏ ଆତ୍ମହରା /ଦିଶଇ ସକଳ କଥା /ପ୍ରତି ବାଲିକଣେ ରହିଛି ମୋ ଦେଶ /ବୀରତ୍ୱ ଗୌରବ ଗାଥା' (ଓଡ଼ିଆ)। ଇତିହାସ କଥା ଉଭୟ ଭଗିନୀଙ୍କ ରଚନାରେ ଗୁମୁରି ଉଠିଛି -'ଏହି ଓଡିଶାରେ ଭୁବନ -ବିଶ୍ରୁତ /ଭୁବନେଶ୍ୱର ଦେଉଳ / ଯଯାତି ଅନଙ୍ଗ-ଭୀମ ରହିଛନ୍ତି / ବିରାଜିତ କାଳ କାଳ। XXX ପଦ୍ମାଳୟା ସମ ପଦ୍ମାବତୀ ଲାଗି /ସନ୍ନ୍ୟାସୀ ହେଲେ ନିର୍ଭୟେ।' (ଓଡ଼ିଆ / ପୃ-୬) ପୁଣି ଜାତୀୟତା ଉଦ୍‌ବୋଧନ ଓ ସ୍ମୃତିଚାରଣ ଭିତରେ କବି ସ୍ୱାଧୀନତା କାଳର ଭାରତ ତଥା ଓଡ଼ିଶାର ସ୍ଥିତିକୁ ଆକଳନ କରିଛନ୍ତି - 'ଚିରକାଳ ପାଇଁ ଅନଶ୍ୱର କୀର୍ତ୍ତି / ରଖିଲେ ଯେ ରବି ତଳେ / ସେହି କିରେ ଦୀନ ପଲ୍ଲୀର କୃଷକ/ ଦିବାନିଶି ଖଟି ମରେ? ସେ କି ଆଜି ସତେ ସୁଦୂର ଆସାମେ / ଚହା ବଗିଚାର କୁଲି /ଯେ ଓଡ଼ିଆ ପୁଅ ଦିଗ୍‌ବିଜୟୀ ବୀର / ବାଇଥିଲା ରଣଭେରୀ! (ଓଡ଼ିଆ ବୀର) କୋଣାର୍କର ସ୍ମୃତିଚାରଣକୁ 'ଜନ୍ମଭୂମି' ଓ 'କୋଣାର୍କ' କବିତାରେ ସେ ବଖାଣିଛନ୍ତି, 'କୋଣାର୍କ! ତୋ ଅଙ୍ଗେ ଫୁଟେ ବାରଶତ ଶିଳ୍ପୀଙ୍କର ସ୍ମୃତି / ଲିଭିନାହିଁ ଆଜି ସୁଦ୍ଧା ଉତ୍କଳର ଅନଶ୍ୱର କୀର୍ତ୍ତି । ଲିଭି ନାହିଁ ଶିଳା ଦେହୁଁ ରାମାୟଣ ବିରାଟ କାହାଣୀ, / ଆର୍ଯ୍ୟର ପ୍ରତିଭା ଆଜି ଟେକିଛି ମା ଉତ୍କଳ-ଜନନୀ।' (କୋଣାର୍କ/ ପୃ-୧୩) କୋଣାର୍କ କେବଳ ଓଡ଼ିଶାବାସୀ ତଥା ଭାରତବାସୀଙ୍କ ଦୃଷ୍ଟିପାତକୁ ନୁହେଁ, ବିଦେଶୀଗଣଙ୍କୁ ମଧ୍ୟ ନିଜର କଳା ସ୍ଥାପତ୍ୟର ସୌନ୍ଦର୍ଯ୍ୟରେ ବାନ୍ଧିରଖେ। ଏହା ଚିରନ୍ତନ କାଳକୁ ବି ପରାହତ କରିପାରେ। ବର୍ତ୍ତମାନ ଦାଦନ ଖଟିବା ଭଳି ଅନ୍ୟ ରାଜ୍ୟରେ ସେ କାଳରେ ମଧ୍ୟ ଓଡ଼ିଶାର ଲୋକେ ଖଟୁଥିଲେ।

ଏହା ବ୍ୟତୀତ ଭଗିନୀ କବିଦ୍ୱୟ ତତ୍କାଳୀନ ସମୟରେ ପ୍ରଚଳିତ 'ପଣପ୍ରଥା' ଓ 'ନାରୀ' କବିତାରେ କେତେକ ଘଟଣା ସଂଶ୍ଲିଷ୍ଟ କରିଛନ୍ତି। 'ନାରୀ' କବିତାରେ ପ୍ରାଚ୍ୟ ଭୂଖଣ୍ଡରେ କେଉଁ ପୌରାଣିକ କାଳରୁ ଯେଉଁ ନାରୀମାନେ ନିଜର ସ୍ୱାତନ୍ତ୍ର୍ୟର ପରିଚୟ ପ୍ରଦାନ କରିଛନ୍ତି ସେମାନଙ୍କର ନାମ ଉଲ୍ଲେଖ କରିଛନ୍ତି। ସେମାନଙ୍କୁ 'ବରଣୀୟା ନାରୀ' ଭାବେ ପରିଚିତ କରାଯାଇଛି ଯଥା- ବୀରାଙ୍ଗନା ଦୁର୍ଗାବତୀ, ଗଣିତ ବିଶାରଦ ଲୀଳାବତୀ, ସତୀ ଶିରୋମଣୀ ସୀତା, ଦ୍ରୌପଦୀ, ସାବିତ୍ରୀ, କୁନ୍ତୀ, ଦମୟନ୍ତୀ ପ୍ରମୁଖ। ମାତ୍ର ପରିବର୍ତ୍ତିତ ସମୟ ଖଣ୍ଡରେ ନାରୀ ବିଂଶ ଶତାବ୍ଦୀର ଚତୁର୍ଥ ଦଶକ ବେଳକୁ ନିଜର ପରିଚୟ ଗୌଣ କରିଚାଲିଛି। 'ପୂର୍ବେ ଭାରତର କୁମାର କୁମାରୀ / ଶିଖୁଥିଲେ ଯୁଦ୍ଧ କରେ ଅସ୍ତ୍ର ଧରି, ଆଜି ପରା ଆମ ଦେଶର କୁମାରୀ/ କାଟୁଛନ୍ତି କାଳ ତାସ ପଶା ଖେଳି।' ଅନ୍ୟପକ୍ଷରେ ନାରୀ ଗୃହରୁ ବାହାରିପାରୁ ନ ଥିଲା।

ତେଣୁ ତା'ର ସାମାଜିକ ବ୍ୟବସ୍ଥା ତା'କୁ ଆଉ ବୀରାଙ୍ଗନା ନ ଗଢ଼ି ଭିନ୍ନ ଏକ ରୂପରେ ଗୃହବନ୍ଦିନୀ ରୂପେ ଭାବେ ଗଢ଼ି ତୋଳିଥିଲା। ତା'ର ସ୍ୱାଧୀନତାକୁ ପରାହତ କରିବା ପଛରେ ଉଭୟ ପୁରୁଷ-ନାରୀ ସମାଜ ମଧ୍ୟ ଦାୟୀ ଥିଲା। ଯେପରି:- 'ସଦା ସେହୁ ଦୁଃଖୀ ସ୍ୱାଧୀନତା ପାଇଁ / କିନ୍ତୁ କଣ୍ଠେ ଭାଷା ହୃଦେ ଆଶା ନାହିଁ। ପୁରୁଷ ରମଣୀ ମିଳି ଏ ସଂସାର /ନାରୀକୁ କିପାଇଁ ତୁଚ୍ଛ ମନେକର?' (ନାରୀ/ ପୃ-୧୭)। କବି ଚେତନାରେ ନାରୀ ପ୍ରତି ଏପରି ସାମାଜିକ ବ୍ୟବସ୍ଥା ଅସହ୍ୟ! ସମାଜରେ ପୁରୁଷର ଭୂମିକା ପରି ନାରୀର ମଧ୍ୟ ଭୂମିକା ରହିଛି। ତେଣୁ ପ୍ରତିବାଦର ବାର୍ତ୍ତା କବି ବହନ କରିଛନ୍ତି - 'ସବୁ ଦିନେ ସେ କି ସହିବ କଷଣ / ଦୁଷ୍ଟ ସମାଜର ଦୁର୍ନୀତି ନିୟମ ! କରମ ପ୍ରାଙ୍ଗଣେ ରମଣୀର ଡାକ/ ତା' ଶକ୍ତି, ପ୍ରତିଭା ଯୁଗେ ଯୁଗେ ଟେକ।' (ନାରୀ/ ପୃ-୧୭) ସେହି ସମୟରେ ନାରୀର ବିବାହ ପାଇଁ ପଣପ୍ରଥାର ଉନ୍ମେଷ ଘଟିଛି। କନ୍ୟାପିତା ବହୁମୂଲ୍ୟ ଦେଲେ କନ୍ୟାର ବିବାହ କରିପାରିବେ। ତେଣୁ ଧୀରେ ଧୀରେ ସମାଜର ବ୍ୟବସ୍ଥା କଳୁଷିତ ହେବାକୁ ଲାଗିଛି। ଏଭଳି ନିଷ୍ଠୁର ସମାଜର ନିୟମକୁ କବିଦ୍ୱୟ ଆକ୍ଷେପ କରିଛନ୍ତି - 'ଉଚ୍ଛନ୍ନ କରିଛି ଏ ଅନ୍ଧ ସମାଜ /ଏ ଦେଶର ପରିବାର / ବିବାହ ବଜାରେ ପଡ଼ିଅଛି ନିତ୍ୟ /ପଣପ୍ରଥା ହା-ହା-କାର।' ପୁନଶ୍ଚ ଭାରତ ସ୍ୱାଧୀନତା ପାଇଁ ଉହୁଙ୍କି ମାରିବା ସତ୍ତ୍ୱେ ସମାଜ କଳୁଷିତ ଓ କୁସଂସ୍କାରିତ ହୋଇଛି। ଦେଶର ବିକାଶ ପଥରେ ଏକ ବିଭ୍ରାନ୍ତିକର ବ୍ୟବସ୍ଥାକୁ ଉଦୀୟମାନ କରି ଛିଡ଼ାକରିଛି ;- 'ସମାଜ ଜୀବନ କଳୁଷିତ ଅତି /ରୂପହୀନ ତା'ର ରୂପ/ ବହନ କରିଛି କନ୍ୟା-ପିତାର ବ୍ୟଥା, ଅଶ୍ରୁ, ଅଭିଶାପ।' (ପଣପ୍ରଥା / ପୃ-୧୮ )

**କବି ଚେତନାରେ ନାରୀ ପ୍ରତି ସାମାଜିକ ବ୍ୟବସ୍ଥା ଅସହ୍ୟ! ସମାଜରେ ପୁରୁଷର ଭୂମିକା ପରି ନାରୀର ମଧ୍ୟ ଭୂମିକା ରହିଛି।**

### କାମଧେନୁର ଜୟଗାନ

'ଗୋମାତା' କବିତାରେ କାମଧେନୁର ଜୟଗାନ କରାଯାଇଛି। ଏକ ଗାଥା କବିତା ପରି ପୁରାଣ କାଳର ଦ୍ୱାପରର କଥାକୁ ଏଥିରେ ସଂଶ୍ଲିଷ୍ଟ କରାଯାଇଛି। ବିଷ୍ଣୁଙ୍କ ଆଜ୍ଞାରେ ବେଣୁ ତାହାର ସେବା କରିଥିଲା। ସେହି କାମଧେନୁର କନ୍ୟା ସଂସାରକୁ ଦୁଗ୍ଧ ଓ ପୁତ୍ର ଅନ୍ନ ଯୋଗାଇ ବିଶ୍ୱକୁ ଶସ୍ୟଶ୍ୟାମଳା କରେ। ବିବିଧ ପୂଜାର୍ଚ୍ଚନାରେ ଗାଈର ମଳରେ ଶୌଚ-ଶୁଦ୍ଧ କରାଯାଏ ଏବଂ ଔଷଧ ମଧ୍ୟ ତିଆରି ହୁଏ। ତେଣୁ ଗୋମାତା ପ୍ରତି ଉଦାର ଓ ସହନଶୀଳତା ହେବା ପାଇଁ ଏହା ଏକ ବାର୍ତ୍ତା। ଏହି ସମୟରେ ଗୋ-ହତ୍ୟା ଲୁକ୍କାୟିତ ଭାବେ କରାଯାଉଥିଲା। ଏବଂ ବିଦେଶକୁ ମଧ୍ୟ ଚାଲାଣ କରାଯାଉଥିଲା। ସତ୍ୟବାଦୀ ଯୁଗର କବି ଗୋପବନ୍ଧୁ ଦାସଙ୍କ 'ଗୋମାହାତ୍ମ୍ୟ' କାବ୍ୟରେ ଏହିଭଳି ସ୍ୱର ଅନୁରଣିତ ହୋଇଛି। ନାରୀ କବିଦ୍ୱୟଙ୍କ ରଚନାରେ- 'ସେ ପୂଜାର ଉପଚାର- ଗାଭୀଦତ୍ତ କ୍ଷୀର / ଶୋଧିତ ପୂଜା ମଣ୍ଡପ ମଳରେ ଗାଭୀର। / ଗାଭୀ ମଳମୂତ୍ରେ ହିତ ଅଶେଷ ପ୍ରକାର / କେଉଁଟି ଭେଷଜ, କେବା ପଥ୍ୟେ ଦରକାର।' (ଗୋ-ମାତା/ ପୃ-୧୪) କାମଧେନୁ ଓ ଗାଈ ମଧ୍ୟରେ କୌଣସି ପ୍ରଭେଦ ଉଭୟ କବି ଦେଖିନାହାନ୍ତି। କାମଧେନୁ ପରେ ପରେ ସମସ୍ତ ଗାଈ ମାନବସେବାରେ ବିଶ୍ୱ କଲ୍ୟାଣରେ ଲାଗିଥା'ନ୍ତି। ହେଲେ ଦାରୁଣ ମଣିଷ ସେମାନଙ୍କୁ ଅନାଦର କରିଥାଏ। 'ପ୍ରସନ୍ନ ନ ହୋଇ ମାତା ଦୁଃଖେ ଚିର ମୂକ / କୃତଘ୍ନ ମାନବ ତେଣୁ ଲଭେ ଚିର ଦୁଃଖ।' (ଗୋ-ମାତା / ପୃ-୧୫) କବିଙ୍କର ଏହି ପ୍ରସଙ୍ଗରେ 'ଜୀବେଦୟାମୂଳକ' ମାନବିକତାବୋଧ ପ୍ରକାଶ ପାଇଛି। ସେହିପରି 'ବୃଦ୍ଧ' କବିତାରେ ବାର୍ଦ୍ଧକ୍ୟ ଅବସ୍ଥାର

ଆଙ୍ଗିକ ଓ ଆତ୍ମିକ ଭାବକୁ ଉତ୍ତୋଳିତ କରାଯାଇଛି ।

‘ହେ ଜରତ ! କାହିଁ ଗଲା ତବ ରାଜବେଶ
ତା’ର ସାଥେ ଗଲା କାହିଁ ବଜ୍ର-ମନ୍ଦ୍ର ସ୍ୱର
କାଶତଣ୍ଡୀ ଫୁଲସମ ଦିଶେ ଶୁଭ୍ରକେଶ
ଦେହେ ନାହିଁ ଆଜି ପୂର୍ବ, ତେଜ, ବୀର୍ଯ୍ୟ, ବଳ ।’

(ବୃଦ୍ଧ/ପୃ-୧୯)

## ମୋହାଚ୍ଛନ୍ନ ବାର୍ଦ୍ଧକ୍ୟ

ବାର୍ଦ୍ଧକ୍ୟକୁ ଉଭୟ ମୋହାଚ୍ଛନ୍ନାବସ୍ଥା ବୋଲି ମନେ କରିଛନ୍ତି- ‘ମୃତ୍ୟୁଡାକ ଆସିଲାଣି ଧରି ଅଣଗ୍ଲାଶ / ଛିନ୍ନ କରିବାକୁ ଭବ ମୋହ- ମନ୍ତ୍ର-ପାଶ ।’ (ପୃ-୨୦) ଏଠାରେ ବାର୍ଦ୍ଧକ୍ୟ ବା ଜରା ଅବସ୍ଥାକୁ କବି ଦ୍ୱୟ ସ୍ଥାଣୁପ୍ରାୟ ମନେ କରିଛନ୍ତି ।




ଅପର ତିନୋଟି କବିତା ‘ଚାହେଁ ନାହିଁ’, ‘ଭଲପାଏ’ ଓ ‘ଜୋଛନା’ ସମ୍ପୂର୍ଣ୍ଣ ବ୍ୟକ୍ତିକୈନ୍ଦ୍ରିକ କବିତା । କବି କୌଣସି ପ୍ରାକୃତ ସୁଖ ସୌରଭ, ସଂସାର ବିଭବକୁ ଚାହୁଁନାହାନ୍ତି । କବି କେବଳ ଚାହିଁଛନ୍ତି ନୀରବତା । ଏ ନୀରବତା ଭିତରେ କ’ଣ ବା ଅଛି ? ନା ମଳୟ ନା ମଧୁରତା । କବିର ଭାବ ପ୍ରାଣ ଭାବେ ସ୍ୱୀକାର କରିଛି - ‘ଚାହେଁ ଖାଲି ମୁହିଁ ସୁପ୍ତ ମରୁକୋଳେ / ସୁଗଭୀର ନୀରବତା / ଶ୍ରାବଣ-ସଞ୍ଜେ ଗିରି-ମସ୍ତକେ / କଳାମେଘୀ ଚାରୁ-ଛତା ।’ କବି ଭଗିନୀଦ୍ୱୟ ଏହି ‘ଚାହେଁ ନାହିଁ ’ କବିତାରେ ସୁଖକୁ ହରାଇ ବିଷାଦକୁ ଖୋଜିଛନ୍ତି, ଯାହା କେତୋଟି ଶବ୍ଦରେ ବାରି ହୋଇ ପଡ଼େ; ଯେପରି- ଚିରକ୍ରନ୍ଦିତ ଉର୍ମିଳ ପାରାବାର, ଭାଷାହୀନ ଅନ୍ଧାର, ଅସୀମ, ଉଦାର,ମୁକ୍ତ ମଉନାକାଶ ଇତ୍ୟାଦି । ଏହା ସତ୍ତ୍ୱେ ଜଗତରେ ଶାନ୍ତିର ବାର୍ତ୍ତା ପ୍ରତି ଉଭୟ ଆଶାୟୀ- ‘ଚାହେଁ ଖାଲି ମୁହିଁ ସତ୍ୟ, ଧର୍ମ/ ଚାହେଁ ଖାଲି ମୁହିଁ ଶାନ୍ତି /ଚାହେଁ ମୁହିଁ ଖାଲି ମଧୁର ନିଦ୍ରା / ସବୁଜ-ସପନ ରାତି । XXX ଚାହେଁ ସତ୍ୟ, ଶାନ୍ତି ,ଦୟା , କ୍ଷମା, ସ୍ନେହ / ସରଗ ପୀୟୂଷ ଝରା ।’(ପୃ-୨୨) ମନେହୁଏ ବିଶ୍ୱଯୁଦ୍ଧର ଆତଙ୍କ ଓ ସ୍ୱାଧୀନ ଭାରତର ପରିସ୍ଥିତି ଉଭୟଙ୍କୁ ହତାଶବୋଧ କରିଛି । ‘ଭଲପାଏ’ କବିତାରେ, ଚୈତ୍ରରେ କୋଇଲିର ମଧୁର ଡାକ, ଝରା ଶେଫାଳିର ବର୍ଣ୍ଣ, ଦୂର ପର୍ବତ ଶିଖରେ ଅଦିନ ମେଘ, ପଲ୍ଲୀ ପ୍ରାନ୍ତରର ସବୁଜ ଘାସର ଶିଶିର, ବଇଁଶୀ ଛନ୍ଦ ଇତ୍ୟାଦି ଶବ୍ଦବିଭବ କବିପ୍ରାଣକୁ ମୋହିତ କରିଛି ।

## ଜୀବନର ଦୈନ୍ୟ

କବି ଜୀବନର ଦୈନ୍ୟତାକୁ ସ୍ୱୀକାର କରିଛନ୍ତି- ‘କବି ପାଇଁ ଏ ବିଶ୍ୱରେ ଦୈନ୍ୟର କି ସୃଷ୍ଟି ସତେ !’ ଏହି କଥାକୁ ‘ତପସ୍ୱିନୀ’ କାବ୍ୟରେ କବି ଗଙ୍ଗାଧର ମେହେର ନିଜ ଜୀବନଧାରା ସହିତ ସଂଶ୍ଳିଷ୍ଟ କରି କହିଥିଲେ-‘ଦରିଦ୍ରତା ପଙ୍କପୂର୍ଣ୍ଣ ମୋ ଜୀବନ-ସର/ ଜାଳ-ଜଳଦ ଜଳେ ଆବିଳ ଉଦର ।’ କବି ଏହି ବାସ୍ତବତାକୁ ସ୍ୱାଧୀନତାର ସନ୍ଧିକ୍ଷଣ ସମୟ ଖଣ୍ଡରେ ବି ସ୍ୱୀକାର କରିଛନ୍ତି । କଥାରେ ଅଛି ଲକ୍ଷ୍ମୀ ସରସ୍ୱତୀ ଏକତ୍ର ବସବାସ କଦାପି କରନ୍ତି ନାହିଁ । ଏଭଳି ସତ୍ୟତାକୁ କବିଦ୍ୱୟ ଅସ୍ୱୀକାର କରିପାରିନାହାନ୍ତି- ‘ଧନ ତ କ୍ଷଣିକ ଭବେ, କ୍ଷଣ ପାଇଁ ତା’ର ସ୍ଥିତି / କବି-ଜୀବନର ମୃତ୍ୟୁ ନୁହେଁ ଶେଷ ପରିଣତି ।’ (ପୃ-୨୪) କବି ଦୃଢୋକ୍ତି ସହକାରେ ପ୍ରକାଶ କରିଛନ୍ତି- ‘କବିପ୍ରାଣ ଯିବ ପଛେ ଭୋଗି ଶତ ଅନାହାର / ତା’ ପ୍ରତିଭା ହରିବାକୁ ନାହିଁ ଶକ୍ତି ଦାରିଦ୍ର୍ୟର ।’ (ପୃ ୨୦) ଏହା ହିଁ ବାସ୍ତବବାଦ । ଏଠାରେ କୌଣସି କପୋଳକଳ୍ପିତ ଛଳନାକୁ କବିଚେତନା ସ୍ୱୀକାର କରିନାହିଁ ।

ଓଡିଆ ସାହିତ୍ୟରେ କବି ବିଦ୍ୟୁତ୍‌ପ୍ରଭାଙ୍କ ସମୟ ସବୁଜ ଯୁଗର ସ୍ୱର । ଆବେଗପ୍ରବଣ ଭରା କବିର ସ୍ୱର, ସ୍ୱପ୍ନରାଇଜ, କାଳ୍ପନିକତାର ଅଫୁରଣ ଉଚ୍ଛ୍ୱାସ କବିଦ୍ୱୟଙ୍କ ରଚନାରେ କାଳ୍ପନିକତା ନୁହେଁ ବରଂ ବାସ୍ତବତାର ଛନ୍ଦ ଭିତରେ ଆବେଗଭରା ସ୍ୱର । ଏ ସ୍ୱର ବିଳାସବୋଧ ନୁହେଁ, ନାରୀର ଭାବ-ଆତ୍ମ-ଚିତ୍ତର ସ୍ରୋତଟିଏ । ଏଥିରେ ସେମାନଙ୍କର ମାଟିପ୍ରୀତି ଭାବବୋଧ ଜାତୀୟତାଭାବେ ଅଙ୍କୁରିତ ହେବାବେଳେ ନାରୀକୁ ନେଇ ସାମାଜିକ କୁସଂସ୍କାରମୂଳକ ପ୍ରଥାକୁ ବିରୋଧ ବି କରାଯାଇଛି । ଏ ସ୍ୱରରେ ବାସ୍ତବତା ଯେତିକି ଆବେଗ ମଧ୍ୟ ସେତିକି ଅଛି ବୋଲି କୁହାଯାଇପାରେ ।

□□

ଲେଖିକାଙ୍କ ଇ-ମେଲ ଠିକଣା:
sanghamitraoriya@gmail.com



କବିତା

# ପ୍ରେମିକାର ସହର

ପ୍ରିୟଙ୍କା ପ୍ରିୟଦର୍ଶିନୀ ଦାସ

ଆଶା ସବୁ ସିଝୁଥିଲେ
ପଇଁଚାଳିଶ୍ ଡିଗ୍ରୀ ଖରାରେ,
ଅତୀତ ର ସ୍ମୃତିକୁ
ବର୍ତ୍ତମାନର ହ୍ୟାଙ୍ଗର୍‌ରେ
ଟଙ୍ଗେଇ ସାରି,
ପ୍ରେମିକାର ସହର ଏବେ ବେଶ୍ ଚର୍ଚ୍ଚାରେ।

ପ୍ରେମିକାର ସହରେ ଗୋଟେ ଭିନ୍ନ ପରିପାଟୀ,
ଦରିଆ ପାରିର ଆକାଶକୁ ଛୁଇଁ
ମୁଣ୍ଡ ଟେକିଛି
ମାଳ ମାଳ ଶାଗୁଆନ ବଣ,
ମଳା ନଈର ମରୀଚିକାରେ
ବିଭୋର ସେଠିକାର ଲୁଣ୍ଠିତ ଉପବନ।

ପ୍ରେମିକା ଯେବେ ଆସେ
ତା' ସହରଟା ଖାଲି
ପ୍ରେମ ପ୍ରେମ ବାସେ,
ପବନର ପାନିଆରେ
ବେଣୀ ବାନ୍ଧେ ଫର୍ଚ୍ଚା ଅନ୍ଧାର,
ଶିହରିତ ହୁଏ
ନିଦୁଆ ସଂଜଟା,
ରାତି ଟା ଘୁମେଇ ବସେ।



ପ୍ରେମିକାର ସହରେ
ଫୁଟେ ନାହିଁ
ଗାଁ ଭଳି କଇଁ ଫୁଲ,
ଦୂର ଦୂର ଯାଏଁ
ଆଦୌ ଦିଶେନାହିଁ କାଶତଣ୍ଡିର ବହର;
ତଥାପି ଉଚ୍ଚାଟ ପ୍ରେମିକର ମନ
ଦେଖିବାକୁ ପ୍ରେମିକାର ସହର।

ପ୍ରେମିକା ସହରର ଗଳି କନ୍ଦି ମାନେ
ପ୍ରେମ ଯାଚୁଥାନ୍ତି, ନୀରବରେ
ସନ୍ତର୍ପଣରେ
ପୁଣି ପ୍ରେମିକାର ଆଢୁଆଳେ,
ଖୋଜା ଯାଏ ଆକାଶର ଜହ୍ନ
ହୋଇଥାଉ ସେ ସାତ ସପନ।

ପ୍ରେମିକାର ସହରକୁ ନେଇ
ଲେଖାଯାଏ କେତେ ପ୍ରେମ କବିତା,
ଘଟି ନ ଥିବା ଯେତେ ଫାଜିଲ୍ କଥା;

ପ୍ରେମିକାଟେ ଇତିହାସ
ପାଲଟିଲା ପରେ
ପ୍ରେମିକାର ସହରେ
ଖେଳିଯାଏ ଯାହା
ମୂକ ନୀରବତା।

□□

କବୟିତ୍ରୀଙ୍କ ଇ-ମେଲ ଠିକଣା:
priyankapdas9@gmail.com

ଗଳ୍ପ

# ଜୀବନ ସନ୍ଦେଶ



ଅଧ୍ୟାପକ ବିଶ୍ୱରଞ୍ଜନ

ଡ୍ରଇଁରୁମ୍‌ରେ ବସି ସକାଳର ଖବର କାଗଜ ଉପରେ ଦୃଷ୍ଟି ପହଁରେଇ ଆଣୁଥିଲେ ଅବିନାଶ।

ଏତିକିବେଳେ ଭିନ୍ନ ଏକ ଦୃଶ୍ୟପ୍ରତି ତାଙ୍କର ଦୃଷ୍ଟି ଆକର୍ଷଣ କଲେ ପତ୍ନୀ ଅନୁରାଧା।

ବାହାରେ ଥାଇ ଡାକ ପକେଇଲେ- ଦେଖିବ ଆସ। ଆମ ଘର ପାଚେରୀ ଉପରେ ଏ ଦୁଇଟି କାଉଙ୍କୁ ମୁଁ ବେଶ କିଛିଦିନ ହେଲା ଲକ୍ଷ୍ୟ କରି ଆସୁଛି। ଅନେକ ସମୟ ସେମାନେ ଏକାଠି ବସି ଆଳାପ କରୁଥାନ୍ତି ଥଣ୍ଟରେ ଥଣ୍ଟ ଘଷି।

ଖବରକାଗଜ ଉପରେ ପୂର୍ବଭଳି ଦୃଷ୍ଟିମଗ୍ନ ରହି ଅବିନାଶ କହିଲେ- ହୁଁ, ଏଥିରେ ନୂଆ କ'ଣ ଅଛି ?

- ତମେ ଆଗ ଆସନା। ଦେଖିଯାଅ- ଅନୁରାଧା ଜୋର୍ କଲେ।



ଅଗତ୍ୟା ଅବିନାଶ ଡ୍ରଇଁରୁମରୁ ବାହାରି ଦାଣ୍ଡପିଣ୍ଡାକୁ ଆସିଲେ। ଘର ପାଚେରୀ ଉପରେ ଫୁଟନ୍ତା ଟଗର ଗଛର ଉହାଡ଼ରେ ଦୁଇଟି କାକପକ୍ଷୀ ଏକାଠି ବସି ପରସ୍ପର ଭିତରେ କ'ଣ ଟୁପୁରୁ ଟାପୁରୁ ହେଉଛନ୍ତି। ଭଲ ଲାଗିଲା ତାଙ୍କୁ ଏ ଦୃଶ୍ୟ।

ଏବେ ଯେତେବେଳେ କାଉ କୋଇଲିଙ୍କୁ ଦେଖିବା ସ୍ୱପ୍ନ ହୋଇଗଲାଣି, ସେତେବେଳେ ତାଙ୍କ ଘର ବାହାରେ ବେଶ୍ କିଛି ଗଛପତ୍ରର ଗହଳ ଥିବାରୁ ଅନ୍ତତଃ କାଉମାନଙ୍କ କା- କା- ରାବ ଶୁଣିବାକୁ ମିଳେ। ଅନୁରାଧା ପ୍ରତିଦିନ ଠାକୁର ପୂଜା ଲାଗି ଫୁଲ ତୋଳିଲାବେଳେ ଏ ଦୃଶ୍ୟ ଉପଭୋଗ କରନ୍ତି।

ଅବିନାଶ ସେଦିନ ଏହି କାକପକ୍ଷୀ ପ୍ରେମୀଯୁଗଳଙ୍କୁ ଏକାଠି ବସିଥିବାର ଦେଖି ଫେରି ଆସିଲେ ନିଜର ଖବରକାଗଜର ଦୁନିଆ ଭିତରକୁ।

ତା' ପରଦିନ ସକାଳେ ଅନୁରାଧା ପୁଣି ଡାକ ପକେଇଲେ- ହେଇ, ଦେଖିବ ଆସ।

କ'ଣ ? ଅବିନାଶଙ୍କର ଏକପ୍ରକାର ବିରକ୍ତିମିଶା ସ୍ୱର।

ତମେ ଆଗ ଆସ। ଦେଖ - ଆଜି କେମିତି ସେ ଦୁଇଜଣ ଅଲଗା ଅଲଗା ପରସ୍ପରର ବିପରୀତ ଦିଗକୁ ମୁହଁ କରି ବସିଛନ୍ତି। କଥାବାର୍ତ୍ତାର ସାମାନ୍ୟ ଆଭାସ ନାହିଁ। ସେମାନେ ପରସ୍ପରକୁ ମୁହଁ ମୋଡ଼ି ଦେଇଛନ୍ତି।

ଅବିନାଶ ବି ଏ ଦୃଶ୍ୟ ଦେଖିଲେ। କିଛି ମନ୍ତବ୍ୟ ଦେଲେ ନାହିଁ।

ଏଥର ସକାଳର ଦ୍ୱିତୀୟ ଚ'କପ୍- ଅବିନାଶ ମାଗିବା ପୂର୍ବରୁ ନିଜେ ଅନୁରାଧା ଆଗ୍ରହରେ ଆଣି ଅବିନାଶଙ୍କ ହାତକୁ ବଢ଼େଇ ଦେଲେ ଏବଂ ପାଖରେ ବସି କଥା ଆରମ୍ଭ କଲେ। ହୁଏତ କହିବେ କହିବେ ହୋଇ କହି ପାରୁ ନଥିଲେ ଆଜିଯାଏଁ।

ଖୁବ୍ ଧୀର ସ୍ୱରରେ କହିଲେ- ଜାଣିଛ ନା, ଆମ ପଡ଼ୋଶୀ ମହାନ୍ତିବାବୁଙ୍କ ଘର କଥା। ତାଙ୍କର ପୁଅବୋହୂଙ୍କ ଭିତରେ ବୋଧେ ଆଉ ପଡୁନାହିଁ। ବାହାଘର ତ ପାଞ୍ଚବର୍ଷ ହେଲାଣି। ପିଲାଛୁଆ ନାହିଁ। ତା'ଛଡ଼ା ସେମାନଙ୍କ ମଧ୍ୟରେ ଭଲ ବୁଝାମଣା ଆଉ ନାହିଁ।

– 'ତମେ କେମିତି ଜାଣିଲ ?' – ଖବରକାଗଜ ଉପରୁ ଦୃଷ୍ଟି ଫେରେଇ ଅବିନାଶ ପଚାରିଲେ ଅନୁରାଧାଙ୍କୁ।

ରାଜଧାନୀରେ ଏବର ଆପାର୍ଟମେଣ୍ଟ ସଂସ୍କୃତି ଭିତରେ ଗୋଟିଏ ଘର କଥା କାନ୍ଥଭେଦ କରି ଆର ଘରକୁ ଯାଇପାରେ ନାହିଁ। ହେଲେ ପୁରୁଣା ସାହିପଡ଼ିଶାର ଚଳଣି ଭିତରେ ନିଜ ଘର ଅପେକ୍ଷା ପଡ଼ିଶା ଘରର କଥା ବେଶୀ ଚର୍ଚ୍ଚାକୁ ଆସେ।

ସେମିତି ମହାନ୍ତିବାବୁଙ୍କ ପୁଅବୋହୂ ସମାଚାର ଅନୁରାଧାଙ୍କୁ ବ୍ୟତିବ୍ୟସ୍ତ କରୁଥିଲା। କାରଣ ଏ ପରିବାର ସହିତ ଅବିନାଶଙ୍କ ପରିବାରର ଘନିଷ୍ଠ ସଂପର୍କ ଥିଲା। ତାଙ୍କ ପୁଅବୋହୂଙ୍କୁ ଦେଖିଲେ ଭଲ ଲାଗେ। ଭାଇଭଉଣୀ ଭଳି ଦିଶନ୍ତି। ଚେହେରା ଓ ଚଳଣିରେ ବେଶ୍ ସାମଞ୍ଜସ୍ୟ ଥିଲା। ଉଭୟ କର୍ମଜୀବି। ଭିନ୍ନ ଭିନ୍ନ କାର୍ଯ୍ୟାଳୟରେ କାମ କରୁଥିଲେ ହେଁ ଏକାଠି ଯାଆନ୍ତି, ଏକାଠି ଆସନ୍ତି।

ମାତ୍ର ଅନୁରାଧା ଲକ୍ଷ୍ୟ କରୁଛନ୍ତି, ଆଉ ସେମାନଙ୍କର ଏକାଠି ଯିବା ଆସିବା ନାହିଁ। ପୁଣି ଥରେ ଥରେ ମାସେ- ପନ୍ଦରଦିନ ତାଙ୍କ ବୋହୂ ବାପଘରେ ରହିଯାଉଛି।

ଅବିନାଶ ତାଙ୍କର ସ୍ୱଭାବ ସୁଲଭ ବକ୍ତୃତା ଦେବା ଭଙ୍ଗୀରେ କହିଲେ- ପାରସ୍ପରିକ ବୁଝାମଣା ଉପରେ ବିବାହ ବନ୍ଧନ ପ୍ରତିଷ୍ଠିତ। ବୁଝାମଣାରେ ସାମାନ୍ୟ ଫାଙ୍କ ଦେଖାହେଲେ ବନ୍ଧନ ଶିଥିଳ ହୋଇଯାଏ। ମାତ୍ର ସମୟେ ସମୟେ ବୁଝାମଣାରେ ଅଭାବ ଦେଖାଦେବା ଏକ ସ୍ୱାଭାବିକ କଥା। ତା'ଛଡ଼ା ଦାମ୍ପତ୍ୟ କଳହରେ ଏକ ପ୍ରକାର ମଧୁରତା ଅଛି, ଯାହା ହୁଗୁଳି ଯାଇଥିବା ବନ୍ଧନକୁ ଦୃଢ଼ କରିଥାଏ।

ଅବିନାଶଙ୍କର ବକ୍ତବ୍ୟ ପରେ ଏଥର ଆହୁରି ଚାପାଗଳାରେ ଅନୁରାଧା କହିଲେ- ମୁଁ କିନ୍ତୁ ଶୁଣୁଛି, ମହାନ୍ତିବାବୁଙ୍କ ପୁଅ ଏବେ ତାଙ୍କ ଅଫିସ୍‌ରେ ନୂଆ କରି ଯୋଗ ଦେଇଥିବା କୌଣସି ତରୁଣୀ ସହକର୍ମୀର ପ୍ରେମରେ ପଡ଼ିଛି। ସେଇଥିପାଇଁ ଖୁବ୍ ଡେରିରେ ଘରକୁ ଫେରୁଛି ଏବଂ ରାତି ଅଧରେ ଫୋନରେ ଦୀର୍ଘ ସମୟ କାହା ସହିତ ଗପୁଛି।

ଅବିନାଶ ଏଥର ମୁହଁ ଖୋଲିଲେ- ଏସବୁ ଶୁଣା କଥାରେ ତମେ କାହିଁକି କାନ ଦେଉଛ ? ଜୀବନ- ପଥରେ ଯାତ୍ରା କଲାବେଳେ ବେଳେବେଳେ ଖରା, ବର୍ଷା, ବାତ୍ୟା ବତାସ ଆସେ। ଟାଣ ଖରାରୁ ରକ୍ଷା ପାଇବା ପାଇଁ ବାଟୋଇଟିଏ ଗଛ ଛାଇରେ ଆଶ୍ରୟ ନେଇଯାଏ। ମାତ୍ର ଗଛର ଛାଇକୁ ତ ଆଉ ସବୁଦିନ ନିଜର କରି ହୁଏନା। ଯାତ୍ରା ଶେଷରେ ନିଜ ଘରର ଛାତ ତଳକୁ ଫେରିବାକୁ ହୁଏ। ବର୍ଷାରେ ମୁଣ୍ଡ ଉପରକୁ ଛତାଟିଏ ଲୋଡ଼ାହୁଏ। ମାତ୍ର ଥରେ ଘରେ ପହଞ୍ଚିଗଲେ ଛତାର ଆଉ କିଛି କାମ ନଥାଏ।

ଘର- ସଂସାର ସେଇଭଳି କଥା। ଘର ଭିତରେ ଥାଇବି ଖରା ଆସିପାରେ। ବର୍ଷା ହୋଇପାରେ। ସେଥିପାଇଁ ଗଛର ଛାଇ ବା ଛତାଟିଏ ଲୋଡ଼ା ହୋଇପାରେ। ଏଥିରେ ଅସ୍ୱାଭାବିକତା କିଛି ନାହିଁ।

**ଟାଣ ଖରାରୁ ରକ୍ଷା ପାଇବା ପାଇଁ ବାଟୋଇଟିଏ ଗଛ ଛାଇରେ ଆଶ୍ରୟ ନେଇଯାଏ। ମାତ୍ର ଗଛର ଛାଇକୁ ତ ଆଉ ସବୁଦିନ ନିଜର କରି ହୁଏନା।**

' ସେତିକି ଥାଉ। ତମେ ବେଶ୍ ବକ୍ତୃତା ଦେବାକୁ ଆରମ୍ଭ କଲଣି।' – କହି ଅନୁରାଧା ଉଠିଗଲେ।

ଅବିନାଶ ତାଙ୍କୁ ଅଟକାଇ ଦେଇ କହିଲେ- ତମେ ଏତେ ବ୍ୟସ୍ତ ହୁଅ ନାହିଁ। ମହାନ୍ତିବାବୁଙ୍କୁ ମୁଁ ଯେତିକି ବୁଝିଛି, ଯେତିକି ଜାଣିଛି, ସେ ତାଙ୍କ ପୁଅବୋହୂଙ୍କୁ ଠିକ୍ ସମ୍ଭାଳିନେବେ।

ଅନୁରାଧା ଏଥର ଫୁଲ ତୋଳିବାକୁ ବାହାରକୁ ଗଲେ। କିଛିସମୟ ପରେ ପୁଣି ହର୍ଷୋତ୍‌ଫୁଲିତ ସ୍ୱରରେ ଡାକ ପକେଇଲେ- ଆସ, ଦେଖିବ ଆସ। ପରସ୍ପରକୁ ମୁହଁ ମୋଡ଼ି ଦେଇଥିବା କାଉ ଦୁଇଟି ପୁଣି ପରସ୍ପର ସହିତ ଆଳାପରେ କିପରି ମଜ୍ଜି ଯାଇଛନ୍ତି।

ଅବିନାଶ ନୀରବରେ ଠିଆ ହୋଇ ଏ ଦୃଶ୍ୟକୁ ଉପଭୋଗ କରୁଥିଲେ।

ଏଥର ଫୁଲରେ ଫୁଲରେ ଲୋଟି ପଡୁଥିବା ଟଗର ଗଛରୁ କିଛି ଫୁଲ ତୋଳିବା ପାଇଁ ଅନୁରାଧା ହାତ ବଢ଼େଇଲେ।

□□

ଲେଖକଙ୍କ ଇ-ମେଲ ଠିକଣା:
prof.biswaranjan@gmail.com

ପ୍ରବନ୍ଧ

# 'ନିରପେକ୍ଷ' ଶବ୍ଦର ଏକ ବିଶ୍ଳେଷଣ



ଡ. ଗୋପାଳକୃଷ୍ଣ ଆଚାର୍ଯ୍ୟ

ଆମ ଭାରତବର୍ଷ ଏକ ଧର୍ମନିରପେକ୍ଷ ଓ ଗଣତାନ୍ତ୍ରିକ ରାଷ୍ଟ୍ର। ନିରପେକ୍ଷ ଶବ୍ଦର ଭିନ୍ନାର୍ଥ ହେଉଛି ବିପକ୍ଷ। ଏଣୁ, କେତେକ ଏହାର କଦର୍ଥ ମଧ କରନ୍ତି। ପୂର୍ଣ୍ଣଚନ୍ଦ୍ର ଭାଷାକୋଷରେ 'ନିରପକ୍ଷ' ଓ 'ନିରପେକ୍ଷ' ଉଭୟ ଶବ୍ଦ ରହିଛି। ଯଥା :

***ନିରପକ୍ଷ*** – Nirapaksha (ସାହାପକ୍ଷ – ବିପରୀତ) ଗ୍ରା. ବିଣ – (ସଂ. ନିରପେକ୍ଷ) – 1। ନିର୍ଦ୍ଦୟ; ନିଷ୍ଠୁର – 1. Unkind; cruel; hard-hearted. ସିଂହଦ୍ୱାରେ ପ୍ରବେଶିଲା ନିରପେକ୍ଷ ରାତି – ସାରଳା ମହାଭାରତ, ସଭା। 2। କଠିନ – 2. Hard. 3। ଅପକ୍ଷପାତୀ – 3. Impartial; righteous. 4.। ବିପକ୍ଷ; ପ୍ରତିକୂଳ – 4. Opposing, unfavourable. (ପୃ. ୪୩୫୭)




***ନିରପେକ୍ଷ*** Nirapeksha (ନିରପେକ୍ଷା – ସ୍ତ୍ରୀ) [ନିରପେକ୍ଷତା (ଦ୍ୱ) – ବି] ସଂ. ବିଣ. (ବହୁବ୍ରୀହି; ନିର୍ = ନାହିଁ + ଅପେକ୍ଷା) – 1। ଅନପେକ୍ଷ; ଅପେକ୍ଷାରହିତ – 1. Not expecting anything from any one, regardless. 2। ତଟସ୍ଥ; ଉଦାସୀନ – 2. Indifferent. 3 । ଅନବହିତ – 3. Inattentive. 4। ସ୍ୱାଧୀନ; ସ୍ୱତନ୍ତ୍ର – 4. Independent of; unconnected with; unencumbered by. 5। ଅପକ୍ଷପାତ – 5. Impartial; upright. 6। ସଂସାର ବନ୍ଧନ ପ୍ରତି ବିରାଗଯୁକ୍ତ – Indifferent to wordly attachments or pursuits. (Apte). 7। ଅସ୍ୱାର୍ଥପର – 7. Disinterested (Apte).8। ଯେ ଅନ୍ୟ କାହାଠାରୁ ପୁରସ୍କାର ପ୍ରତ୍ୟାଶା କରେ ନାହିଁ – 8. Not expecting any reward from another (Apte). 9। ଉଦ୍ଦେଶ୍ୟହୀନ – 9. Without purpose (Apte). (ପୃ: ୪୩୫୦)।

ଏଣୁ, ନିରପେକ୍ଷ ଶବ୍ଦ କହିଲେ ଆମକୁ ଆଖୁ କିଆରିରେ ପଶିବା ପରି ଲାଗିବ। ନିଷ୍ଠୁର ତ ନିରପକ୍ଷ। ପୁଣି ନିରପକ୍ଷ ସଂସ୍କୃତ ନିରପେକ୍ଷରୁ ଆସିଛି। ନିରପେକ୍ଷ ପୁଣି ଉଦାସୀନ। ଏ ଦୁଇଟା ବାଦ କଥା ଟିକିଏ ଭିନେ ଭିନେ ଲାଗୁନି କି ?

**ମୃତ୍ୟୁ ଓ ଭଗବାନ**

ଆଜି ଭାଇଙ୍କ ସହ କଥା ହେଉଥିଲି। ସେ ଦୁଇଟା କଥା କହିଲେ ଯାହା ବୋରାବୋରି ତାର୍କିକ ମନେ ହେଲା।

ଭାଇ କହିଲେ, ମୁଁ ଦୁଇଟିକୁ କହିବି,

(୧) ମୃତ୍ୟୁ, (୨) ଭଗବାନ

ମୋ କାନମୁଣ୍ଡାରେ ଝାଞ୍ଜି ବାଜିଗଲା। ସତେ ତ !

କୋଠାବାଡ଼ି ସୁଇସବ୍ୟାଙ୍କ୍, ଗହଣାଗାଣ୍ଠି, ଗୋରାତକତକ, ଚମ୍ପାଫୁଲିଆ, ଫୁଲେଇ ସବୁ ଯିବେ ଗାତକୁ। ସବୁ ନଶ୍ୱର। ମୃତ୍ୟୁ ଦେଖେନା ଅମୀର, ଫକୀର। ମୃତ୍ୟୁ ଜାଣେନା କଞ୍ଚା କି ପାଚିଲା।

ଭକ୍ତକବି ଭକ୍ତଚରଣ ମନକୁ ବୋଧ କରି ବ୍ୟଞ୍ଜନ ଚଉତିରିଶିରେ ଗାରେଇ ଥିଲେ ପରା :

ଚିତ୍ରପ୍ରତିମା ପ୍ରାୟ ଦିଶୁ ସୁନ୍ଦର
ଚିରି ଭିତର ଦେଖ କି ନାରଖାର।
ଛୁଇଁବେ ନାହିଁ ତୋତେ ବୋଲିବେ ମଡା
ଛ'ଖଣ୍ଡ କାଠ ହେବ ତୋ ପାଇଁ ଲୋଡ଼ା।

ବୁର୍ଜୁୟା ମରିବ। ପ୍ରୋଲେଟାରିୟାନ, ମରିବ। ଜଗତି ଉପରେ ବସି କଂସ ଅଟ୍ଟହାସ୍ୟ କରୁଥିଲା। ଦାନ୍ତରେ ତୃଣ ଧରି ପେଟେଇଥିଲେ ଦେବ, ମାନବ, ଯକ୍ଷ, କିନ୍ନର ସଚରାଚର।

ମଲା ନା ନାଇଁ? ଏଣୁ ଜନ୍ମ ସାହାପକ୍ଷ। ମୃତ୍ୟୁ ନିରପେକ୍ଷ ନିଷ୍ଠୁର। ଜନ୍ମ ପକ୍ଷପାତ। ମୃତ୍ୟୁ ଉଦାସୀନ, ନିରପେକ୍ଷ।

ମୃତ୍ୟୁ ତାହେଲେ ନିଶ୍ଚୟ ନିରପେକ୍ଷ, ଏକଥା ଫାଙ୍କିବାକୁ ଆଉ ବାଟ ନାହିଁ। ଭାଇ ଯେଉଁ ଦ୍ୱିତୀୟ କଥାଟି କହିଲେ ମୋ ଖୋଜାଖୋଜି ସେଇଠି ଅଟକିଛି। ସେ କହିଲେ, ଭଗବାନ। 'ଭଗ' ଶବ୍ଦର ଅର୍ଥ ଐଶ୍ୱର୍ଯ୍ୟ, 'ବାନ' ଶବ୍ଦର ଅର୍ଥ ଅଧିକାରୀ। ଐଶ୍ୱର୍ଯ୍ୟ ଶବ୍ଦ ହେଉଛି ଈଶ୍ୱରଙ୍କ ସମ୍ବନ୍ଧୀୟ, ଯାହାକୁ ମହିମା ବା ପ୍ରଭୁତ୍ୱ ବୋଲି କହିପାରିବା। ଆମେ ଯେଉଁ ବିଷୟବାସନାକୁ ଆଖି ଆଗରେ ରଖି ଷଡୈଶ୍ୱର୍ଯ୍ୟ ବୋଲି କହୁ ତାହା ପ୍ରକୃତରେ ଅଷ୍ଟୈଶ୍ୱର୍ଯ୍ୟ ବା ଅଷ୍ଟନିଧି। ନିଧି ସବୁ ତାହେଲେ କଅଣ? ଆମେ ଅବଶ୍ୟ ନବନିଧି ବୋଲି ଶବ୍ଦଟିଏ ଆଗରୁ ଶୁଣିଛେ। ସେଗୁଡ଼ିକ ହେଲା ପଦ୍ମ, ମହାପଦ୍ମ, ଶଙ୍ଖ, ମକର, ମୁକୁନ୍ଦ, ମୁରୁକୁନ୍ଦ, କୁନ୍ଦ, ନୀଳ ଓ ଖର୍ବ। କୁବେରଙ୍କ ନିକଟରେ ଥିବା ୯ ପ୍ରକାର ରତ୍ନ (ଯଥା - ମୋତି ବା ମୁକ୍ତା, ମାଣିକ, ବୈଦୁର୍ଯ୍ୟ, ଗୋମଦ, ବଜ୍ର ବା ହୀରକ, ବିଦ୍ରୁମ ବା ପ୍ରବାଳ; ପଦ୍ମରାଗ, ମରକତ ଓ ନୀଳକାନ୍ତ) କିନ୍ତୁ ଅଷ୍ଟୈଶ୍ୱର୍ଯ୍ୟ ବା ଅଷ୍ଟନିଧି କହିଲେ ଆମେ: ଅଣିମା, ମହିମା, ଲଘିମା, ଗରିମା, ପ୍ରାପ୍ତି, ପ୍ରାକାମ୍ୟ, ଈଶିତ୍ୱ ଓ ବଶିତ୍ୱକୁ ବୁଝିଥାଉ। ଏହାକୁ ଅନେକ ନିଧି ନ କହି ସିଦ୍ଧି ବୋଲି କହିଥାନ୍ତି। ଏ ଐଶ୍ୱର୍ଯ୍ୟ ବା ସିଦ୍ଧିର ଅର୍ଥ ହେଲା ଜ୍ଞାନ, ସଫଳତା, ସମ୍ପାଦନ ଓ ଯୋଗ୍ୟତା। ଏହି ସିଦ୍ଧି ଜପସିଦ୍ଧି, ତପସିଦ୍ଧି ଓ ମନ୍ତ୍ରସିଦ୍ଧି ଭାବରେ ପ୍ରାପ୍ତ ହୋଇଥାଏ ବୋଲି କହିବା ବେଳେ ପାତଞ୍ଜଳି ଯୋଗସୂତ୍ର ଏହାକୁ ଜନ୍ମ, ଔଷଧି, ମନ୍ତ୍ର, ତପ ଓ ସମାଧି ସିଦ୍ଧି ଭାବରେ ପଞ୍ଚଧା ମାର୍ଗରେ ପ୍ରାପ୍ତ ହୁଏ ବୋଲି ପରିପ୍ରକାଶ କରିଛନ୍ତି। ଅବଶ୍ୟ ଆମ ଶାସ୍ତ୍ର କେତେକ ସ୍ଥାନରେ ଏହି ସିଦ୍ଧିକୁ ଅଷ୍ଟାଦଶ ସିଦ୍ଧି ଭାବରେ ପରିପ୍ରକାଶ କରିଥାନ୍ତି।

**ମୃତ୍ୟୁ ନିରପେକ୍ଷ ନିଷ୍ଠୁର। ଜନ୍ମ ପକ୍ଷପାତ। ମୃତ୍ୟୁ ଉଦାସୀନ, ନିରପେକ୍ଷ।ଏହା ଫାଙ୍କିବାକୁ ବାଟ ନାହିଁ।**

### ହୋମିଓପ୍ୟାଥିକ ଦର୍ଶନ

ଅଣିମା କହିଲେ ଅଣୁବତ ବା ଅଣୁଭଳି ହୋଇଯିବା। କ୍ଷୁଦ୍ରାତିକ୍ଷୁଦ୍ର ହେବାରେ ଶକ୍ତି ପରିବର୍ଦ୍ଧିତ ହୁଏ। ଆମେ ଆମ ହୋମିଓପ୍ୟାଥିକ ଶାସ୍ତ୍ରର ଯେଉଁ ଦର୍ଶନ ବା ଅର୍ଗାନନ୍ ଅଫ୍ ମେଡିସିନ୍ ପଢ଼ିଥାଉ, ତହିଁରେ ଯେତେ କ୍ଷୁଦ୍ର, ସେତେ ବଳିଷ୍ଠ ବୋଲି ପ୍ରତିପାଦିତ ହୋଇଛି। ଏହାର ଜନକ ଖ୍ରିଷ୍ଟିୟାନ୍ ଫ୍ରେଡରିକ ସାମୁଏଲ୍ ହାନିମନ୍ ଏହି ସିଦ୍ଧିବୋଧ ହୁଏ ପ୍ରାଚ୍ୟ ଦର୍ଶନରେ ଅଭିଭୂତ ହୋଇ ଗ୍ରହଣ କରିଥିବେ। ଏଇଥିପାଇଁ ଆମ ଶାସ୍ତ୍ରରେ ଭଗବାନଙ୍କୁ ଅଙ୍ଗୁଷ୍ଠ ମାତ୍ର ପୁରୁଷ ବୋଲି କୁହାଯାଇଛି। ଆଣବିକ, ପାରମାଣବିକ ତତ୍ତ୍ୱ ଏହି ସିଦ୍ଧିର ପ୍ରଥମ ସୋପାନର। ଏଣୁ, ଛୋଟପିଲାଟିଏ ଛନ୍ଦ, କପଟ ଜାଣିବ କେମିତି ? ସେ ତ ନିରପେକ୍ଷ ରହିବା ଥୟ ! ଦ୍ୱିତୀୟ ଫଳଶ୍ରୁତିଟି ହେଉଛି ମହିମା। ସେ ହିଁ ମହିମ୍ନ ଯେ ମହକିତ ହୁଏ। ମହାଦେବଙ୍କର ଏକ ବିଭୂତିର ନାମ ମହିମା। ମହିମାଧର୍ମର ପ୍ରଇଚ୍ଛା ମହିମାସ୍ୱାମୀ ତାଙ୍କ ଅନୁଗାମୀଙ୍କୁ ନିର୍ବିକାର, ନିରାଧାର ହୋଇଯିବାକୁ ପ୍ରବର୍ତ୍ତାଇଥିଲେ। ଏଇଥିପାଇଁ ଅତିବଡ଼ି ଚବିଶି ଗୁରୁ ପ୍ରସଙ୍ଗରେ ମୂଳ ସଂସ୍କୃତରେ ବର୍ଣ୍ଣିତ ବ୍ରାହ୍ମଣ ଚରିତ୍ରର ବିକଳ୍ପରେ ଅବଧୂତ ଚରିତ୍ରକୁ ଆଣିଛନ୍ତି। ନାଥଧର୍ମର ଜାଳନ୍ଧରି ପାଦ (ହାଡ଼ିପା) ଗୁହାଳ ପୋଛୁଥିଲେ ରାଜା ରିପୁଚନ୍ଦ୍ରଙ୍କର। ତାଙ୍କୁ ଗୁରୁ ବୋଲି ଅନୁଭବ କରି ପୁତ୍ର ଗୋବିନ୍ଦକୁ ତାଙ୍କ ଶିଷ୍ୟତ୍ୱ ଗ୍ରହଣ କରି ଗୃହତ୍ୟାଗ କରିବାକୁ ଉପଦେଶ ଦେଇଥିଲେ ରାଜମାତା ମୁକୁତା ଦେଇ। ଏଣୁ, ମହିମାରେ ସ୍ଥୂଳତ୍ୱ ନ ଥାଏ, ଥାଏ ବିଭୂତି। ବିଭୂତି ବା ବିଭୂତିକୁ ଯିଏ ଭୂଷଣ କରିଥାଏ ସେ ତ ସର୍ବଦା ନିରପେକ୍ଷ। ପିଲାଦିନେ ପ୍ରାର୍ଥନାଟିଏ ଶିଖେଇଥିଲା ବଡ଼ଭଉଣୀ। ପୂରା ଗୀତ ଭୁଲିଗଲେଣି। ପଦେ ଦୁଇପଦ କିନ୍ତୁ ଜମା ଲିଭେଇ ପାରୁନି ମଗଜ:

ବିପଦେ ନ ହୋଇ ଅଧୀର ସମ୍ପଦରେ ବିଭୋର
ସତ ଲାଗି ଛାତି ପାତେ ମୁଁ କଟୁ ପଛେ ମୋ ଶିର।
ଟଙ୍କା ସୁନା ପଉରୁଷକୁ ମନ ନବଳୁ ତିଳେ
ନତ କରେ ସଦା ମଥା ମୋ ତବ ଚରଣ ତଳେ।

ତୃତୀୟ ସିଦ୍ଧି ବା ଐଶ୍ୱର୍ଯ୍ୟଟି ହେଲା 'ଲଘିମା'। ଛୋଟପଣ। କେତେ ଛୋଟିଆଟେ ସେ ସତରେ! ଛୋଟିଆଟେ ବୋଲି ଗାଇ ଚରେଇଲା। ଯଶୋଦାଙ୍କ ବେତ ଖାଇଲା। ଗୋପୀଙ୍କ ଆଗରେ କାନ ଧଇଲା। ପୁଣି ଛୋଟିଆଟେ ବୋଲି କେତେବେଳେ ମାଛ ତ କେତେବେଳେ କଇଁଛ, ଶୂକର ଆଦି ବନିଲା। ଛୋଟିଆଟେ ବୋଲି ତ ପାଞ୍ଚପଡା ପାଇଁ ଦୁର୍ଯ୍ୟୋଧନ ଆଗରେ ହାତ ପତେଇଲା। ଛୋଟିଆଟେ ବୋଲି ତ ଶ୍ରୀରାଧାଙ୍କୁ 'ଦେହି ପଦ ପଲ୍ଲବମୁଦାରଂ' ବୋଲି ନିଉଛାଳି ହେଲା।

ଗୋପୀଙ୍କୁ କାନ୍ଧରେ ବୋହିଲା। ଜରାସନ୍ଧଙ୍କୁ ଲୁଚି ଦ୍ୱାରକାରେ ରହିଲା। ସୁଦାମଠୁ ଖୁଦଭଜା ମାଗି ଖାଇଲା। ଶବର ହାତରେ ମଲା। ପୁଣି ଶବରୁଣୀଠୁଁ ଅଇଁଠା ଫଳ ଖାଇଲା। ଗଧ ପାଦ ଧଇଲା। ଶ୍ରୀବତ୍ସ ବ୍ରାହ୍ମଣର ଶକତ ଗୋଇଠା ଖାଇଲା। କାଳଯବନ ଭୟରେ ଆଗେ ଆଗେ ଧାଇଁଲା। ବଟୁବାମନ ବେଶ ଧରି ଭିକ ମାଗିଲା।

ତଥାପି ସେ ହସୁଥିଲା। କାହା ମନରେ ଦୁଃଖ ଦେଉ ନ ଥିଲା। ନିଜର ଗୁରୁତ୍ୱକୁ ସମ୍ପୂର୍ଣ୍ଣ କମାଇ ଦେଇ ଶୂନ୍ୟରେ ବିଲୀନ ହୋଇ ଯାଉଥିଲା।

ଏହି ନମନୀୟତା ଓ ଲଘୁତା ଜଣେ ନିରପେକ୍ଷ ମଣିଷଠାରେ ହିଁ ମିଳେ।

ଆସିବା ଚତୁର୍ଥ ସିଦ୍ଧି ପାଖକୁ : ଗରିମା।

ବହୁତ ବଡ଼। ବଡ଼ ଅଜବ କଥା। ଆପଣ କହିବେ ଏମିତି କ'ଣ ସମ୍ଭବ। ସେ ଅଣିମା, ଲଘିମା ପୁଣି ଗରିମା। ପରସ୍ପର ବିରୋଧାଭାସ ନୁହେଁ ତ ଆଉ କିସ ?

ନାଇଁରେ ଧନ ! ସେ କେତେବେଳେ ଅଂଗୁଷ୍ଠମାତ୍ର ପୁରୁଷ ହୋଇ ବଟପତ୍ରରେ କଅଁଳିଆ ଛୁଆ ହୋଇ ଭାସମାନ ତ କେତେବେଳେ ସହସ୍ରଶୀର୍ଷା ପୁରୁଷାଃ ସହସ୍ରାକ୍ଷ ସହସ୍ରପାତ୍। ସେ ଭୂମା। ସେ ସର୍ବତୋବ୍ୟାପୀ। ମନେ ପକେଇଲେ ! ଯେତେବେଳେ ଶରଦ୍ରାସ ହେଉଥିଲା ସେତେବେଳେ ରାସ ବାହାନାରେ କେତେ ଫୁଲେଇ ହେଲା ବୃନ୍ଦାଗୋପୀ। ତାକୁ କାଳେ କହ୍ନାଇ ବେଶି ସୁଖ ପାଉଥିଲେ। ଏଣୁ, ଦେଖ ତା ଛଇ। କହିଲା : ମୁଁ ଆଉ ତମ ସହ ଏ ବିପିନରେ ଚାଲି ପାରିବି ନାହିଁ। ମୋ ଗୋଡ଼ ବଥେଇଲାଣି। ପାଦରେ ଲାଜକୁଳୀ କଣ୍ଟା ସିଇଁ ହୋଇଗଲାଣି। ହେଇଟି ଧନ ! ତମେ ମୋତେ ଟିକେ କାନ୍ଧରେ ବସାନ୍ତନି !

### ଗୋପୀଜନ ବଲ୍ଲଭ

ହସିଲେ ହଟିଆନାଗର। କହିଲେ: ଇଏ ଗୋଟେ କଥା। ମା। ମୁଁ ପରା ଗୋପୀଜନବଲ୍ଲଭ। ତମକୁ ପୁଣି ମୁଁ ପ୍ରାଣଠୁ ଅଧିକ ମଣେ। ହେଇ ବସିଲି। ଚଢ଼ ମୋ ପିଠିରେ। ବସ। କାନ୍ଧରେ ବସ। ତମ ପିଚାକୁ ମୋତେ କାଟିବନି। ମୋ ପାଟପତନୀ ଉତ୍ତରୀୟ ଭାରି ମୁଲାୟମ। ଗଦି ଦେଖେରେ ପୂରା। ବସିକି ଦେଖ ତ ଥରେ।

ଫୁଲେଇ ବୃନ୍ଦା ବସିଲେ।

ଆହୁରି ଫୁଲେଇକି, ମୁହଁକୁ ବୁଲେଇକି, ନାକକୁ ହଲେଇକି କହିଲେ; ମୋଟୁରୁ ଏତିକି। ଆଉ ବଢ଼ୁନ।

ବଢ଼ିଲେ ଗୋପୀନାଥ।

ଆଉ ବଢ଼ୁନ।

ବଢ଼ିଲେ ହୃଷୀକେଶ।

ଆଉ .. ଆଉ ... ଆ....

ହସିଲେ ମାୟାଧର। ସେ ହସ ବନଭୂମି କମ୍ପାଇ ଦେଲା। ଗଗନ ଛୁଉଁଛି ଶିର। ହୋଇଗଲେ ବୋରାବୋରି ଅଶରୀର ଶୂନ। ନାମ ନିଅ।



ସକାଳକୁ ଗୋପୀଗଣ ବୃନ୍ଦାଙ୍କୁ ଖୋଜି ଖୋଜି ପାଇଲେ ଅଶ୍ରୁମୁଖୀ, କ୍ଷତାକ୍ତ, ଭଗ୍ନହନୁ। ମଜା ନିକିଲି ଗଲା।

ଆଉ କ'ଣ ଗରିମାର ଉଦାହରଣ ଲୋଡ଼ା। ଅର୍ଜୁନଙ୍କୁ ସେ ଦେଖାଇଥିଲେ ବିଶ୍ୱରୂପ। ମାତା ଯଶୋଦାଙ୍କୁ ନିଜ ଆଁ ଭିତରେ ଚଉଦବ୍ରହ୍ମାଣ୍ଡ ଦୁନିଆ। ବ୍ରହ୍ମାଙ୍କୁ ଦେଖାଇ ଥିଲେ ଶତସହସ୍ର ଗୋପାଳବାଳ, ଗୋକୁଳର କିମିଆଁ। ମାତ୍ର ବାମହାତ କାଣି ଆଙ୍ଗୁଠିରେ ଟେକି ଦେଲେ ସାତଦିନ ଗୋବର୍ଦ୍ଧନ ଗିରି। ବାମନ ହୋଇ ଲମ୍ବେଇ ରଖିଲେ ତିନିପାଦ। ଆଉ ଥାନ ନାହିଁ ବଳି ପାଇଁ। ପାତି ଦେଲେ ମଥା। ଯା ବାପ ସୁତଳରେ ଥା। ଏସବୁର ମୂଳରେ ପକ୍ଷପାତିତା ନ ଥିଲା, ଥିଲା ନିରପେକ୍ଷତା।

ପଞ୍ଚମ ସିଦ୍ଧିଟି ହେଉଛି 'ବ୍ୟାପ୍ତି'। ବ୍ୟାପ୍ତି ହିଁ ପ୍ରାପ୍ତି। ଏଣୁ, କେତେକ ଏହାକୁ ବ୍ୟାପ୍ତି ବଦଳରେ କହନ୍ତି ପ୍ରାପ୍ତି। ବ୍ୟାପକତା ହିଁ ପ୍ରାପକତା। ଭୂମାରେ ସୁଖ ଥାଏ। ଅଳପରେ ଜମା ସୁଖ ନ ଥାଏ। ଆମ ଗାଁ'ରେ ଥିଲେ ଜଣେ ଧର୍ମପରାୟଣ ବିଶ୍ୱକର୍ମା। ବଢ଼େଇ। ନାମ ରାମ ମହାରଣା। ଅଭାବୀ ସଂସାର। ମାଈଛୁଆ ସାତଟି। ପୁଅପାତି ନାଇଁ। ଚାଳରୁ ଚନ୍ଦର ସୁରୁଜ ଦାନ୍ତ ନିକୁଟନ୍ତି। ବାରିସି ପଥରରେ ଘଷୁଥବ ମହାରଣା। କାମକୁ ଯିବନି। ତା'ର

ମୂଲ ଅଧିକ। କେହି ମୂଲଚାଲ କଲେ କହିବ : ହବ ଭୋବନା ଦେଉଳ। ନ ହେଲେ ଖରା ଖାଉଥା ...

ଅକାଳରେ ଝରି ପଡିଲା ସିନା, ମଥା ଛୋଟେଇଲାନି। ମଲା ପରେ ଆମ ଅଞ୍ଚଳରେ ହାହାକାର ପଡିଗଲା: ଆହା ! କେଡ଼େ ସୁନ୍ଦର ଖୋଳବାଦକ ସଂକୀର୍ତ୍ତନିଆଟେ ଚାଲିଗଲା ମ...

ଆଉ ହବନି। ରହିଲା ବ୍ୟାପ୍ତି।

**ପ୍ରକୃଷ୍ଟ ଇଚ୍ଛା**

ଏଥର ଉଠିବା ଷଷ୍ଠସିଦ୍ଧି ଆଡକୁ। ଏଇଟି ହେଉଛି "ପ୍ରାକାମ୍ୟ"। ପ୍ରକାଶ ଶବ୍ଦର ଅର୍ଥ ପ୍ରକୃଷ୍ଟ ଇଚ୍ଛା। ଏଣୁ ଯେ ନିଜ ଇଚ୍ଛାରେ ସବୁ କରିପାରେ (ସ୍ୱେଚ୍ଛାଚାରୀ, ଇଚ୍ଛାଧାରୀ), ସେ ହେଉଛନ୍ତି ପ୍ରାକାମ୍ୟ। ମହାପ୍ରଭୁଙ୍କ ଯାହ ଇଚ୍ଛା ସେ ତାହା କରିପାରିବେ। ସେ କିନ୍ତୁ ସ୍ୱେଚ୍ଛାଚାରିତା ଶିଖି ନାହାନ୍ତି, ଏଣୁ ସେ ଏଇଟି ନ ହୋଇ ଆରଟି ହୋଇଥିବେ। ତାଙ୍କ ଇଚ୍ଛା ଅନୁସାରେ ସେ ଛୋଟ ହୋଇପାରନ୍ତି, ହୋଇପାରନ୍ତି ବି ବଡ଼। ପାଣିରେ ବୁଡି ରହିପାରନ୍ତି। ଆକାଶରେ ବି ରହିପାରନ୍ତି। ପାତାଳରେ ବି ରହିପାରନ୍ତି। ଯେ ପାଣିରେ ରହିଲେ ସେ ନିଶ୍ଚୟ ଜଳଜନ୍ତୁଙ୍କୁ ବରାଭୟ ଦେଉଥିବେ। ସ୍ଥଳରେ ଯେ ରହିଲେ ସେ ନିଖିଳ ଜଗତକୁ ଉଦ୍ଧାର କରିପାରୁଥିବେ। ଆକାଶରେ ବା ଗୋଲୋକଧାମରେ ଯେ ରହିଲେ ସେ ବି ଅମରମାନଙ୍କ ଆଶ୍ୱାସନା ହୋଇଥିବେ। ବର୍ମନାରାୟଣ ପଢି ନାହାନ୍ତି। ଭାଗବତ ପୁରାଣ 'ଷଷ୍ଠସ୍କନ୍ଧ-ଅଷ୍ଟମୋଧ୍ୟାୟ' :

ହରିର୍ବିଦର୍ଧାନ୍ ମମ ସର୍ବ ରକ୍ଷାଂ
ନ୍ୟସ୍ତାଂଘ୍ରିପଦ୍ମ ପତଗେନ୍ଦ୍ର ପୃଷ୍ଟେ,
ଦରାରିଚର୍ମାସି ଗଦେଷୁଚାପ
ପାଶାନ୍ଦଧାନୋଷ୍ଟଗୁଣୋଷ୍ଟ ବାହୁ,
ଜଳେ ସୁମାଂ ରକ୍ଷତୁ ମସ୍ତ୍ୟ ମୂର୍ତ୍ତି
ଆର୍ଯ୍ୟାଦୋଗଣେଭ୍ୟୋ ବରୁଣସ୍ୟପାଶାତ୍।
ସ୍ଥଳେ ସୁମାୟା ବଟୁବାମନୋବ୍ୟାତ୍
ତ୍ରିବିକ୍ରମକ୍ଷେ ବତୁ ବିଶ୍ୱରୂପ।।

ଜଳେ ବିଷ୍ଣୁ, ସ୍ଥଳେ ବିଷ୍ଣୁ, ପାତାଳେ ବିଷ୍ଣୁ ବାୟବେ ବିଷ୍ଣୁ, ଅନ୍ତରୀକ୍ଷରେ ବିଷ୍ଣୁ। ଏମିତି ହେଲା ଯେ ବଳି ସହ ଟାଣି ହୋଇଗଲେ ସୁତଳକୁ ସେଠିକା ପ୍ରାଣୀଙ୍କୁ ରକ୍ଷା କରିବା ପାଇଁ। ନିରପେକ୍ଷ ବୋଲି ସିନା ସେ ଅତ୍ର, ତତ୍ର, ସର୍ବତ୍ର। ଜଗନ୍ନାଥ ନାମରେ ତ ସବୁ ମଣ୍ଡଳ ରହିଛି।

ଜ: ଜଳ, ଗ: ଗଗନ, ନ: ବନ୍ଧନ (ବଳିଦ୍ୱାରା ବନ୍ଧିତ ହୋଇଯାଇଥିଲେ ସୁତଳ), ଥ: ଥଳଭାଗ।

ସବୁଠି ସେ। ସେ ସବୁରିସାଥୀ -- ପତିତର ଭାଗୀରଥି।

ଗଙ୍ଗାୟାଂଚ ଜଳେ ମୁକ୍ତି
ବାରଣ ସ୍ୟାଂ ଜଳେ ସ୍ଥଳେ
ଜଳେସ୍ଥଳେଚାନ୍ତରୀକ୍ଷେ
ମୁକ୍ତିଃ ଶ୍ରୀପୁରୁଷୋତ୍ତମେ।
।। ବ୍ରହ୍ମପୁରାଣ।।

ଏଥର ଓହ୍ଲାଇବା 'ଈଶିତ୍ୱ'କୁ। ଈଶ ବା ମାଲିକ ସେ। ତାଙ୍କ ମୁନିବତ୍ୱ ବା ପ୍ରଭୁତ୍ୱ ହେଉଛି 'ଈଶିତ୍ୱ'। ପ୍ରଭୁ ସମସ୍ତେ ହୋଇପାରିବେ ନାହିଁ। ବଳପୂର୍ବକ ବା ବଂଶାନୁକ୍ରମେ ହେଲେ ବି ଅନ୍ତରରେ ତାଙ୍କୁ ପ୍ରଭୁ ବା ସ୍ୱାମୀ ବୋଲି କେହି ମାନି ପାରିବେ ନାହିଁ।

**ନିରପେକ୍ଷ ବୋଲି ସିନା ସେ ଅତ୍ର, ତତ୍ର, ସର୍ବତ୍ର। ଜଗନ୍ନାଥ ନାମରେ ତ ସବୁ ମଣ୍ଡଳ ରହିଛି।**

ମନେ ପଡନ୍ତି ସ୍ୱଭାବକବି। ସେ କହିଥିଲେ ନା :

ଚିହ୍ନି ନାହିଁ ଶିଖିବାକୁ ପରମନ
ସେ କି କେବେ ପ୍ରଭୁ ପଣରେ ଭାଜନ।।

ଧନୀ, ଗରିବ, କ୍ଷମ, ଅକ୍ଷମ ଇତ୍ୟାଦିକୁ ସମଦୃଷ୍ଟିରେ ରଖି ଯେ ଅଧିନାୟକତ୍ୱ କରେ ସେ ହିଁ ପ୍ରଭୁ। ପୁଣି ଠାଏ ରାଜାର କର୍ତ୍ତବ୍ୟ ବିଷୟରେ ରଙ୍ଗାଜୀବୀ ଲେଖିଛନ୍ତି :

ହ୍ରଦ ପଛେ ଜଳୁ ବିଦ୍ୟୁତ ଅନଳେ
ଜଳ ଦାନେ ଘନ ବାଧ
ସୁଖ ତେଜି ରାଜା ପାଳଇ ପରଜା
ତେବେ ତ ପରମାରାଧ ॥
(ତପସ୍ୱିନୀ)

ଏଣୁ ମହାମହିମ ମହାପ୍ରଭୁ ନିରପେକ୍ଷ ହୋଇଥିବାରୁ ତାଙ୍କ ପାଖରେ ଅଛି 'ଈଶିତ୍ୱ'।


ହଁ। ଏଥର ଆସିବା ଅଷ୍ଟମସିଦ୍ଧି ଚକଡାକୁ। 'ବଶିତ୍ୱ' ଅର୍ଥ ହେଲା ବଶ କରିବାର ଶକ୍ତି, ବାଧ୍ୟତା, ଆତ୍ମସଂଯମ ଓ ସମ୍ମୋହନ। ସେ ସମସ୍ତଙ୍କୁ ବଶ କରିପାରନ୍ତି। ଭାଗବତ କହିଛି

ତ : ବ୍ରହ୍ମାଣ୍ଡ ମାଳମାଳ ହୋଇ। ଯା ଲୋମ କୂପେ ବିରାଜଇ।

କବି ମଧୁ ରାଓ କି ନମ୍ର କଣ୍ଠରେ କହିଲେ; ସୂର୍ଯ୍ୟ ଚନ୍ଦ୍ର ତାରା ତୁମରି ଆଜ୍ଞାରେ ବରଷନ୍ତି ଜ୍ୟୋତି ରାଶି। ତୁମରି କୁସୁମ ପ୍ରତି ପ୍ରଭାତରେ ଫୁଟଇ ଆନନ୍ଦେ ହସି।

ତାଙ୍କର ବଶରେ ଅଛନ୍ତି

ସପ୍ତପାତାଳ, ଅଷ୍ଟକୁଳାଚଳ, ସସାଗରାଧରା, ସପ୍ତାକାଶ। ତାଙ୍କ ଆଦେଶ ବିନା ଗଛରୁ ପତ୍ରଟିଏ ହଲେ ନାହିଁ। ଏ ବଶ୍ୟତା କ'ଣ ବାଧବାଧକତାରେ ହୋଇପାରେ କି? ପଶୁରାଜ ସିଂହ ପାଟିରେ ହାତ ଭରି ଥିଲେ କୁମାର ଭରତ। ଉଲଗ୍ନ ବ୍ୟାସସୁତଙ୍କୁ ଦେଖି ମଧ ଅବଗାହନରତା ତନ୍ୱୀଗଣ କୌଣସି ବିକାର ଦେଖାଇ ନ ଥିଲେ। ଅନସୂୟାଙ୍କ ପାଖରେ ଅମରତ୍ରୟୀ ଶିଶୁ ପାଲଟି ଯାଇଥିଲେ। ମତ୍ତ ବଳରାମ ଗଳାରେ ନାଗରାଜଙ୍କୁ ପକାଇ ଶୟନ କରୁଥିଲେ। ଏସବୁ କ'ଣ ସତରେ ସମ୍ଭବ!




**ବିଶ୍ୱସନୀୟତା**

ସମ୍ଭବ ସେଇଠି ଯେଉଁଠି ଥାଏ ବିଶ୍ୱସନୀୟତା। ବିଶ୍ୱସନୀୟତା ପାଖରେ ବଶମ୍ବଦ ସବୁରି ମସ୍ତକ। ସେ ମହାନ ବିନ୍ଦୁଟି ତ ନିଶ୍ଚୟ ନିରପେକ୍ଷ ହୋଇଥିବ ନା। ସମସ୍ତେ ତାଙ୍କ ଆଖିରେ ସମାନ ହୋଇଥିବେ। ନ ହେଲେ ରାଜଗାଦୀ ଛାଡି ଘୁମୁସର ବୀର ଉପେନ୍ଦ୍ର କୁଲାଡ଼ଗଡ଼ର ବ୍ୟାଘ୍ରଦେବୀଙ୍କ ଗୁମ୍ଫାରେ ଲେଖନୀ ଘୋରି ନ ଥାନ୍ତେ। ଶାକ୍ୟସିଂହ ସମସ୍ତ ପ୍ରଲୋଭନ ତେଜି ସନ୍ନ୍ୟାସ ନେଇ ନ ଥାନ୍ତେ। ଉଦ୍ଧବ ପ୍ରାଣ ରକ୍ଷା ନ କରି ଶ୍ରୀକୃଷ୍ଣଙ୍କ ଚରଣ ତଳେ ସକଳ ତୀର୍ଥ ଦେଖି ନ ଥାନ୍ତେ। ଗଜପତି କପିଳେନ୍ଦ୍ର ରାଜ୍ୟଜୟୋପଲବ୍ଧ ସକଳ ଧନରତ୍ନ ଶ୍ରୀଜୀଉଙ୍କ ରତ୍ନଭଣ୍ଡାରକୁ ଦାନ କରି ନ ଥାନ୍ତେ। ସାଞ୍ଜୁ କରବାଳ ଛାଡି କ୍ଷତ୍ରିୟ ସିଦ୍ଧେଶ୍ୱର ଶୁଦ୍ରମୁନି ବନି ନ ଥାନ୍ତେ। ଯବନ ଲାଲବେଗତନୟ କହେ ସାଲବେଗ ହୀନଜାତି / ଶ୍ରୀରଙ୍ଗା ଚରଣେ ରହୁ ମତି କହି ସାତଶ ପଞ୍ଚାଶକୋଷ କ୍ଷତାକ୍ତ ହୋଇ ପାରିହୋଇ ନ ଥାନ୍ତେ। କରମା ବାଈ ରାଜପୁତାନାରୁ ଚାଲି ଚାଲି ଆସି ଶ୍ରୀକ୍ଷେତ୍ରରେ ଖେଚୁଡି ରାନ୍ଧି ନ ଥାନ୍ତେ। ବନ୍ଧୁ ମହାନ୍ତି ଶ୍ରୀପାକନଳା ପାଖରେ ବସି ଦିବ୍ୟାନ୍ନ ଥାଳି ପାଇ ନ ଥାନ୍ତେ। ସମଗରାକୁ ଉଠିଯାଇ ନ ଥାନ୍ତା ଶ୍ରୀମନ୍ଦିର। ସେ ନିରପେକ୍ଷ ବୋଲି ତ ସମସ୍ତେ ତା'ର ବଶ। ତାଙ୍କଠି ଏତେ ସୁବାସ ଯେ ସକଳ ଅଭିଳାଷ ତାଙ୍କ ଦୁର୍ଲ୍ଲଭ ବାସ।

ଶାସ୍ତ୍ର କହିଛି ପରା :

ତ୍ରିଭିର୍ଗୁଣମୟୈର୍ଭାବୈରେଭିଃ ସର୍ବମିଦଂ ଜଗତ୍।

ମୋହିତଂ ନାଭିଜାନାତି ମାମେଭ୍ୟଃ ପରମବ୍ୟୟଂ।

ତାଙ୍କ ସତ୍ତ୍ୱ, ରଜ ଓ ତମଗୁଣରେ ସେ ସକଳପ୍ରାଣୀଙ୍କୁ ବଶୀଭୂତ କରି ରଖିଛନ୍ତି। ଯେହେତୁ ସେ ଆତ୍ମସଂଯମୀ ତେଣୁ, ନିଜ ପାଇଁ ନୁହେଁ ପରକୁ ବେଶି ଦେଇ ପାରନ୍ତି ଓ ସମାନ ଭାବରେ ଦେଇ ପାରନ୍ତି ବୋଲି ସେ ସମସ୍ତଙ୍କୁ ସମ୍ମୋହିତ କରି ପାରିଛନ୍ତି। ଏଣୁ ସେ ଦେବତା। ସେ ନିରପେକ୍ଷ।

ସ୍ତମ୍ଭନେ ମୋହନେ ଚୈବ ବଶୀକରଣ ଏବ ଚ।

ଉଚ୍ଚାଟନେ ମାରଣେ ଚ ତଥା ଦ୍ୱେଷାଭିଚାରୟୋଃ।

ମହାକାଳ ସଂହିତାର ଏଇ ଶ୍ଳୋକଟିକୁ ପଢିଲେ ଆମେ ଜାଣି ପାରିବା ଯେ ସ୍ତମ୍ଭନ, ମୋହନ, ଉଚ୍ଚାଟନ, ବଶୀକରଣାଦି ଅଭିଚାର ତନ୍ତ୍ରସିଦ୍ଧ।

ଏବେ ଫେରିଯିବା ପୁଣି ମୂଳ ଆଡକୁ। ଭାଗବତ ଷଷ୍ଠସ୍କନ୍ଧ ଊନବିଂଶ ଅଧ୍ୟାୟ ଯେଉଁ ପଦଟିରେ ଭଗବାନଙ୍କ ଏକ ନାମ ନିରପେକ୍ଷ ବୋଲି ଲେଖିଲା, ସେହି ଅଧ୍ୟାୟଟି ସ୍ପଷ୍ଟ କରି ଦେଲା ଯେ : ସେ ହିଁ ନିରପେକ୍ଷ।

ଦେଖନ୍ତୁ : ହେ ନିରପେକ୍ଷ ପୂର୍ଣ୍ଣକାମ। ନମସ୍ତେ ପ୍ରଭୁ ଆତ୍ମାରାମ। ॥୧୨॥

ପୁଂସବନ ବ୍ରତର ବିଧାନ ସମ୍ପର୍କରେ ରାଜା ପରୀକ୍ଷିତଙ୍କୁ ଶୁକମୁନି ଏହି ମନ୍ତ୍ରରେ ଲକ୍ଷ୍ମୀନାରାୟଣଙ୍କ ଉପାସନା କରିବାକୁ ତଥ୍ୟ ପ୍ରଦାନ କରିଛନ୍ତି।

ଆସନ୍ତୁ! ଅନ୍ତତଃ ସେହି ପରମ କାରୁଣିକଙ୍କଠାରୁ ଏହି ମହାନ ଗୁଣଟିକୁ ଆହରଣ କରିବା ପାଇଁ ଜୀବନ ସାରା ସ୍ୱାଧ୍ୟାୟ କରିବା।

□□

ଲେଖକଙ୍କ ଇ-ମେଲ ଠିକଣା:
gacharyalulu@gmail.com




ଶିଶୁ ଗଳ୍ପ

# ପାଠରେ ନାହିଁ ଗରିବ ଧନୀ

କୁଞ୍ଜ ବିହାରୀ ସାହୁ

କାବୁଲିବୁଟ ଖାଇବାକୁ ଭଲପାଏ ବୋଲି ସୁଚରିତା ପୁଅର ନାଁ ଦେଇଥିଲା କାବୁଲା। ବାର ଘରେ ତେର ପାଇଟି କରି ବାଲିବନ୍ଧ ବସ୍ତିରେ ସୁଚରିତା ରହେ। କାବୁଲା ଜନ୍ମ ହେବାର ଦୁଇଦିନ ପରେ ସୁଚରିତାର ସ୍ୱାମୀ ମରିଗଲେ। ବିଚରା କାବୁଲା ବାପଛେଉଣ୍ଡ ହେଇଗଲା। ସାହିଲୋକଙ୍କଠୁ ଟାହିଟାପରା ଶୁଣିଲେ ବି କାବୁଲାକୁ ଭଲ ମଣିଷଟେ କରିବାକୁ ଶପଥ ନେଲା।

କାବୁଲା ବଡ଼ ହେଲା। ସାହିପିଲାଙ୍କ ସହ ଖେଳିଲା, ବୁଲିଲା। ସେଇଥିପାଇଁ କେହି କେହି କାବୁଲାକୁ ବାରବୁଲା ବୋଲି ଡାକିଲେ। ସୁଚରିତାକୁ ବହୁତ ବାଧିଲା ପୁଅ ନାଁରେ ଏମିତି ଶୁଣି। ମନରେ ସାହସ ଭରି ଭାବିଲା- ଠାକୁରେ ପୁଅଟିଏ ଦେଇଛନ୍ତି, ତାକୁ ଯେ କୌଣସି ପ୍ରକାରେ ପାଠ ପଢ଼ାଇବ। ଶିକ୍ଷିତ କରାଇବ। ସୁଚରିତା ସବୁବେଳେ ମନ ଦୁଃଖ କରୁଥାଏ। ଗରିବ ସେ। ଭଙ୍ଗା ଟିଣ, ପଲିଥିନ ଘେରା ଘରଭିତରେ କେମିତି କାବୁଲାକୁ ଧରି ରହିବ! ଖରା, ବର୍ଷା, ଶୀତ-କାକରରେ ଛୋଟ ପୁଅଟିକୁ ଦେଖି ଆଖିରୁ ଲୁହ ଗଡାଏ।



ଦିନେ ସକାଳୁ କିଏ ଜଣେ କବାଟ ବାଡ଼େଇ ଡାକିଲା। ସୁଚରିତା କବାଟ ଖୋଲିଲା, ଦୁଆରରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଠିଆ ହୋଇଛନ୍ତି। କହିଲେ - ସୁଚରିତା, ମୁଁ ଶୁଣିଲି ତୋ ପୁଅ ପାଠ ପଢିବାକୁ ଚାହୁଁଛି। ତୋର ତ ମନ ବଳୁଛି ପୁଅକୁ ପଢ଼ାଇବା ପାଇଁ। ଭଲ କଥା। ସରକାର ଚାହୁଁଛନ୍ତି ଗରିବ ପିଲାଏ ସ୍କୁଲକୁ ଯାଇ ପାଠ ପଢନ୍ତୁ। ପାଠ ପଢ଼ିଲେ ଦେଶର ନାଁ ରଖିବେ। ଠିକ୍ ଅଛି, ତୋତେ ଗୋଟିଏ କାମ କରିବାକୁ ପଡ଼ିବ। ତୁ ଆଜିଠୁ ଆମ ଘରେ ରହିବୁ। ତୋ ପୁଅ ବି ରହିବ। ଘର କାମ କରିଦେବୁ। ପିଲାଛୁଆ କଥା ବୁଝିଦେବୁ।

ସୁଚରିତା ହଁ କହିଲା।

କିଛି ସମୟ ପରେ ସୁଚରିତା ପୁଅକୁ ଧରି ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ ସାଥିରେ ଗଲା। ତାଙ୍କର ଘର ଅଗଣାରେ ପାଦ ଦେଉ ଦେଉ ଅଟକିଗଲା। କିନ୍ତୁ ଗୋଷ୍ଠୀ ଉନ୍ନୟନ ଅଧିକାରୀ ରାମାଇଶ ସୁଚରିତା ଓ ତା' ପୁଅକୁ ନେଇ ଘର ଭିତରକୁ ଗଲେ। ପରିବାର ଲୋକଙ୍କ ସହ ଚିହ୍ନା କରେଇଦେଲେ। ସେ ଦୁହିଁଙ୍କୁ ଛୋଟ ବଖରାଟେ ଦେଲେ। ଖାଇବା, ଶୋଇବାର ବନ୍ଦୋବସ୍ତ କରିଦେଲେ।

ରହୁ ରହୁ ଦୁଇ ଦିନ ଭିତରେ ସୁଚରିତା ରାମାଇଶଙ୍କ ଅତି ପ୍ରିୟ ହେଇଗଲା। କାବୁଲା ବାବୁଙ୍କର ପୁଅ ଝିଅଙ୍କ ସହ ଖେଳିଲା, ବୁଲିଲା। ସେମାନଙ୍କ ସହ ସ୍କୁଲକୁ ବୁଲିବାକୁ ଗଲା।

କାବୁଲାର ପଢିବାପାଇଁ ବହୁତ ଇଚ୍ଛା। ନାଁ ଲେଖାହେଇନି, କେମିତି ପଢିବ। ସେ ତା' ପରି ଛୋଟ ଛୋଟ ପିଲାଙ୍କର ବହିବସ୍ତାନୀ ଦେଖି ଖୁସି ହୋଇଯାଉଥାଏ। ଖେଳଛୁଟିରେ ପିଲାଙ୍କ ସହ ଖେଳୁଥାଏ। ଏସବୁ ଦେଖି ପ୍ରଧାନ ଶିକ୍ଷକ କାବୁଲାକୁ ଡାକି ପଚାରିଲେ - ତୁ ପାଠ ପଢିବୁ? କୋଉଠି ରହୁଛୁ? କାଲି ସକାଳେ ତୋ ବାପା ମା' ଙ୍କୁ ଧରି ଆସିଲେ ନାଁ ଲେଖେଇଦେବା।

କାବୁଲା ବହୁତ ଖୁସୀ ହେଇଗଲା। ହେଲେ ତା' ବାପାଙ୍କୁ କୋଉଠି ପାଇବ ଯେ ! ଘରକୁ ଫେରି ମନଦୁଃଖରେ ବସିଲା। ରାମାଇଶ ବାବୁ ଖରାବେଳେ ଅଫିସରୁ ଫେରି କାବୁଲାକୁ ଖାଇବାକୁ ଡାକିଲେ। କାବୁଲାର ଆଖିରେ ଲୁହ ଦେଖି ପଚାରିଲେ - କାବୁଲା, ତୁ କାହିଁକି କାନ୍ଦୁଛୁ, ଏଇଠି ରହିବାକୁ

ଭଲ ଲାଗୁନି ? କିଏ ତୋତେ ଗାଳି କଲା କି ?

ନା ଅଙ୍କଲ, ପ୍ରଧାନଶିକ୍ଷକ କହିଲେ – ତୋ ବାପା ମା'ଙ୍କୁ ଡାକିଆଣିଲେ ସ୍କୁଲରେ ନାଁ ଲେଖେଇଦେବେ । କହିଲ ଅଙ୍କଲ, ମୁଁ ବାପାଙ୍କୁ କୋଉଠି ପାଇବି ?

ଏଇଥିପାଇଁ ମନଦୁଃଖ କରୁଛୁ ? ତୋର ପାଠପଢାରେ ଆଗ୍ରହ ଦେଖି ପ୍ରଧାନଶିକ୍ଷକ ଭଲ କଥାଟିଏ କହିଛନ୍ତି । ତୁ ମନଦୁଃଖ କରନା । କାଲି ସକାଳେ ମୁଁ ତୋ ସାଥିରେ ସ୍କୁଲକୁ ଯିବି । ନାଁ ଲେଖେଇଦେବାକୁ ପ୍ରଧାନଶିକ୍ଷକଙ୍କୁ କହିଦେବି ।

କାବୁଲା ଖୁସି ହେଇଗଲା ।

ତା' ପରଦିନ ଗଣେଶ ପୂଜା । ରାମାଈଶ ବାବୁଙ୍କ ପୁଅ ଝିଅ ନୂଆ ପୋଷାକ ପିନ୍ଧି ସ୍କୁଲକୁ ବାହାରିଲେ । କାବୁଲା ବି ନୂଆ ସାର୍ଟ ପ୍ୟାଣ୍ଟ ପିନ୍ଧିଲା । ମନଖୁସିରେ ତିନିଜଣ ସାଥି ହୋଇ ବାହାରିଲେ । ରାମାଈଶ ଓ ସୁଚରିତା ବି ସାଥିରେ ବାହାରିଲେ ।

ସ୍କୁଲରେ ପହଞ୍ଚିଲେ ସମସ୍ତେ । ପାଠର ଠାକୁର ଶ୍ରୀ ଗଣେଶଙ୍କୁ ମୁଣ୍ଡିଆ ମାରିଲେ । ପ୍ରଧାନଶିକ୍ଷକ ରାମାଈଶ ବାବୁଙ୍କୁ ନମସ୍କାର କଲେ । ପଚାରିଲେ – ଏ ବୋଧହୁଏ କାବୁଲାର ମା' । ତାଙ୍କ ବାପା ଆସିନାହାନ୍ତି ? ସୁଚରିତା ଓ କାବୁଲା ପ୍ରଧାନ ଶିକ୍ଷକଙ୍କୁ ନମସ୍କାର କଲେ । ରାମାଈଶ ବାବୁ ଘଟଣାଟିକୁ ବୁଝେଇଦେଲେ । ପ୍ରଧାନଶିକ୍ଷକ ଖଡି ସିଲଟ ଆଣି ତିନୋଟି ମୁଣ୍ଡୁଳା କଲେ । କାବୁଲାର ହାତ ଧରି ତିନୋଟି ମୁଣ୍ଡୁଳା ଉପରେ ଖଡ଼ି ଛୁଆଁଇଦେଲେ । କହିଲେ ତିନୋଟି ମୁଣ୍ଡୁଳା ହେଉଛି ବ୍ରହ୍ମା,ବିଷ୍ଣୁ, ମହେଶ୍ୱର । କାବୁଲାର ଖଡିଛୁଆଁ ହେଇଗଲା । ଖାତାରେ ନାଁ ଲେଖାହେଲା । ରାମାଈଶ ବାବୁ କହିଲେ – ପାଠପଢା ଖର୍ଚ୍ଚ ମୁଁ ବହନ କରିବି । କାବୁଲା ଓ ତା ମା' ସୁଚରିତା ଖୁସିହୋଇ ଧନ୍ୟବାଦ ଜଣାଇଲେ ।

**ଯିଏ ଭଲ ପାଠ ପଢ଼ିବ, ସିଏ ମାଟି ମା'ର ନାଁ ରଖିବ । ନିଜ ସ୍କୁଲ, ନିଜ ଦେଶର ନାଁ ରଖିବ ।**

କାବୁଲା ମନଦେଇ ପାଠ ପଢ଼ିଲା । ଠିକ୍ ସମୟରେ ସ୍କୁଲକୁ ଯାଏ । ସାଥୀପିଲାଙ୍କ ସହ ଖେଳେ । ସବୁ ପାଠରେ ଅଗୁଆ ହେଲା ।

ଚାହୁଁଚାହୁଁ ପାଞ୍ଚ ବର୍ଷ ପୂରିଗଲା । କାବୁଲାର ପାଠପଢ଼ା ଦେଖି ଜିଲ୍ଲା ଶିକ୍ଷା ଅଧିକାରୀ କହିଲେ – ତୁ ଭଲ ପଢ଼ି ବାର୍ଷିକ ପରୀକ୍ଷାରେ ପ୍ରଥମ ହୋଇଥିବାରୁ ତୋତେ ପୁରସ୍କାର ମିଳିବ । ଏ ବର୍ଷ ଜିଲ୍ଲା ପଲ୍ଲିଶ୍ରୀ ମେଳାରେ ଶିକ୍ଷା ମନ୍ତ୍ରୀ ତୋତେ ପୁରସ୍କାର ଦେବେ । ତା' ପିଠିକୁ ଆଉଁଶିଦେଇ ଜିଲ୍ଲା ଶିକ୍ଷା ଅଧିକାରୀ ଫେରିଗଲେ ।


ପ୍ରଧାନଶିକ୍ଷକ ଏ ଶୁଭ ଖବରଟି ରାମାଈଶ ବାବୁଙ୍କୁ ଜଣେଇଦେଲେ । କ୍ରମେ ପୁଅ ପୁରସ୍କାର ପାଇବା ଖବର ସୁଚରିତା ଜାଣିଲା । ବହୁତ ଖୁସି ହେଇଗଲା । ସେ ତା' ସ୍ୱାମୀଙ୍କୁ ମନେପକାଇଲା । ରାମାଈଶ ବାବୁ କହିଲେ – ଦେଖିଲୁ ତ ସୁଚରିତା, ତୋ ପୁଅ ଭଲ ପାଠ ପଢ଼ିଲା ବୋଲି ପଲ୍ଲିଶ୍ରୀ ମେଳାରେ ପୁରସ୍କାର ପାଇବ । ମୁଁ ବି ସେ ମେଳାକୁ ଅତିଥି ଭାବେ ଯିବି । ଦେଖିବୁ ତୋ ପୁଅକୁ ସମସ୍ତେ କୁଣ୍ଢେଇ ପକେଇବେ । ତୁ କେବେ ଭାବିବୁନି ଗରିବ ବୋଲି । ପାଠରେ ଧନୀ ଗରିବ ବୋଲି କିଛି ନାହିଁ । ଏଇ ଦେଖୁନୁ ମୋ ପୁଅ ଝିଅ ଆଜି ପର୍ଯ୍ୟନ୍ତ ପାଠ ପାଇଁ କିଛି ପୁରସ୍କାର ପାଇନାହାନ୍ତି ।

ପଲ୍ଲିଶ୍ରୀ ମେଳାର ତୃତୀୟ ଦିନରେ ଜିଲ୍ଲାପାଳ, ଜିଲ୍ଲା ଶିକ୍ଷା ଅଧିକାରୀ, ଶିକ୍ଷା ମନ୍ତ୍ରୀ ଆସି ମଞ୍ଚରେ ଉପସ୍ଥିତ ହେଲେ । ଗୋଷ୍ଠୀ ଉନ୍ନୟନ ଅଧିକାରୀ ରାମାଈଶ ବାବୁ ସମସ୍ତଙ୍କୁ ନେଇ ମେଳାରେ ପହଞ୍ଚିଲେ । ଅତିଥିମାନେ ଭାଷଣ ଦେଲାପରେ ପୁରସ୍କାର ଉତ୍ସବ ଆରମ୍ଭ ହେଲା । କାବୁଲାର ନାଁ ଡକାହେଲା ବେଳକୁ ତାଳି ଉପରେ ତାଳି ଶୁଭୁଥାଏ । ମଞ୍ଚକୁ ଗଲାବେଳକୁ କାବୁଲା ଡରୁଥିଲା । ସେ ଏମିତିକା ଆଗରୁ ଦେଖି ନ ଥିଲା । ଜିଲ୍ଲାପାଳ ନିଜେ ହାତ ଧରି କାବୁଲାକୁ ମଞ୍ଚ ଉପରକୁ ନେଲେ । ଶିକ୍ଷାମନ୍ତ୍ରୀ କାବୁଲାକୁ ପ୍ରଶଂସା କରି ପୁରସ୍କାର ଦେଲେ । କହିଲେ – ଯିଏ ଭଲ ପାଠ ପଢ଼ିବ, ସିଏ ମାଟି ମା'ର ନାଁ ରଖିବ । ନିଜ ସ୍କୁଲ, ନିଜ ଦେଶର ନାଁ ରଖିବ । କାବୁଲା ଗରିବ ହେଲେ ବି ମନଦେଇ ପାଠ ପଢ଼ିଲା । ବାର୍ଷିକ ପରୀକ୍ଷାରେ ପ୍ରଥମ ହେବା ସହ ଜିଲ୍ଲାରେ ବି ପ୍ରଥମ ହେଲା । କାବୁଲା ପରି ସବୁ ପିଲାଏ ପାଠ ପଢ଼ି ଭଲ ମଣିଷ ହୁଅ ।

ସଭା ସରିଗଲା ପରେ ସବୁ ପିଲାଏ କାବୁଲାକୁ ଗେଲ କରିଦେଲେ । ପଲ୍ଲିଶ୍ରୀ ମେଳା ବୁଲାବୁଲି କରି ସମସ୍ତେ ଘରକୁ ଫେରିଲେ ।

□□

ଲେଖକଙ୍କ ଇ-ମେଲ ଠିକଣା:
kunjasahu63@gmail.com




**ପୁସ୍ତକ ସମୀକ୍ଷା**

# ମୋ କିଶୋର ଜୀବନ

**ସଂପାଦନା : ଡ. ଗୋବିନ୍ଦ ଚନ୍ଦ୍ର ଚାନ୍ଦ**
**ପ୍ରକାଶକ: ଆମ ଓଡ଼ିଶା, ଭୁବନେଶ୍ୱର**
**ପୃଷ୍ଠା : ୧୯୨, ମୂଲ୍ୟ: ଟ. ୨୦୦/-**

କୈଶୋରକାଳ ଆମ ସମସ୍ତଙ୍କ ଜୀବନର ଏକ ଅପାସୋରା ଅନୁଭବ ବହନ କରେ। ୩୧ ଜଣ ଯଶସ୍ୱୀ ବ୍ୟକ୍ତିତ୍ୱଙ୍କ କିଶୋର ବୟସର ମହାର୍ଘ ସ୍ମୃତିଗୁଡ଼ିକୁ ସଯତ୍ନେ ସାଉଁଟି ପ୍ରସ୍ତୁତ ହୋଇଛି ଏହି ଆଲୋଚ୍ୟ ସଙ୍କଳନଟି। ଅବଶ୍ୟ ଏଥିରେ ସନ୍ନିବେଶିତ ଲେଖାଗଡିକ 'ପୌରୁଷ' ପତ୍ରିକାରେ ପୂର୍ବରୁ ଧାରାବାହିକ ଭାବରେ ପ୍ରକାଶିତ ହୋଇସାରିଛି। ଏଗୁଡିକୁ ଏକ ପୁସ୍ତକାରରେ ସଂକଳନ କରି ପାଠକମାନଙ୍କ ନିକଟରେ ପହଞ୍ଚାଇବା ନିଶ୍ଚିତ ଭାବରେ ଏକ ପ୍ରଶଂସନୀୟ ଉଦ୍ୟମ।

ଏଥିରେ ନିଜର ବକ୍ତବ୍ୟ ରଖିଥିବା ୩୧ ଜଣଯାକ ପ୍ରତିଭାଧର ଓଡ଼ିଶାର ସାମାଜିକ, ସାଂସ୍କୃତିକ ଓ ସାହିତ୍ୟିକ ଜୀବନ ସହିତ କେଉଁ ନା କେଉଁ ବାଟେ ସଂଶ୍ଳିଷ୍ଟ। ତେଣୁ ସେହି ବ୍ୟକ୍ତିତ୍ୱମାନଙ୍କର ମୂଳଦୁଆ ସାଜିଥିବା ସେମାନଙ୍କର କିଶୋର ବୟସର ଅନୁଭୂତି ଆମକୁ ସେମାନଙ୍କୁ ଅଧିକ ଗଭୀର ଭାବରେ ବୁଝିବାକୁ ସହାୟକ ହେବ। ଏଥିରେ ଅଂଶଗ୍ରହଣ କରିଥିବା ବଶିଷ୍ଟ ବ୍ୟକ୍ତିମାନଙ୍କ ମଧ୍ୟରେ ଅଛନ୍ତି, ଗୋପାଳ ଘୋଷ (୧୯୨୦-୨୦୧୫), ବୈଦ୍ୟନାଥ ମିଶ୍ର (୧୯୨୦-୨୦୧୯), ରାଧାନାଥ ରଥ (୧୯୨୦-୨୦୧୪)ଙ୍କଠାରୁ ନେଇ ଶେଖର ଘୋଷ (୧୯୪୮), ମିନତି ମହାପାତ୍ର (୧୯୫୫) ଓ ଶ୍ୟାମାମଣି ଦେବୀ (୧୯୩୮)ଙ୍କ ପର୍ଯ୍ୟନ୍ତ ଅନେକ ବିଶିଷ୍ଟ ବ୍ୟକ୍ତି ଯେଉଁମାନେ ସମାଜର ବିଭିନ୍ନ କ୍ଷେତ୍ରରେ ନିଜର ବହୁମୂଲ୍ୟ ଅବଦାନ ଦ୍ୱାରା ଓଡ଼ିଶାର ଜନଜୀବନକୁ ସମୃଦ୍ଧ କରିଛନ୍ତି।

ଏହି ଲେଖାଗୁଡିକର ଅନ୍ତଃସ୍ୱର ସମ୍ପର୍କରେ ନିଜର ଅଭିମତ ରଖି ସଂକଳକ ଡ଼. ଗୋବିନ୍ଦ ଚନ୍ଦ୍ର ଚାନ୍ଦ 'ଅପାସୋରା କୈଶୋର' ଶୀର୍ଷକ ନିଜର ମୁଖବନ୍ଧରେ କହିଛନ୍ତି, "ଯେଉଁମାନଙ୍କୁ କୈଶୋର ଜୀବନ କଥା ଲେଖିବାକୁ ଅନୁରୋଧ କରାଯାଇଛି, ସେମାନେ କିଛି ସମୟ ପାଇଁ ଆନମନା ହୋଇଉଠିଛନ୍ତି। ସେହି ଛଳଛଳ ଜୀବନର ସ୍ମୃତିକୁ ମନେ ପକାଇଛନ୍ତି। ସ୍ମୃତିର ଫରୁଆ ଭିତରୁ ସ୍ୱପ୍ନିଳ ସମୟର କୁହୁଗୀତି ଶୁଣିଛନ୍ତି। ପିଲାଦିନର ସ୍ମୃତିଗୁଡ଼ିକ ସତେଜ ହୋଇଉଠିଛି। ସେ ସ୍ମୃତିକୁ ଅକ୍ଷର ରୂପ ଦେବା ବେଳେ ସେମାନେ ବାରବାର ଅନ୍ୟମନସ୍କ ହୋଇପଡ଼ିଛନ୍ତି। କେଉଁ କେଉଁ ଲେଖାରେ ଅଝଟପଣର ଚମତ୍କାର ଚିତ୍ର ପ୍ରକାଶ ପାଇଛି ତ କେଉଁଠି ପ୍ରକୃତିର ନିଟୋଳ ଚିତ୍ର ମର୍ମସ୍ପର୍ଶୀ ହୋଇପାରିଛି।"

ଏହି ମନ୍ତବ୍ୟଟିର ଅନୁରୂପ, ଏଥିରେ ସନ୍ନିବେଶିତ ପ୍ରତ୍ୟେକଟି ଲେଖା ମନେହୁଏ ପ୍ରାଣବନ୍ତ ଓ ହୃଦୟଛୁଆଁ। ଲେଖାଗୁଡ଼ିକ ପଢ଼ିଲେ ଲାଗେ ଯେମିତି ସେଗୁଡିକ ରଚନାକାରମାନଙ୍କ କୈଶୋରର ଏକ ବିଚ୍ଛିନ୍ନ ସ୍ମୃତି ହିଁ ନୁହନ୍ତି, ବରଂ ଏକ ସ୍ୱୟଂସମ୍ପୂର୍ଣ୍ଣ ରଚନା ମଧ୍ୟ, ଯେଉଁଗୁଡିକ ପ୍ରାଣବନ୍ତ ସୃଷ୍ଟି ଭାବରେ ପରିଗଣିତ ହେବାର ଲକ୍ଷଣ ରଖନ୍ତି।


ଏଥିର କେତୋଟି ରଚନାରେ ସେ ସମୟର ସମାଜଚିତ୍ର ଓ ଘଟଣାବଳୀର ପ୍ରତିଫଳନ ମଧ୍ୟ ଦେଖିବାକୁ ମିଳେ। ଉଦାହରଣ ସ୍ୱରୂପ, ମନୋରମା ମହାପାତ୍ର ନିଜର ପିଲାଦିନ ସମ୍ପର୍କରେ ବଖାଣିବାକୁ ଯାଇ ଲେଖିଛନ୍ତି, 'ଆମ ପିଲା ଦିନ ଥିଲା ସ୍ୱାଧୀନତା ସଂଗ୍ରାମର ସମୟ। ବାବୁଜୀ ପ୍ରଜାମଣ୍ଡଳ ଆନ୍ଦୋଳନ ଓ ସ୍ୱାଧୀନତା ସଂଗ୍ରାମରେ ଲାଗିପଡିଥା'ନ୍ତି। ଏଥିପାଇଁ ୧୯୪୨ ମସିହାରେ ସେ ଜେଲ୍ ଯିବାପରେ ତାକୁଡି ଛାଡ଼ି ମୁଁ ଓ ବୋଉ ଏକାଠି ଅରଟରେ ସୂତା କାଟୁଥିଲୁ।'

ଏହିଭଳି ଅନେକ ସୁଖପାଠ୍ୟ ସଂସ୍ମରଣରେ ଭରପୁର ଏହି ସଂକଳନଟି। ପ୍ରତ୍ୟେକଟି ରଚନା ପୂର୍ବରୁ ଲେଖକଙ୍କ ସଂକ୍ଷିପ୍ତ ପରିଚୟ ମଧ୍ୟ ସ୍ଥାନିତ ହୋଇଛି। ବହିଟି ପାଠକମାନଙ୍କ ଦ୍ୱାରା ଆଦୃତ ହେବା ଆଶା କରାଯାଏ।

*- ନିହାର ଶତପଥୀ*

# ସାହିତ୍ୟ ସମାଚାର

## ଶାସ୍ତ୍ରୀୟ ଓଡ଼ିଆ ଉତ୍କର୍ଷ ଅଧ୍ୟୟନ କେନ୍ଦ୍ର ପକ୍ଷରୁ ଶାସ୍ତ୍ରୀୟ ଓଡ଼ିଆ ଭାଷା ଦିବସ ପାଳନ




ଶାସ୍ତ୍ରୀୟ ଓଡ଼ିଆ ଉତ୍କର୍ଷ ଅଧ୍ୟୟନ କେନ୍ଦ୍ର ପକ୍ଷରୁ ଶାସ୍ତ୍ରୀୟ ଓଡ଼ିଆ ଭାଷା ଦିବସ ମାର୍ଚ୍ଚ ୧୧ ତାରିଖ ଦିନ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ଆୟୋଜିତ କାର୍ଯ୍ୟକ୍ରମରେ ଓଡ଼ିଶାର ରାଜ୍ୟପାଳ ପ୍ରଫେସର ଗଣେଶୀଲାଲ ମୁଖ୍ୟ ଅତିଥି ଭାବରେ ଯୋଗଦେଇଥିଲେ। ସେ କହିଲେ ଯେ ଓଡ଼ିଆ ଭାଷା ହେଉଛି ଦେବଭାଷା; ଏହା ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଭାଷା, ଓଡ଼ିଆ ଭାଷାରେ ସେ ସ୍ୱୟଂ ଚକାନୟନଙ୍କୁ ଦେଖିପାରନ୍ତି। ଏହି କାର୍ଯ୍ୟକ୍ରମରେ ବିଶିଷ୍ଟ ଔପନ୍ୟାସିକା ପ୍ରତିଭା ରାୟ ଅନ୍ୟତମ ଅତିଥି ଭାବରେ ଯୋଗଦେଇଥିଲେ। ସେ କହିଲେ ଯେ ସାହିତ୍ୟ ହେଉଛି ସଂସ୍କୃତିର ମୂଳ ଏବଂ ଆମର ମୂଳ ସାଂସ୍କୃତିକ ପରିଚୟ ହେଉଛି ଆମ ମାତୃଭାଷା।

ଏହି କାର୍ଯ୍ୟକ୍ରମରେ ସି.ଆଇ.ଆଇ.ଏଲ୍ ର ନିର୍ଦ୍ଦେଶକ ପ୍ରଫେସର ଶୈଳେନ୍ଦ୍ର ମୋହନ, ସି.ଆଇ.ଆଇ.ଏଲ୍ ର ମୁଖ୍ୟ ପ୍ରଫେସର ସି.ଭି.ରାମକ୍ରୀଷ୍ଣା ଯୋଗଦେଇ ଶାସ୍ତ୍ରୀୟ ଭାଷାର ମହତ୍ୱ ବିଷୟରେ ନିଜର ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ବିଶିଷ୍ଟ ଭାଷାତତ୍ତ୍ୱବିତ୍ ଦେବୀପ୍ରସନ୍ନ ପଟ୍ଟନାୟକ, କାନପୁର ଆଇ.ଆଇ.ଟି ର ପ୍ରଫେସର ବି.ଏନ.ପଟ୍ଟନାୟକ, ସି.ଆଇ.ଆଇ.ଏଲ୍ ର ପୂର୍ବତନ ନିର୍ଦ୍ଦେଶକ ଡି.ଜି.ରାଓ ଓ ସଂସ୍କୃତି ବିଭାଗର ପୂର୍ବତନ ସଚିବ ମନୋରଞ୍ଜନ ପାଣିଗ୍ରାହୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

କାର୍ଯ୍ୟକ୍ରମଟିରେ ୬ ଗୋଟି ଗବେଷଣାଧର୍ମୀ ଓଡ଼ିଆ ଓ ଇଂରାଜୀ ପୁସ୍ତକର ଲୋକାର୍ପଣ କରାଯାଇଥିଲା।

## ନିଜ ସାହିତ୍ୟିକ ଜୀବନର ଅନୁଭୂତି ବଖାଣିଲେ ବନଜ ଦେବୀ




ଓଡ଼ିଶା ଲେଖକ ସମବାୟ ସମିତି ଦ୍ୱାରା ମାର୍ଚ୍ଚ ୨୦ ତାରିଖ ଦିନ ଭୁବନେଶ୍ୱରଠାରେ ଆୟୋଜିତ ଏକ ମାସିକ ଆଲୋଚନାଚକ୍ରରେ ବର୍ଷୀୟାନ ଗାଳ୍ପିକା, ଔପନ୍ୟାସିକା ଓ କବୟିତ୍ରୀ ବନଜ ଦେବୀ ନିଜ ସାରସ୍ୱତ ଯାତ୍ରାର ଅନୁଭୂତି ପ୍ରକାଶ କରିଥିଲେ। ସେ କହିଥିଲେ ଯେ ପ୍ରଜାତନ୍ତ୍ରର 'ମୀନା ବଜାର' ହେଉଛି ତାଙ୍କର ଏନ୍ତୁଡ଼ିଶାଳ। ପରବର୍ତ୍ତୀ କାଳରେ ସେ ଉନ୍ନିତ ହେଲେ ସମ୍ବାଦପତ୍ରଟିର 'ନାରୀଜଗତ' ପୃଷ୍ଠାକୁ। ଏହାପରେ 'ସମାବେଶ' ଓ 'ଆସନ୍ତାକାଲି' ଭଳି ପତ୍ରିକାମାନଙ୍କରେ ତାଙ୍କର ରଚନାମାନ ପ୍ରକାଶିତ ହୋଇ ତାଙ୍କ ସାହିତ୍ୟିକ ଜୀବନକୁ ଏକ ନୂଆ ପରିଚୟ ଦେଲା। ସେ କହିଲେ ଯେ ଲେଖକ ତିଆରି କରିବାରେ ପ୍ରକାଶକଙ୍କ ଅପେକ୍ଷା ପତ୍ରିକାମାନଙ୍କର ଭୂମିକା ଅଧିକ ଗୁରୁତ୍ୱପୂର୍ଣ୍ଣ। ନିଜ ବ୍ୟକ୍ତିଗତ ଜୀବନ ସମ୍ପର୍କରେ ମତ ଦେଇ ସେ କହିଥିଲେ ଯେ ସ୍ୱାମୀ ଓ ପରିବାର ସହଯୋଗ ନ କରିଥିଲେ ସେ ସାହିତ୍ୟରେ ତିଷ୍ଠି ପାରିନଥାନ୍ତେ। ସାହିତ୍ୟ ତା'ଙ୍କୁ ଦେଇଛି ଅପରିସୀମ ଆନନ୍ଦ ଓ ମଧୁରତମ କଷ୍ଟ।

ଏହି ଆଲୋଚନା ସଭାରେ ସଭାପତିତ୍ୱ କରି ବୟୋଜ୍ୟେଷ୍ଠ ସାହିତ୍ୟିକ ସାତକଡି ହୋତା ବନଜ ଦେବୀ ସଂଘର୍ଷମୟ ଜୀବନ ମଧ୍ୟରେ ନିଜର ଲେଖନୀ ଚାଳନା କରିଥିବା ଉଲ୍ଲେଖ କରିଥିଲେ। ଏହି ଅବସରରେ ପୀତବାସ ରାଉତରାୟ, ବିମଳା ସିଂ ଓ ରାଜେନ୍ଦ୍ର କୁମାର ମହାନ୍ତି ମଧ୍ୟ ନିଜର ମନ୍ତବ୍ୟ ରଖିଥିଲେ ତଥା ରମାକାନ୍ତ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ଶେଷ ପୃଷ୍ଠା



# ନିତ୍ୟାନଧ୍ୟାୟ *

ଅଠର ଖଣ୍ଡ ମହାଭାରତ ସହ ଅଠର ପ୍ରକାରର ପୋଥି ପୁରାଣ ପଢ଼ି ଏହି ପ୍ରାଣ ସମୁଦ୍ରରୁ ଶଙ୍ଖେ ପ୍ରାୟେକ କିଛି ଆହରଣ କରିଛି। ତାକୁ ମନ ପ୍ରାଣ ଆତ୍ମାରେ ସଂସ୍ଥାପନ କରି ଗୁଣନ ପ୍ରତିଗୁଣନ କରି ଚାଲିଛି ନିତିଦିନ ଭାଷା ସାହିତ୍ୟର ବୋଧପଥରେ। ଜୀବନର ଏଇ ଅତ୍ୟଧ୍ୱାରେ ପ୍ରତ୍ୟୟ ହୁଏ ଯେ ଏଇ ଅଠର ସଂଖ୍ୟା ଯେପରି କିଛି ବାର୍ତ୍ତା ଦେଉଛି ଆମକୁ। ଭଗବାନଙ୍କର ଅଷ୍ଟାଦଶଚିହ୍ନ, ହିନ୍ଦୁମାନଙ୍କର ଅଷ୍ଟାଦଶପୁରାଣ, ଯୋଗୀମାନଙ୍କର ଅଷ୍ଟାଦଶ ସିଦ୍ଧି ପ୍ରଭୃତି ଅନୁଧ୍ୟାନଯୋଗ୍ୟ। 'ବିଷ୍ଣୁଯାମଳ ତନ୍ତ୍ର'ରେ ଲେଖା ଅଛି ମନୁଷ୍ୟମାନଙ୍କ ଭିତରେ ଥିବା ଅନେକ ଦୋଷରୁ ପ୍ରଧାନ ହେଉଛି ନିମ୍ନୋକ୍ତଅଷ୍ଟାଦଶଦୋଷ।

"ମୋହସ୍ତନ୍ଦ୍ରା ଭ୍ରମୋ ରୁକ୍ଷରସତା କାମ ଉଲ୍ବଣଃଲୋଲତା ମଦମାତ୍ସର୍ଯ୍ୟେ ହିଂସା ଖେଦ ପରିଶ୍ରମୌ

ଅସତ୍ୟଂ କ୍ରୋଧ ଆକାଙ୍କ୍ଷା ଆଶଙ୍କା ଚିତ୍ତବିଭ୍ରମଃବିଷମତ୍ୱଂ ପରାପେକ୍ଷା ଦୋଷା ଅଷ୍ଟାଦଶୋଦିତାଃ।"

ମୋତେ ଏବେ ଏହି ବୋଧ ହେବାରେ ଲାଗିଛି ଯେ ଏବେ ଆମ ସାହିତ୍ୟ ସଂସାରରେ ଉତୁରି ଆସୁଛି ଆଉ ଏକ ଦୋଷ; ତାହା ହେଲା ନିତ୍ୟାନଧ୍ୟାୟ ଦୋଷ। ମନୁ ସଂହିତାରେ ଲେଖା ଅଛି ଯେ,

ନିତ୍ୟାନଧ୍ୟାୟ ଏବ ସ୍ୟାଦ୍‌ଗ୍ରାମେଷୁ ନଗରେଷୁ ଚ।
ଧର୍ମନୈପୁଣ୍ୟକାମାନୌ ପୂତିଗନ୍ଧେ ଚ ସର୍ବଦା ।।
ଅନ୍ତର୍ଗତଶବେ ଗ୍ରାମେ ଧୃପଲସ୍ୟ ଚ ସନ୍ନିଧୌ।
ଅନଧ୍ୟାୟୋରୁଧମାନେ ସମବାୟେ ଜନସ୍ୟ ।।

ଏହାର ମର୍ମ ହେଉଛି ଯେ ଜନରବ ହେତୁ ଗ୍ରାମ, ନଗର, ପୂତିଗନ୍ଧମୟ, ଶବ ପଡ଼ିଥିବା ସ୍ଥାନ, ଅଶୁଦ୍ଧ ଓ ଅସଦଚାରୀ ଅବା କ୍ରନ୍ଦନ କରୁଥିବା ବ୍ୟକ୍ତିଙ୍କ ଉପସ୍ଥିତି ମଧ୍ୟ ଅନଧ୍ୟାୟ ଯୋଗ୍ୟ। ଏଣୁ ଏହି ସମସ୍ତ ସ୍ଥାନ ବେଦାଧ୍ୟୟନ ନିମନ୍ତେ ନିତ୍ୟାନଧ୍ୟାୟ।

ଏହି ପ୍ରେକ୍ଷାବୋଧରେ କହି ହେବ ଯେ, ଧର୍ମନୈପୁଣ୍ୟକାମୀ ଗୁଣୀଗଣ ଯେପରି ବେଦପାଠ ଓ ସାଧନା ନିମିତ୍ତ ପ୍ରକୃଷ୍ଟ ସ୍ଥାନ ଚୟନ କରିଥାନ୍ତି; ସେହି ପରି ପ୍ରତ୍ୟେକ ସାହିତ୍ୟ ସାଧକ ଓ ସାହିତ୍ୟ ତ୍ରିଭୁଜର ବିଭିନ୍ନ ବିନ୍ଦୁରେ ଥିବା ଲେଖକ, ପ୍ରକାଶକ, ପାଠକ, ସମୀକ୍ଷକ, ପ୍ରଭୃତି ସାହିତ୍ୟ ଆଲୋଚନା ଓ ମହତ୍ତ୍ୱ ନିମନ୍ତେ ପ୍ରକୃତ ସାହିତ୍ୟ ମଞ୍ଚ ପ୍ରସ୍ତୁତ କରିବା ଓ ପ୍ରାଜ୍ଞ ଗୁଣୀଙ୍କୁ ସେହି ମଞ୍ଚରେ ମଞ୍ଚାସୀନ କରିବା ବିଧେୟ; ପ୍ରାଜ୍ଞମାନୀଙ୍କୁ ନୁହଁ।

ଆମ୍ଭେ "ସାହିତ୍ୟ ତ୍ରିଭୁଜ" ପ୍ରବନ୍ଧରେ ଲେଖିଥିଲୁ ଯେ, ସାହିତ୍ୟ ଲେଖିବା ଲୋକ ସାହିତ୍ୟ ଲେଖନ୍ତୁ। ପ୍ରକାଶକ ତାକୁ ମୁଦ୍ରଣ କରାଇ ପାଠକଙ୍କ ନିକଟରେ ଉପସ୍ଥାପନ କରନ୍ତୁ। ପାଠକ ତାହା ପଢ଼ନ୍ତୁ। ସମୀକ୍ଷା କରିବା ଲୋକ ବିମୃଷ୍ୟବାଦୀ ହୁଅନ୍ତୁ। ଭାବର ଆଦାନ ପ୍ରଦାନରେ ସ୍ୱାତନ୍ତ୍ର୍ୟ ରହୁ; ତିନି ତୁଣ୍ଡରେ ଛେଳି, କୁକୁର ନ ହେଉ। ହେଲେ ଅତି ଦୁର୍ଭାଗ୍ୟର କଥା ଯେ ଆଜିର ସାହିତ୍ୟ ସଂସାର ସ୍ୱଘୋଷିତ ଅଷ୍ଟବଧାନୀଙ୍କୁ ନେଇ ଗହଗହ।ଏଣୁ କାଣ୍ଡାକାଣ୍ଡଜ୍ଞାନବୋଧରେ ସାହିତ୍ୟର ଜୟ ଜୟକାର ହେଉ। ତେବେ ଯାଇ ଆମ ଓଡ଼ିଆ ସାହିତ୍ୟ ବିଶ୍ୱବିଦିତ ହେବ। ଆପଣା ଢ଼ୋଲପିଟାରେ ନୁହଁ।

ସାହିତ୍ୟର ପ୍ରଭାବ ସମାଜ ଉପରେ ଯୁଗପ୍ରସାରୀ ହେବା ବିଧେୟ। ଏହା ହିଁ ସମାଜର ସାମୂହିକ ହିତର ମହୌଷଧୀ। ହେଲେ ଏବେ ସଂଶୟ ଏହି କି ଯେ; ଅଧୁନାତନ ସାହିତ୍ୟ-ମେଳା, ହାଟ, ପ୍ରଦର୍ଶନୀ, ଭେଟ, ପ୍ରଭୃତି ନାମରେ ନାମିତ ଅପରିଣାମଦର୍ଶିତାର ମଞ୍ଚରେ ସାହିତ୍ୟର ଏହି ସୁଧା ଓ ଦିବ୍ୟଜ୍ଞାନ ସାହିତ୍ୟ ସଂସାରର ସୁଧୀଗଣ ପାଉଛନ୍ତି ତ !

-ପ୍ରଭୂ

* **ନିତ୍ୟାନଧ୍ୟାୟ** - (ନିତ୍ୟ + ଅନଧ୍ୟାୟ) ଯେଉଁ ଅବସ୍ଥା ବା ସ୍ଥାନରେ ସର୍ବଦା ବେଦାଧ୍ୟୟନ ଓ ବେଦାଧ୍ୟାପନ ନିଷିଦ୍ଧ।

□□

ଲେଖକଙ୍କ ଇ-ମେଲ ଠିକଣା:
prasantabhunya@gmail.com

# Aiming to be a world class power utility







## Committed to:

- Generate clean, safe and reliable power
- Adopt global best practices and strive for excellence
- High standard environment, health, safety practices
- Strengthen state power sector and economy
- Contribute to national growth



OPGC
*Power for Progress*

**Odisha Power Generation Corporation Ltd.**
(A Government Company of the State of Odisha)
7th Floor, Fortune Towers, Bhubaneswar - 751023

www.opgc.co.in

Jugaad Corner

A bit of Jugaad & lots of Love





Jugaad Corner deals with supplies of raw bases for art and craft purposes for artists and Crafters PAN India.

www.jugaadcorner.com
www.facebook.com/jugaadcorner
www.instagram.com/jugaadcorner







We design, customize and manufacture all kinds of MDF and pinewood products that are further used by artists and crafters all over India for their creative projects.

Our designs are exclusively curated for home décor, utility and gifting purposes.

J.C. CREATIONS
Shop No. 2, Plot No. 137,
Mahavir Vihar,
Near Patia Railway Station,
Kalarahanga, Patia,
Bhubaneswar - 751024, Odisha
Contact - 9439034505,




Blessed Fingers deals with art and craft finished products and orders even accepted on çustomizations.

www.blessedfingers.com
www.facebook.com/theblessedfingers
www.instagram.com/theblessedfingers

Blessed Fingers








Printed, Published and owned by Nihar Ranjan Satpathy, and Printed at Gayatri Industries, TS 3/193, Mancheswar Industrial Estate, Bhubaneswar - 751010 and published from SB-19, Arya Village, Dumuduma, Phase-4, Bhubaneswar - 751019.
Editor : Nihar Ranjan Satpathy